# ଧରିତ୍ରୀ DHARITRI

49 ୪୯

ସମ୍ବଲପୁର, ସୋମବାର, ଡିସେମ୍ବର ୧୨/୨୦୨୨ (୧୪ ପୃଷ୍ଠା) | Sambalpur, Monday, December 12/2022 | Page 14 | ₹ 7.00 | ★★

୧୮ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 354 | ମୂଲ୍ୟ₹୭/-




**କମ୍ ବୟସ୍କ ଦିଶୁଛନ୍ତି ଶାହରୁଖ**

ଆଗାମୀ ହିନ୍ଦୀ ଫିଲ୍ମ 'ପଠାନ୍'ର ଫାଷ୍ଟଲୁକ୍ ଫଟୋରେ ସୁପରଷ୍ଟାର ଶାହରୁଖ ଖାନ୍ କମ୍ ବୟସ୍କ ଦେଖାଯାଉଥିବା ତାଙ୍କ ଫ୍ୟାନ୍‌ମାନେ କହିଛନ୍ତି।

୧୦

୧୨

**ହ୍ୟାରି ବ୍ରୁକ୍‌ଙ୍କ ଶତକ**

ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ଇଂଲଣ୍ଡର ହ୍ୟାରି ବ୍ରୁକ୍ ଶତକ ହାସଲ କରିଛନ୍ତି।





ଭୁବନେଶ୍ୱରରେ ଆସନ୍ତା ଜାନୁୟାରୀ ୧୩ରୁ ହକି ବିଶ୍ୱକପ୍ ଖେଳାଯିବ। ଏଥିପାଇଁ ସହରକୁ ସରସ ସୁନ୍ଦର କରାଯାଉଛି। ଏହି କ୍ରମରେ ରବିବାର ଶିଳ୍ପୀମାନେ ସଚିବାଳୟ କାନ୍ଥରେ ଚିତ୍ର ଆଙ୍କୁଛନ୍ତି। **(ଫଟୋ-ବିକାଶ)**

# ସଙ୍କଟରେ ପ୍ରାଣୀ ଚିକିତ୍ସା

**ସନାତନ ରାଉତ/ ଲୋକନାଥ ମିଶ୍ର/ ଗିରିଧାରୀ ପରିଚ୍ଛା**

ଭଦ୍ରକ ଅଫିସ/ ନୟାଗଡ଼ ଅଫିସ୍/ ପାରଳାଖେମୁଣ୍ଡି (ଡି.ଏନ୍.ଏ.) ୧୧।୧୨ ଓଡ଼ିଶାର ବିଭିନ୍ନ ଜିଲାର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ପ୍ରାଣୀ ସମ୍ପଦ ହେଉଛି କୃଷି ବିଭାଗର ମେରୁଦଣ୍ଡ। ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ବତକ, ଘୁଷୁରି ଆଦି ପ୍ରାଣୀ ପାଳନ କରି ବହୁ ପରିବାର ପ୍ରତିପୋଷଣ ହେଉଛନ୍ତି। କିନ୍ତୁ ପ୍ରାଣୀ ସମ୍ପଦର ଚିକିତ୍ସା କ୍ଷେତ୍ରରେ ଦେଖାଯାଇଥିବା ଅବହେଳାରୁ ରାଜ୍ୟ ସରକାର ପ୍ରାଣୀ ସମ୍ପଦର ଉନ୍ନତୀକରଣ ଓ ଲାଳନପାଳନକୁ ଗୁରୁତ୍ୱ ଦେଉ ନ ଥିବା ପରି ମନେହେଉଛି। ବିଭିନ୍ନ ଜିଲାରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀଠାରୁ ଆରମ୍ଭ କରି ନିରୀକ୍ଷକ ପର୍ଯ୍ୟନ୍ତ ପ୍ରାୟ ୫୦% ପଦବୀ ଖାଲିପଡ଼ିଥିବାରୁ ପ୍ରାଣୀ ଚିକିତ୍ସା ସଙ୍କଟ ମଧ୍ୟରେ ଗତି କରୁଛି। ଫଳରେ ପ୍ରାଣୀ ସମ୍ପଦକୁ ଜୀବିକା ଭାବେ ଗ୍ରହଣ କରିଥିବା ଲୋକମାନେ ଏବେ ଏହି ବୃତ୍ତିରୁ ମୁହଁ ଫେରାଇବାକୁ ଲାଗିଲେଣି।

ସୂଚନାଥାଉ କି, ରାଜ୍ୟରେ ୩୩୩୦ ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୧୪୯୮ ପ୍ରାଣୀ ନିରୀକ୍ଷକ ପଦବୀ ଖାଲି ରହିଛି। ନିକଟରେ ଗତ ସେପ୍ଟେମ୍ବର ୨୦ରେ ସରକାର ୫୮୮ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ଦେଇଛନ୍ତି। କିନ୍ତୁ ସେମାନେ ଦୁଇବର୍ଷ ପ୍ରଶିକ୍ଷଣ ଶେଷ



- **ଖାଲିପଡ଼ିଛି ୫୦% ପ୍ରାଣୀଧନ ନିରୀକ୍ଷକ ପଦବୀ**
- **କେନ୍ଦ୍ର ତୁଳନାରେ ନିରୀକ୍ଷକଙ୍କ ସଂଖ୍ୟା କମ୍**
- **ପ୍ରୋତ୍ସାହନ ଅଭାବରୁ ମୁହଁ ମୋଡୁଛନ୍ତି ଲୋକେ**

ପରେ ବିଭିନ୍ନ ଜିଲାରେ କାର୍ଯ୍ୟରେ ଯୋଗଦେବେ। ଏଥିସହ ପ୍ରାଣୀଧନ ନିରୀକ୍ଷକମାନଙ୍କୁ ପଦୋନ୍ନତି ଦିଆଯାଉ ନ ଥିବାରୁ ସେହି ଗୋଟିଏ ପଦବୀରେ ଚାକିରି କରି ଅବସର ନେବାକୁ ପଡୁଛି। ଗ୍ରାମ୍ୟ କୃଷି କର୍ମଚାରୀ, ଫାର୍ମାସିଷ୍ଟମାନଙ୍କ ପଦୋନ୍ନତି ହେଉଥିବାବେଳେ ସମାନ କ୍ୟାଡରର ପ୍ରାଣୀ ନିରୀକ୍ଷକଙ୍କ ପଦୋନ୍ନତି ହେଉନାହିଁ। ଅନ୍ୟପକ୍ଷରେ କୃତ୍ରିମ ପ୍ରଜନନ କ୍ଷେତ୍ରରେ ନିରୀକ୍ଷକମାନେ ଶୋଷଣର ଶିକାର ହେଉଛନ୍ତି। ମାଈ ବାଛୁରି ପ୍ରଜନନ ପାଇଁ ୧୮୦ ଟଙ୍କା ଗୋପାଳକଙ୍କଠାରୁ ଆଦାୟ କରାଯିବାକୁ ନିର୍ଦ୍ଦେଶ ଥିବାବେଳେ ଅଧିକାଂଶ ଗୋପାଳକ ଦେବାକୁ ଅରାଜି ହେଉଥିବାରୁ ନିରୀକ୍ଷକମାନଙ୍କୁ ହାତରୁ ଦେବାକୁ ପଡୁଛି।

ଭଦ୍ରକ ଜିଲାର ୭ ବ୍ଲକର ୨୧୮ ପଞ୍ଚାୟତରେ ପ୍ରାଣୀ ଚିକିତ୍ସା ପାଇଁ ୧୧୪ ପ୍ରାଣୀ ନିରୀକ୍ଷକ କେନ୍ଦ୍ର ଥିବାବେଳେ ମାତ୍ର ୬୨ ନିରୀକ୍ଷକ ଅଛନ୍ତି। ଖାଲିପଡ଼ିଛି ୫୨ ପଦବୀ। ଭଦ୍ରକ ସଦର ବ୍ଲକରେ ୨୭ଟି କେନ୍ଦ୍ରରେ ୧୪ ପ୍ରାଣୀ ନିରୀକ୍ଷକ ନିଯୁକ୍ତ ଥିବାବେଳେ ୧୩ ପଦବୀ ଖାଲି ରହିଛି। ସେହିପରି ବନ୍ତରେ ୧୩ କେନ୍ଦ୍ରରୁ ୬, ଭଣ୍ଡାରିପୋଖରୀରେ ୧୪ କେନ୍ଦ୍ରରୁ ୯, ଧାମନଗରରେ ୧୦ କେନ୍ଦ୍ରରୁ ୩, ଚାନ୍ଦବାଲିରେ ୧୩ କେନ୍ଦ୍ରରୁ ୬, ତିହିଡ଼ିରେ ୧୮ କେନ୍ଦ୍ରରୁ ୫ ଓ ☞ପୃଷ୍ଠା-୪

# ଶୋଇଥିବା ବେଳେ ଦମ୍ପତିଙ୍କୁ ହାଣିଦେଲେ

**କେନ୍ଦୁଝର,୧୧।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଦଇତାରି ଥାନା ଅଧୀନ ରାସୋଳ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଶନିବାର ରାତିରେ ଏକ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ଗ୍ରାମର ବାହାଡ଼ ମୁର୍ମୁ ଓ ତାଙ୍କ ସ୍ତ୍ରୀ ଧାନି ଘର ବାରଣ୍ଡାରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ହାଣି ହତ୍ୟା କରିଛନ୍ତି। ଏନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଦମ୍ପତି ଗ୍ରାମ ପୂଜା ଶାଳରେ ପୂଜାର୍ଚ୍ଚନା କରନ୍ତି। ଫଳରେ ଗୁଣିଗାରେଡି ସନ୍ଦେହରେ ତାଙ୍କୁ କେହି ହତ୍ୟା କରିଥିବା ଗ୍ରାମବାସୀ କହିଛନ୍ତି। ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ଦମ୍ପତିଙ୍କ ମୁଣ୍ଡ ଓ ବେକକୁ ହାଣି ପକାଇଛନ୍ତି। ଉଭୟଙ୍କ ଚିତ୍କାର ଶୁଣି ଘରେ ଶୋଇଥିବା ତାଙ୍କ ଝିଅ ଆସିବା ବେଳକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ପଡ଼ୋଶୀଙ୍କୁ ଜଣାଇଥିଲେ। ଦଇତାରି ଥାନା ପୋଲିସ ଓ ଘଟଗାଁ ଏସ୍‌ଡିପିଓ ବିଶେଷଜ୍ଞ ଦଳ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଏକ ମାମଲା(ନଂ. ୯୬/୨୨) ରୁଜୁ ହୋଇଛି। ତଦନ୍ତ ପରେ ହତ୍ୟାର କାରଣ ଜଣାପଡ଼ିବ ବୋଲି ଏସ୍‌ଡିପିଓ ସୁଶୀଲ ମିଶ୍ର କହିଛନ୍ତି।

**ଗୁଣିଗାରେଡ଼ି ସନ୍ଦେହ**

# ପ୍ରିଭେସି ସୁରକ୍ଷା ନେଇ ପ୍ରଶ୍ନ

## କଶ୍ମୀରୀଙ୍କୁ ମିଳିବ ଫାମିଲି ଆଇଡି

**ଜମ୍ମୁ/ନୂଆଦିଲ୍ଲୀ,୧୧।୧୨**

ଜମ୍ମ-କଶ୍ମୀରର ପ୍ରଶାସନ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ପରିବାରକୁ ନେଇ ଏକ ଯଥାର୍ଥ ଡେଟାବେସ୍ ପ୍ରସ୍ତୁତି ପାଇଁ ଯୋଜନା କରୁଛି। ତଦନୁଯାୟୀ ସବୁ ପରିବାରକୁ ଏକ ସ୍ୱତନ୍ତ୍ର ଆଲ୍‌ଫା-ନ୍ୟୁମେରିକ୍ କୋଡ୍ ଥିବା ପରିଚୟପତ୍ର ପ୍ରଦାନ କରାଯିବ। ଉପତ୍ୟକାରେ ବିଭିନ୍ନ ସାମାଜିକ ଜନମଙ୍ଗଳକାରୀ ଯୋଜନା ସକାଶେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ଏହା ବିଶେଷ ସହାୟକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଲାଣି। ଭାଜପା ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିବାବେଳେ ଡିଜିଟାଲ ଡେଟାବେସ୍‌ର ସୁରକ୍ଷା ଏବଂ ଆଇଡି ପ୍ରସ୍ତୁତି ପଛରେ କେନ୍ଦ୍ର ସରକାରଙ୍କ ଅଭିସନ୍ଧି ଉପରେ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି।

ରେଆସି ଜିଲା କଟ୍ରାରେ ଆୟୋଜିତ ଇ-ଗଭର୍ନାନ୍ସ ସମ୍ପର୍କିତ ଜାତୀୟ ସମ୍ମିଳନୀରେ ଜମ୍ମୁ-କଶ୍ମୀର ଲୁଟ୍‌ନାଣ୍ଟ ଗଭର୍ନର ମନୋଜ ସିହ୍ନା ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ଡିଜିଟାଲ ଜେଆଣ୍ଡକେ ଭିଜନ ଡକ୍ୟୁମେଣ୍ଟ ଜାରି କରିଛନ୍ତି। ଏହି ଅବସରରେ ଜମ୍ମୁ-କଶ୍ମୀରରେ ବସବାସ




**ହରିୟାଣା ଢାଞ୍ଚାରେ ଜମ୍ମୁ-କଶ୍ମୀର ପ୍ରଶାସନ ପ୍ରସ୍ତୁତ କରୁଛି ପରିବାର ପରିଚୟ ପତ୍ର**

କରୁଥିବା ସମସ୍ତ ପରିବାରର ଏକ ବାସ୍ତବ, ସତ୍ୟାପିତ ଓ ଭରସାଯୋଗ୍ୟ ଡେଟାବେସ୍ ପ୍ରସ୍ତୁତ କରିବା ନେଇ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଛି। ଭିଜନ୍ ଡକ୍ୟୁମେଣ୍ଟ ଅନୁସାରେ ପ୍ରତି ପରିବାରକୁ 'ଜେକେ ଫାମିଲି ଆଇଡି' ନାମରେ ଅକ୍ଷର ଓ ଅଙ୍କ ସମ୍ବଳିତ ଏକ ପରିଚୟପତ୍ର ପ୍ରଦାନ କରାଯିବ। କେଉଁ ପରିବାର ସରକାରୀ ସୁବିଧା ପାଇବାକୁ ଯୋଗ୍ୟ ଓ କେଉଁ ଫାମିଲି ଅଯୋଗ୍ୟ ତାହା ଉକ୍ତ ଆଇଡିରୁ ଜାଣିହେବ। ଡେଟାବେସ୍ ଗୋଟିଏ ଗୋଟିଏକରି ସମସ୍ତ ପରିବାରକୁ ଚିହ୍ନଟ କରିବା ସହ ଏକ ଡିଜିଟାଲ ଫର୍ମାଟରେ ସେମାନଙ୍କ ମୌଳିକ ତଥ୍ୟ ସଂଗ୍ରହ କରିବ। କିନ୍ତୁ ଏଥିପାଇଁ ସମ୍ପୃକ୍ତ ପରିବାରର ସମ୍ମତି ଆବଶ୍ୟକ। ଡେଟା ପ୍ରୋଟେକ୍ସନ କ୍ଷେତ୍ରରେ ପ୍ରଯୁଜ୍ୟ ସମସ୍ତ ଆଇନ ଓ ନିୟମ ଏଥିରେ ଲାଗୁ ହେବ। ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଡେଟାକୁ ସୁରକ୍ଷା ଦେବା ଏବଂ ଏହାକୁ ନେଇ ରହିଥିବା ବିପଦକୁ ଏଡ଼ାଇବା ଲାଗି ଜମ୍ମୁ-କଶ୍ମୀର ସରକାର ଏକ ସୂଚନା ନିରାପତ୍ତା ନୀତି ପ୍ରଣୟନ ଉପରେ କାର୍ଯ୍ୟ କରିବେ। ଏଥିସହ ସାଇବର ☞ପୃଷ୍ଠା-୪

# ସନ୍ତରଣ ତାଲିମବେଳେ ମହାନଦୀରେ ବୁଡ଼ି ଛାତ୍ର ମୃତ

**ମଙ୍ଗୁଳି-ଜଗତପୁର, ୧୧।୧୨(ଡି.ଏନ୍.ଏ.)**

କଟକ ଜିଲା ଜଗତ୍‌ପୁର ଥାନା ଅଧୀନ ଯୋବ୍ରା ବ୍ୟାରେଜ୍ ନିକଟ ମହାନଦୀରେ ରବିବାର ସନ୍ତରଣ ତାଲିମବେଳେ



ସୋହେଲ ଖାନ୍

- **ଲାଇଫ୍ ଜ୍ୟାକେଟ୍ ବଦଳରେ ପ୍ଲାଷ୍ଟିକ୍ ଜାର୍‌କିନ୍ ଦିଆଯାଉଥିଲା**
- **ପ୍ରଶିକ୍ଷଣ ଦେଉଥିବା କୋଚ୍ ଅଟକ**
- **ସେନା ବାହିନୀରେ ଭର୍ତ୍ତି ହେବାକୁ ଇଚ୍ଛା ଥିଲା**

ପାଣିରେ ବୁଡି ଯାଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତପୁର ମଧ୍ୟକଚ୍ଛ ଦପ୍ତରୀର ମହମ୍ମଦ ଦାଉଦ ଖାନ୍‌ଙ୍କ ପୁଅ ସୋହେଲ ଖାନ୍ (୧୭)। ସେନା ବାହିନୀରେ ଭର୍ତ୍ତି ହେବା ଇଚ୍ଛାରେ ସେ ତାଲିମ୍ ନେଉଥିଲେ। ସୋହେଲ ବୁଡ଼ି ଯିବାର ଖବର ପାଇ ପୂର୍ବାହ୍ନ ୯ଟାରେ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ସାଥିରେ ଆଣିଥିବା ଉପକରଣ ଠିକ୍ ଭାବେ କାମ କରି ନ ଥିଲା। ପାୱାର ବୋଟ୍‌ର ଇଞ୍ଜିନ୍ ଷ୍ଟାର୍ଟ ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

କଂଗ୍ରେସ ପାଇଁ ହିମାଚଳ

**ଆଜିର ମନ୍ତବ୍ୟ**

" କେତୋଟି ଦଳ ଅର୍ଥନୀତିକୁ ଧ୍ୱଂସ କରିବାରେ ଲାଗିଥିବାବେଳେ ଦେଶବାସୀ ଶର୍ଟକଟ୍ ରାଜନୀତି ଚାହୁଁନାହାନ୍ତି। ଭାରତକୁ ନିରନ୍ତର ବିକାଶ ଲୋଡ଼ା।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଗୁଜରାଟର ୪୦ ବିଧାୟକଙ୍କ ନାଁରେ ଆପରାଧିକ ମାମଲା

**ଅହମଦାବାଦ,୧୧।୧୨**

୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାର ୪୦ ଜଣ ନବନିର୍ବାଚିତ ବିଧାୟକଙ୍କ ନାମରେ ଆପରାଧିକ ମାମଲା ରହିଛି। ସେମାନେ ନାମାଙ୍କନପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରୁ ଏହା ଜଣାପଡ଼ିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ଏବଂ ଗୁଜରାଟ ଇଲେକ୍ସନ ୱାଚ୍ ରିପୋର୍ଟରୁ କୁହାଯାଇଛି। ୪୦ ବିଧାୟକଙ୍କ ମଧ୍ୟରୁ ୨୯ ଜଣ (ମୋଟ ବିଧାୟକ ସଂଖ୍ୟାର ୧୬ ପ୍ରତିଶତ)ଙ୍କ ନାମରେ ହତ୍ୟା ଉଦ୍ୟମ, ବଳାତ୍କାର ଭଳି ଗୁରୁତର ଆପରାଧିକ ମାମଲା ରହିଛି। ସେମାନଙ୍କ ମଧ୍ୟରୁ ୨୦ ଜଣ ଭାଜପା ବିଧାୟକ ହୋଇଥିବାବେଳେ କଂଗ୍ରେସରୁ ୪, ଆମ୍ ଆଦ୍‌ମୀ ପାର୍ଟିରୁ ୨, ସମାଜବାଦୀ ପାର୍ଟିରୁ ଜଣେ ଏବଂ ଦୁଇଜଣ ସ୍ୱାଧୀନ ବିଧାୟକ। ସଦ୍ୟସମାପ୍ତ

**ଏଡିଆର୍ ରିପୋର୍ଟ**

**୧୫୧ ବିଧାୟକ କୋଟିପତି**

ADR Association for Democratic Reforms

ଗୁଜରାଟ ବିଧାନସଭା ନର୍ବାଚନରେ ଭାଜପା ୧୫୬ ଆସନରେ ବିଜୟୀ ହୋଇ ସପ୍ତମ ଥର ଲାଗି ସରକାର ଗଢ଼ିବାକୁ ଯାଉଥିବାବେଳେ କଂଗ୍ରେସ ୧୭ ଏବଂ ଏଏପି ୫ ଆସନରେ ବିଜୟୀ ହୋଇଛି। ଏଡିଆର୍ ରିପୋର୍ଟ ଅନୁଯାୟୀ ଭାଜପାର ୧୫୬ ବିଧାୟକଙ୍କ ମଧ୍ୟରୁ ୨୬ ଜଣ (୧୭%), କଂଗ୍ରେସର ☞ପୃଷ୍ଠା-୪

# ପଦମ୍‌ପୁର ସୃଷ୍ଟି କଲା ଆଗୁଆ ନିର୍ବାଚନ ଉକ୍ତି

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

୨୦୦୪ ନିର୍ବାଚନ କଥା ଓଡ଼ିଶା ଲୋକମାନେ ଏପର୍ଯ୍ୟନ୍ତ ଭୁଲି ନାହାନ୍ତି। ଯେତେବେଳେ ୨୦୦୫ ମାର୍ଚ୍ଚରେ ଓଡ଼ିଶା ବିଧାନସଭା ନିର୍ବାଚନ ହେବାର ଥିଲା ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ବର୍ଷର ମୁଖ୍ୟମନ୍ତ୍ରିତ୍ୱ ଛାଡିଦେଇ ୨୦୦୪ ମାର୍ଚ୍ଚରେ ଆଗୁଆ ନିର୍ବାଚନ କରିଦେଲେ। ସେତେବେଳେ ଲାଲ୍‌କୃଷ୍ଣ ଆଡଭାନୀଙ୍କ ନେତୃତ୍ୱରେ ଇଣ୍ଡିଆ ସାଇନିଂ ନିର୍ବାଚନ ହୋଇଥିଲା। ଏଥିରେ ଦିଲ୍ଲୀରେ ଭାଜପା ପରାଜିତ ହୋଇଥିଲା ଏବଂ କେନ୍ଦ୍ରରେ ଉପା ସରକାର ଆସିଥିଲା। ହେଲେ ସେତେବେଳେ ଭାଜପା ଓଡ଼ିଶାରେ ନବୀନଙ୍କ ଆଢୁଆଳରେ ଯାଇ ଭଲ ପ୍ରଦର୍ଶନ କରିଥିଲା। ଏବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡ଼ିଶାରେ ଆଗୁଆ ନିର୍ବାଚନ ହେବ ବୋଲି ଶୁଣିବାକୁ ପାଉଛନ୍ତି। ତେବେ ୨୦୨୪ ପୂର୍ବରୁ ନବୀନ କେଉଁଥିପାଇଁ ଆଗୁଆ ନିର୍ବାଚନ କରିପାରନ୍ତି ତାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ନବୀନ କେବେହେଲେ ଏକାକୀ ନିର୍ବାଚନକୁ ଯିବାଲାଗି ଚାହିଁବେ ନାହିଁ। ସେ ଏକାକୀ ନିର୍ବାଚନକୁ ଗଲେ ସବୁ ଜାତୀୟ ଏବଂ ଅନ୍ୟ ଦଳର ନେତାମାନେ ଓଡ଼ିଶାରେ ଡେରା ବାନ୍ଧିକି ବସିବେ। ଏକକାଳୀନ ନିର୍ବାଚନ ହେଲେ ପୂର୍ବରୁ ଜାତୀୟ ଦଳର ନେତାମାନେ ଓଡ଼ିଶାରେ ଗୋଟିଏ ବା ଦୁଇଟା ସଭା କରି ପଳାଇଯାଆନ୍ତି। ତେଣୁ ନବୀନ ଯଦି ଭିଡ଼ରେ ନିର୍ବାଚନ ରଣାଙ୍ଗନକୁ ଗଲେ ତାଙ୍କ ମନଇଚ୍ଛା ପ୍ରଚାର କରି ଅପ୍ରତିଦ୍ୱନ୍ଦ୍ୱୀ ନେତା ହୋଇ ରହନ୍ତି। ତେଣୁ ଧର୍ମେନ୍ଦ୍ର ରଖିଥିବା ମନ୍ତବ୍ୟ କେତେ ଯୁକ୍ତିଯୁକ୍ତ ତାକୁ ନେଇ ରାଜନୈତିକ ମହଲରେ ଆଲୋଚନା ସୃଷ୍ଟି ହୋଇଛି।



ଯଦି ନବୀନ ୨୦୦୪, ୨୦୦୯, ୨୦୧୪ ଏବଂ ୨୦୧୯ ଭଳି ୨୦୨୪ରେ ଲୋକ ସଭା ନିର୍ବାଚନ ସହ ଗଲେ ତାଙ୍କୁ କ'ଣ ଲାଭ ମିଳିପାରେ ସେକଥା ମଧ୍ୟ ରାଜ୍ୟବାସୀ ଦେଖିବେ। ଭାଜପା ଯେ ଏଠାରେ ବିଜେଡିକୁ ବାସ୍ତବରେ ହରାଇବାକୁ ଚେଷ୍ଟା କରୁଛି ଏ କଥାକୁ ବିଶ୍ୱାସ କରିବା କଷ୍ଟକର। କାରଣ ରାଜ୍ୟରେ ଭାଜପାର ଭୂମିକା ଅତି ଗୌଣ ହୋଇଗଲାଣି। ଯେଉଁ ଲୋକ ଧାମନଗର ଉପନିର୍ବାଚନ ଫଳାଫଳ ଦେଖିବା ପରେ ଭାବିଥିଲେ ଯେ ବିଜେଡିର ବେଳାକାଳ ପୂରିଲା ସେମାନେ ଏବେ ଭୁଲ୍ ପ୍ରମାଣିତ ହେଲେ। କିଛିଦିନରେ ସେକଥା ସମ୍ପୂର୍ଣ୍ଣ ଭାବେ ଲୋକଙ୍କ ମନରୁ ଚାଲିଗଲା। ତେଣୁ ଗତ ଉପନିର୍ବାଚନରେ ପଦମ୍‌ପୁର ସେଇ ପଦମ୍‌ପୁର ହେଇ ରହିଗଲା ପଦ୍ମପୁର ହୋଇପାରିଲା ନାହିଁ। ଏହାର ପ୍ରଭାବ ଆସନ୍ତା ସାଧାରଣ ନିର୍ବାଚନ ଉପରେ ମଧ୍ୟ ପଡ଼ିବ। ତେଣୁ ପଦମ୍‌ପୁର ବିଫଳତା କଥାରୁ ଲୋକଙ୍କ ଦୃଷ୍ଟି ହଟେଇବା ଲାଗି ଧର୍ମେନ୍ଦ୍ର ଆଗୁଆ ନିର୍ବାଚନ କଥା କହିଥାଇପାରନ୍ତି ବୋଲି ଏବେ ରାଜନୈତିକ ବିଶ୍ଳେଷକମାନେ ମତ ରଖିଛନ୍ତି।

ଏନେଇ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସାଧାରଣ ନିର୍ବାଚନ ଆହୁରି ☞ପୃଷ୍ଠା-୪

## ସଂକ୍ଷେପରେ

### ଜଷ୍ଟିସ୍ ଦୀପଙ୍କର ଦତ୍ତ ହେଲେ ସୁପ୍ରିମକୋର୍ଟ ବିଚାରପତି

**ନୂଆଦିଲ୍ଲୀ,୧୧।୧୨(ପି.ଟି.):** ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କୁ ରବିବାର ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦିଆଯାଇଛି। ଏନେଇ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଅଧୀନରେ ଥିବା ନ୍ୟାୟିକ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।



୧୯୬୫ ଫେବୃୟାରୀ ୯ରେ ଜନ୍ମିତ ଜଷ୍ଟିସ୍ ଦତ୍ତ ୨୦୩୦ ଫେବୃୟାରୀ ୮ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ପୂର୍ବତନ ସିଜେଆଇ ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ କଲେଜିୟମ ଗତବର୍ଷ ସେପ୍ଟେମ୍ବରରେ ଜଷ୍ଟିସ୍ ଦତ୍ତଙ୍କ ନାମ ସୁପାରିସ କରିଥିଲେ। ଜଷ୍ଟିସ୍ ଦତ୍ତ ଶପଥ ଗ୍ରହଣ କରିବା ପରେ ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ୨୮କୁ ବୃଦ୍ଧି ପାଇବ। ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ମିଶାଇ ସର୍ବୋଚ୍ଚ ଅଦାଲତର ମଞ୍ଜୁରୀପ୍ରାପ୍ତ ବିଚାରପତି ସଂଖ୍ୟା ୩୪।

**ଲଖିମ୍‌ପୁର ଖେରି ମାମଲା**

### ସାକ୍ଷୀଙ୍କୁ ଆକ୍ରମଣ କଲେ ଆଶିଷ ମିଶ୍ରାଙ୍କ ସହଯୋଗୀ

**ନୂଆଦିଲ୍ଲୀ,୧୧।୧୨:** ଉତ୍ତରପ୍ରଦେଶ ଲଖିମ୍‌ପୁର ଖେରିରେ ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀମାନଙ୍କ ଉପରେ ଅଭିଯୁକ୍ତ ଆଶିଷ ମିଶ୍ରାଙ୍କ ଜଣେ ସହଯୋଗୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସାକ୍ଷୀ ପ୍ରବଜୋତ୍ ସିଂ ଓ ତାଙ୍କ ସାନଭାଇ ସରଓ୍ୱଜିତ୍ ସିଂଙ୍କ ଉପରେ ଖଣ୍ଡାରେ ଆକ୍ରମଣ ହୋଇଛି। ପ୍ରବଜୋତ୍ ଅଳ୍ପକେ ଖସିଯାଇଥିବାବେଳେ ସରଓ୍ୱଜିତ୍‌ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଆକ୍ରମଣ ପଛରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ସହଯୋଗୀ ରହିଥିବା ପ୍ରବଜୋତ୍ ଅଭିଯୋଗ କରିଛନ୍ତି। ସେ ତିକୁନିଆ ଥାନାରେ ଦାଏର କରିଥିବା ଏତଲାରେ ଆଶିଷଙ୍କୁ ସାମିଲ କରିଛନ୍ତି। ତେବେ ପୋଲିସ ଅଭିଯୋଗକୁ ଖଣ୍ଡନ କରିଛି। ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବ ଶତ୍ରୁତାରୁ ଆକ୍ରମଣ ହୋଇଥିବା ପୋଲିସ କହିଛି।

### ଅସଦାଚରଣରୁ ବର୍ତ୍ତିବା ଲାଗି କାର୍‌ରୁ ଡେଇଁଲେ ମହିଳା: ଶିଶୁକନ୍ୟା ମୃତ

**ମୁମ୍ବାଇ,୧୧।୧୨:** ଜଣେ ୧୯ ବର୍ଷୀୟ ମହିଳା ତାଙ୍କର ୧୦ ମାସର କନ୍ୟାସନ୍ତାନକୁ ନେଇ ଶନିବାର ଏକ କାର୍‌ରେ ପାଲ୍‌ଘରସ୍ଥିତ ବାପଘରକୁ ଯାଉଥିଲେ। ମୁମ୍ବାଇ-ଅହମଦାବାଦ ଜାତୀୟ ରାଜପଥର ଭିରାର ନିକଟରେ ଡ୍ରାଇଭର ଅସଦାଚରଣ ଉଦ୍ୟମ କରିବାରୁ ଏଥିରୁ ବର୍ତ୍ତିବା ଲାଗି ସେ ଶିଶୁକନ୍ୟାକୁ ଧରି ଚଳନ୍ତା ଗାଡ଼ିରୁ ଡେଇଁପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଶିଶୁଟିର ମୃତ୍ୟୁ ଘଟିବା ସହ ମହିଳା ଆହତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭିରାର ଥାନା ପୋଲିସ ଡ୍ରାଇଭରଙ୍କ ବିରୋଧରେ ମାମଲା ରୁଜୁ କରିଛି। ମହିଳା ଜଣକ ପରେ ବୟାନ ବଦଳାଇ ଶିଶୁଟି ତାଙ୍କ ହାତରୁ ଖସିପଡ଼ିଥିବା କହିବା ପରେ ପୋଲିସ ଉକ୍ତ ସ୍ଥାନରେ ଥିବା ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରୁଛି।

### ଦିଲ୍ଲୀ ଭାଜପା ସଭାପତି ଆଦେଶ ଗୁପ୍ତାଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୧।୧୨:** ଦୀର୍ଘ ୧୫ ବର୍ଷ ହେଲା ଭାଜପା ଅକ୍ତିଆରରେ ଥିବା ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ଆମ୍ ଆଦ୍‌ମୀ ପାର୍ଟି ଦଖଲକୁ ଯିବା ପରେ ଭାଜପା ଦିଲ୍ଲୀ ସଭାପତି ପଦରୁ ଆଦେଶ ଗୁପ୍ତା ରବିବାର ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ଭାଜପା ଗ୍ରହଣ କରିନେଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ସେ ଇସ୍ତଫା ଦେଇଥିବା କୁହାଯାଉଛି। ତାଙ୍କ ସ୍ଥାନରେ ବୀରେନ୍ଦ୍ର ସଚଦେବାଙ୍କୁ ଦିଲ୍ଲୀ ଭାଜପାର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଛି। ଗତ ବୁଧବାର ୨୫୦ ଓ୍ୱାର୍ଡ ବିଶିଷ୍ଟ ଏମ୍‌ସିଡି ଫଳାଫଳ ପ୍ରକାଶ ପାଇଥିଲା। ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ଏଏପି ବିପୁଳ ସଂଖ୍ୟାଗରିଷ୍ଠତା ସହ ଏମ୍‌ସିଡି ଦଖଲ କରିଛି।



## ଶର୍ମିଳାଙ୍କୁ ହସ୍ପିଟାଲକୁ ଜବରଦସ୍ତ ଉଠାଇନେଲେ



**ରା**ଜ୍ୟବ୍ୟାପୀ ପଦଯାତ୍ରା ଲାଗି ଓ୍ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି ଅଧ୍ୟକ୍ଷ ଓ୍ୱାଇ.ଏସ୍. ଶର୍ମିଳାଙ୍କୁ ଅନୁମତି ନ ମିଳିବା ପ୍ରତିବାଦରେ ସେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ରବିବାର ପୋଲିସ ତାଙ୍କୁ ଜବରଦସ୍ତ ହସ୍ପିଟାଲକୁ ଉଠାଇନେଇଛି। ଶୁକ୍ରବାରଠାରୁ ଶର୍ମିଳା ଦଳ ମୁଖ୍ୟାଳୟରେ ଅନଶନରେ ବସିଥିଲେ। ପୋଲିସ ସେଠାରୁ ଗଣମାଧ୍ୟମ ପ୍ରତିନିଧି, ଦଳୀୟ କର୍ମୀ ଓ ନେତାଙ୍କୁ ତଡ଼ିଦେବା ସହ ଶର୍ମିଳାଙ୍କ ଅନଶନକୁ ବିଫଳ କରିଛି। ରବିବାର ପୂର୍ବାହ୍ନ ୧୧ଟାରେ ତାଙ୍କୁ ଜବରଦସ୍ତ ହସ୍ପିଟାଲ ନିଆଯାଇଥିଲା। ଅନଶନରତ ଶର୍ମିଳା ପାଣି ନ ପିଇବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଅବନତି ଦେଖାଦେଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ଅବିଭକ୍ତ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ୍ୱାଇ.ଏସ୍. ରାଜଶେଖର ରେଡ୍ଡୀଙ୍କ ଝିଅ ଏବଂ ବର୍ତ୍ତମାନର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ଶର୍ମିଳାଙ୍କ ରକ୍ତଚାପ ଏବଂ ଗ୍ଲୁକୋଜ୍ ସ୍ତର ଅତ୍ୟଧିକ କମିଯିବା ସହ ଡିହାଇଡ୍ରେଶନ ସ୍ଥିତି ଉପୁଜିଥିଲା ବୋଲି ଡାକ୍ତର କହିଛନ୍ତି।

## କେସିଆର୍‌ଙ୍କ ଝିଅଙ୍କୁ ସିବିଆଇ ଜେରା



ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ ତଥା ବିଆର୍‌ଏସ୍ ବିଧାନ ପରିଷଦ ସଦସ୍ୟା କେ. କବିତାଙ୍କୁ ସିବିଆଇ ରବିବାର ଦୀର୍ଘ ସମୟ ଜେରା କରିଛି। ସିବିଆଇ ଟିମ୍ କବିତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦୀର୍ଘ ୬ ଘଣ୍ଟା ଧରି ପଚରାଉଚରା କରିବା ସହ ବୟାନ ରେକର୍ଡ କରିଥିଲେ। ପୂର୍ବରୁ ସିବିଆଇ କ୍ରିମିନାଲ ପ୍ରୋସିଜ୍ୟୁର କୋଡ୍‌ର ଧାରା ୧୬୦ରେ ତାଙ୍କୁ ନୋଟିସ୍ କରି ରବିବାର ୧୧ଟାରେ ଜେରା ପାଇଁ ବାସଭବନ ଠିକଣା ଜଣାଇବାକୁ କହିଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀର ଏକ ଅଦାଲତରେ ଦାଏର କରିଥିବା ରିମାଣ୍ଡ ରିପୋର୍ଟରେ ଦୁର୍ନୀତି ଓ ଲାଞ୍ଚ ଅଭିଯୋଗରେ କବିତାଙ୍କ ନାମ ରହିଥିଲା। ସେ ଯେକୌଣସି ତଦନ୍ତର ସମ୍ମୁଖୀନ ହେବା ଲାଗି ପ୍ରସ୍ତୁତ ବୋଲି ସେତେବେଳେ କହିଥିଲେ।

**ଟୁଇଟର କର୍ମଚାରୀଙ୍କୁ ମସ୍କଙ୍କ ଚେତାବନୀ**

# ତଥ୍ୟ ପ୍ରଘଟ କଲେ ଫଳ ଭୋଗିବ



**ସାନ୍ ଫ୍ରାନ୍‌ସିସ୍କୋ,୧୧।୧୨**

ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମଗୁଡ଼ିକରେ ୟୁଜର୍ସଙ୍କ ପ୍ରିଭେସି (ଅନ୍ତରଙ୍ଗ ତଥ୍ୟ)କୁ ନେଇ ବିଶ୍ୱବ୍ୟାପୀ ବିତର୍କ ଲାଗିରହିଥିବାବେଳେ ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟରର ନୂଆ ମାଲିକ ଏଲନ୍ ମସ୍କ ଏହି ପ୍ରସଙ୍ଗରେ ରବିବାର କଠୋର ଆଭିମୁଖ୍ୟ ଦେଖାଇଛନ୍ତି। ଟୁଇଟରର କେହି କର୍ମଚାରୀ ଗୋପନୀୟ ସୂଚନା ପ୍ରଘଟ କଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏତିକି ନୁହେଁ, ବିଶ୍ୱର ସବୁଠୁ ଧନୀ ତଥା ଟୁଇଟର ସିଇଓ ଏଲନ୍ ମସ୍କ ତଥ୍ୟ ପ୍ରଘଟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିଜ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଆଉ ଏକ ଅଲ୍ଟିମେଟମ୍ ଜାରି କରିଛନ୍ତି। କମ୍ପାନୀରେ ଥିବା ୟୁଜର୍ସଙ୍କ କୌଣସି ତଥ୍ୟ ଗଣମାଧ୍ୟମ ସହ ଶେୟାର ନ କରିବାକୁ ସେ ଏଥିରେ ନିର୍ଦ୍ଦେଶ ଦେଇଛନ୍ତି। କୌଣସି କର୍ମଚାରୀ ତଥ୍ୟ ପ୍ରଘଟ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ସାମ୍ନା କରିବେ ବୋଲି ଏହି ଚରମପତ୍ରରେ ସେ ଉଲ୍ଲେଖ କରିଛନ୍ତି। କେବଳ ଏତିକି ନୁହେଁ, କର୍ମଚାରୀମାନେ ଏହାକୁ ଭଲ ଭାବେ ବୁଝିଛନ୍ତି ବୋଲି ସେଥିରେ ସ୍ୱାକ୍ଷର କରିବାକୁ ମଧ୍ୟ ମସ୍କଙ୍କ ନିର୍ଦ୍ଦେଶ ରହିଛି। ପୂର୍ବରୁ ଅନେକ କର୍ମଚାରୀ ତଥ୍ୟ ଲିକ୍ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ କମ୍ପାନୀରେ କାର୍ଯ୍ୟ କରିବାକୁ ଅଯୋଗ୍ୟ। କାରଣ ଏହା କମ୍ପାନୀ ସ୍ୱାର୍ଥର ପରିପନ୍ଥୀ। ଥରେ ଚେତାବନୀ ଦିଆଯାଉଛି। ଯେଉଁମାନେ ଏହାକୁ ବୁଝି ସ୍ୱାକ୍ଷର କରିବେ ସେମାନେ ହିଁ କାମ କରିବେ। ଅନ୍ୟମାନେ ଟୁଇଟର ଛାଡ଼ି ଯାଇପାରନ୍ତି ବୋଲି କର୍ମଚାରୀମାନଙ୍କ ନିକଟକୁ ପଠାଇଥିବା ମେଲ୍‌ରେ ମସ୍କ କହିଛନ୍ତି। ଇତିମଧ୍ୟରେ ଟୁଇଟରରୁ ବିଦା ହୋଇଥିବା ଅନେକ କର୍ମଚାରୀ କ୍ଷତିପୂରଣ ନ ପାଇ କମ୍ପାନୀ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରି କି ମସ୍କ ଟୁଇଟର ଅଫିସ୍‌କୁ ବେଆଇନ ଭାବେ ବେଡ୍‌ରୁମ୍‌ରେ ପରିବର୍ତ୍ତିତ କରିଦେଇଥିବାରୁ ଷ୍ଟାଫ୍ ସେଠାରେ ଶୋଇପଡ଼ିବେ ବୋଲି ଜଣେ କର୍ମଚାରୀ ତାଙ୍କ ବିରୋଧରେ ଏତଲା ଦେଇଛନ୍ତି।

## ଟୁଇଟର ଡାଉନ୍

**ନୂଆଦିଲ୍ଲୀ,୧୧।୧୨**

ରବିବାର ରାତି ୭ଟାରେ ଟୁଇଟର କିଛି ସମୟ ପାଇଁ ଅଚଳ ହୋଇପଡ଼ିଥିବା ଅନେକ ୟୁଜର ଅଭିଯୋଗ କରିଛନ୍ତି। ସେମାନେ ପେଜ୍ ଲୋଡ୍ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିବା କହିଛନ୍ତି। ଭାରତରେ ୨,୮୩୮ ଥର ସେବା ଉପଲବ୍ଧ ହୋଇ ନ ଥିବା ଡାଉନଡିଟେକ୍ଟର ରିପୋର୍ଟ କରିଛି। ଜିଓ ନେଟ୍‌ଓ୍ୱର୍କରେ ଟୁଇଟର ଆଦୌ କାମ କରି ନ ଥିଲା ବୋଲି କେତେଜଣ କହିଥିବାବେଳେ ଆଣ୍ଡ୍ରଏଡ୍ ଫୋନ୍‌ରେ ଏହା କାମ କରୁନି ବୋଲି ଅନ୍ୟମାନେ ଅଭିଯୋଗ କରିଥିଲେ। ଫଳରେ ୟୁଜରଙ୍କ ଟାଇମ୍‌ଲାଇନ ରିଫ୍ରେସ୍ ନ ହେବା ସହ ଅନେକ ଆକାଉଣ୍ଟ ଦୃଶ୍ୟ ହୋଇ ନ ଥିଲା ବୋଲି ଅନେକେ ଅଭିଯୋଗ କରିଛନ୍ତି। ଟୁଇଟର ମାଲିକ ଏଲନ୍ ମସ୍କଙ୍କ ଏକ ଟୁଇଟ୍ ପରେ ଏଭଳି ସମସ୍ୟା ଦେଖିବାକୁ ମିଳିଥିଲା। ତେବେ ଟୁଇଟର କାମ ନ କରିବା ନେଇ ସୋସିଆଲ ମିଡିଆ କମ୍ପାନୀ ପକ୍ଷରୁ କିଛି କୁହାଯାଇ ନାହିଁ।

## ଭାରତୀୟ ବଂଶୋଦ୍ଭବ ପ୍ରଫେସର କଳାତାଲିକାଭୁକ୍ତ

**ନ୍ୟୁୟର୍କ,୧୧।୧୨**



ଜୟ ଭଟ୍ଟାଚାର୍ଯ୍ୟ

ଆମେରିକାର ଷ୍ଟାଣ୍ଡଫୋର୍ଡ ୟୁନିଭର୍ସିଟିରେ ପ୍ରଧ୍ୟାପନା କରୁଥିବା ଭାରତୀୟ ବଂଶୋଦ୍ଭବ ଜୟ ଭଟ୍ଟାଚାର୍ଯ୍ୟଙ୍କୁ ଟୁଇଟର କଳାତାଲିକାଭୁକ୍ତ କରିଛି। କୋଭିଡ୍ ଲକ୍‌ଡାଉନ୍ ପିଲାଙ୍କ କ୍ଷତି କରିବ ବୋଲି ଜୟ ଟୁଇଟ୍ କରିଥିବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସାମ୍ବାଦିକା ବରି ଓ୍ୱେଇସ୍ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ 'ଟୁଇଟର ଫାଇଲ୍ସ'ର ଦ୍ୱିତୀୟ ପର୍ଯ୍ୟାୟ ଗୋପନୀୟ ତଥ୍ୟ ଜାରି କରିଛନ୍ତି। ଲକ୍‌ଡାଉନ୍ ଜାରି କରିବା ପିଲାଙ୍କ ପାଇଁ କ୍ଷତିକାରକ ବୋଲି ଡ. ଜୟ ଭଟ୍ଟାଚାର୍ଯ୍ୟ ଟୁଇଟ୍ କରିଥିବାରୁ ଟୁଇଟର ତାଙ୍କୁ ଗୋପନୀୟ ଭାବେ ବ୍ଲାକ୍‌ଲିଷ୍ଟ କରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ବରି କହିଛନ୍ତି। ଇତିମଧ୍ୟରେ ୟୁଜର୍ସଙ୍କ ସୁରକ୍ଷାକୁ ନେଇ ଟୁଇଟର ଟ୍ରଷ୍ଟ ଆଣ୍ଡ୍ ସେଫ୍ଟି କାଉନ୍‌ସିଲ୍‌ର ୩ ସଦସ୍ୟ କମ୍ପାନୀ ଛାଡ଼ିଛନ୍ତି। ଟୁଇଟରରେ ବ୍ୟବହାରକାରୀଙ୍କ ତଥ୍ୟ ଗୋପନୀୟତା ରହୁନାହିଁ ବୋଲି ଏର୍ଲିଆନି ଅବ୍‌ଦୁଲ ରେହମାନ, ଆନେ କୋଲିଏର ଏବଂ ଲେସ୍‌ଲି ପୋଡେଷ୍ଟା ନୂଆ ସିଇଓ ଏଲନ୍ ମସ୍କଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି।

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସୁଖବିନ୍ଦର



ଶପଥ ଗ୍ରହଣ ପରେ ରାହୁଲ ଗାନ୍ଧୀଙ୍କ ସହ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ଏବଂ ଉପମୁଖ୍ୟମନ୍ତ୍ରୀ ମୁକେଶ ଅଗ୍ନିହୋତ୍ରୀ।

**ଶିମ୍‌ଲା,୧୧।୧୨(ପି.ଟି.)**

ଚାରି ଥରର ବିଧାୟକ ୫୮ ବର୍ଷୀୟ ସୁଖବିନ୍ଦର ସିଂ ସୁଖୁ ରବିବାର ହିମାଚଳପ୍ରଦେଶର ପଞ୍ଚଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଶିମଲାର ଐତିହାସିକ ରିଜ୍ ମଇଦାନରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ମୁକେଶ ଅଗ୍ନିହୋତ୍ରୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଉତ୍ସବରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ପୂର୍ବତନ ଅଧ୍ୟକ୍ଷ

### ମୁକେଶ ଅଗ୍ନିହୋତ୍ରୀ ହେଲେ ଉପମୁଖ୍ୟମନ୍ତ୍ରୀ

ରାହୁଲ ଗାନ୍ଧୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଉପସ୍ଥିତ ଥିଲେ। ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ସୁଖୁ ଏବଂ ମୁକେଶଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ନାଦାଉଁ ବିଧାୟକ ଶୁଖୁ ତୃଣମୂଳ ସ୍ତରର ନେତାରୁ ମୁଖ୍ୟମନ୍ତ୍ରୀ ହେବା ରାଜ୍ୟ କଂଗ୍ରେସରେ ଏକ ପିଢ଼ିର ପରିବର୍ତ୍ତନକୁ ସୂଚାଉଛି। ଦୀର୍ଘ ୫ ଦଶନ୍ଧି ଧରି ହିମାଚଳପ୍ରଦେଶରେ କଂଗ୍ରେସ ଦଳ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ନିୟନ୍ତ୍ରଣରେ ରହିଥିଲା। ରାଜ୍ୟ ପରିବହନ ନିଗମର ଡ୍ରାଇଭରଙ୍କ ପୁଅ ସୁଖୁ କଲେଜ ଛାତ୍ର ନେତାରୁ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ।

## ମେଟ୍ରୋରେ ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଗପୁରର ଫ୍ରିଡମ୍ ପାର୍କ ମେଟ୍ରୋ ଷ୍ଟେଶନରୁ ଖପ୍ରି ମେଟ୍ରୋ ଷ୍ଟେଶନକୁ ଷଷ୍ଠ ବନ୍ଦେଭାରତ ଏକ୍ସପ୍ରେସ୍‌ରେ ଅନ୍ୟମାନଙ୍କ ସହ ଯାତ୍ରା କରୁଛନ୍ତି।

**ମୁମ୍ବାଇ,୧୧।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମହାରାଷ୍ଟ୍ରରେ ଦେଶର ଷଷ୍ଠ ବନ୍ଦେ ଭାରତ ମେଟ୍ରୋ ଟ୍ରେନ୍ ଉଦ୍‌ଘାଟନ କରିଛନ୍ତି। ଏହି ଟ୍ରେନ୍ ନାଗପୁରରୁ ବିଳାସପୁର ଅଭିମୁଖେ ଯାତ୍ରା କରିବ। ଏ ଅବସରରେ ମୋଦି ନିଜେ ଟିକେଟ କାଉଣ୍ଟରରୁ ଏକ ଟିକେଟ କିଣି ମେଟ୍ରୋରେ ଯାତ୍ରା କରିଥିଲେ। ଏଥିସହ ଟ୍ରେନ୍‌ରେ ଯାତ୍ରା କରୁଥିବା ଅନ୍ୟ ଯାତ୍ରୀ ଓ ଛାତ୍ରୀଛାତ୍ରଙ୍କ ସହ ମୋଦି ଭାବ ବିନିମୟ କରିଥିଲେ। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ଗୋଆର ମୋପା ବିମାନବନ୍ଦର ଉଦ୍‌ଘାଟନ କରିଛନ୍ତି। ଏହି ବିମାନବନ୍ଦରକୁ ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକଙ୍କ ନାଁରେ ନାମିତ କରାଯାଇଛି।

## ନେତାଙ୍କ ସୁରକ୍ଷାରେ ନିର୍ଭୟା ପାଣ୍ଠିର ଗାଡ଼ି

**ମୁମ୍ବାଇ,୧୧।୧୨**

ମହିଳାଙ୍କ ବିରୋଧରେ ଅପରାଧ ବଢ଼ୁଥିବାରୁ ଏହାକୁ ରୋକିବା ଲାଗି ନିର୍ଭୟା ପାଣ୍ଠି ଗଠନ କରାଯାଇଥିଲା। ଏହି ପାଣ୍ଠି ଅର୍ଥରେ ମୁମ୍ବାଇ ପୋଲିସ ଚଳିତ ବର୍ଷ କେତେକ ଗାଡ଼ି କିଣିଥିଲା। ଉକ୍ତ ଗାଡ଼ି ମହିଳାଙ୍କ ସୁରକ୍ଷାରେ ନ ଲାଗି ଏବେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପରିଚାଳିତ ଶିବସେନା ଗୋଷ୍ଠୀର ବିଧାୟକ ଏବଂ ଏମ୍‌ପିମାନଙ୍କ ସୁରକ୍ଷାରେ ବ୍ୟବହୃତ ହେଉଥିବା ଜଣାପଡ଼ିଛି। ନେତାମାନଙ୍କୁ ଓ୍ୱାଇ-ପ୍ଲସ୍ ସୁରକ୍ଷା ଯୋଗାଇଦେବାରେ ଉକ୍ତ ଗାଡ଼ିଗୁଡ଼ିକୁ ବ୍ୟବହାର କରାଯାଉଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ଏହାକୁ ନେଇ ବିରୋଧୀ ଦଳ କଂଗ୍ରେସ ଏବଂ ଏନ୍‌ସିପି ଶିନ୍ଦେ ସରକାରଙ୍କୁ ସମାଲୋଚନା କରିଛନ୍ତି। ମହିଳାଙ୍କ ସୁରକ୍ଷା ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ସରକାର ୨୦୧୩ରୁ ରାଜ୍ୟଗୁଡ଼ିକୁ ନିର୍ଭୟା ପାଣ୍ଠି ଯୋଗାଇ ଆସୁଛନ୍ତି। ମହିଳାଙ୍କ ଅପେକ୍ଷା ଶାସକ ବିଧାୟକଙ୍କୁ ସୁରକ୍ଷା ଦେବା ଅଧିକ ଗୁରୁତ୍ୱପୂର୍ଣ୍ଣ କି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ୍‌ରେ ମୁମ୍ବାଇ ପୋଲିସ ନିର୍ଭୟା ପାଣ୍ଠିରେ ୨୨୦ଟି ବୋଲେରୋ, ୩୫ ଏର୍ଟିଗା, ୩୧୩ ପଲ୍‌ସର ମୋଟରସାଇକେଲ ଏବଂ ୨୦୦ ଆକ୍ଟିଭା କିଣିଥିଲା। ଏହି ଗାଡ଼ିଗୁଡ଼ିକୁ ଜୁଲାଇ ମାସରେ ମୁମ୍ବାଇର ୯୭ଟି ଥାନା, ସାଇବର, ଟ୍ରାଫିକ୍ ଏବଂ ଉପକୂଳ ପୋଲିସ ୟୁନିଟ୍‌କୁ ଯୋଗାଇ ଦିଆଯାଇଥିଲା। ପରେ ସେଥିରୁ ୪୭ଟି ବୋଲେରୋକୁ ଶିନ୍ଦେ ଗୋଷ୍ଠୀ ବିଧାୟକ ଓ ଏମ୍‌ପିଙ୍କ ଏସ୍କର୍ଟ ଯାନ ଭାବେ ବ୍ୟବହାର କରିବାକୁ ନିଆଯାଇଥିଲା।

## ମ୍ୟାଲେରିଆ ଚିହ୍ନିବାକୁ ନୂଆ ଉପାୟ

**କାନବେରା, ୧୧।୧୨**

ବିଶ୍ୱବ୍ୟାପୀ ପ୍ରତିବର୍ଷ ମ୍ୟାଲେରିଆରେ ଅନେକ ହଜାର ଲୋକ ପ୍ରାଣ ହରାଉଛନ୍ତି। ବହୁ ସମୟରେ ଉପଯୁକ୍ତ ନିଦାନ ଅଭାବ ଯୋଗୁ ସଂକ୍ରମିତ ବ୍ୟକ୍ତି ପ୍ରକୃତ ଚିକିତ୍ସାରୁ ବଞ୍ଚିତ ହୋଇଥାନ୍ତି। ଏହି ଅସୁବିଧା ଦୂର କରିବା ପାଇଁ ଅଷ୍ଟ୍ରେଲୀୟ ବୈଜ୍ଞାନିକମାନେ ମ୍ୟାଲେରିଆ ଚିହ୍ନଟର ଏକ ନୂଆ ଉପାୟ ବାହାର କରିଛନ୍ତି। ପିଏନ୍‌ଏଏସ୍ ନେକ୍ସସ୍‌ରେ ପ୍ରକାଶିତ ଗବେଷଣା ମୂଳକ ନିବନ୍ଧ ଅନୁଯାୟୀ ୟୁକ୍ୟୁଜ୍ ସ୍କୁଲ ଅଫ୍ ବାୟୋଲୋଜିକାଲ ସାଇନ୍ସର ଗବେଷକଙ୍କ ଦ୍ୱାରା ଉଦ୍ଭାବିତ ମ୍ୟାଲେରିଆ ଡାଇଗ୍ନୋଷ୍ଟିକ୍ ଟେକ୍ନୋଲୋଜିରେ ଜଣଙ୍କୁ ଭୂତାଣୁ



ସଂକ୍ରମିତ କରିଚି କି ନାହିଁ ତାହା ଛୁଞ୍ଚି ବ୍ୟବହାର ନ କରି ଜାଣିହେବ। ମ୍ୟାଲେରିଆ ଟେଷ୍ଟ ପାଇଁ ରକ୍ତର

### ଉଦ୍ଭାବନ କଲେ ଅଷ୍ଟ୍ରେଲୀୟ ବୈଜ୍ଞାନିକ

ନମୁନା ନେବାକୁ ପଡ଼ିଥାଏ। କିନ୍ତୁ ଏହି ବୈଜ୍ଞାନିକମାନେ ବ୍ୟବହାର କରୁଥିବା ଉପକରଣରୁ ଏକ ଇନ୍‌ଫ୍ରାରେଡ୍ ଲାଇଟ୍ ବାହାରୁଚି, ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କ କାନ ବା ଅଙ୍ଗୁଳିରେ ପଡ଼ିବାରୁ ୫ରୁ ୧୦ ସେକେଣ୍ଡ ମଧ୍ୟରେ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଲକ୍ଷଣ ଧରି ନେଉଛି। ସେହି ତଥ୍ୟକୁ କମ୍ପ୍ୟୁଟର ଆଲୋରିଥିମ୍‌ରେ ବ୍ୟବହାର କରି ମ୍ୟାଲେରିଆରେ ସଂକ୍ରମିତ କି ନୁହନ୍ତି ସ୍ପଷ୍ଟ ହେଉଛି। ଏହି ଟେକ୍ନୋଲୋଜି ସାରା ବିଶ୍ୱରେ ମ୍ୟାଲେରିଆ ନିରୋଧୀ ଅଭିଯାନକୁ ବଳ ଯୋଗାଇବ ବୋଲି ଅନ୍ତର୍ଜାତୀୟ ଟିମ୍‌ର ନେତୃତ୍ୱ ନେଉଥିବା ଡା. ମେଗି ଲର୍ଡ କହିଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ୨୦୨୦ରେ ୨୪୧ ନିୟୁତ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୬ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା ଏହି ଭୂତାଣୁ। ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶ ଉପସାହାରୀୟ ଆଫ୍ରିକାର, ଯେଉଁଠି ୯୦% ମୃତ୍ୟୁ ୫ ବର୍ଷରୁ କମ୍ ବୟସ୍କ ଶିଶୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ଲକ୍ଷଣବିହୀନ ଲୋକେ ନିର୍ଦ୍ୱନ୍ଦ୍ୱରେ ଅନ୍ୟମାନଙ୍କ ସହ ମିଳାମିଶା କରୁଥିବାରୁ ଏହି ରୋଗର ନିରାକରଣ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ନୂଆ ଟେକ୍ନୋଲଜି ଜରିଆରେ ସହଜ ଓ ସୁବିଧାରେ ସଂକ୍ରମିତମାନେ ବାରି ହୋଇଯିବେ।

# ଡିଏଫ୍‌ଓଙ୍କ ମୁଣ୍ଡକୁ ଇଟାରେ ଛେଚିଲେ

## ଢେଙ୍କାନାଳରେ ପଥର ଚୋରା ଚାଲାଣକାରୀଙ୍କ ଆତଙ୍କରାଜ

- ୬ ଅଭିଯୁକ୍ତ ଗିରଫ
- ଟ୍ରକ୍, ବାଇକ୍ ଜବତ

ଢେଙ୍କାନାଳ ଅଫିସ, ୧୧।୧୨

ଢେଙ୍କାନାଳ ଜିଲାରେ ପଥର ମାଫିଆଙ୍କ ଆତଙ୍କରାଜ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂର୍ବରୁ ତହସିଲଦାର, ଅତିରିକ୍ତ ତହସିଲଦାର, ଆର୍‌ଆଇ ବନ ବିଭାଗର ଅଧସ୍ତନ ଅଧିକାରୀ ସେମାନଙ୍କ ଆକ୍ରମଣର ଶିକାର ହେଉଥିବାବେଳେ ଶନିବାର ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କ ଦୌରାତ୍ମ୍ୟ ସବୁ ସୀମା ପାର୍ କରିଯାଇଛି। କପିଳାସ ଅଭୟାରଣ୍ୟ ଅଞ୍ଚଳରେ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ନିୟୋଜିତ ବନ କର୍ମଚାରୀଙ୍କ କାର୍ଯ୍ୟ ତଦାରଖ କରିବାକୁ ଯାଇଥିବାବେଳେ ପଥର ଚୋରା ଚାଲାଣକାରୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡ. ପ୍ରକାଶ ଚାନ୍ଦ ଗୋଗିନେନି। ଅଭିଯୁକ୍ତମାନେ ତାଙ୍କ ମୁଣ୍ଡକୁ ଇଟାରେ ଛେଚି ଦେଇଛନ୍ତି। ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ଏକ ଟ୍ରକ୍ ଓ ବାଇକ୍ ଜବତ କରାଯାଇଛି। ଜିଲା ବନ ବିଭାଗର ଶୀର୍ଷ ପଦବୀଧାରୀ ଜଣେ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି।

କପିଳାସ ଅଭୟାରଣ୍ୟ ନିକଟବର୍ତ୍ତୀ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଶନିବାର ଏକ ଦନ୍ତା ଆକ୍ରମଣରରେ କୃଷ୍ଣକୁମାରପୁର ବିରାଡ଼ିଆ ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଧନଜୀବନ ହାନି ଆଶଙ୍କା ଏଡ଼ାଇବାକୁ ବନ କର୍ମଚାରୀ, ହାତୀ ସ୍କ୍ୱାଡ୍‌ଙ୍କୁ ରାତ୍ରିକାଳୀନ ପାଟ୍ରୋଲିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରାତି ପ୍ରାୟ ୧୦ଟାରେ ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟ ତଦାରଖ କରିବାକୁ ଡିଏଫ୍‌ଓ ଗୋଗିନେନି ସଦର ରେଞ୍ଜ୍ ଅଧୀନ କୁରୁମଟାଙ୍ଗର ଗ୍ରାମ ଦେଇ ବିଭାଗୀୟ ଗାଡ଼ିରେ ଏକୁଟିଆ ଯାଉଥିଲେ। ଅଭୟାରଣ୍ୟ ନିକଟବର୍ତ୍ତୀ ଏକ ବେଆଇନ ଖାଦାନରୁ ମାଫିଆମାନେ ପଥର ଚୋରାଚାଲାଣ କରୁଥିବା ଦେଖି ଡିଏଫ୍‌ଓ ଗାଡ଼ି ରଖି ସେମାନଙ୍କୁ ପଚରାଉଚରା କରିବା ସହ କାଗଜପତ୍ର ଦେଖାଇବାକୁ କହିଥିଲେ। ହେଲେ ୧୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ତାଙ୍କୁ ଘେରି ଯାଇ ଠେଲାପେଲା କରିଥିଲେ। ଏତିକି ବେଳେ କେହି ଜଣେ ପଛରୁ ଏକ ଇଟାଧରି ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏହାର ସୁଯୋଗରେ ସମସ୍ତେ ଫେରାର ହୋଇଯାଇଥିଲେ। ଡିଏଫ୍‌ଓଙ୍କ ମୁଣ୍ଡର ଡାହାଣ ପାର୍ଶ୍ୱରେ ଆଘାତ ଲାଗିଥିବାବେଳେ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି.ଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସଦର ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସଦଳବଳ ଚଢ଼ାଉ କରି ପାଇକଦହିକୋର ଗ୍ରାମର ଅକ୍ଷୟ କୁମାର ବେହେରା (୪୧), ପ୍ରଭାକର ବେହେରା (୫୦), କୁରୁମଟାଙ୍ଗର ଗ୍ରାମର ପ୍ରଦୀପ କୁମାର ସ୍ୱାଇଁ (୩୨), ସାନ କୁରୁମଟାଙ୍ଗର ଗ୍ରାମର ସୁଧାଂଶୁ ଶେଖର ରାଉତ (୩୧), ବଳଦିଆବନ୍ଧର ଜଟିଆ ଦେହୁରୀ (୪୫), ବଡ଼ କୁରୁମଟାଙ୍ଗର ଗ୍ରାମର ଅଭିମନ୍ୟୁ ରାଉତ (୪୫)ଙ୍କୁ ଗିରଫ କରିଛନ୍ତି। ରବିବାର ଡିଏଫ୍‌ଓଙ୍କ ଅଭିଯୋଗକ୍ରମେ ସଦର ଥାନାରେ ଦଫା ୩୪୧, ୩୫୩, ୩୩୨, ୩୦୭, ୧୮୬, ୩୪ ଅନୁଯାୟୀ ନଂ. ୬୪୪/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଦୁଇଟି ଟିମ୍ ଗଠନ କରାଯାଇଛି ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

ଏଭଳି ଅଭାବନୀୟ ଘଟଣା ପରେ ଜିଲାପାଳ ଡିଏଫ୍‌ଓଙ୍କ ସହିତ ଆଲୋଚନା କରିଛନ୍ତି। କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବନାହିଁ। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ଡିଏଫ୍‌ଓ କୁହନ୍ତି, ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ଥିବା ଖାଦାନରୁ ପଥର କାଟିବା ସମ୍ପୂର୍ଣ୍ଣ ବେଆଇନ। ଯେଉଁମାନେ ଏଭଳି ବେଆଇନ କାର୍ଯ୍ୟ କରିଛନ୍ତି, ସେମାନଙ୍କୁ କୌଣସି ପ୍ରକାରେ ଛଡ଼ାଯିବ ନାହିଁ।



ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ।

# ଭୋଜିରୁ ଫେରିବା ବାଟରେ ୪ ଜଣଙ୍କୁ ଅପହରଣ ଅଭିଯୋଗ

ଉମରକୋଟ, ୧୧।୧୨ (ସ୍ୱ.ପ୍ର.)

ଛତିଶଗଡ଼ର କାଙ୍କେରରୁ ଭୋଜିଖାଇ ଫେରୁଥିବା ବେଳେ ଶନିବାର ରାତିରୁ ୪ ଜଣ ନିଖୋଜ ଅଛନ୍ତି। ସେମାନଙ୍କୁ ଅପହରଣ କରାଯାଇଥିବା ପରିବାର ଲୋକେ ସନ୍ଦେହ କରି କାଙ୍କେର ଥାନାରେ ଏତଲା ଦେଇଛନ୍ତି। ଅପହୃତମାନେ ହେଲେ ନବରଙ୍ଗପୁର ଜିଲା ଉମରକୋଟର ସପନ ସରକାର, ତାଙ୍କ ସ୍ତ୍ରୀ ରିତା ସରକାର, ଶଳା ବିଶ୍ୱଜିତ ଅଧିକାରୀ ଏବଂ ପରିଚିତ ବ୍ୟକ୍ତି ହଜାରି ଢାଲି।

ସୂଚନା ଅନୁଯାୟୀ, ସପନ ଶନିବାର କାଙ୍କେର ସ୍ଥିତ ନିଜ ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗଦେଇ ରାତି ୧୦.୩୦ରେ କାର୍ (ଓଡି ୨୪ ସି ୧୭୦୫) ଯୋଗେ ଛତିଶଗଡ଼ର କଣ୍ଡଗାଁ ସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଫେରୁଥିଲେ। ସକାଳେ ସେମାନେ ଘରକୁ ନ ପହଞ୍ଚିବାରୁ ସପନଙ୍କ ପୁଅ ନବୋଜିତ୍ ଖୋଜିବାକୁ ବାହାରିଥିଲେ। ବହୁ ଖୋଜିଖୋଜି କରି ବିଫଳ ହେବାପରେ ସେ ଥାନାରେ ଏତଲା ଦେଇଛନ୍ତି। ଖବର ପାଇ ଉମରକୋଟ ଥାନା ଅଧିକାରୀ ଦୀପକ କୁମାର ଜେନା ସପନ ସରକାରଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ତଦନ୍ତ ଆରମ୍ଭ କରିଛନ୍ତି।




# ବ୍ୟାପୁଛି ଚର୍ମବିଣ୍ଡି, ୧୦ହଜାରରୁ ଊର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ

- ଆନ୍ତଃରାଜ୍ୟ ଗୋରୁ ପରିବହନ ନିଷେଧ
- ଗାଈ ପ୍ରଦର୍ଶନୀ, ମେଳା ଓ ଗୋରୁହାଟ ବନ୍ଦ

ଭୁବନେଶ୍ୱର, ୧୧।୧୨ (ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ କେତେକ ସ୍ଥାନରେ ଗୋରୁଙ୍କଠାରେ ଭୂତାଣୁଜନିତ ଚର୍ମବିଣ୍ଡି ରୋଗ ଦେଖାଯାଇଛି। ଏହା ବ୍ୟାପୁଥିବାରୁ ଚିନ୍ତା ବଢ଼ିଛି। ଏହି ରୋଗର ନିରାକରଣ ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ୫୪୧ ପ୍ରାଣୀ ଚିକିତ୍ସାଳୟ, ୩,୨୩୯ ପ୍ରାଣୀସମ୍ପଦ ସହାୟକ କେନ୍ଦ୍ର ଓ ୩୧୪ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ୍ ମାଧ୍ୟମରେ ଆକ୍ରାନ୍ତ ଗୋରୁଙ୍କୁ ଚିକିତ୍ସା କରାଯାଉଛି। ଗତ ଶନିବାର ସୁଦ୍ଧା ୧୦,୦୪୭ ଗୋରୁଙ୍କ ଶରୀରରେ ଚର୍ମବିଣ୍ଡି ରୋଗର ଲକ୍ଷଣ ଦେଖାଯାଇଛି। ଏଥିମଧ୍ୟରୁ ୪,୮୩୭ ଗୋରୁ ଚିକିତ୍ସା ପରେ ଆରୋଗ୍ୟ ଲାଭ କରିଛନ୍ତି। କେବଳ ଶନିବାର ୬୨୬ଟି ଗୋରୁ ଆରୋଗ୍ୟ ହୋଇଛନ୍ତି। ଅନ୍ୟ ଆକ୍ରାନ୍ତଙ୍କ ଚିକିତ୍ସା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ଚାଲୁ ରହିଛି। ଏହି ରୋଗର ନିରାକରଣ ପାଇଁ ଶନିବାର ୬୭,୪୦୦ ଗୋରୁଙ୍କ ଟିକାକରଣ କରାଯାଇଛି। ଏହାକୁ ମିଶାଇ ରାଜ୍ୟରେ ଏପର୍ଯ୍ୟନ୍ତ ୬,୩୨,୮୦୦ ଗୋରୁଙ୍କୁ ଟିକାକରଣ କରାଯାଇଛି ଏବଂ ଟିକାକରଣ କାର୍ଯ୍ୟକ୍ରମ ଚାଲୁରହିଛି। ଏଥିସହ ସଂକ୍ରମଣ ରୋକିବା ପାଇଁ ବାଲେଶ୍ୱର, ବରଗଡ଼, ଦେବଗଡ଼, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା ଓ ସୁନ୍ଦରଗଡ଼ ପରି ରାଜ୍ୟର ସୀମାନ୍ତ ଜିଲାଗୁଡ଼ିକରେ ଗୋରୁଙ୍କୁ ଆନ୍ତଃରାଜ୍ୟ ନେବା ଆଣିବାକୁ ନିଷେଧ କରାଯାଇଛି। ସେହିଭଳି ରାଜ୍ୟରେ ଗୋରୁ ପ୍ରଦର୍ଶନୀ, ମେଳା ଓ ଗୋରୁହାଟ ବନ୍ଦ କରାଯାଇଛି ବୋଲି ରବିବାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି।



## ବର୍ଷକୁ ୪ଥର ହେବ ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ): ଆସନ୍ତା ଶିକ୍ଷାବର୍ଷରେ କୌଣସି ନୂଆ ପାଠ୍ୟକ୍ରମକୁ ସ୍କୁଲ୍‌ରେ ସାମିଲ କରାଯିବ ନାହିଁ। ଏ ନେଇ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି, ପ୍ରତି ଶିକ୍ଷାବର୍ଷରେ ଦୁଇଥର ଅଭିଭାବକ-ଶିକ୍ଷକ ବୈଠକ ହୁଏ। କିନ୍ତୁ ଆସନ୍ତା ବର୍ଷ ଏହି ବୈଠକ ୪ଥର ବସିବ। ପିଲାମାନେ ସ୍କୁଲ ଛଡ଼ା ଅଧିକାଂଶ ସମୟ କିପରି ପାଠପଢ଼ାରେ ଦେବେ ତାହା ହିଁ ବୈଠକର ମୂଳ ଉଦ୍ଦେଶ୍ୟ ରହିବ। ଘରେ ପାଠପଢ଼ା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଅଭିଭାବକଙ୍କୁ କୁହାଯିବ। କେବଳ ସ୍କୁଲ ନୁହେଁ, ଶିକ୍ଷା କ୍ଷେତ୍ରରେ ଅଭିଭାବକଙ୍କର ମଧ୍ୟ ବଡ଼ ଭୂମିକା ରହିଛି ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୋକ ରଖି ଖା,**
**ଭୋକ ଦେଖି ଖା,**
**ଚଉଷଠି ରୋଗର ପାଶେ ନ ଯା।**

ଭୋକକୁ ଶେଷ କରିବା ପାଇଁ ପେଟପୁରା ଖାଦ୍ୟ ଖାଇବା ଉଚିତ ନୁହେଁ। ଭୋକ କିଛି ମାତ୍ରାରେ ରହିବା ଭଲ ହୋଇଥିବାବେଳେ ପେଟପୁରା ଖାଦ୍ୟ ନ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଭଣ୍ଡାରି ହାତରେ ପଡ଼ିଛି ଚୁଟି,**
**ଯେଣିକି ଓଟାରେ ତେଣିକି ଉଠି।**

ନିଜର ଗୁମର ବା ଦୋଷ ଦୁର୍ବଳତା କେବେ ଅନ୍ୟ ଆଗରେ ପ୍ରକାଶ କରିବା ଉଚିତ ହୁଏ ନାହିଁ। କାରଣ ଏଭଳି ସ୍ଥଳେ ଉକ୍ତ ବ୍ୟକ୍ତି ଜଣକ ତାକୁ ଡରେଇ ବା ଧମକେଇ ନିଜର ସମସ୍ତ କାର୍ଯ୍ୟ କରାଇନେବା ସହ ଅନେକ ଫାଇଦା ଉଠାଉଥିବାର ଦେଖିବାକୁ ମିଳିଥାଏ। ଏଭଳି ବ୍ୟକ୍ତିଙ୍କ କବଳରେ ଥରେ ପଡ଼ିଗଲେ କେହି ନିଜ ଇଚ୍ଛାନୁସାରେ କିଛି ବି କରିପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମାର୍ଚ୍ଚ ସୁଦ୍ଧା ବରମୁଣ୍ଡା ଆଇଏସ୍‌ବିଟି

## ହକି ବିଶ୍ୱକପ୍ ପୂର୍ବରୁ ବିକାଶ କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ପାଖେଇ ଆସୁଛି ହକି ବିଶ୍ୱକପ୍। ଜାନୁୟାରୀରେ ଆୟୋଜିତ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ସଫଳ କରିବା ପାଇଁ ରାଜ୍ୟ ସରକାର ଜୋର୍‌ସୋର୍‌ରେ ଚଳାଇଛନ୍ତି ପ୍ରସ୍ତୁତି। ଏହି ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ଭୁବନେଶ୍ୱର ଫୋକସ୍‌ରେ ରହିବ। ତେଣୁ ରାଜଧାନୀକୁ ସୁସଜ୍ଜିତ କରାଯାଉଛି। ନିର୍ଦ୍ଧାରିତ ସମୟରେ ଯେପରି ସମସ୍ତ କାର୍ଯ୍ୟ ସରିବ, ସେଥିଲାଗି ଜୋର୍ ଦିଆଯାଉଥିବାବେଳେ ରବିବାର ଉନ୍ନୟନମୂଳକ କାମର ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ବରମୁଣ୍ଡାରେ ନିର୍ମାଣଧୀନ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ (ଆଇଏସ୍‌ବିଟି), ବିଏମ୍‌ସି ଆଇସିଓଏମ୍‌ସି କୋଠା ଏବଂ ଶହୀଦନଗରସ୍ଥିତ ବହୁତଳ କାର୍ ପାର୍କିଂ କୋଠା ଆଦି ବୁଲି ଦେଖିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ ବଲୱନ୍ତ ସିଂ, ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ବିଜୟ ଅମୃତା କୁଲାଙ୍ଗେ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିବା ସହ ଏବଂ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଡିଏ ତତ୍ତ୍ୱାବଧାନରେ ୧୫.୫ ଏକର ଜମିରେ ବରମୁଣ୍ଡା ଆଇଏସବିଟି ପ୍ରକଳ୍ପ କାମ ଚାଲିଛି। ଯାତ୍ରୀଙ୍କ ସୁବିଧା, କାର୍ଯ୍ୟାଳୟ ପାଇଁ ସ୍ଥାନ, ପାର୍କିଂ, ଫୁଡକୋର୍ଟ, ରେଷ୍ଟୁରାଣ୍ଟ, କମର୍ସିଆଲ ସ୍ପେସ୍ ଆଦି ଏଠାରେ ରହିବ। ଆସନ୍ତା ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ବିଡିଏ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଶହୀଦନଗର ବହୁତଳ କାର୍ ପାର୍କିଂ କୋଠାରୁ ବଜାର ପର୍ଯ୍ୟନ୍ତ ଯାତ୍ରୀଙ୍କ ନିରାପଦ ଯାତାୟାତ ପାଇଁ ନୋ-ପାର୍କିଂ ଜୋନ୍ କାର୍ଯ୍ୟକାରୀ କରିବାକୁ ବିଏମ୍‌ସି ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଅଧିକାରୀଙ୍କୁ କୁହାଯାଇଛି। ସତ୍ୟନଗର, ଶହୀଦନଗର ଏବଂ ଖାରବେଳ ନଗର ଅଞ୍ଚଳରେ ଶିଶୁଙ୍କ ପାଇଁ ପାର୍କ, ସାଇକେଲ୍ ଟ୍ରାକ୍, ୱାକିଂ ଟ୍ରାକ୍ ଆଦି ବିଭିନ୍ନ ସୁବିଧା କରାଯିବାକୁ ଯୋଜନା ରହିଛି। ମୁଖ୍ୟ ଶାସନ ସଚିବ ସାଉଥ୍ ଲେକ୍ ଜୋନ୍ ପରିଦର୍ଶନ କରିବା ସହ ମୁଖ୍ୟ ରାସ୍ତା ପାର୍ଶ୍ୱରେ ପାର୍କିଂ ସ୍ଥାନର ବିକାଶ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ଜନପଥରେ ୧୨ ମହଲା ବିଶିଷ୍ଟ ବିଏମ୍‌ସି ଆଇସିଓଏମ୍‌ସି କୋଠା, ହକି ବିଶ୍ୱକପ୍ ପାଇଁ ସହରରେ ଜାରି ରହିଥିବା ଲ୍ୟାଣ୍ଡସ୍କେପିଂ, ଷ୍ଟ୍ରିଟ୍ ଆର୍ଟ କାର୍ଯ୍ୟ, କଳାଭୂମିରେ ଜାତୀୟସ୍ତରୀୟ ଚିତ୍ର ଶିବିର ଏବଂ ରାଜ୍ୟସ୍ତରୀୟ ଭାସ୍କର୍ଯ୍ୟକଳା ଶିବିର ପରିଦର୍ଶନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ରର କାର୍ଯ୍ୟଟି ଯଥାବିଧି ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ହେବାରେ ବ୍ୟତିକ୍ରମ ରହିବ ନାହିଁ। ବନ୍ଧୁଙ୍କ ସହ ମଧୁର ସ୍ମୃତିର ସୁମଧୁର ଅନୁଭୂତି ନେଇ ଦିନଟି ବିତାଇବେ। ଗୃହ, ଭୂମି, ଗାଡ଼ିମୋଟର ଓ ସହକର୍ମୀଙ୍କ ସାହାଯ୍ୟ ପ୍ରଭୃତି ପାଇବାରେ ଅସୁବିଧା ହେବ ନାହିଁ। ପିଲାଙ୍କ ବିବାହ ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ।

**ବୃଷ** ଦ୍ୱିଜା ନକ୍ଷତ୍ର କାର୍ଯ୍ୟସିଦ୍ଧି ସହ ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆବୃତ୍ତି ଲାଭ କରିବେ। ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ।

**ମିଥୁନ** ଆରଦ୍ରା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ଉତ୍ତେଜନା ଲାଗି ରହିବ। ତଥାପି ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କୌଣସି ପ୍ରକାର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଆଜି ଅଶ୍ଳେଷା ନକ୍ଷତ୍ର ଯେଉଁ ଆଶା ନେଇ କାମ କରିବେ କିଛି ପାଇବେ ନାହିଁ। ଅବଶ୍ୟ ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ମଘା ନକ୍ଷତ୍ରର ଗତକାଲିର ଘଟଣା ବିଷୟରେ ଚିନ୍ତା କରି ମନରେ ସରସତା ରହି ନ ପାରେ। ଈର୍ଷାପରାୟଣ ନିକଟସ୍ଥ ବନ୍ଧୁବର୍ଗ କିମ୍ବା ବ୍ୟକ୍ତି ବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ଆଘାତ ଲାଗିପାରେ। ପରିବହନ, ନିର୍ମାଣ, ବ୍ୟବସାୟ ସକାଶେ ଦିନଟି ଭଲ।

**କନ୍ୟା** ଚିତ୍ରା ନକ୍ଷତ୍ର ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। କିନ୍ତୁ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ଲଢେଇ କରି ନିଶ୍ଚୟ ପାଇବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଶ୍ରମଜନିତ ଅନିଦ୍ରା ହେତୁକ ଜ୍ୱର ଓ ଦୁର୍ବଳତା ଦେଖାଦେଇପାରେ।

**ତୁଳା** ସ୍ୱାତୀ ନକ୍ଷତ୍ର ପାଇଁ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଏକାନ୍ତ ବ୍ୟକ୍ତିଗତ କାର୍ଯ୍ୟରେ ସହକର୍ମୀଙ୍କ ହସ୍ତକ୍ଷେପ ପ୍ରତିବନ୍ଧକ ସାଜିବାର ଆଶଙ୍କା ରହିଛି। କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** ବୁଧ ଓ ଶୁକ୍ରଙ୍କ ପ୍ରଭାବରୁ ଆଜି ଆପଣଙ୍କ ବାକ୍‌ପଟୁତାରେ ବନ୍ଧୁମାନେ ପ୍ରଶଂସାରେ ଶତମୁଖ ହେବେ। ଜ୍ୟେଷ୍ଠା ନକ୍ଷତ୍ର ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରିବାର ମଉକା ମିଳିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ରୋଗ, ଋଣରୁ ରକ୍ଷା ପାଇବାର ପରିକଳ୍ପନା କରିପାରନ୍ତି।

**ଧନୁ** ମୂଳା ନକ୍ଷତ୍ର ପାଇଁ ଆଜି ଘରର ପରିସ୍ଥିତି ଦୁଶ୍ଚିନ୍ତାର କାରଣ ହୋଇପାରେ। ତଥାପି ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିବହନରେ ଝଗଡାର ଆଶଙ୍କାକୁ ଏଡ଼ିହେବ ନାହିଁ। ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମକର** ଧନିଷ୍ଠା ନକ୍ଷତ୍ର ସାମାନ୍ୟ ବିଳମ୍ବ ଓ ଘାତପ୍ରତିଘାତ ଦେଇ ଆଜିର ଜୀବନଯାତ୍ରା ଅତିବାହିତ କରିବେ। ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାର ଦୁଃଶ୍ଚିନ୍ତା ସୃଷ୍ଟି ହେବ।

**କୁମ୍ଭ** ଶତଭିଷା ନକ୍ଷତ୍ର ସକାଶେ ଉପରିସ୍ଥଙ୍କ ଅନୁକମ୍ପାରୁ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାକୁ ନେଇ ମାନସିକ ଆଶ୍ୱସ୍ତି ଲାଭ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ।

**ମୀନ** ଉତ୍ତର ଭାଦ୍ରବ ସକାଶେ ପ୍ରତିକୂଳ ପରିବେଶର କୁପ୍ରଭାବରୁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଅଫିସ୍ କାମରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

ଆଜି ଡିସେମ୍ବର ୧୨ ତାରିଖ, ସ୍ୱଦେଶୀ ଦିବସ, ପୌଷ କୃଷ୍ଣ ଚତୁର୍ଥୀ ସୋମବାର, ରାଶି ନକ୍ଷତ୍ର- ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬/୧୫ ଗତେ, ଘ.୦୭/୩୬ ମଧ୍ୟେ, ଘ.୦୯/୦୮ ଗତେ, ଘ.୧୧/୧୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୭/୩୬ ଗତେ, ଘ.୦୮/୫୭ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ସନ୍ତରଣ ତାଲିମବେଳେ ...



ନ ହେବାରୁ ପାଣିରେ ସୋହେଲ୍‌ଙ୍କୁ ଖୋଜିବା ବିଳମ୍ବ ହୋଇଥିଲା। ପରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହାୟତାରେ ହୁଲିଡଙ୍ଗାରେ ଖୋଜାଖୋଜି କରାଯିବା ପରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ସୋହେଲଙ୍କ ମୃତଦେହ ପାଣିରୁ ବାହାର କରାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏହି ଘଟଣା ପରେ ଉକ୍ତ ତାଲିମ୍ କେନ୍ଦ୍ରର କୋଚ୍‌ଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଥାନାଧିକାରୀ ରବୀନ୍ଦ୍ରନାଥ ମେହେର ସୂଚନା ଦେଇଛନ୍ତି। ସନ୍ତରଣବେଳେ କାହିଁକି ଏଭଳି ଅଘଟଣ ଘଟିଲା, କ'ଣ ସବୁ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଓ ଏତେସଂଖ୍ୟକ ପିଲାଙ୍କ ପାଇଁ ଜଣେ କୋଚ୍ ନିୟୋଜିତ ହେବା ଘଟଣାକୁ ନେଇ ପୋଲିସ ଖୋଳତାଡ ଜାରି ରଖିଛି।

ମିଳିଥିବା ସୂଚନା ଅନୁସାରେ ନିମପୁରର ଏକ ତାଲିମ କେନ୍ଦ୍ର ପକ୍ଷରୁ ରବିବାର ସକାଳେ ପ୍ରାୟ ସାଢେ ୮ଟାରେ ମୋଟ ୫୦ ଜଣ ପିଲାଙ୍କୁ ମହାନଦୀରେ ସନ୍ତରଣ ତାଲିମ ଦିଆଯାଉଥିଲା। ସେମାନଙ୍କ ପାଇଁ ସେଠାରେ ଏକମାତ୍ର କୋଚ୍ ନିୟୋଜିତ ଥିଲେ। ସୋହେଲ୍‌ଙ୍କ ସାଥିରେ ତାଲିମ ନେବା ପାଇଁ ଆସିଥିବା ଶେଖ୍ ୱାସିମ୍ ଅହମ୍ମଦ କହିଛନ୍ତି, ଉକ୍ତ ତାଲିମ କେନ୍ଦ୍ରରେ ପ୍ରାୟ ୪ ମାସ ହେବ ୬୦ ଜଣ ପିଲାଙ୍କୁ ହାଇ ଜମ୍ପ, ଲଙ୍ଗ୍ ଜମ୍ପ, ଦୌଡ ଓ ସନ୍ତରଣ ତାଲିମ ଦିଆଯାଉଥିଲା। ପ୍ରତି ଶନିବାର ଓ ରବିବାର ମହାନଦୀରେ ସନ୍ତରଣ ତାଲିମ ଦିଆଯାଇଥାଏ। ସେଥିପାଇଁ ରବିବାର ସକାଳେ ଜଣେ କୋଚ୍‌ଙ୍କ ସହ ୫୦ ପିଲା ସନ୍ତରଣ ତାଲିମ ପାଇଁ ମହାନଦୀକୁ ଆସିଥିଲୁ। ପହଁରିବାବେଳେ ଲାଇଫ୍ ଜ୍ୟାକେଟ୍ ବଦଳରେ ପ୍ଲାଷ୍ଟିକ୍ ଜାର୍‌କିନ୍ ଦିଆଯାଇଥିଲା। ସୋହେଲ ମାସେ ହେବ ସମ୍ପୂର୍ଣ୍ଣ ପହଁରା ଶିଖି ସାରିଥିଲେ। ସେଥିପାଇଁ କୋଚ ତାଙ୍କୁ ଅନ୍ୟ ସାଥୀ ପିଲାଙ୍କୁ ପହଁରା ଶିଖେଇବାକୁ କହୁଥିଲେ। ତେଣୁ ସେ ପ୍ରତିଥର ପରି ରବିବାର ମଧ୍ୟ ଦୁଇ ଜଣ ପିଲାଙ୍କୁ ପହଁରା ଶିଖାଉଥିଲେ। ସେମାନେ ପହଁରି ପହଁରି ମହାନଦୀର ମଝିରେ ଥିବା ଏକ ବାଲି ଟାପୁକୁ ଯାଇଥିଲେ। ସେଠାରୁ କୂଳକୁ ଫେରିବାବେଳେ ସୋହେଲ୍ ହଠାତ୍ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କ ଚିତ୍କାର ଶୁଣିଥିଲେ ମଧ୍ୟ ଲାଇଫ୍ ଜ୍ୟାକେଟ୍ କିମ୍ବା ଅନ୍ୟ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ପାଣିକୁ ଯାଇପାରି ନ ଥିଲୁ। ତୁରନ୍ତ ପୋଲିସ ଓ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲୁ। ଅଗ୍ନିଶମ କର୍ମଚାରୀଙ୍କ ବୋଟ ଇଞ୍ଜିନ ଷ୍ଟାର୍ଟ ହେବାରେ ବିଳମ୍ବ କାରଣରୁ ସୋହେଲ୍‌ଙ୍କୁ ଉଦ୍ଧାର କରିବାରେ ବିଳମ୍ବ ଘଟିଲା ବୋଲି ୱାସିମ୍ କହିଛନ୍ତି। ସୋହେଲଙ୍କ ପିଉସୀ ଉସ୍ମା ବିବି କହିଛନ୍ତି, ଗୋଟେ ପଟେ ତାଲିମ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ଅନ୍ୟପଟେ ପ୍ରଶାସନର ଅବ୍ୟବସ୍ଥା ପାଇଁ ଏଭଳି ଅଘଟଣ ଘଟିଲା। ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା କହିଛନ୍ତି, ଯେଉଁଠି ଅଧିକ ପାଣି ଥିବ ସେଠି ଇଞ୍ଜିନ ଚାଲିବ ନଚେତ ନାହିଁ। ଯେହେତୁ ସେଠି ଅଧିକ ପାଣି ନ ଥିଲା ସେଥିପାଇଁ ଇଞ୍ଜିନ ଷ୍ଟାର୍ଟ ହେଲାନି। ତେଣୁ ଆମେ ପାୱାର ବୋଟ୍‌ରେ ଆହୁଲା ମାରି ଖୋଜିବାକୁ ଉଦ୍ୟମ କରିଥିଲୁ। ଅଗ୍ନିଶମ କର୍ମଚାରୀଙ୍କ ପାଖରେ ଅମ୍ଳଜାନ ସିଲିଣ୍ଡର ଥିଲା। କିନ୍ତୁ ଯେତେବେଳେ ସେମାନେ ପାଣି ଭିତରକୁ ଗଲେ ସେତେବେଳେ ମାସ୍କରେ ଲିକେଜ୍ ଥିଲା। ପାଣିରେ ବୁଡିଲାବେଳେ ଏହାକୁ ଚେକ୍ କରାଯାଏ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସୋହେଲ୍ ଜଗତପୁର ଅଞ୍ଚଳର ଏକ କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ।

### ପ୍ରିଭେସି ସୁରକ୍ଷା ...

ସିକ୍ୟୁରିଟି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ଆଇଟି ବିଭାଗ କମିଶନର ସେକ୍ରେଟାରି ପ୍ରେରଣା ପୁରୀ ସୂଚନା ଦେଇଛନ୍ତି। ହରିୟାଣାର 'ପରିବାର ପେହଚାନ୍ ପତ୍ର' ଭଳି ଏହା କାର୍ଯ୍ୟ କରିବ। ଏହି କାର୍ଡ ପାଇବା ପରେ କୌଣସି ପରିବାର ବା ବ୍ୟକ୍ତିଙ୍କୁ ପ୍ରତି ଯୋଜନାର ସୁବିଧା ହାସଲ ଲାଗି ଆଉ ଆବେଦନ କରିବାକୁ ପଡ଼ିବ ନାହିଁ। ଡେଟାବେସ୍ ଥରେ ଯାଞ୍ଚ ହୋଇଗଲେ କୌଣସି ସେବା ପାଇବାକୁ ଜଣେ ହିତାଧିକାରୀ ଅନ୍ୟ କୌଣସି ଦସ୍ତାବିଜ ଦାଖଲ କରିବା ଅନାବଶ୍ୟକ ବୋଲି ପ୍ରେରଣା କହିଛନ୍ତି।

କଂଗ୍ରେସ, ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଏହି ପଦକ୍ଷେପକୁ ବିରୋଧ କରିଛନ୍ତି। କଂଗ୍ରେସର ମୁଖ୍ୟ ମୁଖପାତ୍ର ତଥା ପୂର୍ବତନ ବିଧାୟକ ରବୀନ୍ଦ୍ର ଶର୍ମା ସରକାରଙ୍କ ଉଦ୍ଦେଶ୍ୟ ଏବଂ ସାଇବର ଆକ୍ରମଣରୁ ଏଭଳି ଡିଜିଟାଲ ଡେଟାବେସ୍‌କୁ ସୁରକ୍ଷା ଦେବା ପାଇଁ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାର ସବୁ ବିଷୟରେ ମୁଣ୍ଡ ପୂରାଇ ଦେଖିବାକୁ କାହିଁକି ଚାହୁଁଛନ୍ତି। ଆଧାର ଜରିଆରେ ସେମାନେ ପର୍ଯ୍ୟାପ୍ତ ଡେଟା ରଖି ପ୍ରତ୍ୟକ୍ଷ ବ୍ୟାଙ୍କ ହସ୍ତାନ୍ତର (ଡିବିଟି) ମୋଡ୍‌ରେ ସୁବିଧାଗୁଡ଼ିକ ଯୋଗାଉଛନ୍ତି। ଚାଇନା ପକ୍ଷରୁ କରାଯାଉଥିବା ସାଇବର ଆକ୍ରମଣ ଏବଂ ଏମ୍‌ସ ସର୍ଭରରେ ରାନ୍‌ସମ୍‌ୱେର ଆଟାକ୍ ଭଳି ସ୍ଥିତି ଉପୁଜିଲେ ଲୋକଙ୍କ ବ୍ୟକ୍ତିଗତ ଡେଟାକୁ ସୁରକ୍ଷା ଦେବା ବଡ଼ ଚ୍ୟାଲେଞ୍ଜ ହୋଇଯିବ ବୋଲି ରବୀନ୍ଦ୍ର କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଦଳ ଏନ୍‌ସିର ପ୍ରାଦେଶିକ ଅଧ୍ୟକ୍ଷ ରତନଲାଲ ଗୁପ୍ତା ଏହି କସରତକୁ 'ସମ୍ବଳର ଅଣଉତ୍ପାଦନଶୀଳ ବ୍ୟବହାର' ବୋଲି ଅଭିହିତ କରିଛନ୍ତି। ରତନଲାଲ କହିଛନ୍ତି, ଆଧାର ମାଧ୍ୟମରେ ସରକାର ସମସ୍ତ ନାଗରିକଙ୍କ ତଥ୍ୟ ସଂଗ୍ରହ କରି ରଖିଛନ୍ତି। ତେଣୁ ଆଉ ଗୋଟିଏ ଡେଟାବେସ୍ ପ୍ରସ୍ତୁତ କରିବା ଫଳପ୍ରଦ ହୋଇ ନ ପାରେ। ଲୋକେ ମୌଳିକ ସୁବିଧା ପାଉ ନ ଥିବାବେଳେ ପ୍ରଶାସନ କର୍ମଚାରୀମାନଙ୍କୁ ତଥ୍ୟ ସଂଗ୍ରହରେ ବ୍ୟସ୍ତ କରିଦେଇଛି। ସେହିପରି ଏହି ତଥ୍ୟାବଳୀ ଜରିଆରେ ସରକାର କାହାକୁ ଚିହ୍ନଟ କରିବାକୁ ଚାହୁଁଛନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ନେତୃତ୍ୱାଧୀନ ପିଡିପି ପ୍ରଶ୍ନ କରିଛି। ଜମ୍ମୁ-କଶ୍ମୀରରେ ଅନେକ ସମସ୍ୟା ରହିଛି, ଯାହାକୁ ସରକାର ଅଣଦେଖା କରୁଛନ୍ତି। ଏବେ ସରକାର ଏହି ଡେଟାବେସ୍ ଜରିଆରେ କେଉଁମାନଙ୍କୁ ଚିହ୍ନଟ କରିବାକୁ ଚାହୁଁଛନ୍ତି ବୋଲି ପିଡିପି ନେତା ବୀରେନ୍ଦ୍ର ସିଂ ସୋନୁ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଭାଜପା ଏହାକୁ ସ୍ୱାଗତ କରିବା ସହ କହିଛି ଯେ, ବିଭିନ୍ନ ଯୋଜନାର ସୁବିଧା ଏବଂ ପ୍ରମାଣପତ୍ର ପାଇବା ପାଇଁ ଯେଉଁମାନଙ୍କୁ ଧାଡ଼ିରେ ଛିଡ଼ା ହେବାକୁ ପଡୁଛି, ଡେଟାବେସ୍ ଥରେ ପ୍ରସ୍ତୁତ ହୋଇଗଲେ ସେମାନେ ଉପକୃତ ହେବେ। ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ନ ଥିବା ଅନେକ ପରିବାର ୨୦୧୧ ଜନଗଣନାରେ ସାମିଲ ହୋଇଥିବା ଦର୍ଶାଇ ଏହାକୁ ତ୍ରୁଟିପୂର୍ଣ୍ଣ କହି ଅଭିଯୋଗ ଆଣୁଥିବା ଲୋକଙ୍କ ପାଇଁ ଏହା ବିଶେଷ ସହାୟକ ହେବ ବୋଲି ଭାଜପା ଯୁକ୍ତି ବାଢ଼ିଛି। ହରିୟାଣାରେ ପୂର୍ବରୁ ଏପରି ଫାମିଲି ଡେଟାବେସ୍ ପ୍ରଚଳିତ ଥିବାରୁ ଚିନ୍ତା କରିବାର କାରଣ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

ବରିଷ୍ଠ ପୋଲିସ ଅଧୀକ୍ଷକ (ସୁରକ୍ଷା) ଏମ୍.ୱାଇ. କିଚ୍‌ଲୁ କହିଛନ୍ତି, ଡେଟାକୁ ଡିଜିଟାଲି ଷ୍ଟୋରେଜ କରାଗଲେ ସାଇବର ଆକ୍ରମଣ ହୋଇପାରେ। ଦେଶରେ ଲୋକଙ୍କ ପ୍ରିଭେସି ଉଲ୍ଲଂଘନ ନେଇ ଯେଉଁସବୁ ଅସୁବିଧା ଉପୁଜୁଛି ଆମେ ଜମ୍ମୁ-କଶ୍ମୀରରେ ମଧ୍ୟ ସମାନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବୁ। ସରକାରଙ୍କ ପକ୍ଷରୁ ଯେତେବେଳେ କୌଣସି ତଥ୍ୟାବଳୀ ପ୍ରସ୍ତୁତ କରାଯାଏ, ବିଶେଷଜ୍ଞମାନଙ୍କ ଦ୍ୱାରା ତାହାର ଆଇଟି ଅଡିଟ୍ କରାଯାଇଥାଏ। ଯେତେଦୂର ଡେଟା ପ୍ରୋଟେକ୍ସନ କଥା ଉଠୁଛି ଜମ୍ମୁ-କଶ୍ମୀର ସରକାର ସୂଚନା ପ୍ରଯୁକ୍ତି (ଆଇଟି) ଆଇନର ଧାରା ୭୦ ବଳରେ ଖୁବ୍‌ଶୀଘ୍ର ଏକ ବିଜ୍ଞପ୍ତି ଜାରି କରିବାକୁ ଯାଉଛନ୍ତି। ସରକାରୀ ଅଫିସ୍ ଏବଂ ସରକାରୀ ଉଦ୍ୟୋଗଗୁଡ଼ିକର ସୂଚନା ବ୍ୟବସ୍ଥା ସୁରକ୍ଷିତ ବୋଲି ଏହାଦ୍ୱାରା ଘୋଷଣା କରାଯାଇପାରିବ। କୌଣସି ସମୟରେ ତଥ୍ୟ ଲିକ୍ ହେଲେ ପ୍ରଘଟକାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡ ଦିଆଯିବ। ବର୍ତ୍ତମାନ ଜମ୍ମୁ ଜିଲା ପ୍ରଶାସନ ଘର ଘର ବୁଲି ଏକ ସାମାଜିକ-ଅର୍ଥନୈତିକ ସର୍ବେକ୍ଷଣ ଚଳାଇଛି। ଦିଲ୍ଲୀଭିତ୍ତିକ ଏକ କନ୍‌ସଲଟାନ୍ସି ଫାର୍ମ ସହାୟତା ନେଇ ପ୍ରାୟ ୯,୦୦୦ ପରିବାରର ସର୍ଭେ କରାଯାଇଥିବା କିଚ୍‌ଲୁ ପ୍ରକାଶ କରିଛନ୍ତି।

### ସଙ୍କଟରେ ପ୍ରାଣୀ ...

ବାସୁଦେବପୁରରେ ୧୯ କେନ୍ଦ୍ରରୁ ୧୦ ପଦବୀ ଖାଲିପଡ଼ିଛି। ୭ ବ୍ଲକରୁ ଭଣ୍ଡାରିପୋଖରୀରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ପଦବୀ ଖାଲିପଡ଼ିଥିବାବେଳେ ଭଦ୍ରକ, ବାସୁଦେବପୁର, ଭଣ୍ଡାରିପୋଖରୀ ଓ ବନ୍ତ ଏହି ୪ ବ୍ଲକରେ ଆଡିଶନାଲ ଭିଏଏସ୍ ନାହାନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତି ବ୍ଲକ ପାଇଁ ପ୍ରଚଳନ କରାଯାଇଥିବା ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ିରେ ୭ ଭିଏସ୍ ପଦବୀରୁ ୩ଟି ଫାଙ୍କା ପଡ଼ିଛି। ୨୦୧୯ ପ୍ରାଣୀ ଗଣନା ଅନୁସାରେ ଜିଲାରେ ୩,୫୬,୧୩୮ ଦେଶୀ ଗୋରୁ, ୪୨,୪୧୨ ଜର୍ସି, ୩,୪୮୯ ମଇଁଷି, ୮୪୨ ମେଣ୍ଢା, ୧,୧୩,୫୯୧ ଛେଳି, ୨୭୦ ଘୁଷୁରି, ୭୦ ହଜାର ବ୍ୟବସାୟିକ ଅଣ୍ଡା ଦିଆ କୁକୁଡ଼ା, ୩,୪୨,୫୦୦ ଘରୋଇ ଅଣ୍ଡାଦିଆ କୁକୁଡ଼ା ଓ ୨୧୭୦ ବତକ ଅଛନ୍ତି। ଏହାବ୍ୟତୀତ ବିଭିନ୍ନ କୁକୁଡ଼ା ଫାର୍ମରେ ୬,୮୫,୦୦୦ କୁକୁଡ଼ା ରହିଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଗାଈ ଥିବା ୧୨ଟି ଡାଏରି ଫାର୍ମ ଅଛି। ପ୍ରାଣୀ ସଂଖ୍ୟା ତୁଳନାରେ ଚିକିତ୍ସା ସେବା ଯୋଗାଇବା ପାଇଁ ଆବଶ୍ୟକ ନିଯୁକ୍ତି ନାହିଁ। ଅପରପକ୍ଷେ ପ୍ରାଣୀ ନିରୀକ୍ଷକଙ୍କ ସଂଖ୍ୟା କେନ୍ଦ୍ର ତୁଳନାରେ କମ୍ ଥିବାରୁ ଚିକିତ୍ସା ଯୋଗାଇବାକୁ ଜଣେ ନିରୀକ୍ଷକଙ୍କୁ ୨ରୁ ଅଧିକ କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏପଟେ ଚିକିତ୍ସା ସେବା ବାଧାପ୍ରାପ୍ତ ହେଉଥିବାବେଳେ ନିରୀକ୍ଷକମାନଙ୍କୁ କାଳିଆ ଯୋଜନାରେ ନୋଡାଲ ଅଫିସର ଦାୟିତ୍ୱ ଓ କୋଭିଡ୍ ସେଣ୍ଟରରେ ନିଯୁକ୍ତ ରହିବା ପରି ଆନୁଷଙ୍ଗିକ ଦାୟିତ୍ୱ ରାଜ୍ୟ ସରକାର ପ୍ରଦାନ କରୁଛନ୍ତି। ଫଳରେ ପ୍ରାଣୀ ଚିକିତ୍ସା ବ୍ୟାହତ ହେବା ସହ ନିରୀକ୍ଷକମାନେ ଆକ୍ରୋଶର ଶିକାର ହେବା ଘଟଣା ନଜର ରହିଛି। ଏ ସମ୍ପର୍କରେ ଭଦ୍ରକ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭେନ୍ଦୁ କୁମାର ମିଶ୍ର ଚିକିତ୍ସା ଓ ଟିକାକରଣ କ୍ଷେତ୍ରରେ ଆବଶ୍ୟକ ଚିକିତ୍ସକ ଏବଂ ନିରୀକ୍ଷକ ନ ଥିବାରୁ ତାଳ ଦେଇ ଚାଲିବା କଷ୍ଟକର ହେଉଛି ବୋଲି କହିଛନ୍ତି।

ନୟାଗଡ଼ ଜିଲାରେ ୨୦୧୯ ଗଣନା ଅନୁସାରେ ୨ ଲକ୍ଷ ୧୦ ହଜାର ୯୨ ଗୋରୁ ଅଛନ୍ତି। ଏଥିରୁ ବଳଦ ୭୯,୭୬୩ ଥିବାବେଳେ ୧, ୩୦,୩୨୯ ଗାଈ ଅଛନ୍ତି। ମୋଟ ଗାଈ ମଧ୍ୟରୁ ୫,୨୮୯ ଜର୍ସି ଗାଈ ଓ ୧ ଲକ୍ଷ ୨୫ ହଜାର ୪୦ ଦେଶୀ ଗାଈ ଅଛନ୍ତି। ସେହିପରି ୧୨,୩୬୩ ମଇଁଷି, ୩୫,୦୨୫ ମେଣ୍ଢା, ୧,୦୩,୩୪୧ ଛେଳି ଅଛନ୍ତି। ଅନ୍ୟପକ୍ଷେ ଜିଲାରେ ୩୨ ପ୍ରାଣୀ ଚିକିତ୍ସକ(ଭିଏସ୍) ପଦବୀ ଥିବାବେଳେ ୫ଟି ପଦବୀ ଖାଲି ରହିଛି। ୧୫ଟି ପ୍ରାଣୀ ଚିକିତ୍ସାଳୟ ଓ ଜିଲା ସଦର ମହକୁମାରେ ଗୋଟିଏ ପ୍ରାଣୀ ଚିକିତ୍ସାକେନ୍ଦ୍ର ରହିଛି। ଅପରପକ୍ଷେ ଜିଲାର ୮ ବ୍ଲକରେ ୬୮ଟି ପ୍ରାଣୀଧନ ନିରୀକ୍ଷକ ସେଣ୍ଟର ଥିବାବେଳେ ୧୦ ସ୍ଥାନରେ ପ୍ରାଣୀଧନ ନିରୀକ୍ଷକ ନାହାନ୍ତି। ଏନେଇ ନୟାଗଡ଼ର ରାମଚନ୍ଦ୍ର ବେହେରା ନାମକ ଗୋପାଳକ କୁହନ୍ତି, ଦେଶୀ ଗାଈ ସଂଖ୍ୟା କମି ଚାଲିଛି। ଗାଁରେ ଆଉ ଗାଈ ଗୋଠ ଦେଖିବାକୁ ମିଳୁନି। ପ୍ରୋତ୍ସାହନ ଅଭାବରୁ ଲୋକମାନେ ଗୋପାଳନକୁ ଗୁରୁତ୍ୱ ଦେଉ ନାହାନ୍ତି। ଗୁପ୍ତପଲ୍ଲୀ ଗାଁର ଡାଏରି ଫାର୍ମ ମାଲିକ ବେଣୁଧର ନାୟକ କୁହନ୍ତି, ଗାଈଙ୍କୁ ରୋଗ ହେଲେ ପ୍ରାଣୀଧନ ନିରୀକ୍ଷକ ଆସି ସେବା ଯୋଗାଉଛନ୍ତି। କିନ୍ତୁ ସରକାରଙ୍କ ତରଫରୁ କିଛି ସହାୟତା ମିଳୁନାହିଁ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଏସ୍.ଏନ୍. ମିଶ୍ର କୁହନ୍ତି, ଖାଲି ସ୍ଥାନଗୁଡ଼ିକ ପୂରଣ ହୋଇଛି। ନିଯୁକ୍ତି ପାଇଥିବା କର୍ମଚାରୀ ତାଲିମରେ ଅଛନ୍ତି। ତାଲିମ ଶେଷ ପରେ କାର୍ଯ୍ୟରେ ଯୋଗଦେବେ। ନିକଟସ୍ଥ ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟ ଚଳାଉଛନ୍ତି।

ସେହିପରି ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲାରେ ୭୦%ରୁ ଅଧିକ ଲୋକ ପାରମ୍ପରିକ ଚାଷ, ଗୋପାଳନ, ମାଛ ଚାଷ, କୁକୁଡ଼ା ପାଳନ କରି ଜୀବିକା ନିର୍ବାହ କରିଥାନ୍ତି। ଜିଲାର ୭ ବ୍ଲକ ମଧ୍ୟରୁ ୫ବ୍ଲକ ପାହାଡ ପର୍ବତ ଘେରା ଅଞ୍ଚଳ। ତଥାପି ଲୋକଙ୍କୁ ରୋଜଗାରର ପନ୍ଥା ଯୋଗାଇବା ପାଇଁ ଦକ୍ଷତା ବିକାଶର ତାଲିମ ଦେଇ ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଆଦି ପାଳନ ନିମନ୍ତେ ପ୍ରୋତ୍ସାହନ ଯୋଗାଯାଉଛି। ଜିଲାରେ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ୫୨ଟି ରହିଥିବାବେଳେ ୪୨ଜଣ ଚିକିତ୍ସକ ରହିଛନ୍ତି। ୨୦୧୯ ଗଣନା ଅନୁଯାୟୀ ଜିଲାରେ ୧,୬୫,୨୦୮ ଗାଈ, ୯୦୯୮ ମେଣ୍ଢା, ୧,୩୮,୬୬୨ ଛେଳି, ୬୬୮୮ ଘୁଷୁରି ଏବଂ ୩,୫୪,୫୩୦ କୁକୁଡ଼ା ପାଳନ କରାଯାଉଛି। ସରକାରୀ ସ୍ତରରେ ଅନେକ ଯୋଜନା ଏବଂ ଜନମଙ୍ଗଳ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା କୁହାଯାଉଛି। କିନ୍ତୁ ତୃଣମୂଳସ୍ତରରେ ବାସ୍ତବ ଚିତ୍ର କିଛି ଅଲଗା ରହିଛି, ଯାହା ଦେଖିବାକୁ ମିଳିଛି ଗୁମ୍ମା ବ୍ଲକରେ କେତେଜଣ ଦୁଗ୍ଧଚାଷୀ ଓ କୁକୁଡ଼ା ଫାର୍ମ ମାଲିକଙ୍କ ନିକଟରେ। ଗୁମ୍ମା ବ୍ଲକର କୁର୍ଲୁଣ୍ଡା ଗ୍ରାମର ଦୁଗ୍ଧଚାଷୀ ସାନ ପଟ୍ଟନାୟକ ନିଜେ ସ୍ୱାବଲମ୍ବୀ ହେବାପାଇଁ ବ୍ୟାଙ୍କରୁ ଋଣ ନେଇ ଶଙ୍କର ପ୍ରଜାତିର ଗାଈ ପାଳନ କରି ବଜାରକୁ କ୍ଷୀର ବିକ୍ରି କରିବା ସହ ଓମ୍‌ଫେଡ୍‌କୁ ମଧ୍ୟ କ୍ଷୀର ଯୋଗାଉଥିଲେ। ହେଲେ ହଠାତ୍ ଗାଈଗୁଡ଼ିକ ରୋଗଗ୍ରସ୍ତ ହୋଇଗଲେ। ସେମାନଙ୍କୁ ଚିକିତ୍ସା ଯୋଗାଇବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ଫଳ ଶୂନ। ଶେଷରେ ଗୋଟିଏ ପରେ ଗୋଟିଏ ୩ଟି ଗାଈର ମୃତ୍ୟୁ ଘଟିଥିଲା। ଶେଷରେ ଋଣ ପରିଶୋଧ ପାଇଁ ନାନା ହଟହଟା ହୋଇ ବ୍ୟବସାୟ ଛାଡିବାକୁ ବାଧ୍ୟ ହେଲେ। ସେମାନଙ୍କ ଅଭିଯୋଗ ହେଲା ଗ୍ରାମାଞ୍ଚଳରେ ଲୋକଙ୍କ ଆର୍ଥିକ ବିକାଶ କରିବା ପାଇଁ ପ୍ରାଣୀ ପାଳନକୁ ପ୍ରୋତ୍ସାହନ ଦିଆଯାଉଛି ସତ, କିନ୍ତୁ ବାର୍ଡଫ୍ଲୁ ଓ ଗାଈଙ୍କୁ ରୋଗ ହେଲେ ଚିକିତ୍ସକଙ୍କ ଦେଖାମିଳୁନି କି ଚିକିତ୍ସା ପାଇଁ କୌଣସି ଭାକ୍ସିନ ମିଳି ପାରୁନାହିଁ। ଫଳରେ ଲୋକେ ପ୍ରାଣୀସମ୍ପଦ ହରାଇ ସର୍ବସ୍ୱାନ୍ତ ହେଉଛନ୍ତି।

### ଗୁଜରାଟର ୪୦ ବିଧାୟକଙ୍କ ନାଁରେ ...

୧୭ ବିଧାୟକଙ୍କ ମଧ୍ୟରୁ ୯ (୫୩%) ଏବଂ ଏଏପିର ୫ ବିଧାୟକଙ୍କ ମଧ୍ୟରୁ ୨ (୪୦%) ସେମାନଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ଘୋଷଣା କରିଥିଲେ। ୨ ସ୍ୱାଧୀନ ବିଧାୟକ ଏବଂ ଏକମାତ୍ର ଏସ୍‌ପି ବିଧାୟକ ମଧ୍ୟ ନାମାଙ୍କନ ପତ୍ର ଦାଖଲ ବେଳେ ଆପରାଧିକ ମାମଲା କଥା ଉଲ୍ଲେଖ କରିଥିଲେ। ୨୦୧୭ ନିର୍ବାଚନରେ ଜିତିଥିବା ୪୭ ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଥିବାବେଳେ ଏଥର ତାହା ହ୍ରାସ ପାଇଛି। ଏଥର ହତ୍ୟା ଉଦ୍ୟମ ମାମଲା ୩ ଜଣ ବିଧାୟକ ଘୋଷଣା କରିଥିଲେ। ସେମାନେ ହେଲେ ବାଂଶଡ଼ା କଂଗ୍ରେସ ବିଧାୟକ ଅନନ୍ତ ପଟେଲ, ପାଟନ କଂଗ୍ରେସ ବିଧାୟକ କିରୀଟ ପଟେଲ ଏବଂ ଉନା ଭାଜପା ବିଧାୟକ କାଲୁଭାଇ ରାଠୋଡ୍। ସେହିପରି ଭାଜପା ବିଧାୟକ ଜେଠା ଭରୱାଦଙ୍କ ବିରୋଧରେ ବଳାତ୍କାର ମାମଲା ରହିଥିବାବେଳେ କଂଗ୍ରେସ ବିଧାୟକ ଜିଗ୍ନେଶ ମେଭାନି, ଭାଜପା ବିଧାୟକ ଜନକ ତାଲବ୍ୟ ଏବଂ ଏଏପି ବିଧାୟକ ଚାଇତର ବାସବଙ୍କ ବିରୋଧରେ ଆଇପିସିର ଧାରା ୩୫୪ ଲାଗିଛି।

ଏଡିଆର୍ ଅଧ୍ୟୟନ ଅନୁଯାୟୀ ମୋଟ ବିଧାୟକର ୮୩ ପ୍ରତିଶତ (୧୫୧ ଜଣ) କୋଟିପତି ନୁହେଁ ବିଲିଅନେୟାର। ସେମାନଙ୍କ ମଧ୍ୟରେ ଭାଜପାର ୧୩୨ ବିଧାୟକ ଥିବାବେଳ କଂଗ୍ରେସର ୧୪, ସ୍ୱାଧୀନରୁ ୩ , ଏଏପି ଏବଂ ଏସ୍‌ପିରୁ ଜଣେ ଲେଖାଏ ବିଧାୟକ ଅଛନ୍ତି। ଏମାନେ ନିଜର ସମ୍ପତ୍ତି ପରିମାଣ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ସମ୍ପତ୍ତି ତାଲିକାରେ ଦର୍ଶାଇଛନ୍ତି। ଜିତିଥିବା ପ୍ରାର୍ଥୀମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୧୬.୪୧ କୋଟି ଟଙ୍କା। ସେଥିରୁ ୧୫୬ ଭାଜପା ବିଧାୟକଙ୍କ ହାରାହାରି ସମ୍ପତ୍ତି ୧୭.୧୫ କୋଟି ହୋଇଥିବାବେଳେ ୧୭ କଂଗ୍ରେସ ବିଜୟୀ ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ପରିମାଣ ୫.୫୧ କୋଟି ଟଙ୍କା ଏବଂ ୫ ଏଏପି ବିଜୟୀ ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୯୮.୭୦ ଲକ୍ଷ ଟଙ୍କା ବୋଲି ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି। ଏକମାତ୍ର ଏସ୍‌ପି ବିଧାୟକଙ୍କ ସମ୍ପତ୍ତି ପରିମାଣ ୨୦.୯୪ କୋଟି ଟଙ୍କା ହୋଇଥିବାବେଳେ ୩ ସ୍ୱାଧୀନ ବିଧାୟକଙ୍କ ସମ୍ପତ୍ତି ୬୩.୯୪ କୋଟି ଟଙ୍କା।

ଭାଜପା ବିଧାୟକ ମୋହନଭାଇ କୋକଣିଙ୍କ ସମ୍ପତ୍ତି ସର୍ବନିମ୍ନ ୧୮,୫୬,୫୯୦ ଟଙ୍କା ହୋଇଥିବାବେଳେ ମନସାର ଭାଜପା ବିଧାୟକ ଜେ.ଏସ୍. ପଟେଲଙ୍କ ସମ୍ପତ୍ତି ପରିମାଣ ୬୬୧ କୋଟି ଓ ଋଣ ପରିମାଣ ୨୩୩ କୋଟି ଟଙ୍କା ବୋଲି ସେ ସତ୍ୟପାଠରେ ଦର୍ଶାଇଛନ୍ତି। ସେହିପରି ଭାଜପାର ବଳବନ୍ତ ସିଂ ରାଜପୁତ୍‌ଙ୍କ ଆୟ ପରିମାଣ ସର୍ବାଧିକ ୩୭୨ କୋଟି ଟଙ୍କା ଆଇଟିଆର୍ ଘୋଷଣାନାମାରୁ ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ମାନେକ ପବୁଭାଙ୍କ ଆୟ ୧୧୫ କୋଟି ହୋଇଥିବାବେଳେ କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ସ୍ତ୍ରୀ ରିବାବା ଜାଡେଜାଙ୍କ ଆୟ ୯୭ କୋଟି ଟଙ୍କା ବୋଲି ସେ ଘୋଷଣା କରିଛନ୍ତି।

### ପଦମ୍‌ପୁର ସୃଷ୍ଟି କଲା ...

ଦେଢ଼ବର୍ଷ ଅଛି। ସବୁ ରାଜନୈତିକ ଦଳ ଏବେଠାରୁ ସଂଖ୍ୟା ବି କହିବା ଆରମ୍ଭ କରିଦେଲେଣି। ଏହା ବାସ୍ତବରେ ତାଙ୍କୁ ବୁଝାପଡୁନାହିଁ। ଆଜିକାଲି ଜନମତ କେତେବେଳେ ମଧ୍ୟ ସ୍ଥିର ନୁହେଁ। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାଠାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ଆଗୁଆ ନିର୍ବାଚନ ହୋଇନାହିଁ। କେବଳ ଥରେ କେନ୍ଦ୍ରରେ ଭାଜପା ସରକାର ଥିଲାବେଳେ ସେମାନେ ଆଗୁଆ ନିର୍ବାଚନ(୨୦୦୪ରେ) ଘୋଷଣା କରିବାରୁ ଓଡ଼ିଶାରେ ଆଗୁଆ ହୋଇଥିଲା। ଯେଉଁମାନେ ଆଗୁଆ ନିର୍ବାଚନ କଥା କହୁଛନ୍ତି ସେମାନେ ବୋଧହୁଏ ଦିଲ୍ଲୀରୁ ସେହି ଗନ୍ଧ ପାଉଥିବେ। ନଚେତ୍ ପଦ୍ମପୁରରେ ଭାଜପାର ପରାଜୟ ପରେ କାଳେ ସେମାନଙ୍କ କର୍ମ ମହଲ ନିଷ୍କ୍ରିୟ ବା ହତୋତ୍ସାହିତ ହୋଇଯିବେ ତାଙ୍କୁ ସକ୍ରିୟ ରଖିବାର ଏହା ଏକ ଉପାୟ ହୋଇଥାଇପାରେ ବୋଲି ଆଚାର୍ଯ୍ୟ କହିଛନ୍ତି। ବିଜେଡିର ବରିଷ୍ଠ ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ରାଜ୍ୟ ସଂକ୍ରାନ୍ତରେ ଜଣେ ଦାୟିତ୍ୱବାନ କେନ୍ଦ୍ରମନ୍ତ୍ରୀ ଏଭଳି କହିବା କେତେ ଯୁକ୍ତିଯୁକ୍ତ ତାହା ସବୁଠାରୁ ବଡ ପ୍ରଶ୍ନବାଚୀ। ସେ କେନ୍ଦ୍ର ସଂକ୍ରାନ୍ତରେ ଏହି କଥା କହିଥିଲେ ଭିନ୍ନ ଥିଲା। ତେଣୁ ଏହି ମନ୍ତବ୍ୟ ସେ କେଉଁ ଆଧାରରେ ଦେଲେ ସେକଥା ମଧ୍ୟ ବୁଝାପଡୁନି। ୨୦୦୪ରେ ଗୋଟିଏ ଥର ଲାଗି କେନ୍ଦ୍ରର ଘୋଷଣା ଅନୁଯାୟୀ ରାଜ୍ୟରେ ବର୍ଷକ ପୂର୍ବରୁ ନିର୍ବାଚନ ହୋଇଥିଲା ବୋଲି ସେ କହିଛନ୍ତି।

ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ଯିଏ ତଥ୍ୟ ଦିଏ ସେ ଉତ୍ସ ବତାଏ। ଶୁଣିକି କହିଥିବା କଥାର ମଧ୍ୟ ଏକ ଉତ୍ସ(ସୋର୍ସ) ଥାଏ। ତଥ୍ୟ ଦେଇ ଉତ୍ସ ନ ବତାଇବାର ଅର୍ଥ ଏହା ଭିତରେ ଅନେକ ରହସ୍ୟ ଥିବାଭଳି ମନେ ହେଉଛି। ତେଣୁ ତଥ୍ୟକୁ ପ୍ରକାଶ କରି ଲୋକମାନଙ୍କ ଭିତରେ ସୃଷ୍ଟି କରାଇଥିବା ସନ୍ଦେହକୁ ଦୂର କରାନ୍ତୁ ବୋଲି ସାହୁ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଆଗୁଆ ନିର୍ବାଚନ ହେବା ନେଇ ଆସିଥିବା ମନ୍ତବ୍ୟରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି କି ନିର୍ବାଚନ କମିଶନ କେନ୍ଦ୍ର ସରକାରଙ୍କ ହାତରେ ଅଛନ୍ତି ବୋଲି ନରସିଂହ କହିଛନ୍ତି। ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ସେମିତି ଜମା ବି ହେବ ନାହିଁ, ଆଗୁଆ ନିର୍ବାଚନ ହେବାର ପ୍ରଶ୍ନ ଉଠୁନାହିଁ। ଆଗକୁ ୯ଟା ରାଜ୍ୟରେ ଯେଉଁ ନିର୍ବାଚନ ହେବାର ଅଛି ତାକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ଗୋଟେ ଜୁମ୍‌ଲା ଦେଖାଇଛନ୍ତି। ରାମମନ୍ଦିର ନ ହେବା ଯାଏ ସେମାନେ ନିର୍ବାଚନ କରିବେ ନାହିଁ। ଯଦି ରାଜ୍ୟ ସରକାର ଆଗୁଆ ନିର୍ବାଚନ କରାନ୍ତି ତେବେ ସେମାନେ ରାଜ୍ୟପାଳଙ୍କ ଦ୍ୱାରା ଶାସନ କରାଇ ଯାହା ଆବଶ୍ୟକ ସରକାର କରିବା ପାଇଁ ସବୁକିଛି କରିବେ ବୋଲି ସାଲୁଜା କହିଛନ୍ତି।

**ତଥ୍ୟ ଲୁଚାଇବାକୁ ବନବିଭାଗର ଷଡ଼ଯନ୍ତ୍ର**

# ୧୨ବର୍ଷରେ ପୋଡ଼ିଲାଣି ୧୯ ମୃତ ହାତୀ

## ଶିମିଳିପାଳ ଅଭୟାରଣ୍ୟ: ବିପଦରେ ଗଜରାଜ

**ବାରିପଦା ଅଫିସ, ୧୧।୧୨**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଏବେ ଗଜରାଜଙ୍କ ଲାଗି ବିପଦ ସାଜିଛି। ଶିକାରୀମାନେ ଅବାଧରେ ପଶି ହାତୀ ଶିକାର କରୁଥିବା ବେଳେ ବନ ବିଭାଗ ସେମାନଙ୍କୁ ଧରିବା ପରିବର୍ତ୍ତେ ନିଜର ଅପାରଗତାକୁ ଲୁଚାଇବାକୁ ପ୍ରୟାସ ଚଳାଇଛି। ଏପରି କି ମୃତ ହାତୀଗୁଡ଼ିକୁ ପୋଡ଼ି ତଥ୍ୟ ଲୁଚାଉଛି। ଏଭଳି ୧୨ବର୍ଷମଧ୍ୟରେ ବନବିଭାଗ ୧୯ଟିମୃତହାତୀକୁ ପୋଡ଼ି ସାରିଲାଣି। ହାତୀ ମୃତ୍ୟୁ ଘଟଣାରେ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉନାହିଁ। କେବଳ ବନବିଭାଗର ଉପରିସ୍ଥ ଅଧିକାରୀ ସମ୍ପୃକ୍ତ ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରି କାମ ସାରିଦେଉଛନ୍ତି। ଫଳରେ କିଛି ଦିନ ବ୍ୟବଧାନରେ ଶିକାରୀମାନେ ପୁଣି ଅଭୟାରଣ୍ୟରେ ପଶି ହାତୀ ଶିକାର କରୁଛନ୍ତି। ୧୫ଦିନ ପୂର୍ବେ ହାତୀ ମୃତ୍ୟୁର ତଥ୍ୟ ଲୁଚାଇବା ପାଇଁ ବନକର୍ମଚାରୀମାନେ ମୃତଶରୀରକୁ ପୋଡି ଦେବା ଓ ପରେ ଅବଶିଷ୍ଟ ଦେହାବଶେଷକୁ ନଦୀରେ ଭସାଇ ଦେବା ନେଇ ସ୍ଥାନୀୟ ଗ୍ରାମବାସୀ ଦେଖିବା ପରେ ଏହି ଘଟଣା ପଦାକୁ ଆସିଛି। ଏହି ଘଟଣାରେ ସମ୍ପୃକ୍ତ ରେଞ୍ଜ ଦାୟିତ୍ୱରେ ଥିବା ଫରେଷ୍ଟର ଶିବଶଙ୍କର ସାମଲ, ଫରେଷ୍ଟର ଚନ୍ଦ୍ରଭାନୁ ବେହେରା ଓ ଫରେଷ୍ଟଗାର୍ଡ ବିନୋଦ କୁମାର ଦାସଙ୍କୁ ନିଲମ୍ବନ କରାଯାଇଛି। ତଦନ୍ତ ସରିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି।

ଏସିଆର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟରେ ହାତୀ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଶିକାରୀଙ୍କ ଦ୍ୱାରା ଦନ୍ତା ହାତୀ ଶିକାର ଓ କର୍ମଚାରୀଙ୍କ ଅବହେଳା ଯୋଗୁ ହାତୀ ମୃତ୍ୟୁ ଘଟଣା ରାଜ୍ୟବାସୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରୁଛି। ଦିନରାତି ପାଟ୍ରୋଲିଂ କରୁଥିବା ବିଭାଗୀୟ ଅଧିକାରୀମାନେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଘଟଣା ପ୍ରଘଟ ହେବା ପରେ ପ୍ରାଣୀପ୍ରେମୀମାନେ ଚକିତ ହୋଇପଡିଛନ୍ତି। ଉଲ୍ଲେଖଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଅଧୀନ ଜେନାବିଲ ରେଞ୍ଜ ଗୁରାଣ୍ଡିଆ ସେକ୍ସନ ଅଞ୍ଚଳରେ ୧୫ଦିନ ତଳେ ଏକ ଦନ୍ତାହାତୀକୁ ଶିକାର କରାଯାଇଥିଲା। ଶିକାରୀମାନେ ଦାନ୍ତ କାଟି ନେବା ପରେ ବିଭାଗୀୟ କର୍ମଚାରୀମାନେ ଦୋଷ ଲୁଚାଇବା ପାଇଁ ମୃତଦେହକୁ ପୋଡି ଦେଇଥିଲେ। ଅବଶିଷ୍ଟ ଦେହାବଶେଷକୁ ନିକଟସ୍ଥ ନଦୀରେ ଭସାଇ ଦେବା ବେଳେ ସ୍ଥାନୀୟ ଗ୍ରାମବାସୀ ଦେଖି ଶିମିଳିପାଳ ଅଭୟାରଣ୍ୟ ଉପନିର୍ଦ୍ଦେଶକଙ୍କୁ ଜଣାଇଥିଲେ। ବନବିଭାଗର ୫୦ଜଣ ଅଧିକାରୀ ଘଟଣାସ୍ଥଳକୁ ଯାଇ ପୋଡାଯାଇଥିବା ସ୍ଥାନକୁ ଚିହ୍ନଟ କରିବା ସହ ନଦୀରୁ କିଛି ହାଡ ମଧ୍ୟ ଜବତ କରିଥିଲେ। ହାଡକୁ ବିଶେଷଜ୍ଞଙ୍କ ଦ୍ୱାରା ଅନୁଧ୍ୟାନ ପାଇଁ ଭୁବନେଶ୍ୱରସ୍ଥିତ ଓୟୁଏଟିକୁ ପଠାଯାଇଛି। ତେବେ ଏଭଳି ଘଟଣାକୁ ନେଇ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ୨୦୧୦ ମେ'ରେ ୧୦ଟି ହାତୀକୁ ପୋଡ଼ି ଫିଙ୍ଗି ଦିଆଯାଇଥିଲା। ଏହି ଘଟଣାରେ ଜଣେ ଫରେଷ୍ଟର ଓ ୨ଜଣ ଗାର୍ଡଙ୍କୁ ନିଲମ୍ବନ କରାଯାଇଥିଲା। ସେହିପରି ୨୦୧୨ରେ ୮ଟି ହାତୀକୁ ପୋଡ଼ି ଗାତଖୋଳି ପୋତି ଦେବା ଘଟଣାରେ ଜଣେ ଫରେଷ୍ଟର ଓ ଜଣେ ଗାର୍ଡଙ୍କୁ ନିଲମ୍ବିତ କରାଯାଇଥିଲା। ଉକ୍ତ ଘଟଣାରେ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ(ପିସିସିଏଫ୍) ତଦନ୍ତରେ ଆସି ରେଞ୍ଜରଙ୍କୁ ନିଲମ୍ବିତ କରିଥିଲେ। ତେବେ ଦୁଇଟି ଘଟଣାରେ ବିଭାଗ ପକ୍ଷରୁ ସଂଗ୍ରହ କରାଯାଇଥିବା ନମୁନାର ରିପୋର୍ଟ ଓ ଆପରାଧିକ କାର୍ଯ୍ୟ ପାଇଁ ନିଆଯିବାକୁ ଥିବା କାର୍ଯ୍ୟାନୁଷ୍ଠାନ ଶୀତଳଭଣ୍ଡାରରେ ପଡିରହିଛି। ଏହି ଘଟଣା ମଧ୍ୟ ତଦନ୍ତରେ ସୀମିତ ରହିଯିବ। ତେବେ ଦିନରାତି ବନ୍ୟଜନ୍ତୁ ସୁରକ୍ଷା ଦାୟିତ୍ୱରେ ରହୁଥିବା କର୍ମଚାରୀମାନେ ଶିକାରୀଙ୍କ ସହ ମିଳିମିଶି କାର୍ଯ୍ୟ କରୁଛନ୍ତି ନା ଶିକାରୀମାନେ ଅଧିକାରୀଙ୍କୁ ନେଇ ଏଭଳି କାଣ୍ଡ ଭିଆଉଛନ୍ତି ତାହା ସନ୍ଦେହଘେରରେ ରହିଛି। ଉଚ୍ଚପଦସ୍ଥ ବିଭାଗୀୟ କର୍ମଚାରୀମାନେ କଡ଼ା କାର୍ଯାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡିଛନ୍ତି। ହାତୀ ମୃତଦେହକୁ ବ୍ୟବଚ୍ଛେଦ ନ କରି ଅପରାଧକୁ ଲୁଚାଇବା ପାଇଁ ପ୍ରୟାସ କରୁଥିବା କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ କର୍ମଚାରୀଙ୍କ ଦ୍ୱାରା ଅଭୟାରଣ୍ୟ ହାତୀଶୂନ୍ୟ ହେବ ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ସଂଯୁକ୍ତ ବସା କହିଛନ୍ତି।






## ବିଏମ୍‌ସି କମିଶନରଙ୍କ ବିରୋଧରେ ଏତଲା

### ମହାନଗର ନିଗମ, ଭାଜପା ବିବାଦ ବଢ଼ୁଛି

**ବ୍ରହ୍ମପୁର ଅଫିସ,୧୧।୧୨**

ସହରରେ ମଶା ପ୍ରାଦୁର୍ଭାବକୁ ନେଇ ଗତ ୭ ତାରିଖରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟ ପରିସରରେ ଭାଜପା କର୍ମୀ ଓ କମିଶନର ମୁହାଁମୁହିଁ ହୋଇଥିଲେ। ଶନିବାର ବିଏମ୍‌ସି କାର୍ଯ୍ୟାଳୟର କର୍ମଚାରୀଙ୍କ ପକ୍ଷରୁ ଭାଜପା ବରିଷ୍ଠ ନେତା କାହ୍ନୁ ଚରଣ ପତିଙ୍କ ସମେତ ଆଉ କେତେକ କର୍ମକର୍ତ୍ତା ଓ କର୍ମୀଙ୍କ ବିରୋଧରେ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ରବିବାର ଭାଜପା ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ବିଏମ୍‌ସି କମିଶନର ଜେ. ସୋନାଲ ଓ ଅନ୍ୟ ୩ କର୍ମଚାରୀଙ୍କ ବିରୋଧରେ ଗଞ୍ଜାମ ଜିଲା ଭାଜପା ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି। ବିଏମ୍‌ସି କମିଶନର ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଯାହାକୁ ନେଇ ଭାଜପା ଏବଂ ନିଗମ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି।

ମହାନଗରରେ ମଶା ଉପଦ୍ରବ ଅଣାୟତ୍ତ ହୋଇଯାଇଛି। ପ୍ରତିକାର ଦିଗରେ ନିଗମ ପଦକ୍ଷେପ ନେବା ଦାବି ନେଇ ଗତ ୭ ତାରିଖରେ ଭାଜପା ନେତା ଓ କର୍ମୀମାନେ ନିଗମ ଅଫିସ ଯାଇଥିଲେ। ସ୍ମାରକପତ୍ର ଦେବା ପାଇଁ କମିଶନରଙ୍କ ଚ୍ୟାମ୍ବରରେ ପଶିଥିଲେ। ବହୁ ସଂଖ୍ୟକ କର୍ମୀଙ୍କୁ ଦେଖି କମିଶନର ବିଗିଡ଼ି ଯାଇଥିଲେ। ସେ ସମସ୍ତଙ୍କୁ ଗେଟ ଆଉଟ କହବା ସହ କେତେକ କଟୁ ମନ୍ତବ୍ୟ ଦେଇଥିବା ଭାଜପା ନେତା ଓ କର୍ମୀ ଅଭିଯୋଗ କରିଥିଲେ। ଏହା ପ୍ରତିବାଦରେ କମିଶନରଙ୍କ ଚ୍ୟାମ୍ବର ଆଗରେ ଧାରଣା ଦିଆଯାଇଥିଲା। ମେୟର ସଂଘମିତ୍ରା ଦଳେଇଙ୍କ ସମେତ କେତେକ ବିଜେଡି କର୍ପୋରେଟର ସେଠାରେ ପହଞ୍ଚିଥିଲେ। କମିଶନରଙ୍କ ଦୁର୍ବ୍ୟବହାର ପାଇଁ ମେୟର କ୍ଷମା ମାଗିବା ସହ ସହରରେ ନିୟମିତ ମଶାମରା ଧୂଆଁ ଛଡ଼ାଯିବ ବୋଲି ପ୍ରତିଶ୍ରୁତି ଦେବାରେ ସ୍ଥିତି ସ୍ୱାଭାବିକ ହୋଇଥିଲା। କମିଶନରଙ୍କ କର୍ମଚାରୀଙ୍କ ପକ୍ଷରୁ ଏତଲା ପରେ ଭାଜପା ପାଲଟା ଏତଲା ଦେଇଛି। ଜିଲା ଭାଜପା ଉପସଭାପତି ରାମ କୁମାର ପାତ୍ର ରବିବାର ଏଫଆଇଆର ଦାଖଲ କରିଛନ୍ତି। ଭାଜପା ନେତା କାହ୍ନୁ ପତି ପ୍ରତିକ୍ରିୟାରେ କହିଛନ୍ତି, କମିଶନରଙ୍କ ଅହଙ୍କାର ବଢ଼ିଯାଇଛି। ଏହାର ଉପଯୁକ୍ତ ଜବାବ ଦିଆଯିବ। ଆବଶ୍ୟକ ସ୍ଥଳେ ଏହାକୁ ପ୍ରସଙ୍ଗ କରି ମହାନଗରରେ ଭାଜପା ଜୋରଦାର ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।



ଟାଉନ ଥାନା ଅଧିକାରୀଙ୍କୁ ଭାଜପା ପକ୍ଷରୁ ଏତଲା ଦିଆଯାଉଛି।




ଗ୍ରେଡ୍ ପେ' ୨୮୦୦ ଟଙ୍କାକୁ ବୃଦ୍ଧି, ଓଡିଆର୍ ରୁଲ୍ ୧୯୮୩କୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଆଦି ବିଭିନ୍ନ ଦାବି ନେଇ ରାଜ୍ୟ ଅମିନ ସଂଘ ପକ୍ଷରୁ ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। (ଫଟୋ- ମୌସମ)

## ଯୁବକଙ୍କୁ ହତ୍ୟା: ଭିଣୋଇ ସହ ୨ଗିରଫ

**ଦେବଗଡ଼,୧୧।୧୨(ଡି.ଏନ୍.ଏ.)**

ଦେବଗଡ଼ ଥାନା ଉରୁଣିଆମୁଣ୍ଡା ଗ୍ରାମରେ ଜଣେ ଯୁବକଙ୍କୁ ଆକ୍ରମଣ ସହ ଇଟାରେ ଛେଚି ହତ୍ୟା କରାଯାଇଛି। ଏହି ଘଟଣାରେ ରବିବାର ପୋଲିସ ମୃତ ଯୁବକଙ୍କ ଭିଣୋଇ ସିଙ୍ଗରାଇ ମୁଣ୍ଡା (୩୦) ଓ ଅନ୍ୟ ଜଣେ ସହଯୋଗୀ କାଇରା ଲୁହୁରା (୩୫)ଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଉରୁଣିଆମୁଣ୍ଡା ଗ୍ରାମର ରମେଶ ମୁଣ୍ଡାଙ୍କ ଭଉଣୀ ଜେମାଙ୍କୁ ଉକ୍ତ ଗ୍ରାମରେ ରହୁଥିବା ସିଙ୍ଗରାଇ ପ୍ରାୟ ତିନି ବର୍ଷ ପୂର୍ବେ ବିବାହ କରିଥିଲେ। ସେମାନଙ୍କର ଏକ ଶିଶୁ ପୁତ୍ର ରହିଛି। ଜେମା ସିଙ୍ଗରାଇଙ୍କୁ ଛାଡି କେଉଁଆଡ଼େ ପଳାଇ ଯାଇଥିବାବେଳେ ଶିଶୁପୁତ୍ର ରମେଶଙ୍କ ଘରେ ରହିଛି। ରମେଶ ଶିଶୁପୁତ୍ରକୁ ନେଇଯିବାକୁ ସିଙ୍ଗରାଇଙ୍କୁ କହିବାରୁ ୩ତାରିଖ ଉଭୟଙ୍କ ମଧ୍ୟରେ କଥା କଟାକଟି ସହ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସିଙ୍ଗରାଇ ଜଣେ ସମ୍ପର୍କୀୟ କାଇରା ଲୁହୁରାଙ୍କ ସହ ମିଶି ରମେଶଙ୍କୁ ଆକ୍ରମଣ କରିଥିଲେ। ଏକ ଇଟାରେ ରମେଶଙ୍କ ମୁଣ୍ଡକୁ ଛେଚିବାରୁ ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ଘଟିଥିଲା। ଉଭୟେ ମୃତଦେହକୁ ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ରମେଶ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ପାଇବାରୁ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା। ଉରୁଣିଆମୁଣ୍ଡା ଜଙ୍ଗଲରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ରବିବାର ସକାଳେ ପୋଲିସ ସୂଚନା ପାଇଥିଲା। ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲା। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରି ୨ଜଣଙ୍କୁ ଗିରଫ କରିଛି।

## ଝାଡ଼ାବାନ୍ତିରେ ଗୋଟିଏ ପରିବାରର ୮ ଆକ୍ରାନ୍ତ

**ବୈପାରିଗୁଡା,୧୧।୧୨ (ଡି.ଏନ୍.ଏ.)**

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତ ପତ୍ରଗୁଡା ଗ୍ରାମରେ ଝାଡାବାନ୍ତି ଦେଖାଦେଇଛି। ଏଥିରେ ଗୋଟିଏ ପରିବାରର ୮ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ୨ଜଣ ଶିଶୁ ରହିଛନ୍ତି। ଅନ୍ୟମାନେ ହେଲେ ବିଶ୍ୱନାଥ ମାଳୀ, ତାଙ୍କ ସ୍ତ୍ରୀ ପାର୍ବତୀ ମାଳୀ (୩୦), ଝିଅ ଜୟନ୍ତୀ ମାଳୀ (୧୪), କଣ୍ଟେଶ୍ୱରୀ ମାଳୀ (୮), ଭିଣୋଇ ତୁଳାରାମ ମାଳୀ (୩୮), ଭଉଣୀ ଭଗବତୀ ମାଳୀ (୩୦), ଜେମା ମାଳୀ (୫) ଓ ଗୋପୀ ମାଳି (୬୦)। ତେବେ ଝାଡ଼ାବାନ୍ତିର କାରଣ ଜଣାପଡିନାହିଁ। ଚିକିତ୍ସାଧୀନ ଆକ୍ରାନ୍ତଙ୍କ ଅବସ୍ଥା ସୁଧୁରୁଥିବା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର କହିଛନ୍ତି।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଆକ୍ରାନ୍ତ ରୋଗୀ।






# ପରିବହନ ନୀତି ପରିବର୍ତ୍ତନ ନ ହେଲେ ଧର୍ମଘଟ

- ଚେତାବନୀ ଦେଲା ରାଜ୍ୟ ଟ୍ରକ୍ ମାଲିକ ମହାସଂଘ
- ଭଡ଼ା ଧାର୍ଯ୍ୟ କରନ୍ତୁ ରାଜ୍ୟ ସରକାର
- ମାସକ ମଧ୍ୟରେ ଆଲୋଚନା କରିବାକୁ ନିବେଦନ
- ପୁରୁଣା ଗାଡ଼ି ୧୫ ବର୍ଷ ବଦଳରେ ୨୦ ବର୍ଷରେ ହଟାଯାଉ

**କଟକ ଅଫିସ,୧୧।୧୨**

ରାଜ୍ୟ ସରକାର ପରିବହନର ନୀତିରେ ପରିବର୍ତ୍ତନ ନ ଆଣିଲେ ଆସନ୍ତା ଜାନୁୟାରୀ ୧୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଟ୍ରକ ଧର୍ମଘଟ ହେବ। ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ମହାସଂଘ ପକ୍ଷରୁ କଟକ ଗଣ୍ଡରପୁରସ୍ଥିତ ମହାସଂଘ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଘୋଷଣା କରାଯାଇଛି।

ମହାସଂଘର ସାଧାରଣ ସମ୍ପାଦକ ରବି ଶତପଥୀଙ୍କ ସୂଚନା ଅନୁଯାୟୀ, ରାଜ୍ୟ ସରକାର ୧୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ପରିବହନ କାର୍ଯ୍ୟରେ ନିୟୋଜିତ ଟ୍ରକ୍‌ଗୁଡ଼ିକର ଭଡ଼ା ଧାର୍ଯ୍ୟ କରୁନାହାନ୍ତି। ମହାସଂଘର ଅନ୍ୟାନ୍ୟ ସମସ୍ୟା ସଂକ୍ରାନ୍ତରେ ପରିବହନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପରିହବନ ସଚିବ ଓ ପରିବହନ କମିଶନରଙ୍କୁ ପୂର୍ବରୁ ଦାବିପତ୍ର ପ୍ରଦାନ କରାଯାଇଛି। ଟ୍ରକ୍ ମାଲିକମାନଙ୍କ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଆଲୋଚନା ପାଇଁ ବହୁଥର ପରିବହନ ସଚିବଙ୍କୁ ଅନୁରୋଧ କରାଯାଇଛି। ସମସ୍ୟା ସଂକ୍ରାନ୍ତରେ ଆଲୋଚନା ନ କରି ସରକାର ହଠାତ୍ ପୁରୁଣା ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବାକୁ ନେଇଥିବା ନିଷ୍ପତ୍ତିକୁ ମହାସଂଘ ବିରୋଧ କରୁଛି। ପୁରୁଣା ଗାଡ଼ିଗୁଡ଼ିକ ବନ୍ଦ କରାଗଲେ ଟ୍ରକ୍ ମାଲିକମାନେ ଅସୁବିଧାର ସମ୍ମୁଖୀନ ହେବ। କୋଭିଡ୍ ଯୋଗୁ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲି ଯାଇଥିବାରୁ ଏଥିପାଇଁ ୨ ବର୍ଷ ସମୟ ଦେବା, ଅନ୍ୟ ରାଜ୍ୟରେ ଏହା ଲାଗୁ ନ ହେବା ଯାଏ ପୁରୁଣା ଗାଡ଼ି ହଟାଇବା ନିଷ୍ପତ୍ତି ସ୍ଥଗିତ ରଖିବା, ନୂଆ ଗାଡ଼ି କିଣାବେଳେ ପୁରୁଣା ଗାଡ଼ିର ଦାମ୍ ବାବଦକୁ ୬% ବଦଳରେ ୨୦ ପ୍ରତିଶତ ଦାମ୍ ଦେବା, ନୂଆଗାଡ଼ି କିଣିଲେ ୨୫% ରୋଡ୍‌ଟ୍ୟାକ୍ସ ୧୦ ବର୍ଷ ପର୍ଯ୍ୟନ୍ତ ଛାଡ଼ କରିବା, ନୂଆଗାଡ଼ି କିଣୁଥିବା ମାଲିକଙ୍କୁ କମ୍ପାନୀମାନେ ୧୦% ରିହାତି ଦେବା ନିମନ୍ତେ ପଦକ୍ଷେପ ନେବା ସହ ପୁରୁଣା ଗାଡ଼ି ୧୫ ବର୍ଷ ପରିବର୍ତ୍ତେ ୨୦ ବର୍ଷରୁ ଊର୍ଦ୍ଧ୍ୱ ରଖିବାକୁ ରାଜ୍ୟ ସରକାରଙ୍କଠାରେ ଦାବି କରାଯାଇଛି। ଏଥିସହ ବଡ଼ ବଡ଼ ପରିବହନ କମ୍ପାନୀଗୁଡିକ ଶିଳ୍ପପତିମାନଙ୍କଠାରୁ ଉଚ୍ଚା ଦରରେ ଭଡ଼ା ଆଦାୟ କରି ଟ୍ରକ୍‌ମାଲିକମାନଙ୍କୁ କମ୍ ଭଡ଼ା ପ୍ରଦାନ କରୁଛନ୍ତି। ଦୀର୍ଘଦିନ ଧରି ଏ ବାବଦରେ ଦାବି କରାଯାଉଥିବା ଏବଂ ବୈଷୟିକ କମିଟି ଭଡ଼ା ଧାର୍ଯ୍ୟ କରିବାକୁ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ ମଧ୍ୟ ସରକାର ଆଇନ ଅନୁଯାୟୀ ଏହା କରୁନାହାନ୍ତି। ଏହାଦ୍ୱାରା ଟ୍ରକ୍ ମାଲିକମାନେ କ୍ଷତିଗ୍ରସ୍ତ ହୋଇ ଅର୍ଥ ଲଗାଣକାରୀ ସଂସ୍ଥା ନିକଟରେ ଋଣ ପଇଠ କରିପାରୁନାହାନ୍ତି। ଫଳରେ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକ ଟ୍ରକ୍ ଜବତ କରୁଛନ୍ତି। ତେଣୁ ମୋଟର ଯାନ ଆଇନର ଧାରା ୬୭ ଅନୁଯାୟୀ ଭଡ଼ା ଧାର୍ଯ୍ୟ କରିବାକୁ ମହାସଂଘ ଦାବି ଜଣାଇଛି।

ମହାସଂଘ କାର୍ଯ୍ୟାଳୟରେ ସଭାପତି ବିଭୂତି ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ଆଲୋଚନା କରାଯାଇ ରାଜ୍ୟ ସରକାର ଏକ ମାସ ମଧ୍ୟରେ ଆଲୋଚନା ନ କଲେ ଧର୍ମଘଟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ମହାସଂଘ ଉପଦେଷ୍ଟା ଶରତ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦିଲ୍ଲିପ କୁମାର ପାଣି, ଉପସଭାପତି ଶିବପ୍ରସାଦ ମିଶ୍ର, ରାଜୀବ ଜେନା, ସୁମନ୍ତ ବିଶ୍ୱାଳ ଓ ପ୍ରମୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମହାସଂଘର ସାଧାରଣ ସମ୍ପାଦକ ରବି ଶତପଥୀଙ୍କ ସହ ଅନ୍ୟମାନେ।




ପ୍ରତି ମୁହୂର୍ତ୍ତରେ ଯାହା ସବୁଠାରୁ ଭଲ ବୋଲି ଜଣାଯାଏ- ତାହା ହିଁ କର ଏବଂ କର୍ମଫଳ ଭଗବାନଙ୍କ ହାତରେ ଛାଡିଦିଅ। ତା' ହେଲେ ଯାଇ ତୁମେ ଶାନ୍ତି, ସୁଖ, ଶକ୍ତି, ଉନ୍ନତି ଓ ପରମପୂର୍ଣ୍ଣତା ଲାଭ କରିବାର ନିଶ୍ଚିତ ବାଟ ପାଇଯିବ। -ଶ୍ରୀମା

# କଂଗ୍ରେସ ପାଇଁ ହିମାଚଳ

ସୁଖ୍‌ବିନ୍ଦର ସିଂ ସୁଖୁ ୧୧ ଡିସେମ୍ବର ୨୦୨୨ରେ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ୬୮ ଆସନ ବିଶିଷ୍ଟ ବିଧାନସଭାରେ କଂଗ୍ରେସ ୪୦ ଆସନ ପାଇଥିବା ବେଳେ ଭାଜପା ୨୫ ସିଟ୍ ପାଇଛି। ଏହି ନିର୍ବାଚନରେ କଂଗ୍ରେସ ଅଧିକ ଆସନ ପାଇବା ପରେ ଆଲୋଚନା ଆରମ୍ଭ ହୋଇଯାଇଥିଲା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ସ୍ତ୍ରୀ ପ୍ରତିଭା ସିଂ ମୁଖ୍ୟମନ୍ତ୍ରୀ ହେବେ। ହେଲେ ବିଧାୟକଙ୍କ ଭିତରେ ଚାପା ଗୁଞ୍ଜରଣ ସୃଷ୍ଟି ହେବା ପରେ ଶେଷ ମୁହୂର୍ତ୍ତରେ ସୁଖୁଙ୍କ ନାମ ବିଧାୟକ ଦଳ ନେତା ଭାବେ ଘୋଷଣା କରାଗଲା। ସୁଖୁଙ୍କ ଅତୀତ ଦେଖିଲେ ସେ ଜଣେ ଡ୍ରାଇଭରଙ୍କ ପୁଅ ଓ ପିଲାବେଳେ କ୍ଷୀର କାଉଣ୍ଟର ଚଳାଉଥିଲେ। ଅର୍ଥାତ୍ ଆର୍ଥିକ ଦୃଷ୍ଟିକୋଣରୁ ସୁଖୁ ଥିଲେ ଅତ୍ୟନ୍ତ ଦୁର୍ବଳ। ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଓ ଆଇନ ବିଦ୍ୟାରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିବା ସୁଖୁ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ। ଦକ୍ଷତା ବଳରେ ସେ ହିମାଚଳ ପ୍ରଦେଶ କଂଗ୍ରେସ ଶାଖାର ୬ ବର୍ଷ ସଭାପତି ମଧ୍ୟ ହୋଇଥିଲେ। ୨୦୨୨ ବିଧାନସଭା ନିର୍ବାଚନକୁ ମିଶାଇ ସେ ୪ ଥର ବିଧାୟକ ହେବାର ଗୌରବ ଅର୍ଜନ କରିଛନ୍ତି। କିନ୍ତୁ ଥରେ ମଧ୍ୟ ମନ୍ତ୍ରୀ ହୋଇ ନ ଥିଲେ। ଏକାଥରକେ ମୁଖ୍ୟମନ୍ତ୍ରୀ ହେବା କେବଳ ତାଙ୍କ ସାଙ୍ଗଠନିକ ଦକ୍ଷତା ଯୋଗୁ ସମ୍ଭବ ହୋଇପାରିଛି ବୋଲି କୁହାଯାଉଛି। ଜଣେ ପାର୍ଟି କର୍ମୀ ଭାବେ ତୃଣମୂଳ ସ୍ତରରୁ କାର୍ଯ୍ୟ କରି ଏବେ ମୁଖ୍ୟମନ୍ତ୍ରୀ ହୋଇପାରି ଥିବାରୁ କଂଗ୍ରେସର ପୁରୁଣା ଧାରାରେ ପରିବର୍ତ୍ତନ ଆସିଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ବୀରଭଦ୍ର ସିଂ ହିମାଚଳ ପ୍ରଦେଶର ୬ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଯେତେବେଳେ ଦଳ ଖରାପ ପ୍ରଦର୍ଶନ କରିଥାଏ, ସେତେବେଳେ ସୁଖୁ ସରକାରୀ ଦଳକୁ ସାମ୍ନା କରିଥାଆନ୍ତି। ବୀରଭଦ୍ର ଏକ ରାଜପରିବାରରୁ ଆସିଥିବାରୁ ପରାଜୟକୁ ସମ୍ମୁଖୀନ ହୋଇ ନ ଥାଆନ୍ତି। ତାଙ୍କ ପ୍ରତି ବହୁ ବିଧାୟକଙ୍କ ଆନୁଗତ୍ୟ ରହିଥିଲା। କଂଗ୍ରେସ ଆନୁଗତ୍ୟ ରାଜନୀତିରେ ବିଶ୍ୱାସ କରେ ବୋଲି ଦଳ ବାହାରୁ ସମାଲୋଚନା ହୋଇଥାଏ। ୨୦୨୧ରେ ବୀରଭଦ୍ରଙ୍କ ପରଲୋକ ହୋଇଥିଲା। ପରେ ପାର୍ଟି ଭିତରେ କିଛିଟା ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ଦଳକୁ ଆଗକୁ ନେବାକୁ ହେଲେ ପ୍ରତିଭାଙ୍କ ବଦଳରେ ସୁଖୁଙ୍କ ଆବଶ୍ୟକତା ଅଧିକ ଜରୁରୀ ବୋଲି ହାଇକମାଣ୍ଡ୍ ବିଚାର କରିବା ପରେ ସେଠାରେ ସାଧାରଣ ପରିବାରରୁ ଆସିଥିବା ବ୍ୟକ୍ତି ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

**ରାଜସ୍ଥାନ ଘଟଣାରୁ ଶିକ୍ଷା ପାଇଥିବା କଂଗ୍ରେସ ବାରମ୍ବାର ଜଣଙ୍କୁ କିମ୍ବା ଗୋଟିଏ ପରିବାରରୁ ମୁଖ୍ୟମନ୍ତ୍ରୀ ଚୟନ କରିବାକୁ ଏବେ ଚାହୁଁ ନ ଥିଲା ଭଳି ମନେହେଉଛି। ଅତୀତର ଭୁଲ୍‌ଗୁଡ଼ିକୁ ସୁଧାରିବା ଲାଗି କଂଗ୍ରେସ ଏବେ ଯେଉଁ ରଣକୌଶଳ ଆପଣାଇଛି, ନିଶ୍ଚିତ ଭାବେ ଆଗାମୀ ଦିନରେ ଦଳ ମଜଭୁତ ହେବାର ସଙ୍କେତ ଦେଉଛି।**

ଜାତୀୟ ଦଳ କଂଗ୍ରେସ ଏବେ ଦୁର୍ବଳ ହୋଇପଡ଼ିଛି। କିନ୍ତୁ ଏହା ଭିତରେ ପ୍ରାଣଶକ୍ତି ରହିଥିବା ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳ ସୂଚାଇଦେଇଛି। ଦେଶର କୋଣ ଅନୁକୋଣରେ ନିଶ୍ଚିତ ଭାବେ କେଉଁଠି ନା କେଉଁଠି କଂଗ୍ରେସକୁ ସମର୍ଥନ କରୁଥିବା ବ୍ୟକ୍ତି ଅଛନ୍ତି। ଯେହେତୁ ସେମାନଙ୍କ ପାଖରେ ନେତାମାନେ ପହଞ୍ଚିପାରୁ ନାହାନ୍ତି ସେହି ଅଭାବବୋଧକୁ ଅନ୍ୟ ଦଳଗୁଡ଼ିକ ପୂରଣ କରୁଛନ୍ତି। ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା' ଅନେକାଂଶରେ ସଫଳତା ପାଇବାରେ ଲାଗିଛି। ଏତିକି ମାତ୍ର ଉଦ୍ୟମରେ କଂଗ୍ରେସ କର୍ମୀଙ୍କ ମନରେ ଉତ୍ସାହ ଜାଗିଛି। ହିମାଚଳ ପ୍ରଦେଶ କଥା ଦେଖିଲେ ସେଠାକୁ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ବ୍ୟତୀତ କଂଗ୍ରେସର ଅନ୍ୟ କୌଣସି ନେତା ପ୍ରଚାର କାର୍ଯ୍ୟରେ ଯାଇ ନ ଥିଲେ। ତଥାପି ସଫଳତା ମିଳିଲା। ଏହି ସଫଳତା ପଛରେ ସୁଖୁଙ୍କ ସମେତ ରାଜ୍ୟର ଦଳୀୟ କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମ ରହିଛି। ଏଥିସହିତ ସୁଖୁଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ଦ୍ୱାରା କଂଗ୍ରେସ ଦଳ ଭିତରେ ଏକ ସକାରାତ୍ମକ ତରଙ୍ଗ ସୃଷ୍ଟି ହୋଇପାରିଛି। ଏଠାରେ ଏହା ବାରମ୍ବାର ଉଲ୍ଲେଖ କରାଯିବାର କାରଣ ହେଲା, ୨୦୧୮ରେ ରାଜସ୍ଥାନରେ କଂଗ୍ରେସ ଅଧିକ ଆସନ ପାଇବା ପରେ ଅଶୋକ ଗେହଲଟ ଓ ସଚିନ ପାଇଲଟଙ୍କ ଗୋଷ୍ଠୀ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ ଟଣାଓଟରା ହୋଇଥିଲା। ହାଇକମାଣ୍ଡ୍‌ଙ୍କ ନିଷ୍ପତ୍ତି ଅନୁଯାୟୀ ଗେହଲଟ ମୁଖ୍ୟମନ୍ତ୍ରୀ ହୋଇଥିଲେ। ପାଇଲଟଙ୍କ ବିଷୟରେ ଧାରଣା ସୃଷ୍ଟି ହୋଇଥିଲା ଯେ, ଯୁବ ବିଧାୟକମାନେ ତାଙ୍କ ସହିତ ଅଛନ୍ତି। ପରବର୍ତ୍ତୀ ସମୟରେ ପାଇଲଟ ବିଦ୍ରୋହ କରିଥିଲେ। ଗଣମାଧ୍ୟମରେ ଚିତ୍ରଣ କରାଗଲା ଯେ, ତାଙ୍କ ସମର୍ଥକ କଂଗ୍ରେସ ବିଧାୟକମାନେ ଦଳ ଛାଡ଼ି ଭାଜପାରେ ମିଶିବେ ଏବଂ ରାଜସ୍ଥାନରେ ନୂଆ ସରକାର ଗଠନ ହେବ। ପାଇଲଟ ବିଫଳ ହେଲେ। କାରଣ ଯଥେଷ୍ଟ ସଂଖ୍ୟକ ବିଧାୟକ, ସବୁ ପ୍ରକାରର ଚକୋଲେଟ ସତ୍ତ୍ୱେ, ତାଙ୍କ ସହିତ ଭାଜପାକୁ ଯାଇ ନ ଥିଲେ। ରାଜସ୍ଥାନ ଘଟଣାରୁ ଶିକ୍ଷା ପାଇଥିବା କଂଗ୍ରେସ ବାରମ୍ବାର ଜଣଙ୍କୁ କିମ୍ବା ଗୋଟିଏ ପରିବାରରୁ ମୁଖ୍ୟମନ୍ତ୍ରୀ ଚୟନ କରିବାକୁ ଏବେ ଚାହୁଁ ନ ଥିଲା ଭଳି ମନେହେଉଛି। ଅତୀତର ଭୁଲ୍‌ଗୁଡ଼ିକୁ ସୁଧାରିବା ଲାଗି କଂଗ୍ରେସ ଏବେ ଯେଉଁ ରଣକୌଶଳ ଆପଣାଇଛି, ନିଶ୍ଚିତ ଭାବେ ଆଗାମୀ ଦିନରେ ଦଳ ମଜଭୁତ ହେବାର ସଙ୍କେତ ଦେଉଛି। ଏହା ମଧ୍ୟ କୁହାଯାଉଛି ଯେ ହିମାଚଳ ପ୍ରଦେଶରେ ଭାଜପା ଶାସନରେ ଲୋକେ ଅତିଷ୍ଠ ହେବାରୁ ତାହାକୁ ପରିବର୍ତ୍ତନ କରିବାକୁ ଯାଇ କଂଗ୍ରେସକୁ ଭୋଟ ଦେଇଛନ୍ତି। ଅତଏବ ସୁଖୁଙ୍କ ସରକାର ସେଠାରେ ଲୋକଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରିପାରିଲେ କଂଗ୍ରେସ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇପାରନ୍ତା।



# ଭବିଷ୍ୟତ ବଂଶଧର କଥା ଭାବିବା ଉଚିତ

ଡ. ସନ୍ତୋଷ କୁମାର ମହାପାତ୍ର

ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨' ଭୁବନେଶ୍ୱର ଜନତା ମଇଦାନରେ ନଭେମ୍ବର ୩୦ରୁ ଆରମ୍ଭ ହୋଇ ଡିସେମ୍ବର ୪ରେ ଶେଷ ହୋଇଛି। ଏହାର ପୂର୍ବ ଦୁଇଟି ସମ୍ମିଳନୀ ୨୦୧୬ ଏବଂ ୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀ ପୂର୍ବରୁ ଓଡ଼ିଶା ସରକାର ଅହମଦାବାଦ, ବେଙ୍ଗାଲୁରୁ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ, ଜାମସେଦପୁର, ଲକ୍ଷ୍ନୌ ଏବଂ ମୁମ୍ବାଇ ତଥା ଦୁବାଇରେ ନିବେଶକମାନଙ୍କ ସମ୍ମିଳନୀ କରିଛନ୍ତି ଏବଂ ନିବେଶ କରିବାର ବିଭିନ୍ନ ପ୍ରତିଶ୍ରୁତି ହାସଲ କରିଛନ୍ତି। ରାଜ୍ୟ ସରକାରଙ୍କ କହିବା ଅନୁଯାୟୀ ଏହି କନ୍‌କ୍ଲେଭର ୨୨ଟି ଭିନ୍ନ ଭିନ୍ନ କ୍ଷେତ୍ରର ୭୪୧ଟି ପ୍ରକଳ୍ପ ମାଧ୍ୟମରେ ମୋଟ ୧୦,୪୮,୮୦୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି, ଯେଉଁଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୦,୩୭,୭୦୧ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି।

କିନ୍ତୁ ବିରୋଧୀ ଦଳମାନଙ୍କ ତରଫରୁ କୁହାଯାଉଛି ଯେ, ଏହି ଶିଳ୍ପ ମହାକୁମ୍ଭ କେବଳ ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ କାର୍ଯ୍ୟ ଏବଂ ବଡ଼ ବଡ଼ ଶିଳ୍ପପତିଙ୍କୁ ଆଣି ରାଜ୍ୟ ସରକାର ନିଜର ପ୍ରଶଂସା ସାଉଁଟୁଛନ୍ତି। ଏଯାଏ ରାଜ୍ୟକୁ ପୂର୍ବ ପ୍ରସ୍ତାବିତ ନିବେଶରୁ ବହୁତ କମ୍ ଟଙ୍କାର ପୁଞ୍ଜି ଆସିଛି ଓ କମ୍ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। କିନ୍ତୁ ଓଡ଼ିଶା ସରକରଙ୍କ ତରଫରୁ କୁହାଯାଇଛି ଯେ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୬ ସଂସ୍କରଣରେ ୮୪ଟି ପ୍ରକଳ୍ପରେ ୨ ଲକ୍ଷ ୨୦ ହଜାର କୋଟି ଟଙ୍କାର ଏବଂ ୨୦୧୮ରେ ୨୦୨ଟି ପ୍ରକଳ୍ପରେ ୪ ଲକ୍ଷ ୨ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିଲା। ଏଥିମଧ୍ୟରୁ ଯଥାକ୍ରମେ ୫୮ ଏବଂ ୧୦୮ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିଲା। ଏହି ୨ଟି ସଂସ୍କରଣରେ ଘୋଷଣା ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରୁ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ହାର ଯଥାକ୍ରମେ ୪୨% ଏବଂ ୩୩% ରହିଛି। ଜାତୀୟସ୍ତରରେ କାର୍ଯ୍ୟକାରୀ କରିବାର ହାର ୧୮%ରୁ ୨୦% ରହିଥିବାବେଳେ ଓଡ଼ିଶାରେ ଏହା ଦୁଇଗୁଣରୁ ଅଧିକ ରହିଛି। ଆମ ମତରେ ଶିଳ୍ପପତି, ପୁଞ୍ଜିପତି ଏବଂ ବ୍ୟବସାୟୀମାନେ ପୂର୍ବ ନିବେଶକମାନଙ୍କ ସମ୍ମିଳନୀରେ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା କେତେ ପୂରଣ କରିଛନ୍ତି, କେତେ ନିଯୁକ୍ତି ସୃଷ୍ଟି କରିଛନ୍ତି, ବିଶେଷକରି ସ୍ଥାନୀୟ ଓଡ଼ିଆ ଲୋକ କେତେ ନିଯୁକ୍ତି ପାଇଛନ୍ତି, ସେ ବିଷୟରେ ଏକ ଶ୍ୱେତପତ୍ର ସରକାର ପ୍ରକାଶ କଲେ ସମସ୍ତଙ୍କ ସନ୍ଦେହ ଦୂର ହୁଅନ୍ତା।

ଯଦିଓ ଅନ୍ୟ କ୍ଷେତ୍ରରେ ନିବେଶ ଆସୁଛି, ମୋଟ ନିବେଶ ପ୍ରସ୍ତାବ ମଧ୍ୟରୁ କେବଳ ଖଣି, ଧାତବ ଓ ଆନୁଷଙ୍ଗିକ କ୍ଷେତ୍ରରେ ୧୪୫ଟି ପ୍ରସ୍ତାବ ମାଧ୍ୟମରେ ୫,୪୯,୭୭୪ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। କିନ୍ତୁ ଶିଳ୍ପ କହିଲେ କେବଳ ଖଣିଜଭିତ୍ତିକ ଶିଳ୍ପକୁ ବୁଝାଏନି। ଖଣିଜ ସମ୍ପଦ ଅସରନ୍ତି ନୁହେଁ। ଯେପରି ଭାବେ ଖଣିଜଭିତ୍ତିକ ଶିଳ୍ପ ଗଢ଼ିଉଠୁଛି ଏବଂ ନିବେଶ ପାଇଁ ତତ୍ପରତା ପ୍ରକାଶ ପାଇଛି, ତାହା କାର୍ଯ୍ୟକାରୀ ହେଲେ ଖଣିଜ ସମ୍ପଦ ୨୦ ରୁ ୨୫ ବର୍ଷରେ ସବୁ ସରିଯିବ। ତାହା ପରେ ଭବିଷ୍ୟତ ବଂଶଧର କରିବେ କ'ଣ ? ଆମକୁ କ୍ଷମା ଦେବେ ତ ? ଏଣୁ ପ୍ରାକୃତିକ ଏବଂ ଖଣିଜ ସମ୍ପଦର ଉପଯୁକ୍ତ, ସର୍ବୋତ୍ତମ ବ୍ୟବହାର ହେବା ଉଚିତ। କେବଳ ବୃହତ୍ ଶିଳ୍ପକୁ ପ୍ରାଧାନ୍ୟ ନ ଦେଇ ଛୋଟ ଛୋଟ ଶିଳ୍ପକୁ ଗୁରୁତ୍ୱ ଦେବା ଉଚିତ। ଅଣ-ଖଣିଜ ଶିଳ୍ପ ଉପରେ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉଚିତ। ଯଦିଓ ଖଣିଜଭିତ୍ତିକ ଶିଳ୍ପକୁ ଛାଡି ମଧ୍ୟ ଅନ୍ୟ କ୍ଷେତ୍ରରେ ନିବେଶ ଆସୁଛି, ତଥାପି କ୍ଷୁଦ୍ରଶିଳ୍ପ, କୁଟୀରଶିଳ୍ପ, ହସ୍ତଶିଳ୍ପ, କୃଷି ଉତ୍ପାଦ ଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ବୟନ ଶିଳ୍ପ, ଦୁଗ୍ଧର ଶିଳ୍ପ ,ଚିନି ଶିଳ୍ପ, ତେଲର ଶିଳ୍ପ, କଫିର ଶିଳ୍ପ, ଚମଡ଼ାଦ୍ରବ୍ୟର ଶିଳ୍ପ, ଇଲେକ୍ଟ୍ରୋନିକ୍ସ, ସାମୁଦ୍ରିକ ଉତ୍ପାଦଭିତ୍ତିକ ଶିଳ୍ପକୁ ବେଶି ପ୍ରାଧାନ୍ୟ ଦେବା ଉଚିତ। ପୁନଶ୍ଚ ଘରୋଇ ସଂସ୍ଥାମାନେ ତାଙ୍କ ସ୍ୱାର୍ଥ ସାଧନ ହେଲାପରି ନିବେଶ କରୁଛନ୍ତି। ନିଯୁକ୍ତି ଆଶାନୁରୂପ ଭାବେ ସୃଷ୍ଟି ହେଉନାହିଁ। ଏଣୁ ନିଯୁକ୍ତିକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। ବିଶେଷକରି ସ୍ଥାନୀୟ ଲୋକଙ୍କୁ ଅଧିକ ନିଯୁକ୍ତି ଦେବା ଆବଶ୍ୟକ। ଏପରି ବିନିଯୋଗ କରାଯିବା ଉଚିତ ଯାହା କୃଷିକୁ ଉତ୍ସାହିତ କରିବ ଏବଂ ଆମର କୃଷି ଅର୍ଥନୀତିର ବିକାଶ କରିବ।



ବାସ୍ତବରେ କୌଣସି ଦେଶର ବା ରାଜ୍ୟର ଆର୍ଥିକ ଅଭିବୃଦ୍ଧି କହିଲେ କୃଷି, ଶିଳ୍ପ ଏବଂ ସେବା କ୍ଷେତ୍ରର ଅଭିବୃଦ୍ଧି ଉପରେ ନିର୍ଭର କରେ। କିଛି ଦେଶ ଅତ୍ୟନ୍ତ ଉନ୍ନତ ଓ ସମୃଦ୍ଧିଶାଳୀ ହେବାର ପ୍ରମୁଖ କାରଣ ହେଲା ଶିଳ୍ପ କ୍ଷେତ୍ରରେ ଦ୍ରୁତ ବିକାଶ ଘଟିବା। କିନ୍ତୁ ଶିଳ୍ପାୟନ ବା ଶିଳ୍ପ କ୍ଷେତ୍ରର ବିକାଶ ପାଇଁ ପୁଞ୍ଜିନିବେଶ ବା ଇନ୍‌ଭେଷ୍ଟମେଣ୍ଟ ଆବଶ୍ୟକ। କିନ୍ତୁ ଆମର ନବ୍ୟ-ଉଦାରୀକରଣ ପ୍ରକ୍ରିୟା କାର୍ଯ୍ୟକାରୀ ହେବା ପରେ କେନ୍ଦ୍ର ସରକାର ଘରୋଇକରଣ ପ୍ରକ୍ରିୟାକୁ ପ୍ରାଧାନ୍ୟ ଦେଉଛନ୍ତି ଓ କର୍ପୋରେଟ ଟିକସ ହ୍ରାସ କରୁଛନ୍ତି। କମ୍ପାନୀଗୁଡ଼ିକୁ ସୁହାଇଲା ପରି ନୀତି ଅବଲମ୍ବନ କରୁଛନ୍ତି। କମ୍ପାନୀଗୁଡ଼ିକ ତାଙ୍କ ସାର୍ଥ ପାଇଁ ସରକାରଙ୍କ ନୀତି ପ୍ରଣୟନରେ ହସ୍ତକ୍ଷେପ କରୁଛନ୍ତି, ତାହା ଦ୍ୱାରା ସମ୍ବଳର ଉତ୍ସ, ମାଲିକାନା ବୃହତ ଘରୋଇ ସଂସ୍ଥା ହାତକୁ ଚାଲି ଯାଉଛି। ସରକାରଙ୍କ ନିକଟରେ ନିବେଶ ପାଇଁ ସମ୍ବଳର ଅଭାବ ଦେଖାଦେଉଛି। ଅପରପକ୍ଷରେ ଘରୋଇ ସଂସ୍ଥାଗୁଡ଼ିକ ବହୁତ କମ୍ ଟିକସ ଦେବା, ଶ୍ରମ ଶକ୍ତିର କମ୍ ବ୍ୟବହାର ସାଙ୍ଗକୁ ବୈଷୟିକ ଜ୍ଞାନକୌଶଳର ବହୁଳ ବ୍ୟବହାର କରିବା, ବହୁତ କମ୍ ସୁଧରେ ବ୍ୟାଙ୍କରୁ ଋଣ ପ୍ରାପ୍ତ ହେବା ଏବଂ ନିଜ କମ୍ପାନୀର ଅଂଶଧନ ଷ୍ଟକ୍ ବଜାରରେ ବିକ୍ରି କରି ପୁଞ୍ଜି ଉଠାଇବା ଯୋଗୁ ତାଙ୍କ ନିକଟରେ ପୁଞ୍ଜି ନିବେଶ ପାଇଁ ଅଧିକ ସମ୍ବଳ ଉପଲବ୍ଧ ହେଉଛି।

ଏଣୁ ବର୍ତ୍ତମାନ ସରକାରଙ୍କ ନିକଟରେ ଆବଶ୍ୟକ ସମ୍ବଳ ନ ଥିବାରୁ ଘରୋଇ ନିବେଶ ତଥା ଘରୋଇ ଉଦ୍ୟୋଗର ଗୁରୁତ୍ୱ ବୃଦ୍ଧି ପାଇଛି। ଏହି ପରିବେଶରେ ରାଜ୍ୟ ସରକାରଙ୍କ ଘରୋଇ ନିବେଶକଙ୍କୁ ନିମନ୍ତ୍ରଣ କରିବାର ଉଦ୍ୟମ ପ୍ରଶଂସନୀୟ। କିନ୍ତୁ ବିଭିନ୍ନ ଉପାୟରେ ଘରୋଇ ସଂସ୍ଥା ବା କମ୍ପାନୀଗୁଡ଼ିକୁ ଆକର୍ଷିତ କରିବାକୁ ରିହାତି ଦେବାର ଯେଉଁ ପ୍ରତିଯୋଗିତା ଦେଖାଦେଇଛି ତାହା ଠିକ୍ ନୁହେଁ। ଟିକସ ହ୍ରାସ, କମ୍ ମୂଲ୍ୟରେ ବିଦ୍ୟୁତ୍, ଖଣିଜ ସମ୍ପଦ ଯୋଗାଇ ଦେବା ଅନୁଚିତ। ସବୁ ରାଜ୍ୟରେ ଏକ ନିର୍ଦ୍ଦିଷ୍ଟ ନୀତି ରହିବା ଉଚିତ। ନଚେତ ରାଜ୍ୟଗୁଡ଼ିକ ମଧ୍ୟରେ ନିବେଶ ପାଇଁ ଅନୈତିକ ପ୍ରତିଯୋଗିତା ବୃଦ୍ଧି ପାଇବ। ପୁନଶ୍ଚ ଅଧିକ ନିବେଶ ଦ୍ୱାରା ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଘଟିବ, ମାନବିକ ବିକାଶ ଘଟିବ ବା ବହୁମାତ୍ରାରେ ନିଯୁକ୍ତି ବୃଦ୍ଧି ହେବ ବୋଲି ଭାବିବା ଭୁଲ। ଏଥିପାଇଁ ସ୍ୱତନ୍ତ୍ର ନୀତି ପ୍ରଚଳନ ଆବଶ୍ୟକ ଏବଂ ସରକାର ସଜାଗ ରହିବା ଉଚିତ। ଦରଦାମ ନିୟନ୍ତ୍ରଣ, ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି, ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅତ୍ୟାବଶ୍ୟକ ସେବା ସହଜରେ ଲୋକଙ୍କୁ ଯୋଗାଇ ଦେବା ଅପରିହାର୍ଯ୍ୟ। ରାଷ୍ଟ୍ରାୟତ୍ତ ଶିଳ୍ପକୁ ଅଧିକ ଶକ୍ତିଶାଳୀ କରିବା ଉଚିତ। ଧନୀ ଓ କମ୍ପାନୀମାନଙ୍କଠାରୁ ଅଧିକ ଟିକସ ଆଦାୟ କରି ଜନହିତକର କାର୍ଯ୍ୟରେ ବେଶି ବ୍ୟୟ କରିବା ଆବଶ୍ୟକ।

skmohapatra67@gmail.com
ମୋ:୯୪୩୭୨୦୮୭୬୨



# ପାଠ ପିଠିରେ ଅପାଠ ବୋଝ

ରବିନାରାୟଣ ସାମଲ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ସାତ ଦଶନ୍ଧିର ଇତିହାସ ପ୍ରାୟ ସାତ ଶହରୁ ଊର୍ଦ୍ଧ୍ୱ ସଂସ୍କାରରେ ଜର୍ଜରିତ। କେତେବେଳେ ପରୀକ୍ଷା ପ୍ରଣାଳୀରେ ସଂସ୍କାର, କେତେବେଳେ ଶିକ୍ଷାବର୍ଷ ଅବଧିରେ ସଂସ୍କାର ତ ଆଉ କେତେବେଳେ ପାଠ୍ୟ ଖସଡ଼ାରେ ସଂସ୍କାର। ଛାତ୍ରୀଛାତ୍ରଙ୍କ ଉପରେ ସଂସ୍କାରର ଘନ ଘନ ପରୀକ୍ଷଣ। ସଫଳତା କମ୍, ବିଫଳତା ବେଶି। ନିଜସ୍ୱ ପଥରେ ବହୁ ବର୍ଷ ଅତିକ୍ରମ କରିବା ପରେ ଗତ ଏକ ଦଶନ୍ଧି ଧରି ବିଏସ୍‌ଇ କରୁଛି ସିବିଏସ୍‌ଇର ହନୁକରଣ। ଶିକ୍ଷାବର୍ଷ ପ୍ରାରମ୍ଭରେ, ଶିକ୍ଷାବର୍ଷ ମଧ୍ୟ ଭାଗରେ ଏବଂ ଏପରିକି ଶିକ୍ଷାବର୍ଷ ଶେଷରେ ବି ସଂସ୍କାରର ସର୍କୁଲାର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ହସ୍ତଗତ ହେବାର ନଜିର ଅଛି।

ଏକ ଉଲ୍ଲେଖନୀୟ ସଂସ୍କାରକ୍ରମରେ ୧୯୯୮ ମାଟ୍ରିକ୍ ପରୀକ୍ଷାରେ ଇଂଲିଶ ପ୍ରଶ୍ନପତ୍ରକୁ ଉତ୍ତର ଖାତା ରୂପେ ବ୍ୟବହାର କରିବାକୁ ନିଷ୍ପତ୍ତି ହୋଇଥିଲା। ପୁନରାୟ ୧୯୯୯ରେ ଇଂଲିଶ ସମେତ ଆଉ ତିନୋଟି ବିଷୟକୁ ଅନୁରୂପ ଭାବେ ବ୍ୟବହାର କରାଗଲା। କିନ୍ତୁ ଫଳ ଓଲଟା ହେଲା। ବ୍ୟାପକ କପି ହେଲା। ଦୁଇଟି ବିଷୟର ପ୍ରଶ୍ନପତ୍ର ପ୍ରଘଟ ହେତୁ ପୁନର୍ବାର ପରୀକ୍ଷା ଅନୁଷ୍ଠିତ ହେଲା। କିନ୍ତୁ ପିଲା ପାସ୍ କଲେ ମାତ୍ର ଶତକଡ଼ା ୪୮। ଏହା ଥିଲା ଏକ ରେକର୍ଡ। ପୁଣି ପରୀକ୍ଷା-ନିରୀକ୍ଷା ଚାଲିଲା। ଏ, ବି, ସି, ଡି ପ୍ରଶ୍ନପତ୍ର ସେଟ୍‌ର ପ୍ରଶ୍ନ ବଦଳିଲା। ସିଏ ଫେଲ୍ ମାରିଲା। ପୁଣି ପ୍ରଶ୍ନଗୁଡ଼ିକର କ୍ରମିକରେ ପରିବର୍ତ୍ତନ କରାଗଲା। ଅବ୍‌ଜେକ୍ଟିଭ୍ ଆସିଲା, ସବ୍‌ଜେକ୍ଟିଭ୍ ଆସିଲା। ଏଗୁଡ଼ିକ ଫଳପ୍ରଦ ନ ହେବାରୁ ଏମ୍‌ସିକ୍ୟୁ ବ୍ୟବସ୍ଥା ଲାଗୁହେଲା। ଏମିତି ହୋଇ ହୋଇ ଆସି ପହଞ୍ଚିଛି ଫର୍ମେଟିଭ୍ ଓ ସମ୍ମେଟିଭ୍‌ରେ। ଉଠିଯାଇଥିବା ଅପ୍ଶନାଲକୁ ୨୦୦୪ରେ ହଠାତ୍ ପୁନଃ ଲାଗୁ କରାଗଲା, କମ୍ପ୍ୟୁଟର୍ ଓ ବିଜ୍ଞାନରେ ପ୍ରାକ୍ଟିକାଲ୍ ହେଲା। ସେହି ଗୋଟିଏ ବର୍ଷରେ ପ୍ରାକ୍ଟିକାଲ ପରୀକ୍ଷା ମୁହଁମାଡ଼ି ତଳେ କଚାଡ଼ି ପଡ଼ିଲା। ପରୀକ୍ଷା କେନ୍ଦ୍ର ଓ ନିରୀକ୍ଷକଙ୍କ କ୍ଷେତ୍ରରେ ଲାଗୁ ହୋଇଥିବା ସଂସ୍କାର କଥା ନ କହିଲେ ଭଲ। କିଛି ବର୍ଷ ଲାଗି ହୋମ୍ ସେଣ୍ଟର ପ୍ରଥା ଲାଗୁ ହେଲା, ପୁଣି ତାହା ଉଠିଗଲା। ଶିକ୍ଷକମାନେ ବେଡିଂବିସ୍ତରା ଧରି ଅନ୍ୟ କେନ୍ଦ୍ରକୁ ନିରୀକ୍ଷକ ଭାବେ ଚାଲିଲେ। ସମୁଦାୟ ମାର୍କ କଥା ବିଚାର କଲେ, ପ୍ରଥମେ ୮୦୦ମାର୍କର ପରୀକ୍ଷା ହେଉଥିଲା, ତା'ପରେ ୭୫୦ମାର୍କ ହେଲା ଓ ବର୍ତ୍ତମାନ ତାହା ୬୦୦ ମାର୍କରେ ଆସି ପହଞ୍ଚିଛି। କ'ଣ ପାଇଁ ଏ ଘନ ଘନ ପରୀକ୍ଷଣ ଓ ନିରୀକ୍ଷଣ, ଛାତ୍ରୀଛାତ୍ରମାନେ ଏଥିରୁ କ'ଣ ଉପକୃତ ହେଉଛନ୍ତି, ତାହା ଆମମାନଙ୍କ ପରି ସାଧାରଣ ବ୍ୟକ୍ତିଙ୍କ ପକ୍ଷେ ବୁଝିବା କଷ୍ଟକର।

ଏବେ ଶିକ୍ଷାବର୍ଷ ଶେଷ ହେବାକୁ ବସିଲାଣି, 'ଆସ୍ପିରେଶନାଲ କମ୍ପୋନେଟ' ନାମରେ ଏକ କିମ୍ଭୂତକିମାକାର ପାଠ୍ୟ ଖସଡ଼ା ମାଧ୍ୟମିକ ଶିକ୍ଷା ପରିଷଦ ପ୍ରବର୍ତ୍ତନ କରିବାକୁ ଯାଉଛି। ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବୁକ୍ ରିଭ୍ୟୁ, ପ୍ରୋଜେକ୍ଟ ୱାର୍କ, କୋ-କରିକୁଲାର ଆକ୍ଟିଭିଟିଜ୍ ଓ ବେସିକ୍ ଆଇଟି ସ୍କିଲ୍ସ ନାମରେ ୪ଟି ନୂଆ ବିଷୟରେ ୧୦୦ମାର୍କର ପରୀକ୍ଷା ଦେବେ। ନିଜ ସ୍କୁଲର ଶିକ୍ଷକମାନେ ଏହି ପରୀକ୍ଷା କରିବେ। ଏଥିରେ ପାସ୍-ଫେଲ୍ ନ ରହି ଗ୍ରେଡେଶନ୍ ରହିବ। ମାଟ୍ରିକ୍ ସାର୍ଟିଫିକେଟ୍‌ରେ ଏ,ବି,ସି କିମ୍ବା ଡି ଗ୍ରେଡ୍ ଲେଖାଯିବ। ଅଦ୍ଭୁତ ଓ ଅବାସ୍ତବ ପରିକଳ୍ପନା!



ଆମ ଜାଣିବାରେ ଏକ ପୁସ୍ତକର ସମୀକ୍ଷା କରିବା ଏକ ସହଜସାଧ୍ୟ ବ୍ୟାପାର ନୁହେଁ। ବଡ଼ ବଡ଼ ସମାଲୋଚକମାନେ ବି ଏ କ୍ଷେତ୍ରରେ କୁଣ୍ଠାବୋଧ କରିଥା'ନ୍ତି। ମାତ୍ର ବାର-ଚଉଦ ବର୍ଷର କୋମଳମତି ପିଲାଟିଏ 'ବୁକ୍ ରିଭ୍ୟୁ' କରିବ, ତାହା ପୁଣି ପୁସ୍ତକରେ ସନ୍ନିବେଶିତ ବିଭିନ୍ନ ଖ୍ୟାତନାମା ଲେଖକଙ୍କ ଗଦ୍ୟ ଓ ପଦ୍ୟ ଉପରେ। ଏହା କ'ଣ ଜଣେ ଛାତ୍ରର ବୟସ ଓ ଦକ୍ଷତାର ଅତ୍ୟଧିକ ପ୍ରାକ୍‌କଳନ ନୁହେଁ କି? ବର୍ତ୍ତମାନ ଫର୍ମେଟିଭ୍ ଆସେସ୍‌ମେଣ୍ଟ୍‌ରେ ପ୍ରୋଜେକ୍ଟ ୱାର୍କ ଅଛି। ଏହା ଏକ ଉତ୍ତମ ପାଠ୍ୟକ୍ରମ। ମାତ୍ର ଉପଯୁକ୍ତ ଦିଗ୍‌ଦର୍ଶକଙ୍କ ବିନା ଏହା ସମ୍ଭବ ନୁହେଁ। ଛାତ୍ରୀଛାତ୍ରମାନଙ୍କର ଶ୍ରମ, ସମୟ ଓ ଅର୍ଥ ଅଯଥା ଶ୍ରାଦ୍ଧ ହେବା କେବଳ ସାର ହେବ। କୋ-କରିକୁଲାର ଆକ୍ଟିଭିଟିଜ୍‌ରେ ଖେଳକୁଦ ସହିତ ଯୋଗ, ଆସନ, ପ୍ରାଣାୟାମ ଓ ସନ୍ତରଣକୁ ପ୍ରାଧାନ୍ୟ ଦିଆଯାଇଛି। ସାକ୍ଷରତା, ସାମାଜିକ ଉନ୍ନତୀକରଣ, ନାଗରିକତା ତାଲିମ ଓ ଜାତୀୟ ତଥା ଅନ୍ତର୍ଜାତୀୟ ବିକାଶ ଭଳି ପ୍ରସଙ୍ଗକୁ ଏଥିରେ ସଂଶ୍ଳିଷ୍ଟ କରାଯାଇଛି। ଏହି ବାହ୍ୟ ଜ୍ଞାନ ଆହରଣ କରିବାକୁ ଛାତ୍ରୀଛାତ୍ରଙ୍କ ପାଖରେ ସୁଯୋଗ ଅଛି ତ ? ବାକି ରହିଲା ବେସିକ୍ ଆଇଟି ସ୍କିଲ୍। ବର୍ତ୍ତମାନ ସୂଚନା ପ୍ରଯୁକ୍ତି ବିଦ୍ୟାର ଚାହିଦାକୁ ବିଚାର କଲେ ଏହା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ଏକ ସୁନ୍ଦର ପ୍ରସ୍ତାବ। ମାତ୍ର ବାସ୍ତବତା ? ଅଧିକାଂଶ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ନିମିତ୍ତ ଭିତ୍ତିଭୂମି ନାହିଁ। କିଛି ବର୍ଷ ତଳେ ରାଜ୍ୟର ୪ହଜାର ବିଦ୍ୟାଳୟକୁ ଦିଆଯାଇଥିବା କୋଟି କୋଟି ଟଙ୍କାର କମ୍ପ୍ୟୁଟର ବର୍ତ୍ତମାନ ଖତ ଖାଉଛି। ଅପରେଟର ନାହାନ୍ତି କି ଅପରେଶନ୍ ନାହିଁ। ପିଲାମାନେ ଶିଖିବେ କେମିତି ?

ଦୀର୍ଘବର୍ଷ ଧରି ଆର୍ଟ ଏଜୁକେଶନ, ୱାର୍କ ଏକ୍ସପେରିଏନ୍ସ ଓ ହେଲ୍‌ଥ ଏଜୁକେଶନ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଗ୍ରେଡେଶନ୍ ଦିଆଯାଇ ଆସୁଅଛି। ରେକର୍ଡ ପ୍ରସ୍ତୁତି ଛଡ଼ା ଏହାର କିଛି ବାସ୍ତବ ଉପଯୋଗିତା ନାହିଁ। ରୂପାନ୍ତରିତ ବିଦ୍ୟାଳୟରେ ଜୀବବିଜ୍ଞାନ ଓ ପଦାର୍ଥ ବିଜ୍ଞାନରେ ତଥାକଥିତ ପ୍ରାକ୍ଟିକାଲ ହେଉଛି। ପୁଣି ନିୟମିତ ଭାବେ ଓସେପାକୁ ରିପୋର୍ଟ ଯାଉଛି। ଏଥିରେ କୌଣସି ମାର୍କ ନ ଥିବାରୁ ଏହା କେବଳ ରେକର୍ଡପତ୍ରରେ ସୀମିତ ରହିଛି। ପ୍ରବର୍ତ୍ତିତ 'ଆସ୍ପିରେଶନାଲ କମ୍ପୋନେଟ'ର ଅବସ୍ଥା ମଧ୍ୟ ତଦ୍ରୂପ ହେବ। ଛାତ୍ରୀଛାତ୍ରମାନେ ଅନାବଶ୍ୟକ (ଅ)ପାଠ ବୋଝରେ ଭାରାକ୍ରାନ୍ତ ହେବେ। ଲାଭ ତ କିଛି ହେବ ନାହିଁ, ବରଂ କ୍ଷତି ହେବ। ଯେ ପର୍ଯ୍ୟନ୍ତ ମୂଳ ପାଠ ଭଳି ଏହା ମାର୍କ ସମ୍ବଳିତ ନ ହୋଇଛି, ସେ ପର୍ଯ୍ୟନ୍ତ ପ୍ରଚଳିତ ଆର୍ଟ ଏଜୁକେଶନ ଓ ୱାର୍କ ଏକ୍ସପେରିଏନ୍ସର ଗ୍ରେଡ୍ ପରି କେବଳ ରେକର୍ଡ ପ୍ରସ୍ତୁତିରେ ସୀମିତ ରହିବ। ସଂସ୍କାର ହେଉ, କାହାର ଆପତ୍ତି ନାହିଁ, ମାତ୍ର ତାହା ବୋର୍ଡକୈନ୍ଦ୍ରିକ ନ ହୋଇ ଛାତ୍ରକୈନ୍ଦ୍ରିକ ହେଉ। ରାଜ୍ୟର ପ୍ରତିଷ୍ଠିତ ଶିକ୍ଷାବିତ୍ ଓ ଶିକ୍ଷକ ସଂଗଠନଗୁଡ଼ିକ ସହ ଆଲୋଚନାକ୍ରମରେ ହେଉ। ଗଣଶିକ୍ଷା ବିଭାଗ ଏ ଦିଗରେ ଅଧିକ ଯତ୍ନବାନ୍ ହେବା ନିହାତି ଜରୁରୀ।

ମୋ:୭୯୭୫୦୪୬୪୮୬

## ଏଇ ଭାରତରେ

ସେବାର ପ୍ରତୀକ ସାଜିଛନ୍ତି ଶିବମ୍ ସୋନି। ମଧ୍ୟପ୍ରଦେଶର ଯୁବକ ଶିବମ୍ ପ୍ରତିଦିନ ଗରିବ ଲୋକଙ୍କୁ ୧୦ ଟଙ୍କାରେ ଖାଦ୍ୟ ଦେଉଛନ୍ତି। ଏପରି କି ଅନେକ ଦିନ ଧରି ମାଗଣାରେ ବି ଖାଦ୍ୟ ଯୋଗାଉଛନ୍ତି। ଏ ବାବଦରେ ସେ ସବୁ ଖର୍ଚ୍ଚ ନିଜ ରୋଜଗାର ଓ ଅନ୍ୟମାନଙ୍କଠାରୁ ଯୋଗାଡ଼ କରି ଭରଣା କରୁଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ଆନନ୍ଦ ମହିନ୍ଦ୍ରା ପ୍ରଶଂସା କରି ସାହାଯ୍ୟ ଯୋଗାଇଦେବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଶିବମ୍ ତାଙ୍କ ନିଜ ଜୀବନର ଅନୁଭବକୁ ଆଧାର କରି ଏଭଳି ଖାଦ୍ୟ ଦେବାର ନିଷ୍ପତ୍ତି ନେଇଥିଲେ। ତାଙ୍କ ଜୀବନ ବହୁ କଷ୍ଟରେ କଟିଛି। ଅର୍ଥାଭାବରୁ ଇଞ୍ଜିନିୟରିଂ ପଢ଼ା ବନ୍ଦ କରିବା ପରେ ସେ ୨୦୧୮ରେ ଏକ ରେସ୍ତୋରାଁ ଆରମ୍ଭ କରିଥିଲେ। ପରେ ସୋରିଆସିସ୍ ରୋଗରେ ପୀଡ଼ିତ ହୋଇ ତାହାକୁ ବନ୍ଦ କରିଦେଲେ ଓ ଋଣ ଶୁଝିବାରେ ସବୁ ହରାଇ ଇନ୍ଦୋର ଚାଲିଯାଇଥିଲେ। ସେଠାରେ ଷ୍ଟେଶନରେ ଶୋଉଥିଲେ ଓ ଲଙ୍ଗରରେ ଖାଉଥିଲେ। ଏପରି କି ବହୁ ସମୟ ଖାଲିପେଟରେ ରହୁଥିଲେ। ସେହି ସମୟରେ ହିଁ ଜଣେ ଭୋକିଲାର ଭୋକଜ୍ୱାଳାକୁ ଅନୁଭବ କରିଥିଲେ ଓ ଅନ୍ୟମାନଙ୍କୁ ଖାଦ୍ୟ ଦେବା ଲାଗି ସିକ୍ୟୁରିଟି ଗାର୍ଡ ଚାକିରି ଆରମ୍ଭ କଲେ। ସେହି ରୋଜଗାରରେ ଅସହାୟଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ, ଯାହାକୁ ସେ ଏବେ ମଧ୍ୟ ଜାରି ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଡିସେମ୍ବର ୧୯୯୭

- ଚୋରି ଘଟଣାରେ ସମ୍ପୃକ୍ତ ୪ ଜୋର୍ଡାନୀୟ ଛାତ୍ରଙ୍କୁ ଇରାକ ସରକାର ଦଣ୍ଡିତ କରିବା ପ୍ରତିବାଦରେ ଜୋର୍ଡାନରୁ ୭ ଇରାକୀ କୁଟନୀତିଜ୍ଞ ବହିଷ୍କୃତ।
- ଗୋଖାଦ୍ୟ ଦୁର୍ନୀତିର ଅନ୍ୟତମ ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କୁ ନିୟମିତ ଜାମିନ ପ୍ରଦାନ।
- ଦୁର୍ନୀତିଗ୍ରସ୍ତ ରାଜନୈତିକ ନେତା ଓ ଦଳଗୁଡ଼ିକ ସହ ହାତ ମିଳାଇଥିବା ପ୍ରତିବାଦରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କ୍ରିଷ୍ଣା ସାହୀଙ୍କ କଂଗ୍ରେସରୁ ଇସ୍ତଫା ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | 5 | | 2 | |
| 6 | | 4 | | | 7 | | | 9 |
| | | | | 2 | | | | 1 |
| | 4 | | | 6 | 2 | | | |
| | 9 | | | | 8 | | 1 | |
| 5 | | 1 | | | | | | 6 |
| 3 | | | 5 | | | | 8 | |
| | 6 | 9 | 7 | | | | | |
| | | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 6 | 1 | 9 | 7 | 5 | 8 | 2 |
| 8 | 7 | 5 | 2 | 3 | 4 | 9 | 6 | 1 |
| 1 | 2 | 9 | 5 | 6 | 8 | 3 | 7 | 4 |
| 6 | 1 | 4 | 3 | 8 | 5 | 7 | 2 | 9 |
| 2 | 3 | 8 | 7 | 1 | 9 | 4 | 5 | 6 |
| 5 | 9 | 7 | 4 | 2 | 6 | 1 | 3 | 8 |
| 7 | 8 | 3 | 9 | 4 | 2 | 6 | 1 | 5 |
| 9 | 5 | 2 | 6 | 7 | 1 | 8 | 4 | 3 |
| 4 | 6 | 1 | 8 | 5 | 3 | 2 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାଇକେଲକୁ ସାଥୀ କରନ୍ତୁ

ମହାଶୟ,

ମୋ ପାଖରେ ନାହିଁ ପେଟ୍ରୋଲ ଦିଆ ଯାନ, କେବଳ ମୋ ପାଖରେ ରହିଛି ପ୍ରଦୂଷଣମୁକ୍ତ ଦୁଇଚକିଆ ସାଇକେଲ ଯାନ। ଯେତେବେଳେ ଛାତ୍ର ଥିଲି ସାଇକେଲ ମୋର ଅନ୍ତରଙ୍ଗ ସାଥୀ ଥିଲା। ମୁଁ ସାଇକେଲ ଚଲାଇଲା ବେଳେ ମନେ ମନେ ଭାବେ ମୋ ସାଇକେଲ ମୋ ପାଇଁ ଯେପରି ମନପବନ ଯାନ। ମଧୁମୟ ମନୋହର ବସନ୍ତକାଳରେ ମଳୟ ପବନ ପରଶରେ ମନଫୁଲାଣିଆ ଭଙ୍ଗୀରେ ସାଇକେଲ ଚଲାଇବାରେ ଅପାସୋରା ଆନନ୍ଦ ଅନୁଭବ କରିଥାଏ। ଆଳସ୍ୟ ମନକୁ, ଆଳସ୍ୟ ଶରୀରକୁ ଚଳଚଞ୍ଚଳ କରିବା ପାଇଁ ଆଜିକାର ଯୁବତୀଯୁବକମାନେ ସାଇକେଲ ଚଲାଇବା ଉଚିତ। ଶରୀରରୁ ନାନା ପ୍ରକାର ବ୍ୟାଧିର ଉପଶମ ପାଇଁ ସାଇକେଲ ଚଳାଇବା ଜରୁରୀ । କିନ୍ତୁ ଏବେ ଯୁବକମାନେ ସାଇକେଲ ଚଳାଉନାହାନ୍ତି। ସବୁବେଳେ ଗାଡ଼ି ଧରି ବାହାରି ଯାଉଛନ୍ତି। ଏହା ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ପ୍ରଦୂଷଣ ଯୋଗୁ ରୋଗ ବ୍ୟାପୁଛି। ଏଣୁ ନିଜକୁ ଓ ପରିବେଶକୁ ରକ୍ଷା କରିବା ଲାଗି ସମସ୍ତେ ସାଇକେଲକୁ ସାଥୀ କରନ୍ତୁ।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପରାଣ ପ୍ରିୟ ଦେଖ ହେ ଶଶି
କ୍ଳାନ୍ତ କବି ନୟନେ ହସି
ଦେଖରେ ଦେଖ କଜଳ ଘନ,
ନିରାଶେ ପଥେ ରହିଛି ବସି।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମାନବାଧିକାର ସୁରକ୍ଷାରେ ଆଇନ ଛାତ୍ରୀଛାତ୍ର ଅଗ୍ରଣୀ ଭୂମିକା ନିଅନ୍ତୁ

ବଲାଙ୍ଗୀର ଅଫିସ, ୧୧।୧୨

ମାନବିକ ଅଧିକାର ଦିବସ ଉପଲକ୍ଷେ ବଲାଙ୍ଗୀର ଆଇନ ମହାବିଦ୍ୟାଳୟରେ କେବିକେ ଜିଲାରେ ଆଦିବାସୀମାନଙ୍କ ମାନବାଧିକାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ପଧାନ ସଭାପତିତ୍ୱ କରିଥିଲେ। ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟ ସହକାରୀ ଅଧ୍ୟାପକ ମଣୀନ୍ଦ୍ର ସିଂ ପାଲ ସଂଯୋଜନା କରିଥିଲେ। ଦେଶରେ ସୁଶାସନ ପ୍ରତିଷ୍ଠା ପାଇଁ ମାନବିକ ଅଧିକାର ଉପରେ ସମସ୍ତେ ଅବଗତ ହେବା ଉଚିତ୍ ଏବଂ ସମ୍ବିଧାନର ମହତ୍ତ୍ୱ ବୁଝିବା ଉଚିତ୍ ବୋଲି ମହାବିଦ୍ୟାଳୟ ସହକାରୀ ଅଧ୍ୟାପିକା ଅନିମା ମିଶ୍ର ମତପ୍ରକାଶ କରିଥିଲେ । ସହକାରୀ ଅଧ୍ୟାପକ ଚଣ୍ଡୀ ପ୍ରସାଦ ଖମାରୀ ବିଶ୍ୱରେ ମାନବାଧିକାର ସୁରକ୍ଷାରେ ଆଇନ ଛାତ୍ରୀଛାତ୍ର ଅଗ୍ରଣୀ ଭୂମିକା ଗ୍ରହଣ କରିବା ଉଚିତ୍ ବୋଲି ମତ ରଖିଥିଲେ। ଅଧ୍ୟାପକ ସୁଶୀଲ ଦୀପ, କର୍ମଚାରୀ କୃଷ୍ଣଚନ୍ଦ୍ର ପଟେଲ, ସୁବ୍ରତ ପଟ୍ଟନାୟକ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବଲାଙ୍ଗୀର ଆଇନ ମହାବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଅଙ୍କିତା


@ ମୁରାରୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଟି ଉନ୍ନତୀକରଣରେ ଅନିୟମିତତା ଅଭିଯୋଗ

ଲାଠୋର, ୧୧।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଫୁଲଝର ଗ୍ରାମ ପୋଖରୀ ମାଟି ଉନ୍ନତୀକରଣ କାମରେ ଅନିୟମିତତା ହୋଇଛି। ଗତ ଜୁନ ମାସରୁ ଏ ନେଇ ଅଭିଯୋଗ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ତଦନ୍ତ ହୋଇ ନଥିବା ନେଇ ନାଏବ ସରପଞ୍ଚ ସୁଶିଲାବାଇ ଦାସ, ୱାର୍ଡ଼ସଭ୍ୟ ମୁଗେ ନାଏକଙ୍କ ସହ ଗାଁ ଶୋଭାକର ପୁଟା, ତପନ ମାଝି, ସଂକୀର୍ତ୍ତନ ମାଝି,ଗଣ୍ଡାରାମ ମାଝି, ମାୟାଧର ଶବର, ଭିକାରୀ ପୁଟେଲଙ୍କ ସହ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫୁଲଝର ଖଲିଆବନ୍ଧ (ଆଦର୍ଶ ପୋଖରୀ)ରେ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଜରିଆରେ ମାଟି ଉନ୍ନତିକରଣ କାମ ଗତ ଜୁନ ମାସରେ ଆରମ୍ଭ ହୋଇଥିଲା। କାମ ମେଶିନରେ କରାଯାଇଥିଲା। ଜଳ ସଂରକ୍ଷଣ ପାଇଁ ପୋଖରୀ ଯେତିକି ଗଭୀର ସହ ହିଡରେ ମାଟି ପକାଯିବା କଥା ତାହା କରାଯାଇନାହିଁ। ପୋଖରୀକୁ ଜେସିବିରେ ଯାଇତାଇ ସମତଳ କରି ଯାହା ମାଟି ବାହାରିଲା ତାକୁ ହିଡ଼ରେ ପକାଯାଇଛି। କାମରେ ଏପରି ଅନିୟମିତତା ନେଇ ଗ୍ରାମରେ ଗତ ଜୁନ ମାସରେ ଏକ ବୈଠକ ବସିଥିଲା। ସର୍ବନିଷ୍ପତିକ୍ରମେ ଖପ୍ରାଖୋଲ ବିଡିଓଙ୍କ ଅନୁପସ୍ଥିତରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅନିୟମିତତା ନେଇ ଏକ ଅଭିଯୋଗ ପତ୍ର ସେମାନେ ଦାଖଲ କରିଥିଲେ। ଅଭିଯୋଗ ପତ୍ର ପାଇ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ୧୦ ଜୁନ ୨୦୨୨ ରେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏବଂ ଏପିଓଙ୍କୁ ଅଭିଯୋଗର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତଦନ୍ତ ଅଧିକାରୀ ଅଭିଯୋଗର ତଦନ୍ତ କରିବାକୁ ଆସି ନ ଥିଲେ। ଏହାର ଏକ ମାସ ପରେ ଅଭିଯୋଗକାରୀ ଜୁଲାଇ ୨୦୨୨ରେ ପୁନର୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ଅଭିଯୋଗ ଉପର ମହଲକୁ ପଠାଯାଇଛି ବୋଲି ସେମାନଙ୍କୁ କୁହାଯାଇଥିଲା। ହେଲେ ଆଜକୁ ୬ ମାସ ହେଲା ତଦନ୍ତ ହୋଇନାହିଁ। ଏନେଇ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୀମସେନ କହଁରଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇ ପାରିନାହିଁ।

# ଉଦ୍ଧାର ଶାଗୁଣାକୁ ନନ୍ଦନକାନନରେ ଛାଡ଼ିଲା ବନବିଭାଗ

ଝାରସୁଗୁଡ଼ା ଅଫିସ୍,୧୧।୧୨

ଝାରସୁଗୁଡ଼ା ଜିଲା ବେଲପାହାଡ ରେଞ୍ଜ ଅଧିନ ବାଘମୁଣ୍ଡା ବନ ବିଭାଗ ତରଫରୁ ଉଦ୍ଧାର କରାଯାଇଥିବା ହିମାଳୟନ ଗ୍ରୀଫୋନ ଭୁଲ୍ଚରେ ପକ୍ଷୀ (ବିରଳ ଶାଗୁଣା)କୁ ଶନିବାର ଭୁବନେଶ୍ୱରସ୍ଥିତ ନନ୍ଦନକାନନରେ ଛଡା ଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ୫ତାରିଖରେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ସୁନାରୀ ପଞ୍ଚାୟତ ବିଶିପାଲି ଗ୍ରାମରେ ଏହି ବିରଳ



ଶାଗୁଣାକୁ ଦେଖିବାକୁ ମିଳିଥିଲା। ଏନେଇ ଗ୍ରାମବାସୀ ବନବିଭାଗକୁ ଜଣାଇଥିଲେ। ଖବରପାଇ ନିକଟସ୍ଥ ବାଘମୁଣ୍ଡା ଫରେଷ୍ଟର ସୁରେଶ ତରାଇ, ଫରେଷ୍ଟଗାର୍ଡ ପି. ଖମାରୀ ପ୍ରମୁଖ ବନ କର୍ମଚାରୀ ସଦଳବଳେ ପହଞ୍ଚି ଶାଗୁଣାକୁ ଉଦ୍ଧାର କରିଥିଲେ। ବନବିଭାଗ ଉଦ୍ଧାରବେଳେ ଶାଗୁଣା ଅସୁସ୍ଥ ରହିଥିଲା। ଏନେଇ ଡିଏଫ୍ଓ ଲଳିତ ପାତ୍ର ବନ୍ୟପ୍ରାଣୀ ବିଶେଷଙ୍କ ତତ୍ତ୍ୱାବଧାନରେ ପ୍ରାଣୀଚିକିତ୍ସକଙ୍କ ଜରିଆରେ ଅସୁସ୍ଥ ଶାଗୁଣାର ଚିକିତ୍ସା କରାଇଥିଲେ। ଚିକିତ୍ସା ପରେ ଧିରେଧିରେ ସେ ସୁସ୍ଥ ହୋଇଯାଇଥିଲା । ସୁସ୍ଥପରେ ବନ ବିଭାଗ ଉଦ୍ଧାର ଶାଗୁଣାକୁ ଜଙ୍ଗଲରେ ଛାଡିବା ପାଇଁ ଯୋଜନା କରିଥିଲା। ହେଲେ ଶାଗୁଣାଟି ଠିକ୍‌ରେ ଉଡିପାରୁ ନ ଥିଲା। ସୁରକ୍ଷା ଦୃଷ୍ଟିରୁ ଏଭଳି ଅବସ୍ଥାରେ ଶାଗୁଣାକୁ ଜଙ୍ଗଲରେ ଛାଡିବା ବନ ବିଭାଗ ଉଚିତ ମନେ ନ କରି ଡିଏଫ୍ଓ ପାତ୍ର ଭୁବନେଶ୍ୱରସ୍ଥିତ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହମତି ପରେ ଡିଏଫ୍ଓ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବନଅଧିକାରୀ ଓ କର୍ମଚାରୀମାନେ ସ୍ୱତନ୍ତ୍ର ଗାଡିରେ ଉଦ୍ଧାର ଶାଗୁଣାକୁ ନେଇ ନନ୍ଦନକାନନରେ ଛାଡି ଥିବା ଜଣାପଡିଛି। ଏହା ପୂର୍ବରୁ ଏହି ଜାତିରେ ଆଉ ଏକ ଶାଗୁଣା ଯାଜପୁର ଅଞ୍ଚଳରୁ ଅଣାଯାଇ ନନ୍ଦନକାନନରେ ରଖାଯାଇଥିବାବେଳେ ଏବେ ବନବିଭାଗ ତରଫରୁ ଉଦ୍ଧାର କରାଯାଇଥିବା ଶାଗୁଣାକୁ ଛଡାଯାଇଛି। ଏହି ପ୍ରଜାତିର ଶାଗୁଣା ପକ୍ଷୀ ଧିରେଧିରେ ବିଲୁପ୍ତ ହେବା ପାଇଁ ବସିଥିବାବେଳେ ଏହାର ବଂଶ ବୃଦ୍ଧି ହେବା ପରିବେଶ ପାଇଁ ଜରୁରୀ ହୋଇପଡିଛି। ଉଭୟ ଶାଗୁଣା ନନ୍ଦନକାନନରେ ରହିଥିବାବେଳେ ଏହାର ବଂଶ ବୃଦ୍ଧି ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଧ୍ୟାନ ରଖିଛନ୍ତି।

# କାମରେ ଲାଗୁନି ଶୌଚାଳୟ


ଅବ୍ୟବହୃତ ଶୌଚାଳୟ।

## କୋଭିଡ ସମୟରେ ନିର୍ମିତ ହୋଇଥିଲା

ଦେଓଗାଁ,୧୧।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଙ୍ଗାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ସିଙ୍ଗାମୁଣ୍ଡା ହୋଇସ୍କୁଲ ପରିସରରେ ତିଆରି ହୋଇଥିବା ଶୌଚାଳୟ କାମରେ ଲାଗୁନି। ୨ବର୍ଷ ତଳେ କୋଭିଡ ସମୟରେ ରାଜ୍ୟ ସରକାର ପ୍ରବାସୀଙ୍କୁ ରଖିବା ପାଇଁ ବିଦ୍ୟାଳୟ ପରିସରରେ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ବର୍ତ୍ତମାନ ଶୌଚାଳୟ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଲକ୍ଷଲକ୍ଷ ଟଙ୍କା ବରବାଦ ହୋଇଥିବା ପ୍ରତୀୟମାନ ହେଉଛି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ପୋଖରୀ ଭିତରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

ନୂଆପଡ଼ା ଅଫିସ,୧୧।୧୨


ପୋଖରୀ ଭିତରେ ବିଦ୍ୟୁତ୍ ଖୁଣ୍ଟ।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଗାଁରେ ଥିବା ଏକ ପୋଖରୀ ଭିତରେ ବିପଦସଙ୍କୁଳ ଅବସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ରହିଛି। ପାଣି ଅଭାବ ଯୋଗୁ ଲୋକେ ଏହି ପୋଖରୀ ପାଣି ବ୍ୟାବହାର କରୁଛନ୍ତି। ଗାଁରେ ସେମିତି ସରକାରଙ୍କ ପକ୍ଷରୁ ପୋଖରୀ କିମ୍ବା ମୁଡା, ଚହଲାର ବ୍ୟାବସ୍ଥା କରାଯାଇ ନ ଥିବାରୁ ଲୋକେ ଜମିବାଡିରେ କରିଥିବା ମୁଡା ବା ଚହଲା ପାଣି ବ୍ୟାବହାର କରୁଛନ୍ତି। ଯାହା ପାଖରେ ପୋଖରୀ କିମ୍ବା ମୁଡା, ଚହଲା ନାହିଁ, ସେମାନେ ଗାଁର ଏହି ପୋଖରୀ ପାଣି ବ୍ୟାବହାର କରୁଛନ୍ତି। ସେହି ପୋଖରୀ ଭିତର ଦେଇ ୧୧ ହଜାର କେଭି ବିଦ୍ୟୁତ ତାର ଯାଇଛି। ପୋଖରୀ ଭିତରେ ପୋତା ଯାଇଥିବା ଖୁଣ୍ଟ (ପୋଲ) ବିପଦସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ପଡିଯିବ କାହାକୁ ଜଣାନାହିଁ। ୨୦୧୮ରେ ତାର ଛିଣ୍ଡି ପାଣିରେ ପଡିବା ଦ୍ୱାରା ଅନେକ ଜୀବଜନ୍ତୁ ପ୍ରାଣ ହରାଇଥିଲେ। ଗ୍ରାମବାସୀ ବିଦ୍ୟୁତ ବିଭାଗକୁ ଲିଖିତ ଭାବରେ ଜଣାଇ ଥିଲେ। ହେଲେ ବିଭାଗ ଏ ପର୍ଯ୍ୟନ୍ତ ଚୁପ ହୋଇବସିଛି। ସେହି ପୋଖରୀ ପାଣି ଲୋକେ ବ୍ୟାବହାର କରୁଛନ୍ତି। ଆଗକୁ ଯେମିତି ବିପଦ ମୁହଁକୁ ନ ଆସୁ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ପୋଖରୀ ଭିତରୁ ବିଦ୍ୟୁତ୍ ଖୁଣ୍ଟ ବାହାର କରିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ (ଟିପିଡ୍ବ୍ଲୁଓଡିଏଲ) ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ଅଭିନାଶ ବିଶ୍ୱାଳଙ୍କୁ ପଚାରିବାରୁ ମୋ ପାଖରେ ଏହି ଅଭିଯୋଗ ନ ଥିଲା। ସୋମବାର ଖୁଣ୍ଟ ବାହାର କରିବା ବ୍ୟାବସ୍ଥା କରାଯିବ ବୋଲି କହିଥିଲେ।

## ଟ୍ରାକ୍ଟର ଓଲଟି ଶ୍ରମିକ ମୃତ୍ୟୁ ଘଟଣା

# କ୍ଷତିପୂରଣ ପ୍ରତିଶ୍ରୁତି ପରେ ଉଠିଲା ମୃତଦେହ

ଝାରସୁଗୁଡ଼ା ଅଫିସ,୧୧।୧୨

ଲଖନପୁର ବ୍ଲକ ଚାରପାଲି ପଞ୍ଚାୟତ ଧୂଲୁଣ୍ଡା ଗ୍ରାମରେ ଶନିବାର ଟ୍ରାକ୍ଟର ଓଲଟି ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ମୃତଦେହ ରଖି ଦାବି କରିଥିଲେ। ଗତ ବିଳମ୍ବିତ ରାତିରେ ଟ୍ରାକ୍ଟର ମାଲିକ କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ମୃତଦେହ ଉଠିଥିଲା। ପୋଲିସ ମୃତଦେହ ଜବତ କରି ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ତରଫରୁ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି।

# ଉମ୍ବ ଗଣା ସମାଜର ନୂଆଁଖାଇ ଭେଟ୍‌ଘାଟ୍

ଖଡ଼ିଆଳ,୧୧।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଉମ୍ବ ଗଣା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ପ୍ରଥମେ ଆମ୍ବେଡକର ଛକଠାରେ ଡ଼ ଭୀମ ରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭା ସ୍ଥଳରେ ପହଞ୍ଚି ଥିଲେ। ପ୍ରଥମେ ସଭା ମଣ୍ଡପରେ ଆମ୍ବେଡକର ଓ ବୁଦ୍ଧଙ୍କ ଚିତ୍ରରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ନୂଆଁଖାଇ ଭେଟ୍‌ଘାଟ୍ କମିଟି ସଭାପତି ନିମାଇଁ ଚରଣ ତାଣ୍ଡିଙ୍କ ସଭାପତିତ୍ୱରେ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଗୋବର୍ଦ୍ଧନ ସୁନା। ଅତିଥି ଭାବେ ଡ଼ମ ଗଣା ସମାଜ ସଭାପତି ହେମନ୍ତ କୁମାର ତାଣ୍ଡି, ମୁଖ୍ୟ ଅତିଥି ଡ. ବାସୁଦେବ ସୁନାନୀ ଭୁବନେଶ୍ୱର, ମୁଖ୍ୟବକ୍ତା ପ୍ରଫେସର ରମେଶ ମହାନନ୍ଦ ଅଧକ୍ଷ ମୁରିବାହାଲ କଲେଜ, ବକ୍ତା ଡ. ସୁରେଶ୍ୱରୀ ବାଘ, ସମ୍ମାନିତ ଅତିଥି ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି, ଖଡ଼ିଆଳ ଅବକାରୀ ଉପନିରୀକ୍ଷ ଡମ୍ବରୁ ହରିଜନ, ଶ୍ରବଣ ନିଆଲ, ନୀଳାମ୍ବର ସୁନା, ପୁଷ୍ପାଞ୍ଜଳି ପାଣ୍ଡେ, ନୟନ ବିଭାର, ନନ୍ଦଲାଲ ପାଣ୍ଡେ, ତୁଳସୀ ତାଣ୍ଡି, ଯୋଗେଶ୍ୱର ଶଗରିଆ, ମନୋଜ ଦୀପ, ସୁଶାନ୍ତ ତାଣ୍ଡି, ପୂର୍ଣ୍ଣଚନ୍ଦ୍ର ନେତାମ, ବେଣୁଧର ଜଗତ, ବୈକୁଣ୍ଠ ତାଣ୍ଡି, ତ୍ରୀନାଥ ମହାନନ୍ଦ, ତ୍ରିନାଥ ତାଣ୍ଡି, ଠାକୁର ଦାସ ମହାନନ୍ଦ, ଅଭିରାମ ବାଗ, ଶ୍ରୀବତ୍ସ ଶଗରିଆ ପ୍ରମୁଖ ଯୋଗଦେଇଥିଲେ। ଉମ୍ବଗଣା ସମାଜ କିପରି ଶିକ୍ଷା, ସାମାଜିକ, ସାଂସ୍କୃତିକ ଉନ୍ନତି ହୋଇ ପାରିବ ସେ ନେଇ ଅତିଥିମାନେ କହିଥିଲେ। ଏହି ଅବସରରେ ସମାଜର ଜଣେ ବୟୋଜ୍ୟେଷ୍ଠ ୧୧୦ ବର୍ଷିଆ ବୃଦ୍ଧ ଲକପତି ଦୁରିଆଙ୍କୁ ସମ୍ମାନିତ କରିବା ସହିତ ବୋଡ଼େନ ବ୍ଲକ ଆମ୍ବେଡକର ବାଦୀ ସ୍ୱର୍ଗତ ଉପେନ୍ଦ୍ର ନାଗଙ୍କ ସ୍ତ୍ରୀ ମଞ୍ଜୁଳା ନାଗଙ୍କୁ ସମ୍ମାନିତ କରିବା ସହିତ ସମାଜ ପାଇଁ ଉତ୍ସର୍ଗୀକୃତ ହୋଇଥିବା ୯ଜଣ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ମାନିତ କରିଥିଲେ। ଗିରିଧାରୀ ବିଭାର ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଜଣେ ସଦସ୍ୟଙ୍କୁ ସମ୍ମାନିତ କରାଯାଉଛି।

# ଜୁନିୟର ଆନ୍ତଃଜିଲା କ୍ଲବ କ୍ରିକେଟ: କେଡିସିଏ ଚାମ୍ପିୟନ

ଭବାନୀପାଟଣା,୧୧।୧୨(ସ୍ୱ.ପ୍ର.)



ପୁରସ୍କାର ବିତରଣୀ ସଭାରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମଠାରେ ଚାଲିଥିବା ଓସିଏ ଭିଜନ-୨୪ ଜୁନିୟର ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କେଡିସିଏ ଓ ରାମନଗର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେଡିସିଏ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳ ପ୍ରଭାତ କୁମାର ବ୍ରହ୍ମା ଓ ବିପ୍ଳବ ସିଂ ପରିଚାଳନା କରିଥିବାବେଳେ ସାକ୍ଷୀ ଗୋପାଳ ପଣ୍ଡା ଓ ମଳୟ ଦ୍ୱିବେଦୀ ସ୍କୋର ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରୀଡା ସଂସ୍ଥା ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥି ଭାବେ ଓଡିଶା ଅଲମ୍ପିକ ଆସୋସିଏଶନ ସଭାପତି ତଥା ଜିଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କଳାହାଣ୍ଡିର ପ୍ରଥମ ରଣଜୀ ଟ୍ରଫି ଖେଳାଳି ଭାରତ ଭୂଷଣ ଦେଓଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା କ୍ରୀଡା ସଂସ୍ଥା ସହସମ୍ପାଦକ ସୁନୀଲ କୁମାର ବେହେରା, କାଳି ପ୍ରସାଦ ପଟ୍ଟନାୟକ, ଆଥେଲେଟିକ ସମ୍ପାଦକ ଚକ୍ରଧର ସେଠି, ବରିଷ୍ଠ ସଦସ୍ୟ ଭିକାରୀ ଚରଣ ମିଶ୍ର, ଅଶୋକ ପଟ୍ଟନାୟକ, ଧିରେନ ପଟ୍ଟନାୟକ, ଅଜୟ ପଟ୍ଟନାୟକ, ଶିବରାମ ନାଏକ, ନିର୍ମଳ ସିଂ, ରବି କାନୁନଗୋ, ପଙ୍କଜ ପଟ୍ଟନାୟକ, ବିପିନ ମିଶ୍ର, ସୁବ୍ରତ ବହିଦାର, ରମେଶ ସାହୁ, କେଶରୀ ସାହୁ, ଭବାନୀ ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସର୍ଦ୍ଦାର ସନ୍ତ ସିଂ ମଞ୍ଚ ପରିଚାଳନା କରିଥିଲେ।

# ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

**ଡୁଙ୍ଗୁରିପାଲି, ୧୧।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ରାମପୁର ଥାନା ପଣ୍ଡକିଟାଲ ମାୟାବରା ରାସ୍ତାର ପଣ୍ଡକିଟାଲ ଛକ ନିକଟରେ ରବିବାର ହାଇୱା ଟ୍ରକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାୟାବରା ଗ୍ରାମର ରମେଶ ଚୌଧୁରୀ (୫୮)। କାମ ସାରି ରମେଶ ସାଇକେଲରେ ଘରକୁ ଫେରୁଥିବା ସମୟରେ ହାଇୱା ତାଙ୍କୁ ଚାପି ଦେଇଥିଲା। ରାମପୁର ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାମପୁର ପୋଲିସ ହାଇୱାକୁ ଜବତ କରିଛି। ଡ୍ରାଇଭର ଥାନାରେ ଅଟକ ଅଛନ୍ତି। ଏ ନେଇ ଥାନାରେ ଏକ ମାମଲା(୧୩୧/୨୨) ରୁଜୁ ହୋଇଛି।

Government of Odisha
Skill Development and Technical Education Department
Directorate of Technical Education & Training, Odisha
At- Killamaidan, P.O.- Buxibazar, Cuttack- 753001
Phone No.0671 2301061, e-mail: dtetorissa@gmail.com

NOTICE INVITING REQUEST FOR PROPOSALS (RFP)
For Setup of CNC Machining Labs (Lot 1) and CNC Offline Simulation Labs (Lot 2) at 20 Govt. Polytechnics of Odisha

No.DTET/2022-23/15511 Date: 08.12.2022

No.KK-279:- The Directorate of Technical Education and Training, Odisha (DTE&T), intends to invite Technical and Financial Proposals through e-tender on MSTC e-procurement website (https://www.mstcecommerce.com/eproc) from the world's leading Original CNC Machines Manufacturing (OEM) companies to setup CNC Machining Labs (Lot 1) and CNC Offline Simulation Labs (Lot 2) at 20 Govt. Polytechnics of Odisha. The details of scope of work, eligibility criteria, terms & conditions and proposals submission details can be downloaded from the DTE&T, Odisha and MSTC websites (www.dtetodisha.gov.in and www.mstcecommerce.com/eproc) from 12th December, 2022. Any addendum / corrigendum (if required) will be uploaded at website mentioned above.

Sd./- DTE&T, Odisha, Cuttack
OIPR-14004/11/0011/2223

# ଆଇଟିଆଇକୁ ହରାଇ ବଡ଼ଗାଁ କିଙ୍ଗ ଚାମ୍ପିୟନ

ବଡ଼ଗାଁ, ୧୧।୧୨(ଡି.ଏନ୍.ଏ.)


ବଡ଼ଗାଁ ଚାଲେଞ୍ଜ ସିଲ୍ଡ ଫୁଟବଲରେ ଅତିଥିଙ୍କ ସହ ଖେଳାଳି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ମିନି ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ବଡ଼ଗାଁ ଚାଲେଞ୍ଜ ସିଲ୍ଡ ଫୁଟବଲ ୨୦୨୨ ରବିବାର ଉଦ୍‌ଯାପିତ ହୋଇଯାଇଛି। ବଡ଼ଗାଁ ଜୟ ହିନ୍ଦ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ ଚାରପାଲି ଓ ବଡ଼ଗାଁ କିଙ୍ଗ ମଧ୍ୟରେ ହୋଇଥିଲା। ବଡ଼ଗାଁ କିଙ୍ଗ ଚାରପାଲିକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ଜୟ ହିନ୍ଦ କ୍ଲବର ପ୍ରତିଷ୍ଠାତା ସଦସ୍ୟ ତଥା କ୍ଲବର ପୂର୍ବତନ ଖେଳାଳି ଚିନ୍ତାମଣି ସାହୁ, ସୁବାଷ ଦାସ, ପୂର୍ଣ୍ଣଚନ୍ଦ୍ର ସା, ବିଜୟ ବିହାରୀ ସାହୁ, ଏମ୍‌ଡି ସମଦ, ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସାଲେପାଲି ଜୟ ଜଗନ୍ନାଥ ୟୁଥ କ୍ଲବ ଓ ବଡ଼ଗାଁ ଆଇଟିଆଇ ମଧ୍ୟରେ ହୋଇଥିଲା। ଏଥିରେ ବଡ଼ଗାଁ ଆଇଟିଆଇ ଟିମ ସାଲେପାଲିକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚରେ ବଡ଼ଗାଁ କିଙ୍ଗ ଆଇଟିଆଇକୁ ହରାଇ ଚାମ୍ପିୟନ

**ବଡ଼ଗାଁ ଚାଲେଞ୍ଜ ସିଲ୍ଡ ଫୁଟବଲ ଉଦ୍‌ଯାପିତ**

ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସମିତି ମେମ୍ବର ସାରିକା କେରକେଟା, ଅବସରପ୍ରାପ୍ତ ଖେଳ ଶିକ୍ଷକ ଭିକାରୀ ଚରଣ ସା, ସତ୍ୟ ନାରାୟଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫାଇନାଲ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଫୁଟବଲ ଖେଳର ବିକାଶ ଦିଗରେ ଅବଦାନ ରହିଥିବା ଜୟ ହିନ୍ଦ କ୍ଲବର ପୂର୍ବତନ ଖେଳାଳି ଚିନ୍ତାମଣି ସାହୁ, ସୁବାସ ଦାସ, ପୂର୍ଣ୍ଣଚନ୍ଦ୍ର ସା, ବିଜୟ ବିହାରୀ ସାହୁ, ମହମ୍ମଦ ସମଦ, ପୀତବାସ ପୃଷେଟଙ୍କୁ ଅତିଥିମାନେ ଫୁଲମାଳ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି କ୍ରିକେଟ ଓ ଫୁଟବଲ ଖେଳର ବିକାଶ ପାଇଁ ଅବଦାନ ରହିଥିବା ବଡ଼ଗାଁ ସରପଞ୍ଚ ସୁଗାଡ ସଏଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଡ଼ିଓ କ୍ଷମାନିଧି ଭୋଇ ମୁଖ୍ୟ ଅତିଥି ଓ ସରପଞ୍ଚ ସୁଗାଡ ସଏଙ୍କ ସହିତ ପୂର୍ବତନ ଖେଳାଳିମାନେ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ବଡ଼ଗାଁ କିଙ୍ଗ ଦଳକୁ ୧୨ ହଜାର ଟଙ୍କା ସହିତ ଟ୍ରଫି ଓ ଉପ ବିଜେତା ବଡ଼ଗାଁ ଆଇଟିଆଇ ଦଳକୁ ୮ ହଜାର ଟଙ୍କା ସହିତ କପ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଭଲ ଖେଳ ପ୍ରଦର୍ଶନ କରିଥିବା ବଡ଼ଗାଁ କିଙ୍ଗ ଟିମ୍‌ର ଜଗ ମାଝୀ ବେଷ୍ଟ ସ୍କୋରର, ସନ୍ତୋଷ କିସାନ ବେଷ୍ଟ ଡିଫେଣ୍ଡର ଓ ବିଷ୍ଣୁ ଛତ୍ରିଆ ବେଷ୍ଟ ଗୋଲକିପର ଭାବେ ଚୟନ କରି କପ ପୁରସ୍କୃତ କରାଯାଇଥିଲା। ଶୃଙ୍ଖଳିତ ଖେଳ ପରିଚାଳନା କରିଥିବା ରେଫ୍ରୀ ରମେଶ ମାଝୀ, ବିକ୍ରମ ସିଂ ନାଏକ ଓ ନରେଶଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କ୍ଲବର ସଦସ୍ୟ ରଞ୍ଜିତ ମଏଲ, କରନ ହାଁସଦା, ଅମିତ ମାଝୀ, ଅଜୟ ମାଝୀ, ଦିନେଶ ଟପୋ, ଧରମ ସାମାଟ ପିୟୁଶ ସୋରେଙ୍ଗ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## ଶ୍ରୀ ସତ୍ୟସାଇ ଦତ୍ତାତ୍ରେୟ ମନ୍ଦିରର ବାର୍ଷିକୋତ୍ସବ

ସମ୍ବଲପୁର,୧୧।୧୨(ବ୍ୟୁରୋ)

ସମ୍ବଲପୁର ସାରସ୍ୱତ କଲୋନୀରେ ଥିବା ଶ୍ରୀ ସତ୍ୟ ସାଇ ଦତ୍ତାତ୍ରେୟ ମନ୍ଦିରର ୩ ଦିନିଆ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶୁକ୍ରବାର ଶ୍ରମଦାନ, ଶନିବାର ଦେବ ପୂଜନ ଓ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲା ରେଡକ୍ରସ ସହଯୋଗରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୬୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ବାଲ୍ ବିକାଶ କାର୍ଯ୍ୟକ୍ରମରେ ସାମିଲ ଥିବା ଛାତ୍ରୀଛାତ୍ରମାନଙ୍କୁ ବସ୍ତ୍ର ପ୍ରଦାନ କରାଯିବା ସହ ଦେବ ପୂଜନ କରାଯାଇଥିଲା । ବାଲ୍‌ବିକାଶ କାର୍ଯ୍ୟକ୍ରମର ଛାତ୍ରୀଛାତ୍ରମାନେ ବେଦ ପାଠ କରିଥିଲେ। ଚାରଭାଟି ନିକଟ ସାରସ୍ୱତ କଲୋନୀ ବାସିନ୍ଦା, ସତ୍ୟସାଇ ଦତ୍ତାତ୍ରେୟ ମନ୍ଦିର କର୍ମକର୍ତ୍ତା ଏବଂ ସତ୍ୟସାଇ ସେବା ସମିତିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

## ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

ଡୁଙ୍ଗୁରିପାଲି, ୧୧।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ପଣ୍ଡକିଟାଲମାୟାବରା ରାସ୍ତାର ପଣ୍ଡକିଟାଲ ଛକ ନିକଟରେ ରବିବାର ହାଇୱା ଟ୍ରକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାୟାବରା ଗ୍ରାମର ରମେଶ ଚୌଧୁରୀ (୫୮)।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଅଙ୍କିତା


@ ମୁରାରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାନ୍ତକବିଙ୍କ ୧୩୪ ତମ ଜୟନ୍ତୀ ପାଳିତ

ରାଉରକେଲା ଅଫିସ,୧୧।୧୨



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ଓଡିଶା ରାଜ୍ୟ ସଙ୍ଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୪ତମ ଜୟନ୍ତୀ ଛେଣ୍ଡ୍ ସ୍ଥିତ ଧାମରା ସଂଘ ପରିସରରେ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ରବିବାର ପାଳିତ ହୋଇଛି। ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘବଦ୍ଧ ଜନହିତକର କାର୍ଯ୍ୟ ହିଁ ଧାମରା ସଂଘକୁ ଅନନ୍ୟ ଓ ପ୍ରତିଷ୍ଠିତ କରାଇପାରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ସୁରେନ୍ଦ୍ର କୁମାର ବେହେରା କାନ୍ତକବିଙ୍କ ରଚିତ ବିଭିନ୍ନ ସାହିତ୍ୟିକ ଓ ସାମାଜିକ, ସାଂସ୍କୃତିକ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଭାତ କୁମାର ବିଶ୍ୱାଳ ଓ କାନ୍ତକବିଙ୍କ ନାତି ଗୋପୀ କଲ୍ୟାଣ ମହାପାତ୍ର ସାହିତ୍ୟ ସହିତ ତାଙ୍କ ପାରିବାରିକ ଜୀବନର ଅନେକ ଜଣା ଅଜଣା କଥା ଉପରେ କହିଥିଲେ। ସାଧାରଣ ସମ୍ପାଦକ ଭଗବାନ ରାଉତ ସ୍ୱାଗତ ଭାଷଣ, ସହ ସାଧାରଣ ସମ୍ପାଦକ ଅକ୍ଷୟ ଦାସ ମଞ୍ଚ ପରିଚାଳନା କରିଥିଲେ। ସଭାପତି ମହେନ୍ଦ୍ର ପ୍ରସାଦ ମହାନ୍ତି, ଉପସଭାପତି ନିତ୍ୟାନନ୍ଦ ବିଶ୍ୱାଳ, ଶ୍ରୀବତ୍ସ କୁଅଁର, ଉପଦେଷ୍ଟା କମଳାକାନ୍ତ ପତି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ଧାର ଶାଗୁଣାକୁ ନନ୍ଦନକାନନରେ ଛାଡ଼ିଲା ବନବିଭାଗ

ଝାରସୁଗୁଡା ଅଫିସ୍,୧୧।୧୨



ଝାରସୁଗୁଡା ଜିଲା ବେଲପାହାଡ ରେଞ୍ଜ ଅଧିନ ବାଘମୁଣ୍ଡା ବନ ବିଭାଗ ତରଫରୁ ଉଦ୍ଧାର କରାଯାଇଥିବା ହିମାଲୟନ ଗ୍ରୀଫୋନ ଭୁଲ୍ଚରେ ପକ୍ଷୀ (ବିରଳ ଶାଗୁଣା)କୁ ଶନିବାର ଭୁବନେଶ୍ୱରସ୍ଥିତ ନନ୍ଦନକାନନରେ ଛଡା ଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ୫ତାରିଖରେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ସୁନାରୀ ପଞ୍ଚାୟତ ବିର୍ଶିପାଲି ଗ୍ରାମରେ ଏହି ବିରଳ ଶାଗୁଣାକୁ ଦେଖିବାକୁ ମିଳିଥିଲା। ଏନେଇ ଗ୍ରାମବାସୀ ବନବିଭାଗକୁ ଜଣାଇଥିଲେ। ଖବରପାଇ ନିକଟସ୍ଥ ବାଘମୁଣ୍ଡା ଫରେଷ୍ଟର ସୁରେଶ ତରାଇ, ଫରେଷ୍ଟଗାର୍ଡ ପି. ଖମାରୀ ପ୍ରମୁଖ ବନ କର୍ମଚାରୀ ସଦଳବଳେ ପହଞ୍ଚି ଶାଗୁଣାକୁ ଉଦ୍ଧାର କରିଥିଲେ। ବନବିଭାଗ ଉଦ୍ଧାରବେଳେ ଶାଗୁଣା ଅସୁସ୍ଥ ରହିଥିଲା। ଏନେଇ ଡିଏଫ୍‌ଓ ଲଳିତ ପାତ୍ର ବନ୍ୟପ୍ରାଣୀ ବିଶେଷଙ୍କ ତତ୍ତ୍ୱାବଧାନରେ ପ୍ରାଣୀଚିକିତ୍ସକଙ୍କ ଜରିଆରେ ଅସୁସ୍ଥ ଶାଗୁଣାର ଚିକିତ୍ସା କରାଇଥିଲେ। ଚିକିତ୍ସା ପରେ ଧିରେଧିରେ ସେ ସୁସ୍ଥ ହୋଇଯାଇଥିଲା । ସୁସ୍ଥପରେ ବନ ବିଭାଗ ଉଦ୍ଧାର ଶାଗୁଣାକୁ ଜଙ୍ଗଲରେ ଛାଡିବା ପାଇଁ ଯୋଜନା କରିଥିଲା। ହେଲେ ଶାଗୁଣାଟି ଠିକ୍‌ରେ ଉଡିପାରୁ ନ ଥିଲା। ସୁରକ୍ଷା ଦୃଷ୍ଟିରୁ ଏଭଳି ଅବସ୍ଥାରେ ଶାଗୁଣାକୁ ଜଙ୍ଗଲରେ ଛାଡିବା ବନ ବିଭାଗ ଉଚିତ ମନେ ନ କରି ଡିଏଫ୍‌ଓ ପାତ୍ର ଭୁବନେଶ୍ୱରସ୍ଥିତ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହମତି ପରେ ଡିଏଫ୍‌ଓ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବନଅଧିକାରୀ ଓ କର୍ମଚାରୀମାନେ ସ୍ୱତନ୍ତ୍ର ଗାଡିରେ ଉଦ୍ଧାର ଶାଗୁଣାକୁ ନେଇ ନନ୍ଦନକାନନରେ ଛାଡି ଥିବା ଜଣାପଡିଛି। ଏହା ପୂର୍ବରୁ ଏହି ଜାତିରେ ଆଉ ଏକ ଶାଗୁଣା ଯାଜପୁର ଅଞ୍ଚଳରୁ ଅଣାଯାଇ ନନ୍ଦନକାନନରେ ରଖାଯାଇଥିବାବେଳେ ଏବେ ବନବିଭାଗ ତରଫରୁ ଉଦ୍ଧାର କରାଯାଇଥିବା ଶାଗୁଣାକୁ ଛଡାଯାଇଛି। ଏହି ପ୍ରଜାତିର ଶାଗୁଣା ପକ୍ଷୀ ଧିରେଧିରେ ବିଲୁପ୍ତ ହେବା ପାଇଁ ବସିଥିବାବେଳେ ଏହାର ବଂଶ ବୃଦ୍ଧି ହେବା ପରିବେଶ ପାଇଁ ଜରୁରୀ ହୋଇପଡିଛି। ଉଭୟ ଶାଗୁଣା ନନ୍ଦନକାନନରେ ରହିଥିବାବେଳେ ଏହାର ବଂଶ ବୃଦ୍ଧି ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଧ୍ୟାନ ରଖିଛନ୍ତି।

# କାମରେ ଲାଗୁନି ଶୌଚାଳୟ


ଅବ୍ୟବହୃତ ଶୌଚାଳୟ।

ଦେଓଗାଁ,୧୧।୧୨(ଡି.ଏନ.ଏ.)

**କୋଭିଡ ସମୟରେ ନିର୍ମିତ ହୋଇଥିଲା**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଙ୍ଗାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ସିଙ୍ଗାମୁଣ୍ଡା ହାଇସ୍କୁଲ ପରିସରରେ ତିଆରି ହୋଇଥିବା ଶୌଚାଳୟ କାମରେ ଲାଗୁନି। ୨ବର୍ଷ ତଳେ କୋଭିଡ ସମୟରେ ରାଜ୍ୟ ସରକାର ପ୍ରବାସୀଙ୍କୁ ରଖିବା ପାଇଁ ବିଦ୍ୟାଳୟ ପରିସରରେ ଆନୁସାଙ୍ଗିକ ବ୍ୟବସ୍ଥା ପାଇଁ ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ବର୍ତ୍ତମାନ ଶୌଚାଳୟ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଲକ୍ଷଲକ୍ଷ ଟଙ୍କା ବରବାଦ ହୋଇଥଇବା ପ୍ରତୀୟମାନ ହେଉଛି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ୯୩୬ ଲିଟର ନକଲି ମଦ ଜବତ, ୨ ଗିରଫ

ରାଉରକେଲା ଅଫିସ,୧୧।୧୨


ଜବତ ବିପୁଳ ପରିମାଣର ମଦ ବୋତଲ।

ବିଶ୍ରା ଥାନା ଅନ୍ତର୍ଗତ ଫୁଲଝର ଅଞ୍ଚଳରେ ମଦ କାରବାର ହେଉଥିବା ବେଳେ ରାଉରକେଲା ଅବକାରୀ ପୋଲିସ ରବିବାର ଚଢାଉ କରିଛି। ଚଢାଉ ବେଳେ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପବନ କୁମାର ମିତଲ ଓ ସୁରେନ୍ଦ୍ର ବାଡାଇକ। ସେମାନଙ୍କଠାରୁ ୯୩୬ ଲିଟର ନକଲି ମଦ, ୧୨୪୮ ମଦ ବୋତଲ ଓ ଏକ କାର୍ ଜବତ ହୋଇଛି। ଅବକାରୀ ମୋବାଇଲ ସ୍କ୍ୱାଡ୍‌ର ଭାରପ୍ରାପ୍ତ ଅଫିସର ଶ୍ରୀଧର ମହାନ୍ତି ଏକ ମାମଲା (ନଂ.୩୩୬।୨୨) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛନ୍ତି। ସୂଚନା ଅନୁସାରେ, ବିଶ୍ରା ଥାନା ଅନ୍ତର୍ଗତ ଫୁଲଝର ଅଞ୍ଚଳରେ ସୁରେନ୍ଦ୍ରଙ୍କର ଏକ ଘରୋଇ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟଟି ବହୁ ଦିନ ଧରି ବନ୍ଦ ପଡିଥିବାବେଳେ ତାକୁ ସେ ପବନଙ୍କୁ ଭଡାରେ ରହିବାକୁ ଦେଇଥିଲେ। ପବନ ଏହି ଘରେ ରହି ଝାଡ଼ଖଣ୍ଡର ରାଞ୍ଚିରୁ ନକଲି ମଦ କିଣି ସୁରେନ୍ଦ୍ରଙ୍କ ସହ ମିଶି କାରବାର କରୁଥିଲେ। ଏ ନେଇ ରାଉରକେଲା ଅବକାରୀ ଡିଏସ୍‌ପି ଶେଖ୍ ଆସିଫ ଅଲ୍ଲୀ କୌଣସି ବିଶେଷ ସୂତ୍ରରୁ ଖବର ପାଇ ଇନ୍ସପେକ୍ଟର ସ୍ନେହଲତା ନାୟକଙ୍କୁ ସେଠାରେ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଅବକାରୀ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ରବିବାର ସକାଳ ସାଢେ ୫ଟାରେ ଚଢାଉ କରିଥିଲା। ମାନସ ରଞ୍ଜନ ମୁଣ୍ଡା, ଗାଙ୍ଗୁମଣି ହେମରମ, ଆକାଶ ସାହୁ, ତେଜରାଜ ଗିରି, ଅଜୟ ସାହୁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ସପନ ସାହୁ, ସୁନିତା କେରକେଟ୍ଟା, ସଞ୍ଜୟ ମୁକ୍ତା, ବିଜୟ ଜେନା, ଶ୍ରୀନିବାସ ବିଶୋଇ ପ୍ରମୁଖ ଚଢାଉ ବେଳେ ଉପସ୍ଥିତ ଥିଲେ।

# ଜିଏମୟୁରେ ମାନବ ଅଧିକାର ଦିବସ ପାଳିତ

ସମ୍ବଲପୁର,୧୧।୧୨(ବ୍ୟୁରୋ)



ସମ୍ବଲପୁର ଜେଏମୟୁର ଛାତ୍ରୀଛାତ୍ରମାନେ ପଦଯାତ୍ରାରେ ଯାଉଛନ୍ତି ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସଚେତନତା ପଦଯାତ୍ରା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରୁ ଛାତ୍ରୀଛାତ୍ରମାନେ ପଦଯାତ୍ରା ଆରମ୍ଭ କରି ସମ୍ବଲପୁର ସହରସ୍ଥିତ ଅଇଁଠାପାଲି ଛକ ପର୍ଯ୍ୟନ୍ତ ଯାଇଥିଲେ । ଏହି ପଦଯାତ୍ରାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ , ମହିଳା ମହାବିଦ୍ୟାଳୟ , ନେତାଜୀ ସୁବାଷଚନ୍ଦ୍ର ବୋଷ ମହାବିଦ୍ୟାଳୟ , ବୁଢ଼ାରଜା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଲେଡି ଲୁଇସ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଡ. ସଂଯୁକ୍ତା ପାଢ଼ୀ ଓ ପତଙ୍ଗ ଅନୁଷ୍ଠାନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଲିଙ୍ଗଭିତ୍ତିକ ହିଂସାକୁ କିପରି ନିଜର ଅଧିକାର ଏବଂ ସଚେତନତା ମାଧ୍ୟମରେ ରୋକାଯାଇ ପାରିବ ସେ ସମ୍ପର୍କରେ ଡ. ପାଢ଼ୀ ଆଲୋକପାତ କରିଥିଲେ । ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡ. ରୂପଶ୍ରୀ ଗୋସ୍ୱାମୀ , ଡ. ରୂପଶ୍ରୀ ବ୍ରହ୍ମକୁମାରୀ, ପୁଷ୍ପା ହେମ୍ବ୍ରମ୍, ଅମୀନା ବେଗମ୍, ଡ. ସସ୍ମିତା ଶାସିନୀ, ଜାମ୍ରିକ୍ ଏକ୍କା ଓ ଲିଙ୍ଗରାଜ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# କ୍ଷତିପୂରଣ ପ୍ରତିଶ୍ରୁତି ପରେ ଉଠିଲା ମୃତଦେହ

ଝାରସୁଗୁଡ଼ା ଅଫିସ,୧୧।୧୨

**ଟ୍ରାକ୍ଟର ଓଲଟି ଶ୍ରମିକ ମୃତ୍ୟୁ ଘଟଣା**

ଲଖନପୁର ବ୍ଲକ ଚାରପାଲି ପଞ୍ଚାୟତ ଧୂଲୁଣ୍ଡା ଗ୍ରାମରେ ଶନିବାର ଟ୍ରାକ୍ଟର ଓଲଟି ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ମୃତଦେହ ରଖି ଦାବି କରିଥିଲେ। ଗତ ବିଳମ୍ବିତ ରାତିରେ ଟ୍ରାକ୍ଟର ମାଲିକ କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ମୃତଦେହ ଉଠିଥିଲା। ପୋଲିସ ମୃତଦେହ ଜବତ କରି ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ତରଫରୁ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି।

# ଯୋଗ ସାଧନା ବଳରେ ମନ ନିୟନ୍ତ୍ରଣ ହୋଇପାରିବ

ରାଉରକେଲା ଅଫିସ,୧୧।୧୨



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବାସନ୍ତୀ କଲୋନି ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଷ୍ଟପ୍ରହରୀ ପଡିଆରେ ୪୦ତମ ବାର୍ଷିକୋତ୍ସବ କେନ୍ଦ୍ର ସଂଚାଳିକା ବିମଳା ଦିଦିଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଛି। ପ୍ରସିଦ୍ଧ ଯୁବ ଯାଦୁଗର ସମ୍ରାଟ ହରିଶ କୁମାର ଏଥିରେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସୁନ୍ଦରଗଡ ଜିଲା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂଚାଳିକା ଜ୍ୟୋତ୍ସ୍ନା ଦିଦି, ଅଞ୍ଜଳି ଦିଦି ଉପସ୍ଥିତ ଥିଲେ। ଯୋଗ ସାଧନା ମାଧ୍ୟମରେ ପ୍ରଚଣ୍ଡ ମନଶକ୍ତିକୁ କିଭଳି କେନ୍ଦ୍ରିଭୂତ କରି ଯାଦୁକୌଶଳ ଓ ୩୦ ସିଟେଡ ବସ୍‌କୁ ଦାନ୍ତରେ ଟାଣିହୁଏ ତାହାକୁ ଯାଦୁଗର ହରିଶ କୁମାର ପ୍ରଦର୍ଶିତ କରିଥିଲେ। ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।

Government of Odisha
Skill Development and Technical Education Department
Directorate of Technical Education & Training, Odisha
At- Killamaidan, P.O.- Buxibazar, Cuttack- 753001
Phone No.0671 2301061, e-mail: dtetorissa@gmail.com

NOTICE INVITING REQUEST FOR PROPOSALS (RFP)
For Setup of CNC Machining Labs (Lot 1) and CNC Offline Simulation Labs (Lot 2) at 20 Govt. Polytechnics of Odisha

No.DTET/2022-23/15511 Date: 08.12.2022

No.KK-279:- The Directorate of Technical Education and Training, Odisha (DTE&T), intends to invite Technical and Financial Proposals through e-tender on MSTC e-procurement website (https://www.mstcecommerce.com/eproc) from the world's leading Original CNC Machines Manufacturing (OEM) companies to setup CNC Machining Labs (Lot 1) and CNC Offline Simulation Labs (Lot 2) at 20 Govt. Polytechnics of Odisha. The details of scope of work, eligibility criteria, terms & conditions and proposals submission details can be downloaded from the DTE&T, Odisha and MSTC websites (www.dtetodisha.gov.in and www.mstcecommerce.com/eproc) from 12th December, 2022. Any addendum / corrigendum (if required) will be uploaded at website mentioned above.

Sd./- DTE&T, Odisha, Cuttack
OIPR-14004/11/0011/2223

## ସଂକ୍ଷେପରେ

### କାର୍ ଦୁର୍ଘଟଣାରେ ଯୁବକ ମୃତ

**କୋକସରା,୧୧।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ବରାଡଙ୍ଗା ପଞ୍ଚାୟତ ସିଉନି ଗାଁ ସ୍କୁଲ ବୁଲାଣି ରାସ୍ତାରେ ଶନିବାର ରାତିରେ ଏକ କାର୍ (ନଂ.ଓଡି୩୦ଇ-୭୭୮୮) ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିବା ବେଳେ କାରରେ ଥିବା ୩ ଜଣ ଯୁବକଙ୍କ ମଧ୍ୟରୁ ଜଣେ ନାବାଳକ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋକସରା ବ୍ଲକ ସାନପୋଡ଼ା ଗାଁର ହୃଦାନନ୍ଦ ଝାଙ୍କରଙ୍କ ପୁଅ ଅଚ୍ୟୁତାନନ୍ଦ ଝାଙ୍କର (୧୭)। ସେ ମାଲକାନଗିରିରେ ରହୁଥିବା ତାଙ୍କ ସମ୍ପର୍କୀୟ ନାନ ପୁଅ ଭାଇ ଦୁଷ୍ମନ୍ତ ନାଏକ(୨୫) ଓ ଅନ୍ୟ ଜଣେ ଯୁବକ ବାଲ୍ମୀକି ମହାରଣା (୨୫)ଙ୍କ ସହ ଟିଟିଲାଗଡ଼ରୁ ମାଲକାନଗିରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ନାବାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଗ୍ରାମବାସୀ ଗୁରୁତର ୨ ଯୁବକଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଆମପାଣି ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ପରେ ପରିବାରଙ୍କୁ ହସ୍ତାନ୍ତର କରିଥିଲେ। ଆମପାଣି ଥାନାରେ ଏକ ମାମଲା (ନଂ.୧୨୫/୨୨) ରୁଜୁକରି ତଦନ୍ତ ଜାରି ରହିଥିବା ଥାନାଧିକାରୀ ଚତୁର୍ଭୁଜ ନାଏକ ସୂଚନା ଦେଇଛନ୍ତି।

### ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

**ଖଡ଼ିଆଲ,୧୧।୧୨(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ତମ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ବିଜେପୁର ପଡିଆଠାରେ ସମାପ୍ତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅବସର ପ୍ରାପ୍ତ ଆୟକର କମିସନର ଶ୍ରୀକାନ୍ତ ଚାଟାର୍ଜୀ, ବିଦ୍ୟାଳୟ ସମ୍ପାଦକ ବିନୋଦ ବିହାରୀ ପାଢ଼ୀ ଉପସ୍ଥିତ ଥିଲେ। ଶିଶୁ ପ୍ରାରମ୍ଭ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୧୨ଜଣ ଶିଶୁ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ଖେଳରେ ପୁରସ୍କୃତ ହୋଇଛନ୍ତି। ସମାପନ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ବେହେରା ଜିଲା ପରିଷଦ, ଗୌତମ ତାଣ୍ଡି ଉପାଧ୍ୟକ୍ଷ ଖଡ଼ିଆଲ ପଞ୍ଚାୟତ ସମିତି, ସଭାପତି ଦିଲୀପ ତ୍ରିବେଦି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ଭୋକ୍ତା, କ୍ରୀଡ଼ା ଶିକ୍ଷକ ଗଣେଶ ଚନ୍ଦ୍ର ଗହିର ଓ ଲାବଣ୍ୟ ବନ ଛୋର, ଟୁନା ରଞ୍ଜନ ହଂସଙ୍କ ପ୍ରତ୍ୟକ୍ଷ ତ୍ୱାବଧାନ ଏବଂ ସମସ୍ତ ଗୁରୁଜୀଗୁରୁମାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିପାଇଁ ପ୍ରଧାନ ଆଚାର୍ଯ୍ୟ ସମସ୍ତ ଗୁରୁଜୀ ଗୁରୁମା, ସେବକ ସେବିକାଙ୍କୁ ଶ୍ରେୟ ଦେଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ମାତୃ ଭାରତୀର ମା'ମାନେ ଏବଂ ପରିଚାଳନା ସମିତି ସମସ୍ତ କାର୍ଯ୍ୟକର୍ତ୍ତା ମଧ ସହଯୋଗ କରିଛନ୍ତି।

### ୨୦୦୭ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ ପ୍ରସ୍ତୁତି

**ନୂଆପଡ଼ା ଅଫିସ,୧୧।୧୨:** ନୂଆପଡା ଜିଲା କୋମନା ବ୍ଲକ ଅଧୀନ ତରବୋଡ ଉଚ୍ଚ ବିଦ୍ୟାଳୟର୨୦୦୭ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ପାଇଁ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେଶବ ସିନ୍ଦୁରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ୨୦୦୭ ମାଟ୍ରିକ ବ୍ୟାଚ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆସନ୍ତା ୨୨ରେ ପ୍ରଜେକ୍ଟ ସମ୍ବଦ ଆମ୍ବ ବଗିଚାରେ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚନ୍ଦ୍ରଶେଖର ଅହୀର, ପୁସ୍ତମ ଅହୀର, ବିନୋଦ ତାଣ୍ଡି, ସନ୍ତରାମ ସାହୁ, ସଞ୍ଜୟ କାଣ୍ଡ, ଗିରିଶ ଗଡତିଆ, ଅଞ୍ଜଳି ସୁନାନୀ, ରୋଜି ବଘେଲ, ଶାନ୍ତି ଗହିର, ଦେବକି ତାଣ୍ଡି, ବିନ୍ଦୁ ଖର୍ସେଲ, କୃଷ୍ଣ ବନଛୋର, ଦେବରାଜ ତାଣ୍ଡି, ଲତା ମହରା, ଲାୟବାନ୍ୟ ମହରା, ସର୍ଦ୍ଧା ପ୍ରସନ୍ନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ନାଟକ 'ଅଗରବତି' ପ୍ରଦର୍ଶିତ, ଅଭିନେତା ସମ୍ବର୍ଦ୍ଧିତ

## ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା


ତୃତୀୟ ସନ୍ଧ୍ୟାରେ ଜଣେ ବରିଷ୍ଠ ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭବାନୀପାଟଣା,୧୧।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ଶୁକ୍ରବାରଠାରୁ ସ୍ମାରକୀ ନାଟ୍ୟ ସଂସ୍ଥା ପକ୍ଷରୁ ଚାଲିଥିବା ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ରବିବାର ଥିଲା ତୃତୀୟ ସନ୍ଧ୍ୟା। କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ଉପନ୍ୟାସିକ ରାସବିହାରୀ ବେହେରା, କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀ କୁଳପତି, ଶିକ୍ଷାବିତ ଅଜୟ ମିଶ୍ର, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ନାଟକ କ୍ଷେତ୍ରରେ ଏ ମାଟିକୁ ବିଶେଷ ଅବଦାନ ପାଇଁ ବରିଷ୍ଠରୁ କନିଷ୍ଠ ପାଞ୍ଚ ପିଢିର ଅଭିନେତା ଯଥା ସୂର୍ଯ୍ୟ ନାରାୟଣ ଶୁକ୍ଳା, ଲକ୍ଷ୍ମୀ ନାରାୟଣ ଦତ୍ତ, ଆର୍ତ୍ତତ୍ରାଣ ସାହୁ, ସୁଶୀଲ ଗହୀର ଓ ପୁଷ୍ପାଞ୍ଜଳି ଦୀପ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସମାଗମ ରଙ୍ଗ ମଣ୍ଡଳ ଜବଲପୁରର କଳାକାରମାନଙ୍କ ଦାରା ପରିବେଷିତ ହୋଇଥିଲା ନାଟକ 'ଅଗରବତୀ'। ଏହି ନାଟକ ନାଟ୍ୟକାର ଆଶିଷ ପାଠକ ରଚନା କରିଥିବା ବେଳେ ସ୍ୱାତୀ ଦୁବେ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ସ୍ୱାତୀ ଦୁବେ, ମାନସୀ ରାଓତ, ଆୟୁଷୀ ରାଓ, ଜ୍ୟୋସ୍ନା କାଟାରିଆ, ଶିବାଞ୍ଜଳି ଗଜଭିୟେ, ହର୍ଷିତା ଗୁପ୍ତା, ସାକ୍ଷୀ ଦୁବେ, ସାକ୍ଷୀ ଗୁପ୍ତା, ଉତ୍ସବ ହାଣ୍ଡେ, ହର୍ଷିତ ସିଂ, ଅଙ୍କିତ କୁମାର, ବିଦାନ କାଟାରେ, ଅନମୋଲ କିରାର୍, ଆର୍ପିଟ ଖାଟିକ, ଶିଭାକର ସାପ୍ରେ ପ୍ରମୁଖ ଅଭିନୟ କରିଥିଲେ। କାର୍ଯ୍ୟକ୍ରମ ବିରଞ୍ଚି ନାରାୟଣ ମୁଣ୍ଡ ପରିଚାଳନା କରିଥିଲେ। ଏଥିରେ ଅଭିନେତା ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ଆଶୁତୋଷ ପୁରୋହିତ, ଶୁଭମ ବେହେରା, ତଥାଗତ ମିଶ୍ର, ସୌମ୍ୟରଞ୍ଜନ ଜେନା, ସୁଶୀଲ ଆଚାର୍ଯ୍ୟ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ, ଭାର୍ଗବୀ ତ୍ରିପାଠୀ, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, ଦୀପକ ଶର୍ମା, ପୁଷ୍ପାଞ୍ଜଳି ଦୀପ ପ୍ରମୁଖ ସହଯୋଗ କରିଥିଲେ।

# ବାଗମୁଣ୍ଡା ଧନୁଯାତ୍ରା ପାଇଁ କଂସ ବରଣ


କଂସ ମହାରାଜାଙ୍କୁ ବରଣ କରାଯାଉଛି।

**ନୂଆପଡ଼ା ଅଫିସ,୧୧।୧୨**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡାଠାରେ ଆସନ୍ତା ୨୨ରୁ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ହେବ। ମହୋତ୍ସବରେ କଂସ ଭୂମିକାରେ ବଲାଙ୍ଗୀର ଜିଲା ଲାଠୋର ମା' ମଙ୍ଗଳା ନାଟ୍ୟକଳା ପରିଷଦ କଳାକାର ସୁଶାନ୍ତ ମେହେର ଅଭିନୟ କରିବେ ଓ ମନ୍ତ୍ରୀ ଭାବେ ହିମାଂସୁ ମେହେର ଅଭିନୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ରବିବାର ବାଗମୁଣ୍ଡା ଗାଁ ଧନୁଯାତ୍ରାର କଂସ ସୁଶାନ୍ତ ମେହେରଙ୍କୁ ଆୟୋଜକ କମିଟି ପକ୍ଷରୁ ବରଣ କରାଯାଇଛି। ବାଗମୁଣ୍ଡା ଧନୁଯାତ୍ରା ମହୋତ୍ସବ ପ୍ରଥମିକ ସ୍କୁଲ ଖେଳ ପଡିଆରେ ମଥୁରା ନଗରୀ ଓ ବିଜୁ ଏକ୍ସପ୍ରେସ ୱେ କଡ ପୋଖରୀ କୂଳ ଗୋପପୁର ହେବା କାର୍ଯ୍ୟକ୍ରମ ରହିଛି। ଧନୁଯାତ୍ରା ଆସନ୍ତା ୨୨ରୁ ୨୮ ପର୍ଯ୍ୟନ୍ତ ୭ ଦିନ ଧରି ଚାଲିବ। ବାଗମୁଣ୍ଡା ଧନୁଯାତ୍ରାରେ ସଭାପତି ଭାବେ ଶାନ୍ତିଲାଲ ମଟାରୀ, ସମ୍ପାଦକ ଭୂବନ ସତନାମୀ, କୋଷାଧ୍ୟକ୍ଷ ମିଟୁ ମଟାରୀ, ସହସମ୍ପାଦକ ଦେଓଲାଲ ବାଗ, କୋର୍ଡିନେଟର ରିଖିରାମ ସତନାମୀ, କେଶବ ଦୁରିଆ ପ୍ରମୁଖ ରହିଥିବା ବେଳେ ପଞ୍ଚାନନ ମଟାରୀ, ଅନାଦି ବଢେଇ, ରବିଶଙ୍କର ସାହୁ, ଲକ୍ଷ୍ମଣ ଦୁରିଆ ପ୍ରମୁଖ ଉପଦେଷ୍ଟା ଭାବେ ରହିଛନ୍ତି। କରୋନା ଯୋଗୁ ଗତ ୨ ବର୍ଷ ବନ୍ଦ ରହିଥିଲା। ଚଳିତବର୍ଷ ଧନୁଯାତ୍ରା ଅନୁଷ୍ଠିତ ହେଉଥିବାରୁ ଅଞ୍ଚଳବାସୀ ବେଶ ଆନନ୍ଦିତ ହୋଇଛନ୍ତି।

# ପଶ୍ଚିମ ଓଡ଼ିଶା ସରପଞ୍ଚ ମହାସଂଘର ପ୍ରଥମ କାର୍ଯ୍ୟକାରିଣୀ

**ଭବାନୀପାଟଣା,୧୧।୧୨(ସ୍ୱ.ପ୍ର.)**



ପ୍ରଥମ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ସରପଞ୍ଚମାନେ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ରୟାଲ ମିଡ଼ ଟାଉନଠାରେ ରବିବାର ପଶ୍ଚିମ ଓଡିଶା ସରପଞ୍ଚ ମହାସଂଘ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ସଭାପତି ସୁବୋଧ ରଣାଙ୍କ ସଭାପତିତ୍ୱରେ ପଶ୍ଚିମ ଓଡ଼ିଶା ଓ ଅବିଭକ୍ତ କୋରାପୁଟର ସମସ୍ତ ଜିଲା ସଭାପତି ଓ ବ୍ଲକ ସଭାପତି ଯୋଗଦେଇଥିଲେ।

ଭାରତୀୟ ସମ୍ବିଧାନ ୭୩ ତମ ସଂଶୋଧିତ ଆଇନ ଅନୁଯାୟୀ ପଞ୍ଚାୟତକୁ ସାୟତ୍ତ ଶାସନର କ୍ଷମତା ଦିଆଯାଇଛି। କିନ୍ତୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ବିଭିନ୍ନ ଚିଠି ମାଧ୍ୟମରେ କ୍ଷମତାର ଖର୍ବ କରୁଛନ୍ତି। ୨୦୧୬ରେ ଯୋଗାଣ ସହାୟକ ପଞ୍ଚାୟତ ନିଯୁକ୍ତି କଲା ପରବର୍ତ୍ତୀ ସମୟରେ ପିଇଓଙ୍କୁ ପିଡିଏସ ଦାୟିତ୍ୱ ଦିଆଗଲା। ଯାହାକି ପିଇଓମାନେ ପଞ୍ଚାୟତକୁ କୌଣସି ହିସାବ ଦେଉନାହାନ୍ତି। ୨୦୨୦ରେ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବ ଡି.କେ.ସିଂହ ପଞ୍ଚାୟତ ସମସ୍ତ କେନ୍ଦ୍ରୀୟ ଅନୁଦାନ ଏବଂ ରାଜ୍ୟ ଅନୁଦାନର ସମସ୍ତ ଟ୍ରାଞ୍ଜେକ୍ସନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାଉଣ୍ଟର ସାଇନ ବାଧ୍ୟତା ମୂଳକ କରିଦେଲେ, ଯାହା କି ପଞ୍ଚାୟତ ସମସ୍ତ ଅଧିକାର ବିଡିଓଙ୍କ ପାଖକୁ ଚାଲିଗଲା। ବର୍ତ୍ତମାନ ପଞ୍ଚାୟତର ବିଜୁଳି ବିଲ ବାନ୍ଧିବାରେ କେନ୍ଦ୍ରୀୟ ଅନୁଦାନ ସବୁ ଖର୍ଚ୍ଚ ହୋଇଯାଉଛି। ଏଥିପ୍ରତି ସରକାର ଯଦି ଦୃଷ୍ଟି ନ ଦେବେ ତାହେଲେ ପଶ୍ଚିମ ଓଡ଼ିଶା ଓ ଅବିଭକ୍ତ କୋରାପୁଟ ସମସ୍ତ ସରପଞ୍ଚ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତାବ ଆଗତ କରାଗଲା। ବୈଠକରେ ବଲାଙ୍ଗୀର ଜିଲା ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ନବରଙ୍ଗପୁର ଜିଲା ସଭାପତି ଜଳନ୍ଧର ମାଝି, କଳାହାଣ୍ଡି ଜିଲା ଉପସଭାପତି ନକୁଳ ନାଏକ, ଜୁନାଗଡ଼ ବ୍ଲକ ସଭାପତି ତାରା ଶଙ୍କର ରାୟଗୁରୁ, କଳାହାଣ୍ଡି ଜିଲା ସମ୍ପାଦକ ଗୋବିନ୍ଦ ନାଏକ, ଦିଗାମ୍ବର ଲୁହା କୋଷାଧ୍ୟକ ରୋମାଞ୍ଚ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଖେଳପଡ଼ିଆରେ ମଣ୍ଡି ଉଦ୍‌ଘାଟିତ

**ଖଡ଼ିଆଲ,୧୧।୧୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଖାସବାହାଲ ପଞ୍ଚାୟତ ଚଚରାଭଟା ଖେଳ ପଡିଆରେ ତୁକଲା ପାକ୍ସ ପକ୍ଷରୁ ମଣ୍ଡି ଖୋଲାଯାଇଛି। ପାକ୍ସ କର୍ମଚାରୀ ନୀଳକଣ୍ଠ ବେହେରା ଓ ଚାଷୀ ସନ୍ତୋଷ ନିଆଲ ମଣ୍ଡି ଉନ୍‌ଘାଟନ କରିଛନ୍ତି। ଏହି ପଞ୍ଚାୟତର ୩୧୧ଜଣ ଚାଷୀ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। କିନ୍ତୁ ମାସ ଆସି ନ ଥିବାରୁ ମିଲର୍ସ ଧାନ ଉଠାଇ ନାହାନ୍ତି। ପ୍ରାୟ ୨୦ଜଣ ଚାଷୀ ହଜାରରୁ ଉର୍ଦ୍ଧ୍ୱ ପକେଟ ଧାନ ମଣ୍ଡିରେ ପକାଇଛନ୍ତି। ଗତ ୩୦ ତାରିଖରେ ବିକ୍ରୟ ପାଇଁ ସେମାନଙ୍କ ନିକଟକୁ ମେସେଜ ଆସିଥିଲା। ମାସ ଆସି ନ ଥିବାରୁ ମିଲର୍ସ ଆସି ନ ଥିବା ଜଣାପଡିଛି। ପ୍ରଥମ ଥର ପାଇଁ ଏହି ଖେଳ ପଡ଼ିଆରେ ଧାନ ମଣ୍ଡି ଆରମ୍ଭ କରାଯାଇଛି। ଶୀଘ୍ର ସମସ୍ୟା ସମାଧାନ କରି ଠିକ ଭାବେ ଧାନ କ୍ରୟ ପାଇଁ ଚାଷୀ ଅନୁରୋଧ କରିଛନ୍ତି। ଏ ନେଇ ତୁକଲା ପାକ୍ସ କର୍ମଚାରୀ ନୀଳକଣ୍ଠ ବେହେରାଙ୍କୁ ପଚାରିବାରୁ କାଲିସୁଦ୍ଧା ଟୋକନ ପାଇଥିବା ଚାଷୀଙ୍କ ଧାନ କିଣାଯିବ ବୋଲି କହିଛନ୍ତି।

# ଶତ ବାର୍ଷିକୀ ସ୍ମାରକୀ ଦିବସ ପାଳିତ


ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ମଦନପୁର,୧୧।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରବିବାର ୧୬ତମ ଶତ ବାର୍ଷିକୀ ସ୍ମାରକୀ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଏବିଇଓ ଜୟସେନ ନିଆଲ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ, ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସହଦେବ ପାଢୀ, ବିଦ୍ୟାଳୟର ସଭାପତି ଯୁଧିଷ୍ଠିର ସିଂହ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ସାହୁ, ସିଆର୍‌ସି ହିମାଦ୍ରୀ ଭୋଇ, ବସନ୍ତ ଦଣ୍ଡିଆ, ବିରେନ୍ଦ୍ର ରଥ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶହେ ବର୍ଷ ପୂର୍ତ୍ତି ଅବସରରେ ତା୧୧।୧୨।୨୦୦୬ରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍ସବ ଶୁଭାରମ୍ଭ କରିଥିଲେ ଏବଂ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତତ୍କାଳୀନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇଥିଲେ। ଉକ୍ତ ଦିବସକୁ ମନେ ରଖିବା ପାଇଁ ପ୍ରତିବର୍ଷ ତା ୧୧।୧୨ ଦିନ ଶତବାର୍ଷିକୀ ସ୍ମାରକୀ ଦିବସ ପାଳନ କରାଯାଏ। ଉକ୍ତ ଦିବସରେ ଛାତ୍ରୀଛାତ୍ରଙ୍କ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ମମତା ସୁନା, ପ୍ରିୟତମା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଝାରକୁଣ୍ଡାମାଲ ଚାମ୍ପିୟନ


ଫାଇନାଲ ଖେଳରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

**କୋକସରା,୧୧।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ପଦରପଡା ଖେଳପଡିଆରେ ଲଙ୍କେ ବସ୍ରେରୀ ଯୁବକ ସଂଘପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋକ୍ଷଧି ବାଗ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କ୍ଷିତିରାମ ପାତ୍ର, ସମିତି ସଭ୍ୟା ପ୍ରତିନିଧି ନରେନ୍ଦ୍ର ମାଝି, ଯୁବ ଉଦ୍ୟୋଗି ସୁଶାନ୍ତ ସାହୁ, ବ୍ଲକ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାତ୍ର, ମୁଖ୍ୟବକ୍ତା ଶିକ୍ଷକ ଅଶୋକ ଦାସ, ବ୍ଲକ ବିଜେଡି ସମ୍ପାଦକ ପଙ୍କଜ ପୋଢ଼, ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ନାଏକ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ୍‌ରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ସେମିଫାଇନାଲ ଟେମରା ଓ ଝାରକୁଣ୍ଡାମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୩-୦ ଗୋଲରେ ଟେମରାକୁ ହରାଇ ଥିଲା। ଫାଇନାଲ ଝାରକୁଣ୍ଡାମାଲ ଓ ମାଲଗୁଣ୍ଡି ମଧ୍ୟରେ ମ୍ୟାଚ୍ ହୋଇଥିଲା। ପେନାଲଟିକି ସୁଟଆଉଟରେ ମାଲଗୁଣ୍ଡିକୁ ହରାଇ ଝାରକୁଣ୍ଡାମାଲ ଟେମରା କପ ଫାଇନାଲ ବିଜୟୀ ହୋଇଛି। ଖେଳକୁ ଖେଳ ଶିକ୍ଷକ ତାପସ ଦାସ ଓ ଲାଇନମେନ ଭୁପେନ୍ଦ୍ର ଗୋପାଳ, ଯଶୋବନ୍ତ ଶବର, ଯୁବକ ସଂଘର ଟୋପେଶ୍ୱର ମାଝି, ଆଶିଷ ରଞ୍ଜନ ମାଝି, କୁମୁଦ ମାଝି, ପ୍ରଦୀପ କୁମାର ସାହୁ, କିଶୋର ଚନ୍ଦ୍ର ଦଳପତି, ମୁକେଶ କୁମାର ସାହୁ, ବିରଞ୍ଚି ରଣା, ଦୟାନିଧି ପଟେଲ, ସୁଧୀର ରଣା ଅଖିଳ ପଟେଲ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ। ଖେଳ ଧାରା ବିବରଣୀ ବାବୁଲାଲ ଶବର ପ୍ରଦାନ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

**କୋକସରା,୧୧।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋକ୍ଷଧି ବାଗ, ମୁଖ୍ୟବକ୍ତା ବୈଦ୍ୟନାଥ ପଣ୍ଡା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ, ସ୍କୁଲ ସଭାପତି ସୁରେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ଖେଳ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ କେଦାର ନାଥ ନାଏକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିମନ୍ତିନୀ ପଣ୍ଡା ଓ ଶିଶୁ ମନ୍ଦିର ସମ୍ପାଦକ ନକୁଳ ବାଣୁଆ ମଞ୍ଚ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଗୌର ଚନ୍ଦ୍ର ନାୟକ, ଗିରିଧାରି ବେମାଲ, ହେମରାଜ ନାଏକ, ସେତୁବନ୍ଦ ଧ.ମାଝି, ହେମନ୍ତ ନାଏକ, ମଞ୍ଜୁ ସିଂ, ଉପସଭାପତି ତ୍ରିନାଥ ପ୍ରସନ୍ନ ରାୟ, କୋଷାଧ୍ୟକ୍ଷ ତୁଳସୀରାମ ବାଗଙ୍କ ସହ ଗୁରୁଜୀ, ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ


ଜଣେ ପ୍ରତିଯୋଗୀ ଲମ୍ଫଡିଆଁ କରୁଛନ୍ତି।

**କର୍ଲାମୁଣ୍ଡା,୧୧।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡା ରବିବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ପରିଚଳନା ସମିତି ଉପସଭାପତି ପ୍ରେମାନନ୍ଦ ସାହୁ, ସମ୍ପାଦକ କାହ୍ନୁଚରଣ ସାହୁ, ଯୁଗ୍ମ ସମ୍ପାଦକ ଜାତୀନ୍ଦ୍ର ସାହୁ, କୋଷାଧ୍ୟକ୍ଷ ହୀରାମଣି ଭୋଇ, ପ୍ରଧାନ ଆଚର୍ଯ୍ୟ ଶାନ୍ତନୁ ମିଶ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ରବିବାର ଉଦ୍‌ଯାପନୀରେ ସମିତି ଉପସଭାପତି ପ୍ରେମାନନ୍ଦ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ବ୍ଲକ ଅଧ୍ୟକ୍ଷ୍ୟା କୁନି ସାହୁ ପ୍ରମୁଖ ଯୋଗଦେଇ ଶିଶୁଙ୍କ ମାର୍ଗ ଦର୍ଶନ କରିବା ସହ କୃତୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଗୁରୁଜୀ, ଗୁରୁ ମା, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ସହଯୋଗ କରିଥିଲେ।

# ୧୯୮୩ ମାଟ୍ରିକ ଜୁନିୟର ବ୍ୟାଚ୍ ବନ୍ଧୁମିଳନ

## ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ

**ଭବାନୀପାଟଣା,୧୧।୧୨(ସ୍ୱ.ପ୍ର.)**

ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ୧୯୮୩ର ମାଟ୍ରିକ (ଜୁନିୟର) ବ୍ୟାଚର ବନ୍ଧୁ ମିଳନ ସ୍ଥାନୀୟ ଯମୁନା ସାଗର ନିକଟସ୍ଥ ଶୁକନାଭଟାଠାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷକ ତଥା ସହପାଠୀଙ୍କ ସ୍ମୃତିଚାରଣ କରି ପ୍ରାକ୍ତନ ଛାତ୍ରମାନେ ଭାବବିହ୍ୱଳ ହୋଇଯାଇଥିଲେ। ପାଠପଢ଼ା ସମୟରେ ଶିକ୍ଷକଙ୍କ କଥା ମନେ ପକାଇଥିଲେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ପ୍ରାକ୍ତନ ମନ୍ତ୍ରୀ, ଆଇନଜୀବୀ ସୁଶାନ୍ତ କୁମାର ମହାନ୍ତି, ଦିବ୍ୟ ବହିଦାର ତଥା ପ୍ରାଧ୍ୟାପକ ଡ. ତପନ କୁମାର ରଥ, ଡିଆଇପିଆରଓ ମନୋଜ କୁମାର ବେହେରା, ଭାବନାଥ ରାୟଗୁରୁ, ମନୋରଞ୍ଜନ ମୁଣ୍ଡ, ମୁହମ୍ମଦ ଜାକିର ପ୍ରମୁଖ। ଉଲ୍ଲେଖଯୋଗ୍ୟ ଯେ, ଏହି ଛାତ୍ରମାନେ ପ୍ରତିବର୍ଷ ବିଦ୍ୟାଳୟର ଗରିବ ଛାତ୍ରଙ୍କୁ ଟେଷ୍ଟପେପର ବଣ୍ଟନ ସହ ଆର୍ଥିକ ସାହାଯ୍ୟ କରୁଛନ୍ତି। ପରେ ୪୦ରୁ ଅଧିକ ସହପାଠୀ ଯୋଗଦାନ କରି ପିଲାଦିନର ସ୍ମୃତି ସବୁକୁ ଉଦ୍‌ଜୀବିତ କରିଥିଲେ।


୧୯୮୩ ମାଟ୍ରିକ ଜୁନିୟର ବ୍ୟାଚର ବନ୍ଧୁମିଳନ ସମାରୋହ।

# ରିଷିଡ଼ା କପ୍ ଫୁଟ୍‌ବଲ: ତୁଷୁରା ଚାମ୍ପିୟନ

**କର୍ଲାମୁଣ୍ଡା,୧୧।୧୨(ଡି.ଏନ.ଏ.)**


ଚାମ୍ପିୟନ ଦଳକୁ ଅତିଥିମାନେ ନଗଦ ରାଶି ସହ ଟ୍ରଫି ପ୍ରଦାନ କରୁଛନ୍ତି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଯୁବାମଞ୍ଚ ପକ୍ଷରୁ ବାପୁଜୀ ମିନିଷ୍ଟାଡିୟମଠାରେ ଚାଲିଥିବା ରିଷିଡା କପ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ତୁର୍ଲା ଟିଟିଲାଗଡ଼ ଓ ତୁଷୁରା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ୨-୦ ଗୋଲରେ ତୁଷୁରା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷ୍ୟା କୁନି ସାହୁ, ସମ୍ମାନି ଅତିଥି ସରପଞ୍ଚ ସେବତୀ ରଣା, ସମିତି ସଭ୍ୟ ନିମାଇଁ ଚରଣ ବେହେରା, ରିଷିଡା ପ୍ରାଥମିକ କୃଷି ସମବାୟ ସମିତି ଉପସଭାନେତ୍ରୀ ସୁଶାନ୍ତି ରଣା, ପ୍ରେସ କ୍ଲବ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ, ସାମାଜିକ କର୍ମୀ ପ୍ରଦୀପ ସାହୁ, ଟୁର୍ନାମେଣ୍ଟ ସଭାପତି ନରୋତ୍ତମ ସେଲମା, ଯୁବମଞ୍ଚ ସଭାପତି ରଞ୍ଜନ ନାଏକ, ସମ୍ପାଦକ ବୁଲୁ ଭୋଇ, ଉପସଭାପତି କୈଳାସ କୁମୁରା, ଗିରିଶ ଚନ୍ଦ୍ର ସୁନା, ଲିପୁନ ରଣା, ସୋନୁ ରଣା, ସତ୍ୟ କୁମାର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ ପୁରସ୍କାର ବିତରଣରେ ରିଷିଡା ପୁରାତନ ଫୁଟବଲ ଖେଳାଳି ଅନ୍ତର୍ଯ୍ୟାମୀ ସାହୁ ଓ ଦୀନବନ୍ଧୁ ସାହୁଙ୍କୁ ସମ୍ମାନିତ କରଯାଇଥିବା ବେଳେ ଚାମ୍ପିୟନ ତୁଷୁରା ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ତୁର୍ଲାଦଳକୁ ୭ ହଜାର ଟଙ୍କା ନଗଦ ରାଶି ସହିତ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା। ରେଫରୀ ଭାବେ ଅନ୍ତର୍ଜାତୀୟ ରେଫରି ନବୀନ ନାଏକ, ଲଳିତ ସାହୁ, ଲଳିତ ଦାସ, ପିଙ୍କୁ ଚନ୍ଦନ ଓ ସ୍କୋରର ଭାବେ ଗୋବର୍ଦ୍ଧନ ମାଝି, ରଶ୍ମିରଞ୍ଜନ ଲେଙ୍କା ରହିଥିବା ବେଳେ ମଧୁସୂଦନ ବାଗ ଓ କମ୍ବୁପାଣି ସାହୁ ଧରବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ବାଇକ୍‌କୁ ପିଟିଲା ପିକ୍‌ଅପ୍: ମହିଳା ମୃତ, ମା'ପୁଅ ଗୁରୁତର

**ମନ୍ଦିର ଦର୍ଶନ ସାରି ଫେରୁଥିଲେ**

**ଉଲୁଣ୍ଡା,୧୧।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ବେହେରାମାଲରେ ରବିବାର ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହଳାଙ୍କ ମୃତ୍ୟୁ ଘଟଛି। ଏଥିରେ ମା' ପୁଅ ଗୁରୁତର ହୋଇଛନ୍ତି। ମୃତ ମହିଳା ସମ୍ବଲପୁର ସାକ୍ଷୀପଡାର ବିଲାସିନୀ ରାଏ। ଗୁରୁତର ରତ୍ନା ଓରାମ ଏବଂ ତାଙ୍କ ପୁଅ ଦୀପକ ଓରାମଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ରତ୍ନା ତାଙ୍କ ପୁଅ ଦୀପକ ଏବଂ ପଡୋଶୀ ବିଳାସିନୀଙ୍କ ସହ ମେଟାକାନୀ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ। ଦେର୍ଶନ ସାରି ଅପରାହ୍ନରେ ଏକ ବାଇକ ଯୋଗେ ତିନିଜଣ ଘରକୁ ଫେରୁଥିଲେ। ସେହି ସମୟରେ ସମ୍ବଲପୁର ପଟରୁ ସୋନପୁର ପଟକୁ ଆସୁଥିବା ଏକ ପିକଅପ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଉଲୁଣ୍ଡା ଦାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ବିଳାସୀନୀଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବାଇକକୁ ଜବତ କରିଛି। ଏଥିସହ ଦୁର୍ଘଟଣା ଘଟାଇ ଫେରାର ମାରୁଥିବା ପିକଅପକୁ ମାଟୁପାଲିଠାରୁ ଜବତ କରାଯାଇଛି।

### ଦେଶୀମଦ ଜବତ, ଜଣେ ଗିରଫ

**ଅମରପାଲି,୧୧।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବକାରୀ ବିଭାଗ ରବିବାର ଭୁଡିଆପାଲି ରାସ୍ତାରେ ରନ୍ଧା ଦେଶୀ ମଦ ଚାଲାଣ ବେଳେ ମଦ ସହ ବାଇକକୁ ଜବତ କରିଛି। ମଦ ବେପାରୀ କୃଷ୍ଣଚନ୍ଦ୍ର ବାରିକଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୫ ଲିଟର ରନ୍ଧା ମଦ ଜବତ କରାଯାଇଛି। ଅବକାରୀ ଏସଆଇ ସୁନିତା ହେମ୍ବ୍ରମଙ୍କ ନେତୃତ୍ୱରେ ଚଡାଉ କରାଯାଇଥିଲା।

### ନିର୍ମଳ ଛାୟା ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ

**ବିନିକା, ୧୧।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକାରେ ଶୀତ ଲହରୀ ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ସିଲାଟି-ଗୁଲୁଣ୍ଡା ରାସ୍ତାରେ ଥିବା ନିର୍ମଳ ଛାୟାରେ ଶନିବାର ସାହେବ କାଂଶୀରାମ ଏଜୁକେସନ ସୋସିଆଲ ୟୁନିଅନ ବିନିକା ଶାଖା ତରଫରୁ ସଭାପତି ବିନୋଦ କୁମ୍ଭାରଙ୍କ ନେତୃତ୍ୱରେ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି।

### କାର୍ ଦୁର୍ଘଟଣାରେ ଯୁବକ ମୃତ

**କୋକସରା,୧୧।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ବରାଡଙ୍ଗା ପଞ୍ଚାୟତ ସିଉନି ଗାଁ ସ୍କୁଲ ବୁଲାଣି ରାସ୍ତାରେ ଶନିବାର ରାତିରେ ଏକ କାର୍ (ନଂ.ଓଡି୩୦ଇ-୭୭୮୮) ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିବା ବେଳେ କାରରେ ଥିବା ୩ ଜଣ ଯୁବକଙ୍କ ମଧ୍ୟରୁ ଜଣେ ନାବାଳକ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋକସରା ବ୍ଲକ ସାନପୋଡ଼ା ଗାଁର ହୃଦାନନ୍ଦ ଝାଙ୍କରଙ୍କ ପୁଅ ଅଚ୍ୟୁତାନନ୍ଦ ଝାଙ୍କର (୧୭)। ସେ ମାଲକାନଗିରିରେ ରହୁଥିବା ତାଙ୍କ ସମ୍ପର୍କୀୟ ନାନ ପୁଅ ଭାଇ ଦୁଷ୍ମନ୍ତ ନାଏକ(୨୫) ଓ ଅନ୍ୟ ଜଣେ ଯୁବକ ବାଲ୍ମୀକି ମହାରଣା (୨୫)ଙ୍କ ସହ ଟିଟିଲାଗଡ଼ରୁ ମାଲକାନଗିରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି।

**ସୁବର୍ଣ୍ଣପୁର ଜିଲା**

# ମଣ୍ଡିରୁ ଉଠୁନି ଧାନ

- ୩୯ ପାକ୍ସ, ୨୨ଏସ୍‌ଏଚ୍‌ଜି ଧାନକିଣା ଆରମ୍ଭ କରିନାହାନ୍ତି
- କୋହଲା ପାଗ, ଚାଷୀ ମଣ୍ଡିକୁ ଧାନ ଆଣୁନାହାନ୍ତି: ଯୋଗାଣ ଅଧିକାରୀ

**ସୋନପୁର,୧୧।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଧାନକିଣା ଆରମ୍ଭ ହେବାର ୬ ଦିନ ବିତିଲାଣି। ପ୍ରଥମ ପର୍ଯ୍ୟାୟରେ ଜିଲାର ଚାଷୀଙ୍କଠାରୁ ୩୦ଲକ୍ଷ ୪୭ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଏ ପର୍ଯ୍ୟନ୍ତ ଟାର୍ଗେଟ୍ ମିଳିଛି। ମାତ୍ର ଶନିବାର ସନ୍ଧ୍ୟା ସୁଦ୍ଧା କେବଳ ୧୮୦୧ ଚାଷୀଙ୍କ ନିକଟରୁ ୯୮ ହଜାର ୯୬୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ୬୩ ପ୍ୟାକ୍ସ ଓ ୩୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣା ପାଇଁ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି। ତେବେ ଜିଲାର କେବଳ ୨୪ଟି ପାକ୍ସ ଓ ୧୬ଟି ଏସ୍‌ଏଚ୍‌ଜି ଧାନ କିଣା ଆରମ୍ଭ କରିଥିବା ଜଣାପଡିଛି।

ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତି ଅନୁଯାୟୀ ଡିସେମ୍ବର ୫ ତାରିଖରୁ ଜଳସେଚିତ ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ଏବଂ ୯ ରୁ ସୋନପୁର, ତରଭା, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରୁ ଧାନକିଣା ଆରମ୍ଭ ହୋଇଛି। ତେବେ ତଥ୍ୟ ଅନୁଯାୟୀ ଜିଲାର ୩୯ଟି ପାକ୍ସ ଓ ୨୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏ ପର୍ଯ୍ୟନ୍ତ ଧାନ କିଣା ଆରମ୍ଭ କରି ନାହାନ୍ତି। ଚାଷୀଙ୍କ ଟୋକନ୍ ଆସିଥିବା ବେଳେ ମଣ୍ଡି ଖୋଲି ନ ଥିବାରୁ ଧାନ ବିକ୍ରି ହୋଇପାରୁନି। ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ଏଥିପାଇଁ ଜିଲା ପ୍ରଶାସନ, ମିଲର୍ସ ଓ ଅସାଧୁ ବ୍ୟବସାୟୀଙ୍କୁ ଦାୟୀ କରିଛି। ମଣ୍ଡିରୁ ଚାଷୀଙ୍କ ଧାନ ଉଠୁ ନଥିବା ବେଳେ ରାଇସ୍ ମିଲ୍‌ର ଗୋଦାମଗୁଡିକ ଭର୍ତ୍ତି ହୋଇ ସାରିଥିବା କୃଷକ ସଂଗଠନ ଅଭିଯୋଗ କରିଛି। ଏବେ ଆଦ୍ରତା ଦର୍ଶାଇ ଚାଷୀଙ୍କଠାରୁ ଧାନ କିଣାଯାଉନି। ଆରଏମସି କର୍ମଚାରୀ ଓ ଯୋଗାଣ ବିଭାଗ ଠିକ୍ ଭାବେ ଧାନର ମାନ ନିର୍ଦ୍ଧାରଣ କରୁନାହାନ୍ତି।

ଖରିଫ ଧାନ ବିକ୍ରି ପାଇଁ ୬୫ହଜାର ୫୨୩ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ତେବେ ଧାନ ବିକ୍ରି ଅନ୍ୟବର୍ଷ ତୁଳନାରେ ମନ୍ଥର ଗତିରେ ଚାଲିଛି। କୋହଲା ପାଗ ପାଇଁ ଧାନ ସଂଗ୍ରହ ଧିମେଇ ଥିବା ପ୍ରଶାସନ ସଫେଇ ଦେଉଛି। ଜିଲାର ୪୦ ମିଲର୍ସ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି। ତଦନୁଯାୟୀ ସେମାନଙ୍କୁ ଧାନ ସଂଗ୍ରହ ପାଇଁ ଟାର୍ଗେଟ୍ ମିଳିଛି। କିନ୍ତୁ ଏପର୍ଯ୍ୟନ୍ତ ୩୧ ମିଲର୍ସ ମଣ୍ଡିରୁ ଧାନ ନେଇଛି । ଚାଷୀଙ୍କ ଧାନ ସଂଗ୍ରହରେ ପାକ୍ସ, ଏସ୍‌ଏଚ୍‌ଜି ଓ ମିଲର୍ସମାନେ ଅସହଯୋଗ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ କୁହନ୍ତି, ଧାନକିଣାରେ ସେମିତି କିଛି ସମସ୍ୟା ନାହିଁ। ଧାନରେ ଆଦ୍ରତା ରହିଛି। କୋହଲା ପାଗ ଯୋଗୁଁ ଚାଷୀ ମଣ୍ଡିକୁ ଧାନ ଆଣୁନାହାନ୍ତି। ସମସ୍ତ ମଣ୍ଡି ଖୋଲିବ ଓ ଆସନ୍ତା ସପ୍ତାହ ଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

# ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ୋତ୍ସବ



ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ାରେ ମଶାଲକୁ ସ୍ୱାଗତ କରାଯାଉଛି ।

**ବରଗଡ଼ ଅଫିସ୍,୧୧।୧୨**

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ରେ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ଶିଶୁ ମନ୍ଦିରରେ ପହଞ୍ଚିଥିବା ପରେ ସେଠାରେ ମଶାଲକୁ ସ୍ୱାଗତ କରାଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ କଲେଜର କ୍ରୀଡ଼ା ଶିକ୍ଷକ ସଚ୍ଚିଦାନନ୍ଦ ପଣ୍ଡା, ଶିଶୁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନ ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମିଶ୍ର କ୍ରୀଡ଼ାର ଆବଶ୍ୟକତା ଉପରେ ଶିଶୁଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ଶିଶୁମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ କରୁଣାକର ପ୍ରଧାନ କ୍ରୀଡ଼ା ପରିଚାଳନା କରିଥିଲେ। ଗୁରୁମା ତନୁଜା ପାଢ଼ୀ ସମାରୋହ ସଂଯୋଜନା କରିଥିଲେ। ଶିଶୁ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆପେକ୍ସ ୱାରିୟର ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ ।

**ଅତାବିରା,୧୧।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜ ପଡ଼ିଆରେ ଚାଲିଥିବା ଡ୍ରିମ୍ସ ସୁପର ଲିଗ୍ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଆପେକ୍ସ ୱାରିୟର ଚାମ୍ପିୟନ ହୋଇଛି। ଶାନ୍ତି ୱାରିୟର ଏବଂ ଆପେକ୍ସ ୱାରିୟର ଫାଇନାଲକୁ ଉନ୍ନୀତ ହୋଇଥିଲେ। ଶାନ୍ତି ୱାରିୟର ଟସ୍ ଜିଣି ବ୍ୟାଟିଂ ପାଇଁ ପ୍ରତିପକ୍ଷ ଦଳକୁ ଆମନ୍ତ୍ରଣ କରିଥିଲା। ଆପେକ୍ସ ୱାରିୟର ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୧୦ଉଇକେଟ୍ ହରାଇ ୧୫୯ରନ ସଂଗ୍ରହ କରିଥିଲା। ଜବାବରେ ଶାନ୍ତି ୱାରିୟର ୧୧୮ରନ ସଂଗ୍ରହ କରି ସମସ୍ତ ଉଇକେଟ୍ ହରାଇ ପରାଜିତ ହୋଇଥିଲା। ମଳୟ ହାତୀ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ସମ୍ବଲପୁର ସିଆର୍‌ପିଏଫ୍‌ର ଡିଆଇଜିପି ଲାଲଚାନ୍ଦ ଯାଦବ ମୁଖ୍ୟ ଅତିଥି ଏବଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଶାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ଚାମ୍ପିୟନ ଆପେକ୍ସ ୱାରିୟରକୁ ଟ୍ରଫି ସହିତ ନଗଦ ୭୦ହଜାର, ରନର୍ସ ଅପ୍ ଶାନ୍ତି ୱାରିୟରକୁ ଟ୍ରଫି ସହିତ ନଗଦ ୪୦ହଜାର ଟଙ୍କାରେ ପୁରସ୍କୃତ କରିଥିଲେ। ଚୂଡ଼ାମଣି ପାଢ଼ୀ, ଅକ୍ଷୟ ସାହାଣୀ, ସନାତନ ସାହୁ, ଏମ୍. ବାଗ ମ୍ୟାଚ୍ ପରିଚାଳନା କରିଥିଲେ।

# ଖେଳ ପଡ଼ିଆରେ ମଣ୍ଡି ଉଦ୍‌ଘାଟିତ

**ଖଡ଼ିଆଲ,୧୧।୧୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଖାସବାହାଲ ପଞ୍ଚାୟତ ଚଚରାଭଟା ଖେଳ ପଡିଆରେ ଡୁକଲା ପାକ୍ସ ପକ୍ଷରୁ ମଣ୍ଡି ଖୋଲାଯାଇଛି। ପାକ୍ସ କର୍ମଚାରୀ ନୀଳକଣ୍ଠ ବେହେରା ଓ ଚାଷୀ ସନ୍ତୋଷ ନିଆଲ ମଣ୍ଡି ଉନ୍‌ଘାଟନ କରିଛନ୍ତି। ଏହି ପଞ୍ଚାୟତର ୩୧୧ଜଣ ଚାଷୀ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। କିନ୍ତୁ ମାସ ଆସି ନ ଥିବାରୁ ମିଲର୍ସ ଧାନ ଉଠାଇ ନାହାନ୍ତି। ପ୍ରାୟ ୨୦ଜଣ ଚାଷୀ ହଜାରରୁ ଉର୍ଦ୍ଧ୍ୱ ପକେଟ ଧାନ ମଣ୍ଡିରେ ପକାଇଛନ୍ତି। ଗତ ୩୦ ତାରିଖରେ ବିକ୍ରୟ ପାଇଁ ସେମାନଙ୍କ ନିକଟକୁ ମେସେଜ ଆସିଥିଲା। ମାସ ଆସି ନ ଥିବାରୁ ମିଲର୍ସ ଆସି ନ ଥିବା ଜଣାପଡିଛି। ପ୍ରଥମ ଥର ପାଇଁ ଏହି ଖେଳ ପଡ଼ିଆରେ ଧାନ ମଣ୍ଡି ଆରମ୍ଭ କରାଯାଇଛି। ଶୀଘ୍ର ସମସ୍ୟା ସମାଧାନ କରି ଠିକ ଭାବେ ଧାନ କ୍ରୟ ପାଇଁ ଚାଷୀ ଅନୁରୋଧ କରିଛନ୍ତି। ଏ ନେଇ ଡୁକଲା ପାକ୍ସ କର୍ମଚାରୀ ନୀଳକଣ୍ଠ ବେହେରାଙ୍କୁ ପଚାରିବାରୁ କାଲିସୁଦ୍ଧା ଟୋକନ ପାଇଥିବା ଚାଷୀଙ୍କ ଧାନ କିଣାଯିବ ବୋଲି କହିଛନ୍ତି।

# ବଡ଼ଧରା ମହାଲକ୍ଷ୍ମୀ ପୂଜା ଉଦ୍‌ଯାପିତ



ମହାଲକ୍ଷ୍ମୀ ପୂଜାରେ ଉପସ୍ଥିତ ଅତିଥିବୃନ୍ଦ ।

**ଅମ୍ବାଭୋନା,୧୧।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବଡ଼ଧରା ଗ୍ରାମରେ ମହାଲକ୍ଷ୍ମୀ ପୂଜା ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଗତ ବୁଧବାର ଶତାଧିକ ମହିଳା ସ୍ଥାନୀୟ କଟାବନ୍ଧରୁ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ପୂଜାସ୍ଥଳୀକୁ ଆସିଥିଲେ। ବିଗ୍ରହ ପୂଜା, ଧ୍ୱଜାବରୋହଣ, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ ଆଦି ହୋଇଥିଲା। ପଣ୍ଡିତ କୈଳାଶ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ମିଶ୍ର, ସଂସାର ପଣ୍ଡା, ତିଳକ ମହାପାତ୍ର ପ୍ରମୁଖ ମନ୍ତ୍ରପାଠ କରିଥିଲେ। ଉମେଶ ଭୋଇ, ସ୍ତ୍ରୀ ଜେମା କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡା. ସୁନିଲ ଆଚାର୍ଯ୍ୟ, କଣ୍ଡପଲା ପ୍ୟାକ୍ସ ସମ୍ପାଦକ କ୍ଷୀରୋଦ୍ର ନାଥ ସାହୁ, ବଳରାମ ବାରିକ, ସତ୍ରାଜିତ ସା, ପ୍ରଫୁଲ୍ଲ ଭୋଇ, ସନ୍ୟାସୀ ଦେହେରୀ, ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କୈଳାଶ ଚନ୍ଦ୍ର ପଣ୍ଡା, ବିଦ୍ୟାଧର ପଶାଏତ, ଜଳନ୍ଧର ପ୍ରଧାନ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଲକ୍ଷ୍ମୀପୂଜା କମିଟିର ତୀର୍ଥ ଚରଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପପଙ୍ଗାରେ ଅନ୍ତର୍ଜାତୀୟ ପର୍ବତାରୋହଣ ଦିବସ




ପପଙ୍ଗା ପାହାଡ଼ରେ ପର୍ବତାରୋହଣ ଦିବସ ପାଳନ କରାଯାଉଛି।

**ବରଗଡ଼ ଅଫିସ୍/ସରଣ୍ଡା,୧୧।୧୨(ଡି.ଏନ.ଏ.)**

ବରଗଡ଼ ଜିଲା ଭେଡେନ ବ୍ଲକ ସ୍ଥିତ ପପଙ୍ଗା ପାହାଡ଼ ଶିଖରରେ ରବିବାର ଅନ୍ତର୍ଜାତୀୟ ପର୍ବତାରୋହଣ ଦିବସ ପାଳିତ ହୋଇଛି। ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କ ଦାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ୮ଜଣ ମହିଳା ଏନସିସି କ୍ୟାଡେଟ, ଜଣେ ପୁରୁଷ କ୍ୟାଡେଟ ଏବଂ ଜଣେ ସାମ୍ବାଦିକ ଏଭଳି ଭାବେ ୧୨ ଜଣ ଭାଗ ନେଇଥିଲେ। ଆଜିର ଦିନରେ ଏହି ବର୍ଷର ଅନ୍ତର୍ଜାତୀୟ ଉଦ୍ଦେଶ୍ୟ ଥିଲା ପର୍ବତ ଉପରେ ମହିଳାଙ୍କ ଭୂମିକା। ଏହି ଦଳ ପପଙ୍ଗା ପାହାଡ଼ର ମୋଟ ୪୯୪ ମିଟର ଅର୍ଥାତ୍ ୧୬୨୦ ଫୁଟ ଉଚ୍ଚତା ଅତିକ୍ରମ କରିଥିଲେ। ଏହି ଦଳରେ ଯୋଗବ୍ୟାସ ଭୋଇ ଓ ତାଙ୍କ ସହଯୋଗୀ ଲଳିତ ପୋଡ଼, ସଚ୍ଚିଦାନନ୍ଦ ପାତ୍ର, ଏନ୍‌ସିସି କ୍ୟାଡେଟ ସୁରଜ ଭୋଇ, ଶକୁନ୍ତଳା ବରିହା, ମଞ୍ଜୁ ଖଡିଆ, ନେହା ଭୋଇ, ମିନାକ୍ଷୀ ସେଠ, ଝରଣା ସାହୁ, ସସ୍ମିତା ଭୋଇ, ଚିନ୍ମୟୀ ଦାଶ ଓ ରଶ୍ମି ତ୍ରିପାଠୀ ସାମିଲ ହୋଇଥିଲେ। ପପଙ୍ଗା ପାହାଡ଼କୁ ଏକ ଉନ୍ନତଧରଣର ପର୍ଯ୍ୟଟନ ସ୍ଥଳରେ ପରିଣତ କରିବା ଦିଗଗୁଡିକ ଉପରେ ଦୃଷ୍ଟି ଦେଇ ଆଗାମୀ ଦିନରେ ପର୍ଯ୍ୟଟନ ବିଭାଗ ଓ ଓଡ଼ିଶା ସରକାରଙ୍କ ସହ ଆଲୋଚନା କରିବା ପାଇଁ ଭୋଇ କହିଛନ୍ତି। ପର୍ବତାରୋହୀ ଦଳ ମଧ୍ୟରୁ ୫ଜଣଙ୍କୁ ଆଫ୍ରିକାର ଉଚ୍ଚତମ ଗିରିଶୃଙ୍ଗ କିଲିମାଞ୍ଜାରୋ ଆରୋହଣ କରିବାକୁ ନେବା ପାଇଁ ଯୋଜନା କରାଯାଉଥିବା ଭୋଇ କହିଛନ୍ତି।

# ସୁବର୍ଣ୍ଣ ଜୟନ୍ତୀରେ ସମ୍ବର୍ଦ୍ଧନା ଉତ୍ସବ



ଯୋଗ ଦେଇଥିବା ଅତିଥିମାନେ ।

**ପଲଶାଗୋରା ଉଚ୍ଚ ବିଦ୍ୟାଳୟ**

**କଣ୍ଟାମାଳ,୧୧।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଶନିବାର ଦିନ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଓ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଓ କର୍ମଚାରୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଣ୍ଟାମାଳ ବିଡିଓ କଳାକୃଷ୍ଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ନବୀନ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ରସେନ ଖଟୁଆ, ଆନନ୍ଦ ନନ୍ଦ ହୋତା, ପୂର୍ବତନ ଛାତ୍ର ଶମ୍ଭୁ ଭୂଷଣ ପଣ୍ଡା, ସୁଧାଂଶୁ ମିଶ୍ର, ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପ୍ରଧାନ, କମିଟି ସମ୍ପାଦକ ଉଦ୍ଧବ ମହଲିକ ମଞ୍ଚାସୀନ ଥିଲେ । ଏହି ଅବସରରେ ପ୍ରତିଷ୍ଠାତା ସଦସ୍ୟଙ୍କ ପରିବାର, ପୂର୍ବତନ ଶିକ୍ଷକ ଓ କର୍ମଚାରୀଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ଛାତ୍ର ଲକ୍ଷ୍ମଣ ମହାପାତ୍ର, ସମୀର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍ଧବ ମଲିକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ର ଯୋଗଦେଇ ସହଯୋଗ କରିଥିଲେ ।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ବୈଠକ

**ସୋନପୁର,୧୧।୧୨(ନି.ପ୍ର.)**

ସୋନପୁର ସହର ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସୁବର୍ଣ୍ଣପୁର ଜିଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଜିଲା ସଭାପତି ଦାମୋଦର ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ୨୦୦୧ ମସିହାରୁ ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରି ଆସୁଛନ୍ତି। ପ୍ରତିବାଦରେ ଗତ ନଭେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଶୋଭାଯାତ୍ରା ଓ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଶିକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ଦାବିପତ୍ରର ଯଥାର୍ଥତା ସମ୍ବନ୍ଧରେ ଓ ଦାବି ପୂରଣ ଦିଗରେ ଓଡିଶାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଣଶିକ୍ଷା ବିଭାଗ, ଅର୍ଥ ବିଭାଗ ଓ ପବ୍ଲିକ ଆକାଉଣ୍ଟସ୍ ବିଭାଗର ପ୍ରମୁଖ ସଚିବଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ଏହି କମିଟି ମିଳିତ ଶିକ୍ଷକ ସଂଘର ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଦାବି ପୂରଣ ଦିଗରେ ପଦକ୍ଷେପ ନେବେ। ସୁବର୍ଣ୍ଣପୁର ଜିଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇଛି। ତେବେ ସରକାର ୨୦୧୭ର ପୁନରାବୃତ୍ତି କରିବେ ନାହିଁ ବୋଲି ଶିକ୍ଷକ ସଂଘ ଆଶା ରଖିଛି । ଆସନ୍ତା ୨୦ ତାରିଖ ପରେ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ନିଷ୍ପତ୍ତି ଅନୁସାରେ ପରବର୍ତ୍ତି କାର୍ଯ୍ୟକ୍ରମ ନିଆଯିବ ବୋଲି ଶିକ୍ଷକ ସଂଘ ଜିଲା ସାଧାରଣ ସମ୍ପାଦକ ଦିଲ୍ଲିପ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ବୈଠକରେ ଉପସଭାପତି ବ୍ରତାନନ୍ଦ ଭୋଇ, କୋଷାଧ୍ୟକ୍ଷ କାର୍ତ୍ତିକ ସାହୁ, ଓମ ପ୍ରକାଶ ପୂଝାରୀ ଓ ଶ୍ୟାମ ସୁନ୍ଦର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ସମୀକ୍ଷା ବୈଠକରେ ଉପସ୍ଥିତ ଶିକ୍ଷକ ନେତା।

# ଏକ୍ସ କ୍ୟାଡରର ଶିକ୍ଷକଙ୍କ ଆନ୍ଦୋଳନ ଚେତାବନୀ

**ସୋନପୁର,୧୧।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଏନଜିଓସିସି ସଭା ଗୃହରେ ଜିଲାର ପ୍ରାଥମିକ ଶିକ୍ଷକ(ଏକ୍ସ କ୍ୟାଡର) ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉମେଶ କୁମାର ଭୋଇଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ୬ଟି ବ୍ଲକରୁ ସଂଘର କର୍ମକର୍ତ୍ତାମାନେ ବୈଠକରେ ଯୋଗଦାନ କରିଥିଲେ। ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ, ଏନପିଏସରେ ସରକାର ନିଜର ଅଂଶ ପ୍ରଦାନ କରିବା, ବକେୟା ଇନ୍‌କ୍ରିମେଣ୍ଟ ପ୍ରଦାନ ଓ ଏକ୍ସ କ୍ୟାଡର ଉଚ୍ଛେଦ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦାବି କରିଥିଲେ। ସରକାର ଏହି ସବୁ ଦାବି ପୂରଣ ନ କଲେ ଆସନ୍ତା ୨୭ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ବୈଠକରେ ଉପସ୍ଥିତ ଏକ୍ସ କ୍ୟାଡର ଶିକ୍ଷକ ସଂଘର କର୍ମକର୍ତ୍ତା।

ସଂଘର ଜିଲା ସମ୍ପାଦକ ସଞ୍ଜୀବ କୁମାର ମିଶ୍ର, ଡୁଙ୍ଗୁରିପାଲି ବ୍ଲକ ସଭାପତି ନିତାଇ ମଟାରୀ, ଉଲୁଣ୍ଡା ବ୍ଲକ ସଭାପତି ଶିବରାମ ଚାନ୍ଦ, ତରଭା ବ୍ଲକ ସଭାପତି ଧ୍ରୁବଳ ପଧାନ, ବିନିକା ବ୍ଲକ ସଭାପତି ଅନିରୁଦ୍ଧ ଦାଶ, ବୀରମହାରାଜପୁର ବ୍ଲକ ସଭାପତି ରଣଜିତ ମହାକୁର, ସୋନପୁର ବ୍ଲକ ସଭାପତି ଲେଲିନ ମେହେର, ସତ୍ୟନାରାୟଣ ନାଏକ, ଗୋପାଳ ମିଶ୍ର, ଅରୁଣ ନାୟକ, ଯଶୋବନ୍ତୀ ମହାପାତ୍ର, ବିନତୀ ବାଗ ଓ ମନୋରମା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଜୁଆଖେଳ: ୫ ଗିରଫ

**କୁଆଁରମୁଣ୍ଡା,୧୧।୧୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଦମପୁର ପଞ୍ଚାୟତ ପଛପଟେ ରବିବାର ଅପରାହ୍ନ ପ୍ରାୟ ୩ଟାରେ ଚାଲିଥିବା ଏକ ଜୁଆଖେଳ ଉପରେ ଫାଣ୍ଡି ପୋଲିସ ଅତର୍କିତ ଚଢ଼ାଉ କରିଛି। ପୋଲିସକୁ ଦେଖି ଜୁଆଡ଼ିମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ଘଟଣାସ୍ଥଳରୁ ପୋଲିସ ୫ବାଇକ୍ , ୫ ମୋବାଇଲ ଓ ୧୮୧୦ ଟଙ୍କା ଜବତ କରିବା ସହ ୫ ଜଣଙ୍କୁ ମଧ ଗିରଫ କରିଛି। ସେମାନେ ପଦମପୁର ଓ କେଉଟେନପୋଷ ଅଞ୍ଚଳର ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଖସିପଡ଼ିଲା ବେଲୁନ ଦୋଳି: ୧୦ଶିଶୁ ଆହତ
#### ମୀନାବଜାରରେ ଅଘଟଣ

**ସୁନ୍ଦରଗଡ଼, ୧୧।୧୨(ଡି.ଏନ.ଏ.):** ସୁନ୍ଦରଗଡ଼ ନାରୀକଲ୍ୟାଣ କେନ୍ଦ୍ର ପଡ଼ିଆଠାରେ ଚାଲିଥିବା ମୀନାବଜାରରେ ରବିବାର ସନ୍ଧ୍ୟାରେ ଅଘଟଣ ଦେଖିବାକୁ ମିଳିଛି। ମୀନାବଜାରରେ ଲାଗିଥିବା ଏକ ବେଲୁନ ଦୋଳି ହଠାତ ଭାଙ୍ଗି ପଡ଼ିବାରୁ ୧୦ରୁ ଅଧିକ ଶିଶୁ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ରବିବାର ସନ୍ଧ୍ୟା ପ୍ରାୟ ୫ଟାବେଳେ ଏହି ଦୋଳିରେ ପିଲାମାନେ ଖେଳୁଥିଲେ। ଏହି ସମୟରେ ହଠାତ କରେଣ୍ଟ ଚାଲିଯାଇଥିଲା ଓ ବେଲୁନ ଦୋଳି ଭାଙ୍ଗିଯାଇଥିଲା। ଫଳରେ ସେଥିରେ ଖେଳୁଥିବା ପିଲାମାନେ ନିଜନିଜ ଉପରେ ଏକାଠି କଚାଡି ହୋଇ ପଡିଥିଲେ। ଅନେକ ପିଲା ବେଲୁନରେ ଚାପିହୋଇ ଅଣନିଶ୍ୱାସୀ ହୋଇପଡିଥିଲେ। ସେଠାରେ ଉପସ୍ଥିତ ଅଭିଭାବକମାନେ ଏଭଳି ଅଘଟଣ ଦେଖି ପାଟିତୁଣ୍ଡ କରି ପିଲାମାନଙ୍କୁ ଉଦ୍ଧାର କରିଥିଲେ। ବିଦ୍ୟୁତ୍ ବିହାରର ଆଲୋକ ପାତ୍ରଙ୍କ କହିବାନୁସାରେ ସେ ସନ୍ଧ୍ୟାରେ ପିଲାମାନଙ୍କୁ ଧରି ମୀନାବଜାର ବୁଲିବାକୁ ଯାଇଥିଲେ। ଏହି ସମୟରେ ହଠାତ କରେଣ୍ଟ ଚାଲିଯିବା ସହ ବେଲୁନ ଦୋଳି ଭୁଶୁଡ଼ି ପଡିଥିଲା। ଏଭଳି ଅଘଟଣରେ ଅନେକ ପିଲା ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଙ୍କ ଝିଅର ମୁହଁରେ ମାଡ଼ ହୋଇଛି। ହେଲେ ପ୍ରଶାସନ ମୀନାବଜାର ପାଇଁ ଅନୁମତି ପ୍ରଦାନ ବେଳେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପ୍ରତି ମଧ ଧାନ ଦେବା ଆବଶ୍ୟକ। ଏହି ଅଘଟଣ ବେଳେ ହଠାତ କରେଣ୍ଟ ଚାଲିଯିବାପରେ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଜେନେରେଟର ବ୍ୟବସ୍ଥା ମଧ ନ ଥିଲା। ଆଉ ମଧ ପିଲାମାନଙ୍କ ସକାଶେ ଉଦ୍ଦିଷ୍ଟ ଏହି ବେଲୁନ ଦୋଳିରେ ବଡ ପିଲାମାନଙ୍କ ପାଇଁ କୌଣସି କଟକଣା ନ ଥିବାରୁ ଏଥିରେ ୧୭/୧୮ ବର୍ଷର ପିଲାମାନେ ମଧ ଖେଳୁଥିବାରୁ ଏଭଳି ଅଘଟ ଘଟିବାର ଅନ୍ୟ ଏକ କାରଣ ବୋଲି ଲୋକେ ଅଭିଯୋଗ କରିଛନ୍ତି।

### ଲୁଟ୍ ଅଭିଯୋଗରେ ୨ ଗିରଫ

**ରାଉରକେଲା ଅଫିସ,୧୧।୧୨:** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ବିଶ୍ରା ଛକ ରେଲୱେ ଓଭରବ୍ରିଜ୍ ଉପରେ କ୍ୟାମେରା ଲୁଟ୍ କରି ଫେରାର ଥିବା ୨ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗୋପବନ୍ଧୁପାଲି ଅଞ୍ଚଳର ଶେଖ୍ ସଲମାନ ଓ ମାନରାଜ ସା। ପୋଲିସ ଏକ ମାମଲା (ନଂ.୪୮୪।୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ନୟାବଜାର ଅଞ୍ଚଳର ଛୋଟଲାଲ ପ୍ରଧାନ ଶନିବାର ଅପରାହ୍ନ ସାଢ଼େ ୩ଟାରେ କ୍ୟାମେରା ନେଇ କିଛି ବନ୍ଧୁଙ୍କ ସହ ଫଟୋ ଉଠାଇବାକୁ ଯାଉଥିଲେ। ଏହି ସମୟରେ ବିଶ୍ରା ଛକ ରେଲୱେ ଓଭରବ୍ରିଜ ଉପରେ ଦୁଇଜଣ ଯୁବକ ଆସି ତାଙ୍କ କ୍ୟାମେରା ଲୁଟ୍ କରି କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଗୋପବନ୍ଧୁପାଲିରୁ ୨ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଥିଲା।

### ବିଶ୍ୱ ମାନବ ଅଧିକାର ଦିବସ

**ରାଉରକେଲା ଅଫିସ,୧୧।୧୨:** ରାଉରକେଲା ଅମୃତଗଙ୍ଗା ପରିସରରେ କେନ୍ଦ୍ରୀୟ ମାନବ ସୁରକ୍ଷା ସଙ୍ଗଠନ ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଛି। ଏହି ଅବସରରେ ଉଦିତନଗର ଆମ୍ବେଡ଼କର ଛକରୁ ଏକ ଶୋଭାଯାତ୍ରା ହୋଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନଭଞ୍ଜନ ଛୁରା ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ସିଆଇପିଏଫ୍ କମାଣ୍ଡାଣ୍ଟ ଅଶୋକ ଜଲୱାନ ଅତିଥି ଭାବେ ଯୋଗଦେଇ ବିଶ୍ୱ ମାନବ ଅଧିକାର ଦିବସ ଉପରେ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବୀଣ ଭାଇ ପଟେଲ, ଡ. ଅକ୍ଷୟ କୁମାର ସାମଲ, ୱିଲିୟମ କିରୋ, ମନୋରଞ୍ଜନ ଦାସ, ନିର୍ଦ୍ଦେଶକ ଶୁଭେନ୍ଦୁ ପତି, ଆଇନଜୀବୀ ସନ୍ତୋଷ ନାୟକ, ପି. ପି. ରାୟ, ରଣଧୀର ଲେଙ୍କା, ଗଗନେଶ୍ୱର ଠାକୁର, ପ୍ରଫୁଲ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ମଞ୍ଚସ୍ଥ ହେଲା ନାଟକ 'ଭିନ୍ନ ଦୃଷ୍ଟି'

**ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା**

**ଦେବଗଡ଼, ୧୧।୧୨(ଡି.ଏନ୍.ଏ.)**



ଜାଗରଣ ସମ୍ମାନରେ ମୁଖ୍ୟଅତିଥି ସମ୍ମାନିତ କରୁଛନ୍ତି।


ନାଟକର ଏକ ଦୃଶ୍ୟ।

ଦେବଗଡ଼ ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଚାଲିଥିବା ୧୮ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ରବିବାର ତୃତୀୟ ସନ୍ଧ୍ୟାରେ ଭୁବନେଶ୍ୱରର ବିଦ୍ୟା କନକ ସୃଜନ ଅନୁଷ୍ଠାନର ନାଟକ 'ଭିନ୍ନ ଦୃଷ୍ଟି' ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି କୌଶିକ ପ୍ରଧାନ, ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଜିଲା କ୍ରିକେଟ ସଂଘର ସମ୍ପାଦକ ଇଂ. ସୁଜିତ ପ୍ରଧାନ, ସମାଜସେବୀ ଇଂ ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଜିତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜନ୍ମେଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ପ୍ରକାଶ ଚନ୍ଦ୍ର ଦେବତା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରର ଓଡିଶା ନାଟ୍ୟ ସଂଘର ସମ୍ପାଦକ ଶୁଭକାନ୍ତ ପାଢୀଙ୍କୁ ୨୦୨୨ ଜାଗରଣ ସମ୍ମାନରେ ମୁଖ୍ୟଅତିଥି ସିଂ ସମ୍ମାନିତ କରିଥିଲେ। ଏହା ପରେ ଭୁବନେଶ୍ୱରର ବିଦ୍ୟା କନକ ସୃଜନ ଅନୁଷ୍ଠାନର ମନୋଜ ମିଶ୍ରଙ୍କ ରଚିତ ଏବଂ ସେନିକା ସାହୁଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ 'ଭିନ୍ନ ଦୃଷ୍ଟି' ମଞ୍ଚସ୍ଥ ହୋଇଥିଲା। ଭିନ୍ନ ଦୃଷ୍ଟି ଏକ ଭିନ୍ନ କଥା କହେ, ବେଳେବେଳେ ଏତେ ଭିନ୍ନ କଥା ଯେ ବହୁ ପ୍ରତିଷ୍ଠିତ ତଥା ବହୁ ଅନୁମୋଦିତ ଅର୍ଥକୁ ମଧ ଭାଙ୍ଗି ଚୁରମାର କରିଦିଏ। ଏ ଭିନ୍ନ ଦୃଷ୍ଟିରେ ସୃଜନଶୀଳତା ବି ଥାଏ ତ ଆଉ ସଂହାର ଲିଳା ବି ଥାଏ। ଏହା ନିର୍ଭର କରେ ବ୍ୟକ୍ତିର ସଂସ୍କାର ଓ ସଂସ୍କୃତି ଉପରେ। ସେହି ସଂସ୍କାର ଓ ସଂସ୍କତି ହିଁ ଅର୍ଥ ଦିଏ। ଏଇ ଭିନ୍ନ ଦୃଷ୍ଟିକୁ ବ୍ୟକ୍ତିର ମସ୍ତକରେ ଆଉ ତାପରେ ବ୍ୟକ୍ତି ତିଆରି କରେ ନିଜ ପାଇଁ ଏକ ନୂଆ ରାସ୍ତା ବୋଲି 'ଭିନ୍ନ ଦୃଷ୍ଟି ' ମାଧ୍ୟମରେ କଳାକାରମାନେ ଭିନ୍ନ ଧରଣର ଏକ ନାଟକ ପ୍ରଦର୍ଶିତ କରିଥିଲେ। ଏହା ପରେ ରାଉରକେଲାର କଳିକା ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଚିତ୍ତରଞ୍ଜନ ଦାସ, ବଂଶୀଧର ସାହୁ, ଶିବାଶିଷ ଝାଙ୍କର, ମଙ୍ଗଳ ମହାକୁଲ, ରାକେଶ ଶତପଥି, ଶ୍ରବଣ ନାଏକ ସମତେ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଓଡ଼ିଶା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ସୁନ୍ଦରଗଡ଼,୧୧।୧୨(ଡି.ଏନ.ଏ )**

ସ୍ଥାନୀୟ ଓଡ଼ିଶା ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ କ୍ରୀଡାତ୍ସୋବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ରିଜର୍ଭ ପୋଲିସ ଇନ୍ସପେକ୍ଟର ଲୋକନାଥ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତି ଥି ଓ ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମୋଟ ୪୦ପ୍ରକାର ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ଏହି ସମାରୋହରେ ସ୍କୁଲ ଅଧ୍ୟକ୍ଷା ଯୋଜନଗନ୍ଧା ସାହୁ ସଭାପତିତ୍ୱ କରିଥିଲେ। ସ୍କୁଲର ଚେୟାରମ୍ୟାନ ତଥା ପ୍ରତିଷ୍ଠାତା ଗିରିଶଚନ୍ଦ୍ର ସାହୁ, ଡାଇରେକ୍ଟର ମନୋରଞ୍ଜନ ଦାଶ,ପରିଚାଳକ ରଞ୍ଜନ ପାଣ୍ଡେ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସିଦ୍ଧାନ୍ତ ପଟେଲ, ଶୁଭେନ୍ଦୁ ନାଏକ, କୁମୁଦବନ୍ଧୁ ରଣା, ରାଜଶ୍ରୀ ସିଂହ, ମୀନା ପାଣ୍ଡେ, ସୌମ୍ୟା ସହାୟ, ଯୋଗମାୟା ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଛାତ୍ରୀ ସିୟା ଶାସନୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଜଗାଙ୍ଗପୁରରେ ଶୌର୍ଯ୍ୟ ଦିବସ

**ରାଜଗାଙ୍ଗପୁର, ୧୧।୧୨(ଡି.ଏନ୍.ଏ.)**


ରାଜଗାଙ୍ଗପୁର ସହରରେ ଶୌର୍ଯ୍ୟ ଦିବସ ପାଳନ କରାଯାଉଛି।

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ରବିବାର ସନାତନ ଧର୍ମର ଶୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ଖେଳ ପଡ଼ିଆରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ଦୁର୍ଗା ବାହିନୀର ଶତାଧିକ ସଦସ୍ୟ ଏକତ୍ରିତ ହୋଇଥିଲେ। ଏକ ସୁସଜ୍ଜିତ ରଥ ସହିତ ସଦସ୍ୟମାନେ ବିଭିନ୍ନ ପତାକା ଧରି ସନାତନ ଧର୍ମର ବିଭିନ୍ନ ସ୍ଲୋଗାନମାନ ଦେଇ ସହରରେ ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରାରେ ମୁଖ୍ୟତଃ ରାଜଗାଙ୍ଗପୁର ଉପଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସଭାପତି ରାଜେଶ ଶର୍ମା, ଦୁର୍ଗାବାହିନୀର ସଭାପତି ପ୍ରିତି ସିଂ, ବଜରଙ୍ଗ ଦଳ ସଭାପତି ଜିତେନ୍ଦ୍ର ଶର୍ମା, ପଶ୍ଚିମ ଓଡିଶା ବଜରଙ୍ଗ ଦଳ ସଂଯୋଜକ ସୁଧିର ବହିଦାର, ପଶ୍ଚିମପ୍ରାନ୍ତ ଦୁର୍ଗା ବାହିନୀ ସଂଯୋଜିକା ସ୍ମୃତି ବାଜପେୟୀ, କୁଲଦିପ ସିଂ, ଦୌଲତ ରାମ ଅଗ୍ରୱାଲ, ପ୍ରଦୀପ ସୋନି, ବିଶ୍ୱମ୍ଭର ନାଥ ମିଶ୍ର, ପଶ୍ଚିମାଞ୍ଚଳ ବିଶ୍ୱହିନ୍ଦୁ କୋଷାଧ୍ୟକ୍ଷ କମଲ ଅଗ୍ରୱାଲ ପ୍ରମୁଖଙ୍କ ସହ ବହୁ ପଦାଧିକାରୀ ରହିଥିଲେ।

## ଘୋଘର ବାର୍ଷିକ ଫୁଟବଲ ପ୍ରତିଯୋଗିତା

**ରାଜଗାଙ୍ଗପୁର, ୧୧।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଘୋଘରଠାରେ ଗ୍ରାମୀଣ ଘୋଘର ବାର୍ଷିକ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଡେଭଲପମେଣ୍ଟ କାଉନସିଲ ଉପାଧ୍ୟକ୍ଷ ସୁସିଲା ଟପନୋ ଯୋଗଦେଇ ଆୟୋଜକ କମିଟି ସଦସ୍ୟ ତଥା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ବେନେଦିକ ତିର୍କୀ, ଜିଲା ପରିଷଦ ସଦସ୍ୟା ଜ୍ୟୋତି କୁଜୁର, ବିଜେଡି ସଂଖ୍ୟାଲଘୁ ସମ୍ପ୍ରଦାୟ ରାଜ୍ୟ ସମ୍ପାଦକ ସୋଏବ ଆଲମ, ରାଜଗାଙ୍ଗପୁର ଉପନଗରପାଳ ଏମଡି ଇରଫାନ, ପ୍ରିୟଦର୍ଶିନୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଫୁଟବଲ ପ୍ରତିଯୋଗିତା ୫ଦିନ ଧରି ଚାଲିଥିଲା। ଏଥିରେ ୩୨ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀରେ ଢେଲୁଆ ଓ ମିସନ ହତା ଦଳ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଢେଲୁଆ ଦଳ ବିଜୟୀ ହୋଇଛି। ବିଜେତା ଦଳକୁ ଓ ରନର୍ସ ଦଳକୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଟ୍ରଫି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା ଘୋଘର ଯୁବକ ସଂଘ ଦ୍ୱାରା ଆୟୋଜନ କରାଯାଇଥିଲା।


ବାର୍ଷିକ ଫୁଟବଲ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

## ପ୍ରଗତି ଉତ୍କଳ ସଙ୍ଗଠନ, ମ୍ୟୁନିସିପାଲ କଲେଜ ଚାମ୍ପିୟନ
### ଚତୁର୍ଥ ଦିନରେ ନଗର କ୍ରୀଡ଼ା ଉତ୍ସବ

**ରାଉରକେଲା ଅଫିସ,୧୧।୧୨**

ରାଉରକେଲା ନଗର କ୍ରୀଡ଼ା ଉତ୍ସବ ରବିବାର ଚତୁର୍ଥ ଦିନରେ ପହଞ୍ଚିଛି । ଆଜିର ଦିବସରେ ଖୋ ଖୋ ଓ ହକିର ଫାଇନାଲ ମ୍ୟାଚ୍ ଖେଳା ଯାଇଥିବା ବେଳେ ଭଲିବଲ୍ ଲିଗ୍ ପର୍ଯ୍ୟାୟ ଖେଳ ଆରମ୍ଭ ହୋଇଛି। ସମସ୍ତ ପ୍ରତିଯୋଗିତାରେ ଅତିରିକ୍ତ ଜିଲାପାଳ ତଥା ରାଉରକେଲା ମହାନଗର ନିଗମ କମିଶନର ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଏସ୍.କେ. ଡିଏଭି ପଲିଟେକ୍‌ନିକ ପରିସରରେ ପାନପୋଷ କ୍ରୀଡ଼ା ସଙ୍ଗଠନ ଓ ରାଉରକେଲା ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଖୋ ଖୋ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ ପ୍ରଗତି ଉତ୍କଳ ସଙ୍ଗଠନ ଓ ମ୍ୟୁନିସିପାଲ କଲେଜ। ଏହି ମ୍ୟାଚ୍‌ରେ ମ୍ୟୁନିସିପାଲ କଲେଜକୁ ୦୩-୧୧ ପଏଣ୍ଟରେ ପରାସ୍ତ କରି ପ୍ରଗତି ଉତ୍କଳ ସଙ୍ଗଠନ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ସେହିପରି ହକି ଫାଇନାଲ ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଟିମ୍‌କୁ ୨-୧ ଗୋଲରେ ପରାସ୍ତ କରି ରାଉରକେଲା ମ୍ୟୁନିସିପାଲ କଲେଜ ବିଜେତା ହୋଇଛି। ଅନ୍ୟପକ୍ଷେ ଭଲିବଲ ବିଭାଗରେ ମୋଟ ୪ଟି ମ୍ୟାଚ୍ ଖେଳାଯାଇଥିଲା। ଉଭୟ ରାଇଜିଂ କ୍ଲବ ଓ ସିଭିଲଟାଉନସିପ୍ ସ୍ଥିତ ଭଲିବଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

# ପିଏସ୍ ଯୁକ୍ତ ୨ କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ପିଏସ୍ କଲେଜ ବାର୍ଷିକ ଉତ୍ସବରେ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ବଡ଼ଗାଁ, ୧୧।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି (ପିଏସ୍) ଯୁକ୍ତ ଦୁଇ କଲେଜରେ ଆରମ୍ଭ ହୋଇଥିବା ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବାର୍ଷିକ କ୍ରୀଡା, ଯୋଗ ଶିବିର ଓ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ତିନି ଦିନ ଧରି ଚାଲିଥିବା ଏହି ଉତ୍ସବର ଉଦ୍‌ଯାପନୀରେ ବିଡ଼ିଓ କ୍ଷମାନିଧି ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୁଲାରି ସୋରେଙ୍ଗ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ମାନବ ଅଧିକାର ଦିବସ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁରର ସିଭିଲଜଜ ତଥା ଜୁଡିସିଆଲ ମାଜିଷ୍ଟ୍ରେଟ ରତ୍ନପର୍ଣ୍ଣା ସାହୁ ମୁଖ୍ୟ ଅତିଥି ଓ ସଂସ୍କୃତି ବିଭାଗର ଜିଲା ଅଧିକାରୀ ସୁଦର୍ଶନ ତାଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନବ ଅଧିକାରର ବିଭିନ୍ନ ଦିଗ ଉପରେ ଆଲୋଚନା କରି ମାର୍ଗଦର୍ଶନ କରିଥିଲେ। ବଡ଼ଗାଁ ଥାନା ଅଧିକାରୀ ହୃଷୀକେଶ ବେହେରା ପୋଲିସ ସେବା ଉପରେ କହିଥିଲେ। କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଦଶରଥ ନାଏକ ମଞ୍ଚ ପରିଚାଳନା କରିଥିଲେ।

## କୋଇଡା ମାଇନିଂ କପ ଫୁଟବଲ: କଲିକତା ବିଜୟୀ

**ଟେନ୍‌ସା, ୧୧।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୋଇଡା କାଦଢ଼ିହା ମିନି ଷ୍ଟାଡିୟମ ଠାରେ ଶନିବାରଠାରୁ କୋଇଡା ମାଇନିଂ କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ କଲିକତା ଓ କୋଇଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ପେନାଲିଟି ମାଧ୍ୟମରେ କଲିକତା ବା ଟୁନୁ ଦେହୁରୀ ଟିମ୍ ବିଜୟ ହୋଇଥିଲା। କୋଇଡା ଫୁଟବଲ ଆସୋସିଏଶନ ଆଣ୍ଡ କୋଇଡା ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ।

## ଗୀତାରେ ବିଶ୍ୱଶାନ୍ତିର ମାର୍ଗ ସୁସ୍ପଷ୍ଟ: ବାବା ବଳିଆ

**ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କୁ ସମ୍ମାନିତ**

**ସୁନ୍ଦରଗଡ଼,୧୧।୧୨(ଡି.ଏନ.ଏ.)**

ଗୀତାରେ ବିଶ୍ୱଶାନ୍ତିର ମାର୍ଗ ସୁସ୍ପଷ୍ଟ। ଗୀତା ମାନବବାଦର କଥାକୁ ପ୍ରତିଷ୍ଠା କରିଅଛନ୍ତି ବୋଲି ବିଶିଷ୍ଟ ସମାଜ ସଂସ୍କାରକ ସନ୍ଥ ପଦ୍ମଶ୍ରୀ ବାବା ବଳିଆ ସୁନ୍ଦରଗଡ଼ରେ ଅନୁଷ୍ଠିତ ତିନିଦିନିଆ ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରକାଶ କରିଛନ୍ତି। ଅନନ୍ତ ବଳିଆ ପରିବାର ସୁନ୍ଦରଗଡ଼ ଶାଖା ତରଫରୁ ଆୟୋଜିତ 'ଗୀତା କଥାମୃତ ଓ ପୂଜ୍ୟପୂଜା ସମାରୋହ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ରବିବାର ସନ୍ଧ୍ୟାରେ ବାବା ବଳିଆ କହିଛନ୍ତି ଯେ, ଗୀତାରେ କର୍ମ, ଜ୍ଞାନ ଓ ଭକ୍ତିର ତ୍ରିବେଣୀ ସଙ୍ଗମ ରହିଛି। ଯାହାକୁ ଆଶ୍ରୟ କରି ବିଶ୍ୱର ପ୍ରତିଟି ମଣିଷ ନିଷ୍ପାପ ଓ ଆନନ୍ଦମୟ ଜୀବନ ଯାପନ କରିପାରିବେ। ଗୀତା ଜାତି, ଧର୍ମ ଓ ବର୍ଣ୍ଣର ଉର୍ଦ୍ଧ୍ୱରେ। ସମଗ୍ର ବିଶ୍ୱ ଜୀବନ ପାଇଁ ଶାନ୍ତିର ମାର୍ଗ ଗୀତାରେ ବର୍ଣ୍ଣିତ ହୋଇଛି। ଏହି ଅବସରରେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପୂଜ୍ୟପୂଜକ ବାବା ବଳିଆ ସମ୍ବର୍ଦ୍ଧିତ କରିଥିଲେ। ପଦ୍ମଶ୍ରୀ ହଳଧର ନାଗ, ରଙ୍ଗବତୀ ଗୀତର ଲେଖକ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ଡାକ୍ତର ଶଙ୍କରା ରାମ ଚନ୍ଦାନୀ ଓ ସମାଜସେବୀ ଇ.ଅରୁଣ କୁମାର ପୃଷେଠଙ୍କୁ ସ୍ୱତନ୍ତ୍ର ଉତ୍ସବରେ ବାବା ବଳିଆ ସମ୍ମାନିତ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ବହୁ ସଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଗୀତା କଥାମୃତ ଶୁଣିଥିଲେ।



ପଶ୍ଚିମ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ବାବା ବଳିଆ ସମ୍ମାନିତ କରୁଛନ୍ତି।

# ପ୍ରଧାନପାଟ କପ୍ ଫୁଟ୍‌ବଲ: ରାଞ୍ଚି ଚାମ୍ପିୟନ

**ଦେବଗଡ଼, ୧୧।୧୨ (ଡି.ଏନ୍.ଏ.)**



ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରାଞ୍ଚିର ରାଜା ସ୍ପୋର୍ଟସ ଓ ସମ୍ବଲପୁର ଡଲଫିନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜା ସ୍ପୋର୍ଟସ ରାଞ୍ଚି ଦଳ ୩-୨ ଗୋଲରେ ଡଲ୍‌ଫିନ କ୍ଲବ ସମ୍ବଲପୁରକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ମ୍ୟାଚକୁ କିସନ ଦାସ, ଅଶ୍ୱିନୀ ବରିହା, ବିଜୟ କୁଲସରି ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ସଭାପତି କୌଶିକ ପ୍ରଧାନ, ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ, ଦେବଗଡ଼ ପୌରପରିଷଦର ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବିଜେଡି ରାଜ୍ୟ କୃଷକ ସେଲ୍‌ର ଉପସଭାପତି ଅମରେନ୍ଦ୍ର ଗଙ୍ଗଦେବ, ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଏହା ସହିତ ମ୍ୟାନ ଅଫ୍ ଦି ସିରିଜ ଭାବେ ନରେଶ ଓରାମ, ଶ୍ରେଷ୍ଠ ଗୋଲକିପର ଭାବେ ଆସିଫ ହୁସେନ, ଶ୍ରେଷ୍ଠ ଡିଫେନସ ମୁଣ୍ଡରୀ, ମ୍ୟାନ ଅଫ ଦି ମ୍ୟାଚ ମନୀଷ ମୁଣ୍ଡରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ଜାତୀୟସ୍ତରୀୟ ଖେଳାଳି ଜିତେନ୍ଦ୍ର ଧରଙ୍କୁ କ୍ଲବ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଧାରାବିବରଣୀ ବେଣୁଧର ଗଡ଼ନାୟକ ପ୍ରଦାନ କରିଥିଲେ। କ୍ଲବର ସଭାପତି ଯୋଗେଶ୍ୱର ସାହୁ, ସମ୍ପାଦକ ସଞ୍ଜିବ ନାଏକ, କୋଷାଧ୍ୟକ୍ଷ ସଞ୍ଜୀବ ବେହେରା, ସୁବାସ ଭୋଇ, ଅଲେଖ ନାଏକ, ଦୀପକ ବେହେରା , ସନ୍ତୋଷ ଭୋଇ, ପ୍ରଦୀପ ବେହେରା, ଅନନ୍ତ ମେହେର, ରୂପକ ମାଝୀ, ଶରତ ମେହେର, ବିକାଶ ଅଗ୍ରୱାଲ, ଯୋଗେଶ ନାଏକ, ବାବୁଲୁ ଜେନା, ଚିତ୍ତ ମୋହନନ୍ଦ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ଖେଳ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଗଛକଟା ଘଟଣା: ଜେଲଗଲେ ୨ଅଭିଯୁକ୍ତ

ଦେଓଗାଁ,୧୧।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବନ ରେଞ୍ଜ ଅଧିନ ଉଡାର ଗ୍ରାମରେ ରୟତି ଓ ସରକାରୀ ଜମିରୁ ମେଶିନ ଦ୍ୱାରା ବେଆଇନ ଭାବେ ଗଛକଟା ଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ମଧ ଦେଓଗାଁ ଫରେଷ୍ଟ ରେଞ୍ଜ କର୍ମଚାରୀ କୌଣସି ପଦକ୍ଷେପ ନେଉ ନ ଥିଲେ। ଖବର ପାଇ ଡିଏଫଓ ନୀତିଶ କୁମାର ତୁରନ୍ତ କଟା ଯାଇଥିବା ଗଛଗୁଡିକୁ ସିଜ୍ କସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଇ ଗଛ କଟାରେ ସମ୍ପୃକ୍ତ ବ୍ରାହ୍ମଣୀପାଲି ଗାଁର ଶଙ୍କର ଘିଭେଲା (୩୫) ଓ ପଦମପୁର ପାଣେପାଲିର ବନମାଳି ପୋଦ୍ଧ (୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଗଛ କଟାରେ ବ୍ୟବହୃତ ଜେସିବି ମେଶିନ ଜବତ କରିବାକୁ ଦାବି ହେଉଛି। ଏନେଇ ବନ ବିଭାଗ ରେଞ୍ଜରେ ଏକ ମାମଲା(୨୪୮/୨୨)ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ରେଞ୍ଜର ଆଲୋକ କୁମାର ମାଝି ସୂଚନା ଦେଇଛନ୍ତି।

### ଶ୍ରଦ୍ଧାଞ୍ଜଳି ସଭାରେ ମହମ୍ମଦ ଅସଲମଙ୍କ ସ୍ମୃତିଚାରଣ

ଭବାନୀପାଟଣା,୧୧।୧୨(ସ୍ୱ.ପ୍ର.): ଭବାନୀପାଟଣା ସହରସ୍ଥିତ ଅମଲା ଭବନଠାରେ ରବିବାର ଯୁବ ଖବରଦାତା ସ୍ୱର୍ଗତ ମହମ୍ମଦ ଅସଲମଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବମନ୍ତ୍ରୀ ରାସ ବିହାରୀ ବେହେରା, ବରିଷ୍ଠ ଖବରଦାତା ଅର୍ଦ୍ଧେନ୍ଦୁ ଦାଶ, ଉମା ଶଙ୍କର କର, ବଣିକ ସଂଘ ସଭାପତି ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ନିର୍ଭିକ ଓ ନିରପେକ୍ଷର ଅନ୍ୟ ନାମ ମହମ୍ମଦ ଅସଲମ ଉଦ୍‌ବୋଧନ ଦେଇଥିଲେ। ଏହି ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହ ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ବରିଷ୍ଠ ଖବରଦାତା ପ୍ରଶାନ୍ତ ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଖବରଦାତା ଉପସ୍ଥିତ ଥିଲେ।

# ମଣ୍ଡିରେ ପଡ଼ିଛି ଧାନ, ବର୍ଷା ଆଶଙ୍କାରେ ଚାଷୀ

## ୮ ପାକ୍ସରେ ଧାନକିଣା ଆରମ୍ଭ

ଲୋଇସିଂହା,୧୧।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଖରିଫ ଧାନକିଣା ଆରମ୍ଭ ହୋଇଛି। ଲୋଇସିଂହା ଓ ବୁର୍ଡାକୁ ବାଦ୍ ଦେଇ ବାକି ପାକ୍ସରେ ଧାନକିଣା ଚାଲିଛି। ବ୍ଲକର ୧୦ ପାକ୍ସରୁ ୮ ପାକ୍ସରୁ ଶନିବାର ସୁଦ୍ଧା ୫ ହଜାର ୪୪୧ କୁଇଣ୍ଟାଲ ୪୬ କେଜି ଧାନ କ୍ରୟ ହୋଇଛି। ନଭେମ୍ବର ୨୫ରେ ଜିଲାରେ ଧାନକିଣାକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ହେଲେ ଗୁରୁବାର କେତେକ ପାକ୍ସରେ ଧାନ କିଣାଯାଇଥିବାବେଳେ ଶନିବାର ଆଉ ୪ଟି ପାକ୍ସରେ ଧାନ କିଣାଯାଇଥିଲା। ଏଣୁ ଲୋଇସିଂହା ବ୍ଲକରେ ଦୁଇସପ୍ତାହ ପିଛିଲା ଧାନ କିଣାଯାଉଛି। ଶୁକ୍ରବାର ରାତି ଓ ଶନିବାର ଦିନବେଳା ମେଘୁଆ ପାଗ ସହ ଝିପିଝିପି ବର୍ଷା ହୋଇଥିଲା। ରବିବାର ଦିନତମାମ ମେଘୁଆ ପାଗ ରହିଥିଲା। ମଣ୍ଡିକୁ ଧାନ ଆଣିଥିବା ଚାଷୀ ଏବେ ବର୍ଷ ପାଇଁ ଚିନ୍ତାରେ ପଡିଛନ୍ତି।

ଲୋଇସିଂହା ବ୍ଲକରେ ୧୦ଟି ପ୍ରାଥମିକ କୃଷି ସମବାୟ ସମିତି ରହିଛି। ବ୍ଲକର ୪ ୭୯୨ ଜଣ ଚାଷୀ ଖରିଫ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଇତିମଧରେ ବାଦିମୁଣ୍ଡା ପାକ୍ସରେ ୩୬୭ କୁଇଣ୍ଟାଲ ୧୬ କେଜି ଧାନ ଉଠିଛି। ସେହିପରି ଗଡଶଙ୍କରଡୁଙ୍ଗରିପାଲି ପାକ୍ସରୁ ୨୭୭ କୁଇଣ୍ଟାଲ, ଯୋଗୀସର୍ଡାରେ ୧ହଜାର ୧୬ କୁଇଣ୍ଟାଲ, କନ୍ଦାଜୁରୀ ୯୧୯ କୁଇଣ୍ଟାଲ, କୁଶଙ୍ଗରେ ୧୦୩୧ କୁଇଣ୍ଟାଲ, କୁଶମେଲରେ ୧୩୫୧ କୁଇଣ୍ଟାଲ,ରେଙ୍ଗାଲି ପାକ୍ସରେ ୧୫୩ କୁଇଣ୍ଟାଲ ଓ ସରଗାଡ ପାକ୍ସରେ ୩୨୫ କୁଇଣ୍ଟାଲ ଧାନ କିଣାଯାଇଛି। କୁଶମେଲ ସମେତ ବିଭିନ୍ନ ସ୍ଥାନରେ ୩କେଜିରୁ ଅଧିକ ଧାନ କଟନୀଛଟନୀ ହେଉଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଲୋଇସିଂହା ଓ ବୁର୍ଡା ପାକ୍ସରେ ଧାନକିଣା ଯିବ ବୋଲି ଜଣାପଡିଛି।


ଯୋଗୀସର୍ଡା ପାକ୍ସରେ ବିକ୍ରି ଅପେକ୍ଷାରେ ଗଚ୍ଛିତ ଧାନ।

# ଧାନମଣ୍ଡି ପରିଦର୍ଶନ କଲେ ତହସିଲଦାର


ଜୁରିଆ ଧାନମଣ୍ଡିରେ ତହସିଲଦାର ଓ ଅନ୍ୟମାନେ।

ଖପ୍ରାଖୋଲ, ୧୧।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହସିଂହା ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ପରିଚାଳିତ ଜୁରିଆ ଧାନମଣ୍ଡି ପରିଦର୍ଶନ କରିଛନ୍ତି ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର। ମଣ୍ଡି ବୁଲି ଦେଖିବା ସହ ସେ ଚାଷୀଙ୍କ ସହ ଧାନବିକ୍ରି ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲକର ସବୁଠୁ ଏଡି ବଡ଼ ଧାନମଣ୍ଡିରେ ୪ଟି ପଞ୍ଚାୟତର ଚାଷୀ ନିର୍ଭର କରିଥାନ୍ତି। ଚଳିତବର୍ଷ ମଣ୍ଡିରେ ଧାନବିକ୍ରି ପାଇଁ ୬୯୧ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ୩୧ ହଜାର ୬୫୧ କୁଇଣ୍ଟାଲ ଧାନ ବିକ୍ରି ଲକ୍ଷ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ୧୬୩ଜଣ ଚାଷୀ ୮୪୭୨ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ଗସ୍ତ ଅବସରରେ ସେଲ ରେଜିଷ୍ଟର, ଟୋକନ ଖାତା, ଧାନର ମାନ ଆଦି ଦେଖିଥିଲେ। ଏହି ଅବସରରେ ସମବାୟ ସମିତି ସଭାପତି କନ୍ଦର୍ପ ସୁଆର, ସମ୍ପାଦକ ଶ୍ରୀପତି ଭୋଇ, ଡିଇଓ ଯଦୁମଣି ରଣା, ସଞ୍ଜୀବ ପଟେଲ, ରାଜୁ ମେହେର, ସତ୍ୟ ମେହେର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ଭେଟିଲେ, ଧାନବିକ୍ରି ସମସ୍ୟା ବୁଝିଲେ


ଦେଓଗାଁର ଏକ ମଣ୍ଡିରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି।

## ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିଙ୍କ ଦେଓଗାଁ ଗସ୍ତ

ଦେଓଗାଁ,୧୧।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର ରବିବାର ଦେଓଗାଁ ବ୍ଲକ ଗସ୍ତରେ ଆସିଥିଲେ। ବ୍ଲକ ଅନ୍ତର୍ଗତ ଉପରଝର, ମହଲାଇ, ଜରାସିଂହା, ଦେଓଗାଁ ପାକ୍ସ ସେ ପରିଦର୍ଶନ ଚାଷୀଙ୍କ ଧାନବିକ୍ରି ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରଥମେ ଉପରଝର ପାକ୍ସକୁ ଯାଇଥିଲେ। ସେଠାରେ ଚାଷୀ ଟୁଙ୍ଗୁ ପଧାନ ସଭାପତିଙ୍କୁ ସାକ୍ଷାତ୍ କରି ତାଙ୍କ ଜମିରେ ଅନ୍ୟ ଜଣେ ଚାଷୀ ଧାନ ବିକିବା ପାଇଁ ପଞ୍ଜୀକରଣ କରିଦେଇଥିବା ଅଭିଯୋଗ କରିଥିଲେ। ଏହାପରେ ଉଭୟ ଚାଷୀଙ୍କୁ ଡାକି ସଭାପତି ମିଶ୍ର ଏହି ସମସ୍ୟାର ସମାଧାନ କରିଥିଲେ। ପରେ ଦେଓଗାଁ ପାକ୍ସ ଆସି ସେ ଚାଷୀଙ୍କୁ ଧାନ ବିକ୍ରି ଉପରେ ପଚାରିଥିଲେ। ମିଲର୍ସଙ୍କ ବାଧ୍ୟବାଧକତାରେ ୫କେଜି କଟନି କରାଯାଉଥିବା ଚାଷୀମାନେ କହିଥିଲେ। କଛାରପାଲିର ଚାଷୀ ପ୍ରକାଶ ସାହୁ ସଇଁତଳା ଲାଟୁଟର ରାଇସ୍ ମିଲ ତାଙ୍କଠାରୁ ୫କେଜି କଟନି କରିଥିବା ବ୍ୟଶଙ୍କ ସଭାପତି ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗକୁ କଟନିଛଟନିରେ କିପରି ରୋକ ଲଗା ଯାଇପାରିବ ସେ ଉପରେ ବିଶେଷ ଦୃଷ୍ଟି ଦିଆଯିବ ବୋଲି ସଭାପତି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏ ଅବସରରେ ହାତୀସରା ପଞ୍ଚାୟତ ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, କୁତୁର୍ଲା ପାକ୍ସ ନିର୍ଦ୍ଦେଶକ ବୁଦ୍ଧଦେବ ପରୁଆ, ଚାଷୀ ବଳରାମ ନାୟକ, ଲକ୍ଷ୍ମଣ ପୋଢ଼, ପ୍ରକାଶ ସାହୁ, କୁନା ସାହୁ, ଶିବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କଟନିଛଟନିକୁ ଚାଷୀଙ୍କ ବିରୋଧ

ବଲାଙ୍ଗୀର ଅଫିସ, ୧୧।୧୨

**ମଲମଣ୍ଡାଠାରେ ରାସ୍ତାରୋକୋ ଆଜି**

ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକର ବିଭିନ୍ନ ପାକ୍ସରେ ଧାନ କଟନିଛଟନୀ ଚାଲିଛି। ଏହାର ପ୍ରତିବାଦରେ ବ୍ଲକର ବିଭିନ୍ନ ଗାଁର ଚାଷୀମାନେ ଆନ୍ଦୋଳନ ନିଷ୍ପତ୍ତି ନେଇଛନ୍ତି। ଚାଷୀମାନେ ସୋମବାର ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ମଲମଣ୍ଡାଠାରେ ରାସ୍ତାରୋକୋ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଚାଷୀମାନେ ରବିବାର ପ୍ରସ୍ତୁତି ବୈଠକରେ ଆଲୋଚନା କରିଛନ୍ତି। ରବିବାର ଚାଷୀ ପ୍ରତିନିଧିମାନେ ବିଭିନ୍ନ ଗାଁରେ ଥିବା ପାକ୍ସ ବୁଲି ଦେଖିଥିଲେ। ଚାଷୀନେତା ଭରତ ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ ମଲମଣ୍ଡାଠାରେ ରାସ୍ତାରୋକ କରିବେ। ଗତ ୨୫ ତାରିଖରୁ ଜିଲାରେ ଧାନ କିଣା ଆରମ୍ଭ ହୋଇଥିଲେ ମଧ ବିଭିନ୍ନ ସ୍ଥାନରେ ଏହା ବ୍ୟବସ୍ଥିତ ହୋଇନାହିଁ। ମିଲର୍ସ ଓ ପକ୍ସ କର୍ମଚାରୀ ଚାଷୀଙ୍କ ଧାନରୁ କୁଇଣ୍ଟାଲ ପିଛା ୫/୬ କେଜି କାଟି ନିଆଯାଉଛି। ଏଫଏକ୍ୟୁ ମାନର ଧାନ କଥା ଉଠାଇ କଟନୀ ଛଟନୀ କରିବା, ଅଖା ବସ୍ତା ପ୍ରତି ୨୦ ଟଙ୍କା କାଟିବା, ଧାନର ମାନ ନିର୍ଦ୍ଧାରଣ ପାଇଁ କୌଣସି ପାକ୍ସରେ ଯନ୍ତ୍ର ନ ଥିବା ସ୍ଥଳେ ଚାଷୀଙ୍କ ଧାନ କାଟିବା ଆଦିକୁ ନେଇ ପ୍ରତିବାଦ ଜଣାଇଥିଲେ। ଧାନକିଣାରେ ମିଲର୍ସଙ୍କ ମନମାନିକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହାର ପ୍ରତିବାଦରେ ପୁଇଁତଲା ବ୍ଲକର ବିଲେଇସର୍ଡା, ପିପିର୍ଡା, ଛତାମଖନା, ମଲମଣ୍ଡା, ପୁଇଁତଲା ପାକ୍ସକୁ ଅଚଳ କରି ଦିଆଯାଇଥିଲା। ପୂର୍ବରୁ ପୁଇଁତଲା ବ୍ଲକର ଜାମଗାଁ, ବଇରାସର, ଛତାପିପଲ ପାକ୍ସକୁ ମଧ ଚାଷୀମାନେ ବନ୍ଦ କରିଥିଲେ। ସମସ୍ୟାର ସମାଧାନ ୧୧ ତାରିଖ ରବିବାର ସୁଦ୍ଧା ନହେଲେ ୧୨ ତାରିଖଠାରୁ ଜାତୀୟ ରାଜପଥକୁ ଅବରୋଧ କରିବାକୁ ବାଧ୍ୟ ହେବେ ବୋଲି ସେମାନେ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ପ୍ରଶାସନ ପକ୍ଷରୁ ସମାଧାନ ବାଟ ବାହାର କରା ନ ଯିବାରୁ ସୋମବାର ସକାଳୁ ମଲମଣ୍ଡାଠାରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି କୁହାଯାଇଛି।

# ସଂସ୍କୃତ ଭାଷାର ସୁରକ୍ଷା ଜରୁରୀ



ରୌପ୍ୟ ଜୟନ୍ତୀ ସଭାରେ ଉପସ୍ଥିତ ଅତିଥି ବୃନ୍ଦ।

## ଟିଟିଲାଗଡ଼ ବ୍ରାହ୍ମଣ ସମାଜର ରୌପ୍ୟ ଜୟନ୍ତୀ

ଟିଟିଲାଗଡ, ୧୧।୧୨(ଡି.ଏନ.ଏ.)

ଟିଟିଲାଗଡ ବ୍ରାହ୍ମଣ ସମାଜର ଦୁଇଦିନିଆ ରୌପ୍ୟ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମାଜ ସଭାପତି ବିଶ୍ୱରାମ ଠାକୁରଙ୍କ ସଭାପତିତ୍ୱରେ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥିଭାବେ ବିଶିଷ୍ଟ ଜ୍ୟୋତିର୍ବିତ ଟିକେଶ୍ୱର ଗୁରୁ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ଡ଼ ରୋହିତ ଦାଶ, ଉପସଭାପତି ପୀଠ ପରିଷଦ ଗୋବର୍ଦ୍ଧନ ମଠ ପୁରୀ ଯୋଗଦେଇ ବ୍ରାହ୍ମଣ ସମାଜ ସଂଗଠନକୁ ମଜଭୁତ କରିବା ପାଇଁ ମତପୋଷଣ କରିଥିଲେ। ମଠ, ମନ୍ଦିରର ସୁରକ୍ଷା, ଗୋ ସୁରକ୍ଷା, ତଥା ସଂସ୍କୃତ ଭାଷାର ସୁରକ୍ଷା ପାଇଁ ଆମକୁ ସ୍ୱର ଉତ୍ତୋଳନ କରିବାକୁ ହେବ ବୋଲି କହିଥିଲେ। ମାତୃଶକ୍ତି ଓ ଯୁବସମାଜକୁ ଜାଗ୍ରତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ରାହ୍ମଣ ସମାଜର ମୁଖପତ୍ର ବ୍ରହ୍ମଚେତନା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ସମାଜର ପ୍ରଥମ ସଭାପତି ସୁଦର୍ଶନ ମିଶ୍ର, ସମ୍ପାଦକ ଜଗନ୍ନାଥ ପଣ୍ଡା, ସାହିତ୍ୟିକ ସେବକ ଚରଣ ଦାଶ, ନୃତ୍ୟ କ୍ଷେତ୍ରରେ ସୁନାମ ଆଣିଥିବା ଶୁଭଦର୍ଶନୀ ମିଶ୍ର ଓ ସୁଶ୍ରୀ ଆରାଧା ଠାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୌପ୍ୟ ଜୟନ୍ତୀ ପାଳନ ପାଇଁ ଡ଼ ଛାୟାକାନ୍ତ ଷଡ଼ଙ୍ଗୀ, ସୁଶୀଲ ମିଶ୍ର, ରାମ ନାରାୟଣ ମିଶ୍ର, ଶୁକଦେବ ଯୋଶୀ, ଆର୍ତ୍ତତ୍ରାଣ ମିଶ୍ର, ମୀନକେତନ ମିଶ୍ର, ବ୍ରଜେନ୍ଦ ଆଚାର୍ଯ୍ୟ, ରାମନାଥ ଖମାରି, ବୃନ୍ଦାବନ ପଣ୍ଡା, ଉମାକାନ୍ତ ମିଶ୍ର, ପ୍ରଶାନ୍ତ ପଣ୍ଡା, ଅଖିଳପଣ୍ଡା, ମାନସ ପାଣି, ଭୂପତି ମିଶ୍ର, ରାଜୁ ମିଶ୍ର, ସୁବୋଧ ଦାଶ ପ୍ରମୁଖ ସହଯୋଗ କରିଥିଲେ। ରାଜେନ୍ଦ୍ର ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସୁଶ୍ରୀ ଆରାଧା ଠାକୁର ଆହେନୀଳ ଶୈଳଉପରେ ନୃତ୍ୟ ପରିବେଷଣ କରିଥିଲେ। ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଚିନ୍ତାମଣି ମହାପାତ୍ର, ପଣ୍ଡିତ ନେତ୍ରାନନ୍ଦମିଶ୍ର ଓ ଶରତ ମିଶ୍ର। ରୋପ୍ୟ ଜୟନ୍ତୀ ପାଳନର ଉଦେଶ୍ୟ ଜ୍ଞାପନ କରିଥିଲେ ସୁବୋଧ ଦାଶ। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ବନମାଳୀ ଦାଶ।

# ରାସ୍ତା ଉନ୍ନତୀକରଣ ପାଇଁ ଶିଳାନ୍ୟାସ

କଣ୍ଟାବାଞ୍ଜି, ୧୧।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ପତ୍ରାପାଲିଠାରୁ ଟେଙ୍ଗରା ପର୍ଯ୍ୟନ୍ତ ୭କିମି ପିଡବ୍ଲୁଡି ରାସ୍ତାର ଉନ୍ନତିକରଣ ପାଇଁ ବିଧାୟକ ସନ୍ତୋଷ ସିଂ ସାଲୁଜା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବଡସାଇମରା ସରପଞ୍ଚ ଶୁକମୁନି ପୁଟେଲ, ଶବର ସିଂ ମାଝି, ନାଥ ହାତୀ, ପ୍ରଦୀପ ଭଘେଲ, ପ୍ରଶାନ୍ତ ମହାନନ୍ଦ ଉପସ୍ଥିତ ଥିଲେ। କଣ୍ଟାବାଞ୍ଜି ପୂର୍ତ୍ତ ଡିଭିଜନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ବେଦବ୍ୟାସ ଭୋଇ ଉପସ୍ଥିତ ଥିଲେ।


ଶିଳାନ୍ୟାସ ସ୍ଥଳରେ ବିଧାୟକ ଓ ଅନ୍ୟମାନେ।

# ଆମେଚ୍ୟୁର କିକ୍‌ବକ୍ସିଂ ସଂଘର ପ୍ରଶିକ୍ଷଣ ଶିବିର

ଟିଟିଲାଗଡ, ୧୧।୧୨(ଡି.ଏନ.ଏ.)

ଟିଟିଲାଗଡ ରେଳବାଇ ପ୍ରତିଷ୍ଠାନ ପରିସରରେ ବଲାଙ୍ଗୀର ଜିଲାସ୍ତରୀୟ ଏମେଚ୍ୟୁର କିକ୍‌ବକ୍ସିଂ ଏବଂ ୱେପନ ତାଲିମ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି କାର୍ତ୍ତିକ ଡାକୁଆଙ୍କ ଉପସ୍ଥିତିରେ କୋଚ ମାନସ ରଞ୍ଜନ ଅମାତ, ଛତିଶଗଡ ରାଜ୍ୟର ମନୀଷ ବାଗଙ୍କ ତତ୍ତ୍ୱାବଧାନରେ ଶିବିରରେ ଭାଗ ନେଇଥିବା ଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆୟୋଜିତ ସଭାରେ ଟିଟିଲାଗଡ଼ ରେଳ ଷ୍ଟେଶନ ମାଷ୍ଟର ପ୍ରଭାତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଜ୍ୟୋତିପ୍ରକାଶ ଗଡତିଆଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ କିକ୍‌ବକ୍ସିଂ ସଭାପତି ଅଯୋଧ୍ୟା ପ୍ରସାଦ ମିଶ୍ର, ସମ୍ପାଦକ ଭଗବାନ କୁମ୍ଭାର, କୋଷାଧକ୍ଷ ଧର୍ମାଶିଷ ମହାନ୍ତି, ସତ୍ୟବ୍ରତ ପଣ୍ଡା, କେଦାର କବାଟ, ରାଜେଶ ଛୁରା, ଅଶ୍ୱିନୀ ନାଗ, ଚନ୍ଦ୍ରଶେଖର ସେଠ, ଚନ୍ଦ୍ରମୋହନ ତ୍ରିପାଠୀ, ସଞ୍ଜୟ ଗାନ୍ଧୀ, ଦେବେନ୍ଦ୍ର ଜୈନ, ପ୍ରଦୀପ ବାରିକ ପ୍ରମୁଖ ସହାୟତା କରିଥିଲେ।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ କିକ୍‌ବକ୍ସିଂ ସଂଘ କର୍ମକର୍ତ୍ତା।

# ଜୁରାନ୍ଦକୁ ହରାଇଲା ଲୁଚିକିବନ୍ଧ

## ପ୍ରତିଭା ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

ମୁରିବାହାଲ, ୧୧।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ସଦର ମହକୁମା ବନବହାଲ ଖେଳ ପଡ଼ିଆରେ ୧୪ ବାର୍ଷିକ ପ୍ରତିଭା ମେମୋରିଆଲ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ନେତାଜୀ ସୁବାଷ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ପ୍ରଥମ ଦିବସ ମ୍ୟାଚ ଲୁଚିକିବନ୍ଦ ଓ ଜୁରାନ୍ଦ ମଧରେ ହୋଇଥିଲା। ଏଥିରେ ଲୁଚକିବନ୍ଦ ୨-୦ ଗୋଲରେ ବିଜୟୀ ହୋଇଥିଲା। ମୁରିବାହାଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ହଂସରାଜ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁନ୍ଦରମତି ବାଗ, ଦିଲ୍ଲୀପ କୁମାର ପୃଷ୍ଟି, ଉମାକାନ୍ତ ସୁନା, ଶବର ସମାଜ ସଂଗଠକ ରଞ୍ଜିତା ଶବର ଉପସ୍ଥିତ ଥିଲେ। ଶ୍ରୀବସ୍ତ ବେହେରା, ଆଶୀର୍ବାଦ ସା, ଅଶ୍ୱନି ଭୁକ୍ତା, ପ୍ରତାପ ଭୁକ୍ତା ରେଫେରୀଭବେ ଖେଳ ପରିଚାଳନା କରିଥିଲେ। ପ୍ରକାଶ ଚନ୍ଦ୍ର ପାତ୍ର, ମନୋଜ କୁମାର ଖମାରୀ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟି ସଭାପତି ଗୋବବନ୍ଧୁ ଭୋଇ, ଉପସଭାପତି ରାଜୀବ କୁଅଁର, ସୁରେଶ ଧରୁଆ, କାର୍ଯ୍ୟକାରୀ ସଭାପତି ଦିଲୀପ ନାୟକ, ସାଧାରଣ ସମ୍ପାଦକ ଗିରିଧାରୀ ମଲ୍ଲିକ ଟୁର୍ନାମେଣ୍ଟ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ସୋମବାର କଣ୍ଟାବାଞ୍ଜି ଓ ନକଟସର ମଧରେ ଖେଳ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ।


ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ।

# ୨୦ଦିନ ବିତିଲା, କାର୍ଯ୍ୟାନୁଷ୍ଠାନ ନାହିଁ

- ପ୍ରଧାନମନ୍ତ୍ରୀ ଆବାସ ଚୋରି
- ସୋସିଆଲ ଅଡିଟ୍ ବେଳେ ଧରାପଡିଥିଲା ଅନିୟମିତତା

ଲୋଇସିଂହା,୧୧।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ଜଣେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଘର ଚୋରି ହୋଇଛି। ଗତ ମାସରେ ଗ୍ରାମରେ ସୋସିଆଲ ଅଡିଟ ବେଳେ ଏହା ଜଣାପଡିଥିଲା। ଏହାପରେ ସମ୍ପୃକ୍ତ ହିତାଧିକାରୀ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ଲକ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ଇତିମଧ୍ୟରେ ୨୦ଦିନ ବିତି ଯାଇଥିଲେ ବି ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇନାହିଁ। ଏହି ଦୁର୍ନୀତିରେ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଅଧିକାରୀଙ୍କ ସମ୍ପୃକ୍ତି ଥିବାରୁ ଏହାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ହିତାଧିକାରୀ ଭକ୍ତ ସାହୁ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବୁର୍ଡା ପଞ୍ଚାୟତ ସଦର ଗାଁର ଭକ୍ତ ସାହୁ। ବୁର୍ଡା ଛକରେ ସାଇକେଲ ମରାମତି ଓ ଫଳମୂଳ ବିକି ପରିବାର ପରିପୋଷଣ କରନ୍ତି। ୨୦୧୯ରେ ଭକ୍ତଙ୍କ ପୁଅ ସେନାବହିନୀରେ ଭର୍ତ୍ତି ହୋଇଥିଲେ। ୨୦୧୯-୨୦ ସେହି ଆର୍ଥିକ ବର୍ଷରେ ଭକ୍ତଙ୍କ ନାମରେ ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆସିଥିଲା। ପୁଅ ଚାକିରି ପାଇଯାଇଥିବାରୁ ଭକ୍ତ ଆଉ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ନେଇ ନ ଥିଲେ। ହେଲେ ଗତ ନଭେମ୍ବର ମାସରେ ଗ୍ରାମରେ ସୋସିଆଲ ଅଡିଟ୍ ହୋଇଥିଲା। ୩ ଜଣିଆ ମହିଳା ଭିଆରପି(ଭିଲେଜ ରିସୋର୍ସ ପରର୍ସନ) ଭକ୍ତଙ୍କ ଘରକୁ ଯାଇ ତଦନ୍ତ କରିଥିଲେ। ତଦନ୍ତ ବେଳେ ଭକ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନେଇଥିବା ଏବଂ ୪ଟି ଯାକ କିସ୍ତି ୧ ଲକ୍ଷ ୩୦ ହଜାର ଟଙ୍କା ଉଠାଇଥିବା ଅଡିଟ ଟିମ୍ କହିଥିଲେ। ଅଡିଟ ଟିମ୍‌ର ଏପରି କଥାରେ ଭକ୍ତ ଓ ତାଙ୍କ ପରିବାର ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ତାଙ୍କ ନାମରେ କାହାକୁ ଘର ଦିଆ ଯାଇ ଅନୁଦାନ ଅର୍ଥ ଉଠିଛି ତାହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନଭେମ୍ବର ୨୧ରେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ଭକ୍ତ। ଅଭିଯୋଗକୁ ଏବିଡିଓ ବିଜୟ କୁମାର ହୋତା ଗ୍ରହଣ କରି ତଦ' କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୨୦ ଦିନ ବିତିଯାଇଥିଲେ ବି ତଦନ୍ତ କରାଯାଇନାହିଁ। ତେଣୁ ଦୋଷୀଙ୍କୁ ଘଣ୍ଟ ଘୋଡାଇବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଥିବା ଅଭିଯୋଗକାରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଆକାଶ ରଞ୍ଜନ ସାହୁ କହିଛନ୍ତି ଘଟଣାର ତଦନ୍ତ ପାଇଁ ଏବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଓବିସିଙ୍କୁ ମିଳୁନି ସାମ୍ବିଧାନିକ ଅଧିକାର

**ବରଗଡ଼ ଅଫିସ୍,୧୧।୧୨**

- ଏସ୍‌ଇବିସି ଆଳରେ ଭୁଆଁ ବୁଲାଉଥିବା ଅଭିଯୋଗ
- ଏସ୍‌ଇବିସି ତାଲିକାରୁ ଓବିସିଙ୍କୁ ଅଲଗା କରାଯାଉ
- ୨୭ ପ୍ରତିଶତ ଆରକ୍ଷଣ ଦାବି କଲା ଓବିସି ମଞ୍ଚ

ଆମ ଦେଶ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ଶିକ୍ଷା, ଶାସନ, ପ୍ରଶାସନ, ନ୍ୟାୟପାଳିକା, ନିଯୁକ୍ତି ପ୍ରତ୍ୟେକ କ୍ଷେତ୍ରରେ ସବୁବର୍ଗର ଲୋକଙ୍କୁ ସମାନୁପାତିକ ଅଧିକାର ମିଳିବା କଥା। କିନ୍ତୁ ପ୍ରତିଟି କ୍ଷେତ୍ରରେ ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ) ଲୋକଙ୍କୁ ଉପେକ୍ଷା କରାଯାଉଛି ଏବଂ ସାମ୍ବିଧାନିକ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରାଯାଉଛି ବୋଲି ରବିବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓବିସି ମଞ୍ଚର ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ର ମତପ୍ରକାଶ କରିଛନ୍ତି ।

ଖବରଦାତା ସମ୍ମିଳନୀରେ ପାତ୍ର ଆହୁରି କହିଥିଲେ, ଓବିସିଙ୍କ ପାଇଁ ଦେଶର ବିଭିନ୍ନ ରାଜ୍ୟ ଅର୍ଥାତ୍ ତାମିଲନାଡୁରେ ୫୦, କର୍ଣ୍ଣାଟକ ୩୨, ମହାରାଷ୍ଟ୍ର ୨୭, କେରଳ ୨୭, ମଧ୍ୟପ୍ରଦେଶ ୨୭, ଗୁଜୁରାଟ ୨୭, ରାଜସ୍ଥାନ ୨୬, ଆନ୍ଧ୍ରପ୍ରଦେଶ ୨୭ ଏବଂ ବିହାରରେ ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ଇଡବ୍ଲ୍ୟୁଏସ୍ ସଂରକ୍ଷଣ ଲାଗୁ ହେବା ପରେ ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ରାଜ୍ୟରେ ମଧ୍ୟ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ ହେଲାଣି। କିନ୍ତୁ ଓଡ଼ିଶାରେ ଓବିସି ଆରକ୍ଷଣ ଶୂନ ରହିଥିବା ପାତ୍ର କହିଛନ୍ତି।

ଚାକିରିରେ ଏସ୍‌ଇବିସି (ସାମାଜିକ ଓ ଶୈକ୍ଷିକ ପଛୁଆ ବର୍ଗ)ଙ୍କୁ ୧୧.୨୫ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ରହିଛି। ମାତ୍ର ଏହା ଓବିସି ଆରକ୍ଷଣ ନୁହେଁ ବୋଲି ସେ କହିଛନ୍ତି। ଏସ୍‌ଇବିସିରେ ୯ଟି ଅଣଓବିସି ଜାତିକୁ ସାମିଲ କରାଯାଇଛି ଏବଂ ସମ୍ପୃକ୍ତ ଜାତି ଏହି ଆରକ୍ଷଣ ବ୍ୟବସ୍ଥାର ଫାଇଦା ଉଠାଇ ଆସୁଛନ୍ତି ବୋଲି ପାତ୍ର କହିଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ୫୨ପ୍ରତିଶତ ଓବିସି ସମସ୍ତ କ୍ଷେତ୍ରରେ ୫୨ପ୍ରତିଶତ ଆରକ୍ଷଣ ପାଇବା ଉଚିତ୍। ମାତ୍ର ସରକାର ସେଥିପ୍ରତି ଆଖିବୁଜି ଦେଇଛନ୍ତି । ଏସ୍‌ଇବିସିଠାରୁ ଅଲଗା କରି ରାଜ୍ୟ ସରକାର ଓବିସିଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ୨୭ପ୍ରତିଶତ ଆରକ୍ଷଣ ଦେବେ ବୋଲି ସେ ଆଶା ପ୍ରକଟ କରିଛନ୍ତି ।

ଏହା ସହିତ ରାଜ୍ୟ ଓବିସି ମଞ୍ଚ ୬ ଦଫା ଦାବି କରିଛି। ଏସ୍‌ଇବିସିରୁ ଓବିସିଙ୍କୁ ଅଲଗା କରି ଅତିଶୀଘ୍ର ସମସ୍ତ ସରକାରୀ, ବେସରକାରୀ ଚାକିରି, ପଞ୍ଚାୟତିରାଜ ବ୍ୟବସ୍ଥା, ବ୍ୟବସାୟ, କୃଷିକ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱର ସୁଯୋଗ ସହିତ ପ୍ରୋତ୍ସାହନ, ଓବିସି ଜାତି ଜନଗଣନା ନ ହେବା ଯାଏ ଓବିସିଙ୍କୁ ୨୭ପ୍ରତିଶତ ସଂରକ୍ଷଣ, ଓବିସି ସାର୍ଟିଫିକେଟ୍ ଲାଇଫ୍‌ଟାଇମ୍ କରିବା ସହିତ ଓବିସି ସଂରକ୍ଷଣକୁ ସମ୍ବିଧାନର ନବମ ପରିଚ୍ଛେଦରେ ସୂଚୀବଦ୍ଧ କରାଯିବା, ଓବିସି ଛାତ୍ରୀଛାତ୍ରଙ୍କ ପାଇଁ ସିଟ୍ ଆରକ୍ଷଣ, ଫି ମାଫ୍, ହଷ୍ଟେଲ ସୁବିଧା, ବିଦେଶରେ ପଢ଼ିବାକୁ ଆର୍ଥିକ ସହାୟତା, କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ନିର୍ଦ୍ଧାରଣ ମୂଲ୍ୟଠାରୁ ଅଧିକ ରଖାଯାଇ ଏମ୍‌ଏସ୍‌ପିକୁ ଆଇନଗତ ସୁରକ୍ଷା ପ୍ରଦାନ ଏବଂ ମଣ୍ଡଳ କମିଶନଙ୍କ ସମସ୍ତ ସୁପାରିଶ ଲାଗୁ କରିବାକୁ ମଞ୍ଚ ଦାବି କରିଛି। ଖବରଦାତା ସମ୍ମିଳନୀରେ ମଞ୍ଚର ବଲାଙ୍ଗୀର ଜିଲା ସାଧାରଣ ସମ୍ପାଦକ ପ୍ରଦେଶୀ ବିଶ୍ୱାଳ, ଆଡ଼ଭୋକେଟ୍ ମିହିର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।



ଖବରଦାତା ସମ୍ମିଳନୀରେ ରାଜ୍ୟ ଓବିସି ମଞ୍ଚର କର୍ମକର୍ତ୍ତାବୃନ୍ଦ ।

## ସଂକ୍ଷେପରେ

### ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ



**ସୋହେଲା,୧୧।୧୨(ଡି.ଏନ.ଏ.):** ବରଗଡ ଜିଲା ସୋହେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାବିଂଶତମ ବାର୍ଷିକ କ୍ରୀଡ଼ା ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସୂର୍ଯ୍ୟନାରାୟଣ ଦେବତା ମୁଖ୍ୟଅତିଥି, ଅଶ୍ୱିନୀ ପାତ୍ର, ପରିଚାଳନା ସମିତି ସମ୍ପାଦକ ଅନୀଲ କୁମାର ସାହୁ, କୋଷାଧକ୍ଷ ତୁଳସୀରାମ ପାଣି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଯୁଧିଷ୍ଠିର ଗୁରୁଜୀ ସଭାକାର୍ଯ୍ୟ ପରିଚାଳନା ଏବଂ ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ଅତିଥି ପରିଚୟ କରିଥିଲେ। ବାର୍ଷିକ କ୍ରୀଡ଼ାରେ ଉଦୟ ବର୍ଗ ୩ଟି, ଅରୁଣ ବର୍ଗ ୩ଟି, ଶିଶୁ ବର୍ଗ ୭ଟି, ବାଳ ବର୍ଗ ୯ଟି, କିଶୋର ବର୍ଗ ୧୨ଟି, ଅଭିଭାବିକା ଅଭିଭାବକମାନଙ୍କର ୨ଟି ଏଭଳି ମୋଟ ୩୪ଟି ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଟଙ୍କଧର ଝାଙ୍କର ମୁଖ୍ୟଅତିଥି, ପରିଚାଳନା ସମିତି ସମ୍ପାଦକ ଅନୀଲ କୁମାର ସାହୁ, ସଭାପତି ବଲବୀର ସିଂ ଠାକୁର, ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ମୁଖ୍ୟଅତିଥି କ୍ରୀଡାରେ କ୍ୟାରିୟର ଗଠନ ପାଇଁ ଶିଶୁଙ୍କୁ ଅବଗତ କରାଇଥିଲେ। ପରେ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶାରୀରିକ ପ୍ରମୁଖ ଶିବ ପ୍ରସାଦ ସାହୁ ବିବରଣୀ ପଠନ କରିଥିଲେ। ମନୋଜ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ରକ୍ତଦାନ ଶିବିର: ୫୦ ୟୁନିଟ୍ ସଂଗ୍ରହ

**ବରପାଲି,୧୧।୧୨(ଡି.ଏନ.ଏ.):** ବରପାଲି ନିକଟସ୍ଥ ସିଂହେନପାଲି ଗ୍ରାମରେ ସେବା ପରିବାର ପକ୍ଷରୁ ରବିବାର ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ବରପାଲି ନିକଟସ୍ଥ ପଣ୍ଡରା ଡୁଙ୍ଗୁରିର ଧବଳେଶ୍ୱର ପୀଠରେ ଆୟୋଜିତ ଏହି ଶିବିରରେ ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଦୃତି ନାରାୟଣ ପାଢ଼ୀ, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ପାଇଁ ମାନପତ୍ର ଲୋଗୋ ସହ ଟି-ସାର୍ଟ ବଣ୍ଟନ କରାଯାଇଥିଲା। ଶିବିରରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

### ଉଲୁଣ୍ଡା ଧନୁଯାତ୍ରା: ଦୁମ୍ରିଳା ବଧ

**ଉଲୁଣ୍ଡା,୧୧।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ବିରାଟ ଧନୁଯାତ୍ରା ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଦିନ ବାଳକଂସଙ୍କ ହାତରେ ଦୃମିଳା ରାକ୍ଷସ ବଧ ଦୃଶ୍ୟ ଅଭିନୀତ ହୋଇଥିଲା। କଂସ ଦରବାରରେ ବିଭିନ୍ନ ଆଲବମ କଳାକାରଙ୍କ ସହ ଆଞ୍ଚଳିକ କଳାକାରଙ୍କୁ ନେଇ ସାଂସ୍କୃତିକ ପରିବେଷଣ ହୋଇଥିଲା। ସେହିପରି ଗୋପପୁର ଗଣ୍ଡାବାହାଲରେ ଡୁଙ୍ଗୁରିପାଲିର ସପ୍ନାରାଣୀ ଯୋଶୀ ସାଥୀ କଳାକାରଙ୍କ ସହ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ।

## କୁଷ୍ଠାଶ୍ରମରେ ଶୀତବସ୍ତ୍ର ବଣ୍ଟନ

**ସୋନପୁର,୧୧।୧୨(ନି. ପ୍ର )**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଟ୍ରେଣ୍ଡି ଏକାଡେମୀ ପକ୍ଷରୁ କୁଷ୍ଠାଶ୍ରମ ପରିସରରେ ଅନ୍ତେବାସୀମାନଙ୍କୁ ରବିବାର ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଅନୁଷ୍ଠାନ କର୍ମକର୍ତ୍ତାମାନେ ସହରର ସୁବର୍ଣ୍ଣମେରୁ ନିକଟରେ ଥିବା କୁଷ୍ଠାଶ୍ରମର ଅନ୍ତେବାସୀଙ୍କ ସହ ଆଲୋଚନା କରିବା ସହ ବର୍ତ୍ତମାନ ସମୟରେ ଅତ୍ୟଧିକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ବିକାଶ ଚନ୍ଦ୍ର ମିଶ୍ର, ସମ୍ପାଦକ ସୁରେଶ ପ୍ରସାଦ ରଥ, ବରିଷ୍ଠ ସଦସ୍ୟ ଇରାଦତ୍ତ ଖାନ, ଶୁଭ୍ରକେଶ ତ୍ରିପାଠୀ, ଦେବାଶିଷ ପଟ୍ଟନାୟକ, ଅଙ୍କିତା ରାୟଗୁରୁ, ବିଜୟ ମହାରଣା, ଶ୍ରୀଜିତ ରାୟଗୁରୁ, ଯୋଗେଶ ମିଶ୍ର, ରୋହିତ ବଗର୍ତ୍ତି, ସରୋଜିନି ପାତ୍ର, ସସ୍ମିତା ପରମଗୁରୁ, ଅନନ୍ୟା ମହେର, ତନିଶା ଅଗ୍ରୱାଲ, ପ୍ରଶାନ୍ତ ସୁନା ଓ ଚେତନ ତନ୍ତିଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସୁନାରି ସମାଜର ନୂଆଁଖାଇ ଭେଟ୍‌ଘାଟ୍




ନୂଆଁଖାଇ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରପାଲି,୧୧।୧୨(ଡି.ଏନ.ଏ.)**

ବରଗଡ଼ ଜିଲା ବରପାଲିଠାରେ ପଶ୍ଚିମ ଓଡ଼ିଶା ସୁନାରି ସମାଜର ନୂଆଁଖାଇ ଭେଟ୍‌ଘାଟ୍ ରବିବାର ଅନୁଷ୍ଠିତ ହୋଇଛି। ପଶ୍ଚିମ ଓଡ଼ିଶା ସଭାପତି ଗୌନ୍ତିଆ କୁମାର ସାହୁଙ୍କ ସଭାପତିତ୍ୱରେ ୧୦ଟି ଜିଲାରୁ ସମାଜର ସମସ୍ତ କର୍ମକର୍ତ୍ତା, ଜିଲା ସଭାପତି, ସମ୍ପାଦକଙ୍କ ସମେତ ବହୁ ମହିଳାପୁରୁଷ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସୁନାରି ସମାଜର ବ୍ୟକ୍ତି ବିଶେଷ, ପ୍ରଶାସନିକ ଅଧିକାରୀ, ଡାକ୍ତର, କଳାକାର, ଶିକ୍ଷାବିତ୍‌ଙ୍କୁ ସମାଜ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସମ୍ପନ୍ନ

**ଜାମଟିକ୍ରା,୧୧।୧୨(ଡି.ଏନ.ଏ.)**

ଅତାବିରା ବ୍ଲକ ଅନ୍ତର୍ଗତ ପାହାଡ଼ଶ୍ରୀଗିଡା ଖେଳ ପଡ଼ିଆରେ ରବିବାର ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି କ୍ରୀଡ଼ା ପ୍ରତିଯୋଗିତାକୁ ସରପଞ୍ଚ ଗୀତାଞ୍ଜଳି ପଧାନ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ କ୍ରିକେଟ, ଦୌଡ, ଭାରସାମ୍ୟ ଓ ରସିଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତର କ୍ରିଡାବିତ୍‌ମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରେମଶୀଳା ଟପ୍ପୋ ମୁଖ୍ୟଅତିଥି, ବୁଦ୍ଧଦେବ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସୁନା ବାବୁ, ସଦାନନ୍ଦ ନନ୍ଦ, ଦୀପକ ମାଝି, ବିନୟ ଶର୍ମା, ହରଜିତ ସିଂହ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ।

## ସିଦ୍ଧାର୍ଥ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା




ସିଦ୍ଧାର୍ଥ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ୋତ୍ସବରେ ଅତିଥିବୃନ୍ଦ ।

**ସରଣ୍ଡା,୧୧।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ କୁମେଲସିଂହା ସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ୩ଦିନ ଧରି ଚାଲିଥିବା କ୍ରୀଡ଼ା ଉତ୍ସବରେ ୨୫୦ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଆଇପିଇ (ଶାରୀରିକ ଶିକ୍ଷା ନିରୀକ୍ଷକ) ଆଶୁତୋଷ ଦେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲର ଚେୟାରମ୍ୟାନ ଭି. ଶ୍ରୀନିବାସ ରାଓ ଉପସ୍ଥିତ ରହି କ୍ରୀଡ଼ାର ସୁପରିଚାଳନା ପାଇଁ ଉତ୍ସାହିତ କରିଥିଲେ। ପ୍ରିନ୍ସିପାଲ ଭି. ଶ୍ରୀନିବାସ ରାଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖେଳାଳି ମନୋଭାବ ସୃଷ୍ଟି କରିବା ପାଇଁ ଆହ୍ୱାନ କରିଥିଲେ। ବରିଷ୍ଠ ଶିକ୍ଷକ ଅସିତ୍ କୁମାର ଅମାନ୍ତ, ଆଦିତ୍ୟ ମାହାଣା କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିଲେ। ଗୀତିରଞ୍ଜନ ସାହୁ, କ୍ରୀଡ଼ା ଶିକ୍ଷକ ଆଲୋକ କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡ଼ା ଉତ୍ସବରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

## ନବୋଦୟ ସ୍କୁଲରେ ଭାରତୀୟ ଭାଷା ମହୋତ୍ସବ

**ପାଇକମାଲ,୧୧।୧୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ସ୍ଥିତ ଜବାହରଲାଲ ନବୋଦୟ ବିଦ୍ୟାଳୟରେ ରବିବାର ଭାରତୀୟ ଭାଷା ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରିନ୍ସିପାଲ ସରୋଜ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଗିରିଶ ବେହେରା ଉଦ୍ଦେଶ୍ୟ ଜ୍ଞାପନ ଏବଂ ବି. କେ. ଦ୍ୱିବେଦୀ ସଭା ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ସୁବ୍ରମଣ୍ୟମ ଭାରତୀଙ୍କ ଜୀବନାଦର୍ଶ ଓ କାର୍ଯ୍ୟାବଳୀ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଏହାସହ ତାଙ୍କ ଜନ୍ମ ଦିବସକୁ ଭାରତୀୟ ଭାଷା ମହୋତ୍ସବ ଦିବସ ଭାବେ ପାଳନ କରାଯାଉଥିବା କହିଥିଲେ। ଭାରତୀୟ ଭାଷା ସମୂହର ଉଦ୍ଭବ, କ୍ରମବିକାଶ, ସାମ୍ପ୍ରତିକ ସ୍ଥିତି ଓ ଦୈନନ୍ଦିନ ଜୀବନଧାରଣ ସହ ଭାଷାର ସମ୍ପର୍କ ସମ୍ବନ୍ଧରେ ସଭାପତି ତ୍ରିପାଠୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗୀତାଞ୍ଜଳି ପଟେଲ, ହିମାଂଶୁ ମିଶ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ମଳୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ନାଟକ ସମ୍ଭବାମୀ ଯୁଗେ ଯୁଗେ ମଞ୍ଚସ୍ଥ

**ବୌଦ୍ଧ,୧୧।୧୨(ସ୍ୱ.ପ୍ର.)**

### ବୌଦ୍ଧ ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

ବୌଦ୍ଧ ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଗତ ଶନିବାର ଠାରୁ ଆରମ୍ଭ ହୋଇଥିବା ଧନୁଯାତ୍ରା ନାଟୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ପ୍ରାରମ୍ଭରେ ସ୍ଥାନୀୟ କଳାକାରଙ୍କୁ ନେଇ ଏକ ନୃତ୍ୟ ନାଟିକା ଭୃଗୁପତି ଭାର୍ଗବ ପରିବେଷିତ ହୋଇଥିଲା । ଏହାପରେ ନାଟକ ସମ୍ଭବାମୀ ଯୁଗେ ଯୁଗେ ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ବଳରାମ ଜନ୍ମ ଠାରୁ ଆରମ୍ଭ କରି କୃଷ୍ଣ ଜନ୍ମ , ନନ୍ଦ ଉତ୍ସବ, ପୁତନା ବଧ, କୃଷ୍ଣଙ୍କ ଅନ୍ନପ୍ରାସନ୍ନ ସହ ଶକଟାସୁର ବଧ ପର୍ଯ୍ୟନ୍ତ ପରିବେଷିତ ହୋଇଥିଲା। ଏହି ନାଟ୍ୟୋତ୍ସବରେ ସମସ୍ତ ନାଟକ ବୌଦ୍ଧ ଜିଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ ଦେବାଙ୍ଗନ ମେହେର ନିର୍ଦ୍ଦେଶନା ଦେଇଛନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ କରାଯାଉଛି । ଏହି ଯାତ୍ରା ସମୟରେ ସହରବାସୀଙ୍କୁ ନାଟକର ଭାବଧାରାରେ ବାନ୍ଧି ରଖିବା ପାଇଁ ସହରର ବିଭିନ୍ନ ଛକଜାଗାରେ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଛି। ନାଟକରେ କଂସ ଚରିତ୍ରରେ ବାବୁଲାଲ ପ୍ରଧାନ, ବସୁଦେବ ଭୂମିକାରେ ଲୋକନାଥ ମେହେର, ଦେବକୀ ଆନନ୍ଦ ସିଂ, ନନ୍ଦ ଇନ୍ଦ୍ରମଣି ମେହେର, ଯଶୋଦା ସାନୁର୍ଯ୍ୟ ବାରିକ, ପୁତନା ବିଶ୍ୱରଞ୍ଜନ ସାହୁ, ଶକଟାସୁର ଭୂମିକାରେ ପୀତବାସ ମେହେର ଅଭିନୟ କରିଥିଲେ । ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମୀନାବଜାର ଓ ବାଣିଜମେଳାର ଆୟୋଜନ କରାଯାଇଛି । ନାଟକ ଦେଖିବା ପାଇଁ ଲୋକଙ୍କ ଗହଳି ହେଉଥିବା ଦେଖିବାକୁ ମିଳିଛି। ନାଟୋତ୍ସବର ସଭାପତି ଆଦିତ୍ୟ ପୂଜାହାରୀ ଓ ସଂପାଦକ ପଙ୍କଜ ମେହେରଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ପରିଚାଳନା ହେଉଛି। ତୃତୀୟ ରଜନୀରେ ନାଟକ ‘ମଥୁରାର କଳଚାନ୍ଦ ଗୋପରେ ବଢୁଛି’ ମଞ୍ଚସ୍ଥ ହେବ ବୋଲି ଅନୁଷ୍ଠାନର ସଂପାଦକ ପଙ୍କଜ ମେହେର ପ୍ରକାଶ କରିଛନ୍ତି ।



ଧନୁଯାତ୍ରାର ଏକ ଦୃଶ୍ୟ ।

## ମହିଳା ଡିଗ୍ରୀ କଲେଜରେ ଚକ୍ଷୁ ପରୀକ୍ଷା ଶିବିର

**ବିନିକା, ୧୧।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ମହିଳା ଡିଗ୍ରୀ କଲେଜ ଯୁଥ ରେଡକ୍ରସ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁରର ମିଳିତ ଆନୁକୂଲ୍ୟରେ ରବିବାର ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ହିମାଂଶୁ ଶେଖର ତ୍ରିପାଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବିକାଶ ମହାନ୍ତି, ଟ୍ରଷ୍ଟି ସୂର୍ଯ୍ୟ ନାରାୟଣ ପାଢ଼ୀ, କଲେଜ ଅଧକ୍ଷ ମୀନକେତନ ପଧାନଙ୍କ ଆବାହକତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା। ୧୨୧ରୋଗୀ ଶିବିରରେ ଚିକିତ୍ସିତ ହୋଇଥିଲେ। ୩୩ଜଣଙ୍କୁ ପଣ୍ଡାପାଲି ନେତ୍ରାଳୟକୁ ଅସ୍ତ୍ରୋପଚାର ପାଇଁ ପଠାଯାଇଛି। ଯୁବ ରେଡକ୍ରସ କାଉନସେଲର ମନିଷା ଭୋଇ, ଅର୍ପିତା ପଧାନ, ଭୂମିସୁତା ପ୍ରଧାନ, ଅଧ୍ୟାପକ ପଦ୍ମଲୋଚନ ସା, ଡିଇଓ ବ୍ରଜରାଜ ଥନାପତି, ବାର୍ତ୍ତାବାହୀ କବିତା କ୍ଷେତି ଓ ଯୁବ ରେଡକ୍ରସର ସରିତା ମଲ୍ଲିକ, ଅଞ୍ଜୁ ସେଠ, ପୂଜା ପଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସଂସ୍କାର ସ୍କୁଲରେ ମାନବ ଅଧିକାର ଦିବସ ପାଳିତ

**ବରଗଡ଼ ଅଫିସ୍,୧୧।୧୨**

ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଶନିବାର ମାନବାଧିକାର ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ନିର୍ବାହୀ ତଥା ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପରିବାର କୋର୍ଟ ବିଚାରପତି ପ୍ରଭାତ କୁମାର ରାଜଗୁରୁ, ଅତିରିକ୍ତ ବିଚାରପତି ସତ୍ୟରଞ୍ଜନ ପ୍ରଧାନ, ଦେୱାନୀ ଅଦାଲତର ରେଜିଷ୍ଟ୍ରାର କମଳାକାନ୍ତ ରାଉତ, ବିଚାରପତି ସୁମିତା ଆଚାର୍ଯ୍ୟ, ବିଭୁ କଲ୍ୟାଣ ପାଢ଼ୀ, ଗୋବିନ୍ଦ ଦାଶ, ପ୍ରହଲ୍ଲାଦ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ସିଦ୍ଧାର୍ଥ ସାୱଡ଼ିଆ, ଏକାଡ଼େମିକ କୋଅର୍ଡ଼ିନେଟର ସୀମା ସାହୁ, ବରିଷ୍ଠ କୋଅର୍ଡ଼ିନେଟର ରୀତା ନାୟକ, ମମତା ସିହ୍ନା, ପ୍ରତାପ ନାଏକ, ସ୍କୁଲ ପରିଚାଳନା ସମିତିର ସଦସ୍ୟବୃନ୍ଦ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।




କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

## ବିକାଶ ଲ ସ୍କୁଲରେ ମାନବ ଅଧିକାର ଦିବସ

**ବରଗଡ଼ ଅଫିସ୍,୧୧।୧୨**

ବରଗଡ଼ର ବିକାଶ ଲ ସ୍କୁଲରେ ଶନିବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଛି। ବିକାଶ ଲ ସ୍କୁଲ, ଡିଗ୍ରୀ କଲେଜ, ସ୍କୁଲ ଅଫ ବିଜିନେସ୍ ମ୍ୟାନେଜମେଣ୍ଟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ନର୍ସିଂ କଲେଜର ମିଳିତ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲ ସ୍କୁଲର ଅଧ୍ୟକ୍ଷ ପ୍ରଫେସର ବିକ୍ରମ କୁମାର ଦାସ ମାନବାଧିକାର ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବରଗଡ଼ ଫ୍ୟାମିଲି କୋର୍ଟର ବିଚାରପତି ପ୍ରଭାତ କୁମାର ରାଜଗୁରୁ ବିଭିନ୍ନ ମାନବାଧିକାର ଏବଂ ତାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ମାନବ ଅଧିକାର ସୁରକ୍ଷା ଏବଂ ଏଥିପ୍ରତି ସଚେତନତା ସୃଷ୍ଟି କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଲ ସ୍କୁଲର ଅଧ୍ୟାପକ ଅଭିନନନ୍ଦନ ଖୁଣ୍ଟିଆ ପ୍ରତିଯୋଗିତା ପରିଚାଳନା କରିଥିଲେ। ଅତିଥିବୃନ୍ଦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଲ ସ୍କୁଲର କୋଅର୍ଡ଼ିନେଟର ଅଧ୍ୟାପକ ଶିବାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ରୋଜି ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ବିଶ୍ୱ ମାନବାଧିକାର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅଧ୍ୟାପକ ଅଭିନବ କୁମାର ସ୍ୱାଇଁ, ଅଧ୍ୟାପିକା ସ୍ୱାଗତିକା ସାହୁ, ସାଗରିକା ବିଶ୍ୱାଳ, ଖୁସିରାମ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଜୈମିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବିକାଶ ଲ ସ୍କୁଲରେ ମାନବ ଅଧିକାର ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ସତ୍ୟାଗ୍ରହ, କଚେରି ଛକ, ପୂର୍ବାହ୍ନ ୯ଟା ।
- ଜିଲାସ୍ତରୀୟ ୧୯ବର୍ଷରୁ କମ୍ କ୍ରିକେଟ ମ୍ୟାଚ, ହାୱା ମଇଦାନ, ପୂର୍ବାହ୍ନ ୯ଟା ।

## ସଂକ୍ଷେପରେ

### ପୋଖରୀକୁ ଖସି ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ



**ପଡିଆବାହାଲ,୧୧।୧୨(ଡି.ଏନ.ଏ.):** ରବିବାର ଭୋର ସମୟରେ ୫୩ନଂ ଜାତୀୟ ରାଜପଥର ବିନାୟକଡେରା ମଝି ବୁଲାଣିଠାରେ ଏକ ତେଲ ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ପୋଖରୀ ଭିତରକୁ ଖସି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି । ସମ୍ବଲପୁରରୁ ଦେବଗଡ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ଜେସିବି ଓ ହାଇଡ୍ରା ଲଗାଇ ଉଠାଇଥିଲା । ଏ ନେଇ ପୋଲିସ ତଦନ୍ତ ଚଳାଇଛି ।

### ରାସ୍ତାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର ଆହତ ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା,୧୧।୧୨(ଡି.ଏନ.ଏ.):** କୁଚିଣ୍ଡା ଥାନା ଲାଡ-କୁମୁରାଗୁଡା ମଝି ୪୯ ନମ୍ବର ଜାତୀୟ ରାଜପଥରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କୁ ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ବରୁଣ ବାଘ(୩୦) । ତାଙ୍କ ଘର କୁଚିଣ୍ଡା ଥାନା ଗୁଣ୍ଡୁରୁଚୁଆଁ ପଞ୍ଚାୟତ ଆମ୍ବକଟା ଗ୍ରାମର ବୋଲି ଜଣାପଡିଛି । ବରୁଣ ମହୁଲପାଲି ଥାନା କୁସୁମୀ ଫାଣ୍ଡି କର୍ଲାପାଟ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେଇ ରବିବାର ଅପରାହ୍ନ ପ୍ରାୟ ସାଢେ ୪ଟାରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ । କୌଣସି କାରଣରୁ ଲାଡ-କୁମୁରାଗୁଡା ମଝି ରାସ୍ତାରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ । ଖବର ପାଇ କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଏନେଇ କୁଚିଣ୍ଡା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ମଣ୍ଡିରେ ପଡ଼ିଛି ଧାନ, ବାଜିରେ ଚାଷୀଙ୍କ ଜୀବନ

## ଧାନ ସଂଗ୍ରହରେ ଅବ୍ୟବସ୍ଥାର ଚରମ ସୀମା

**ସମ୍ବଲପୁର,୧୧।୧୨(ବ୍ୟୁରୋ)**



ସମ୍ବଲପୁର କୁଚିଣ୍ଡା ଅଞ୍ଚଳରେ ମଣ୍ଡିରେ ଧାନ ପଡି ରହିଛି ।

ସମ୍ବଲପୁର ଜିଲାରେ ଧାନ ସଂଗ୍ରହରେ ଆରମ୍ଭରୁ ଅବ୍ୟବସ୍ଥା ଦେଖାଦେଇଥିଲା । ହୀରାକୁଦ ସେଚାଞ୍ଚଳ ସଦର ଉପଖଣ୍ଡରେ ଟୋକନ, କଟନୀ ଛଟନୀ ଭଳି ସମସ୍ୟା ଲାଗି ରହିଥିବା ବେଳେ କୁଚିଣ୍ଡା ଉପଖଣ୍ଡରେ ମଣ୍ଡିରୁ ଧାନ ଉଠାଣକୁ ନେଇ ବଡ ସମସ୍ୟା ସୃଷ୍ଟି ହୋଇଛି । କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ମଣ୍ଡିରେ ଡିସେମ୍ବର ୨ ତାରିଖରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୫୦ହଜାର ପ୍ୟାକେଟ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି । ଶୀତ,କାକରରେ ଚାଷୀ ଯେତିକି କଷ୍ଟ ପାଉଛନ୍ତି ବନ୍ୟ ପ୍ରାଣୀଙ୍କ ଭୟ ମଧ୍ୟ ସେତିକି ରହୁଛି । ଚାଷୀ ଅମଳ କରିଥିବା ଧାନ ବିକ୍ରୀ କରିବା ପାଇଁ ଏବେ ଜୀବନ ବାଜିରେ ଲାଗିଛି । ଧାନ ଜଗିବା ସମୟରେ କେଉଁ ସମୟରେ ମଧ୍ୟ ହାତୀ ହାବୁଡ଼ରେ ପଡ଼ି ପ୍ରାଣହାନୀ ହେବାର ଆଶଙ୍କା ରହିଛି ବୋଲି ପଶ୍ଚିମ ଓଡ଼ିଶା କୃଷକ ସଂଗଠନର ଆବାହକ ଅଶୋକ ପ୍ରଧାନ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକରେ ଜିଲା ପ୍ରଶାସନକୁ କୁଚିଣ୍ଡା, ରେଢ଼ାଖୋଲ ଅଞ୍ଚଳରେ ବିଶେଷ ଭାବେ ଧାନ ଉଠାଇବାରେ ମିଲର୍ସମାନେ ଅସହଯୋଗ କରିଥାନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ । ସଦର ଉପଖଣ୍ଡରେ ଚାଷୀମାନେ ନିଜ ଗାଡ଼ିରେ ମିଲକୁ ଧାନ ନିଅନ୍ତି, ତେଣୁ ଏଠାରେ ଧାନ ଲିଫ୍ଟିଂକୁ ନେଇ ସମସ୍ୟା ହୋଇନଥାଏ । ତେଣୁ କୁଚିଣ୍ଡା, ରେଢ଼ାଖୋଲରେ ଧାନ ସଂଗ୍ରହରେ ମିଲର୍ସମାନେ କିଭଳି ଧାନ ସଂଗ୍ରହ କରିବେ ସେନେଇ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା । ଜିଲା ପ୍ରଶାସନ ପୂର୍ବାଭାଷ ପାଇଥିଲେ ମଧ୍ୟ ଚାଷୀଙ୍କ ସୁବିଧା ପାଇଁ ପଦକ୍ଷେପ ଗ୍ରହଣ କଲାନାହିଁ । ଏହାସହ ଆଜି ପର୍ଯ୍ୟନ୍ତ ଧାନ ସଂଗ୍ରହକୁ ନେଇ ଉପସମିତି ବୈଠକ ହୋଇପାରିଲାନାହିଁ । ତେଣୁ କୁଚିଣ୍ଡା ଅଞ୍ଚଳରେ ହଜାର ହଜାର ପ୍ୟାକେଟ ଧାନ ମଣ୍ଡିରେ ପଡ଼ିରହିଛି । ଆଗକୁ ଏଭଳି ସମସ୍ୟା ବୃଦ୍ଧି ପାଇବ । ପ୍ରଶାସନ, ଯୋଗାଣ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀନେତା ପ୍ରଧାନ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି ଯେ, କେତେକ ମଣ୍ଡିରେ ଧାନର ମାନକୁ ନେଇ ସମସ୍ୟା ରହୁଥିଲା । ଏଫଏକ୍ୟୁ ଧାନ ଆଣିବାକୁ ଚାଷୀମାନଙ୍କୁ ଅନୁରୋଧ କରାଯାଉଛି । ଟୋକନ ଅବଧି ଭିତରେ ସମସ୍ତ ଚାଷୀଙ୍କ ଧାନ ସଂଗ୍ରହ କରାଯିବ । ଧାନ ଉଠାଇବା ମଧ୍ୟ ଚାଲିଛି । ଚାଷୀଙ୍କ ସୁବିଧାକୁ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ।

# ଜିଲାସ୍ତରୀୟ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା

- ୪ଟି ବର୍ଗରେ ଭାଗ ନେଲେ ଛାତ୍ରୀଛାତ୍ର
- ୧୦ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ

**ସମ୍ବଲପୁର,୧୧।୧୨(ବ୍ୟୁରୋ)**

ଜିଲାସ୍ତରୀୟ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ରବିବାର ସମ୍ବଲପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ୪ଟି ବର୍ଗରେ ହୋଇଥିବା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗନେଇ ଗୀତା ଶ୍ଳୋକ ଆବୃତ୍ତି କରିଥିଲେ । ଶ୍ଳୋକ ଉଚ୍ଚାରଣରେ ଅଞ୍ଚଳ ମୁଖରିତ ହୋଇଥିଲା । ପ୍ରଥମ ବର୍ଗରେ ଅୟନାଂଶ ମୋହନ ମିଶ୍ର, ସୋମନାଥ ପୁରୋହିତ, ଆଶୁତୋଷ ପ୍ରଧାନ, ଦ୍ୱିତୀୟ ବର୍ଗରେ ପ୍ରଜ୍ଞାଭାରତୀ ପଣ୍ଡା, ଇପସିତା ରଥ, ଅର୍ଚ୍ଚିତା ଶତପଥୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ତୃତୀୟ ବର୍ଗରେ ଆଶୁତୋଷ ହୋତା ପ୍ରଥମ ଓ ଭି ପ୍ରଧାନ ଦ୍ୱିତୀୟ ସ୍ଥାନ ଏବଂ ଚତୁର୍ଥ ବର୍ଗରେ ଲୋପାମୁଦ୍ରା ପୋଢ଼ ପ୍ରଥମ ଓ ଖୁସି ରାୟ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ପ୍ରଜ୍ଞା ମିଶନ ଧନୁପାଲି ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ସମ୍ବଲପୁର ଜିଲା ସଂଯୋଜକ ଡ.ଦୁଃଶାସନ ବିଶ୍ୱାଳ ଓ କେସି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଚାରକ ଭାବେ ପଣ୍ଡିତ ବ୍ୟାସଦେବ ପଣ୍ଡା, ଅମିତ ପଣ୍ଡା ଓ ଶ୍ୟାମସୁନ୍ଦର ପଣ୍ଡା ଯୋଗଦେଇଥିଲେ । କୃତୀ ୧୦ଜଣ ପ୍ରତିଯୋଗୀ ଚଳିତ ମାସ ୨୬ ଓ ୨୭ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ ଭାଗ ନେବେ ବୋଲି ସଂଯୋଜକ ଡ.ଦୁଃଶାସନ ସୂଚନା ଦେଇଛନ୍ତି ।




ରବିବାର ସମ୍ବଲପୁର ଜିଲାସ୍ତରୀୟ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ।

# ରାଜ୍ୟ ଚୟନ ଶିବିରରେ ସମ୍ବଲପୁର ପ୍ରତିଯୋଗୀ



ସମ୍ବଲପୁର ବସଷ୍ଟାଣ୍ଡରୁ ଖେଳାଳିମାନେ କଟକ ଯାତ୍ରା କରୁଛନ୍ତି ।

**ସମ୍ବଲପୁର,୧୧।୧୨(ବ୍ୟୁରୋ)**

ଜାତୀୟ ସବ୍‌ଜୁନିୟର କବାଡି ପ୍ରତିଯୋଗିତା ପାଇଁ କଟକର ବାରବାଟୀ ଷ୍ଟାଡିଅମଠାରେ ୩୨ତମ ଚୟନ ଶିବିର ଅନୁଷ୍ଠିତ ହେବ । ଏଥିରେ ଭାଗ ନେବା ପାଇଁ ସମ୍ବଲପୁର ଜିଲା କ୍ରୀଡା ସଂଘ ପକ୍ଷରୁ ରବିବାର ପ୍ରଶିକ୍ଷକ ଉମାପତି ତ୍ରିପାଠୀ ଓ ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ୪ ଜଣ ବାଳିକା ଓ ୫ ଜଣ ବାଳିକ ଦଳ କଟକ ଅଭିମୁଖେ ଯାତ୍ରା କରିଛନ୍ତି । ବାଳକ ବିଭାଗରେ ସମୀର ପୁଟା, ଅର୍ଜୁନ ମହାନନ୍ଦ, ପ୍ରତ୍ୟୁଷ ମେହେର, ତନ୍ମୟ ମହାପାତ୍ର, ଅମନ ସ୍ୱାଇଁ ତଥା ବାଳିକା ବିଭାଗ ରେ ପ୍ରିୟଙ୍କା ପ୍ରଧାନ, ଶ୍ରାବଣୀ ମହାକୁଡ଼, ଲକ୍ଷ୍ମୀପ୍ରିୟା ପାଣ୍ଡେ, ସ୍ନେହ ଧଙ୍ଗରା ମାଝୀ ପ୍ରମୁଖ ଦଳରେ ସାମିଲ ଅଛନ୍ତି । ଦଳକୁ ଶୁଭକାମନା ଜଣାଇବା ପାଇଁ ସମ୍ବଲପୁର ବସ ଷ୍ଟାଣ୍ଡରେ ବିଶିଷ୍ଟ କ୍ରୀଡା ସଂଗଠକ ସୂର୍ଯ୍ୟ ପାଣିଗ୍ରାହୀ, ସନ୍ତୋଷ ଖୁଣ୍ଟିଆ,ରାଜେଶ ମିଶ୍ର, ସଞ୍ଜୟ ମେହେର, ସନ୍ତୋଷ ମହାଳିକ ଉପସ୍ଥିତ ଥିଲେ । ବିଗତ ବର୍ଷ ପରି ଚଳିତବର୍ଷ ମଧ୍ୟ ସମ୍ବଲପୁର ଜିଲା ରାଜ୍ୟ ସବ୍‌ଜୁନିୟର କବାଡି ସିଲେକ୍ସନ ଟ୍ରାଏଲରେ ପ୍ରଦର୍ଶନ ଭଲ ରହିବ ବୋଲି ଜିଲା କ୍ରୀଡା ସଂଗଠନର ସମ୍ପାଦକ ସୁନୀଲ ସାହୁ ଓ ଜିଲା କ୍ରୀଡା ସମ୍ପାଦକ ରାଜୁ ସେଠ ପ୍ରକାଶ କରିଛନ୍ତି ।

## ହୀରାକୁଦ ହାଇସ୍କୁଲରେ ରୋଲମଡେଲ କାର୍ଯ୍ୟକ୍ରମ

**ସମ୍ବଲପୁର,୧୧।୧୨(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ହୀରାକୁଦ ସରକାରୀ ଉଚ୍ଚବିଦ୍ୟାଳୟରେ ଚାଲିଥିବା ଏସଟିଇଏମ କାର୍ଯ୍ୟକ୍ରମ ରୋଲ ମଡେଲ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଭାରତି ଠାକୁର ଯୋଗ ଦେଇଥିଲେ । ସେ ତାଙ୍କର ଜୀବନ ଯାତ୍ରା, ଶିକ୍ଷା, କ୍ୟାରିୟର ,ସମାଜରେ ଲିଙ୍ଗଗତ ଭେଦଭାବ, ଝିଅମାନଙ୍କ ସମ୍ପର୍କରେ ଭ୍ରାନ୍ତ ଧାରଣା, ଝିଅମାନଙ୍କ ପାଇଁ ଶିକ୍ଷାର ମହତ୍ତ୍ୱ ଆଦି ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ରାଜୀବ ନାଏକ ଅଧ୍ୟକ୍ଷତା କରିଥିଲେ । ସ୍କୁଲର ଶିକ୍ଷୟିତ୍ରୀ ସୀମା ପିସାନ୍ତ, ଶାନ୍ତି ପଢିହାରୀ, ପ୍ରଜ୍ଞା ସାହୁ ଉପସ୍ଥିତ ରହିଥିଲେ । ୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ଓ କ୍ଷେତ୍ରରେ କ୍ୟାରିୟର ଗଢିବା ପାଇଁ ଆଗ୍ରହ ସୃଷ୍ଟି କରାଇବା ଏବଂ ପ୍ରୋତ୍ସାହନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

## ଆର୍ଯ୍ୟ ସମାଜର ବାର୍ଷିକୋତ୍ସବ

**ସମ୍ବଲପୁର,୧୧।୧୨(ବ୍ୟୁରୋ)**

ଆର୍ଯ୍ୟ ସମାଜର ବାର୍ଷିକ ଉତ୍ସବ ପାଳନ ହେବା ସହ ନୂତନ ଜିଲା କମିଟି ଗଠନ ହୋଇଛି । ପଣ୍ଡିତ ଲକ୍ଷ୍ମୀ ନାରାୟଣଗଳିସ୍ଥିତ ଆଶ୍ରମ ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଆମ ସେନା ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ ଯଜ୍ଞ କାର୍ଯ୍ୟ କରିଥିଲେ । ବିଶ୍ୱ କଲ୍ୟାଣ, ପରିବେଶ ଶୁଦ୍ଧତା,ବିଚାର ଶୁଦ୍ଧତା ପାଇଁ ହୋମ କରାଯାଇଥିଲା । ଧନୁର୍ଦ୍ଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପଶ୍ଚିମପ୍ରାନ୍ତ ଆର୍ଯ୍ୟ ପ୍ରତିନିଧି ସଭାର ବୈଠକ ଅନୁଷ୍ଠିତ ହୋଇଥିଲା । ଆର୍ଯ୍ୟ ସମାଜର ସାଂଗଠନିକ ବ୍ୟବସ୍ଥା, ନୀତି ନିୟମର ପ୍ରଚାର ପ୍ରସାର, ବେଦ ପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି କରିବା ଦିଗରେ ଆଲୋଚନା ହୋଇଥିଲା । ଏଥିସହ ସମ୍ବଲପୁର ଜିଲା ଆର୍ଯ୍ୟ ସମାଜର ନୂତନ କମିଟି ଗଠନ ହୋଇଥିଲା ।

# ପୋଡ଼ିଗଲା ୪୭୦ କୁଇଣ୍ଟାଲ ଧାନ

**ସମ୍ବଲପୁର,୧୧।୧୨(ବ୍ୟୁରୋ)**



ସମ୍ବଲପୁର ଯୁଯୁମୁରାରେ ଧାନ ଅମଳ ସମୟରେ ଘଟିଥିବା ଅଗ୍ନିକାଣ୍ଡ ।

ସମ୍ବଲପୁର ଜିଲାରେ ରବିବାର ୨ଟି ସ୍ଥାନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଯୁଯୁମୁରା ବ୍ଲକ କୟାକୁଦ ପଞ୍ଚାୟତ ଅନ୍ଧାରୀ ଗ୍ରାମରେ ବିଲରେ ଧାନ ଅମଳ ସମୟରେ ଟ୍ରେସର ମେଶିନରେ କୌଣସି କାରଣରୁ ଅଗ୍ନିକାଣ୍ଡ ହୋଇଥିଲା । ଫଳରେ ମେଶିନ ସହ ଟ୍ରାକ୍ଟର ମଧ୍ୟ ପୋଡି ନଷ୍ଟ ହୋଇଯାଇଛି । ୪ ଜଣ ଚାଷୀଙ୍କ ଅମଳ ଧାନ ପୋଡି ପାଉଁଶ ହୋଇଯାଇଛି । କ୍ଷତିଗ୍ରସ୍ତ ଚାଷୀମାନେ ହେଲେ ପବିତ୍ର ସାହୁ, ଲକ୍ଷ୍ମଣ ବେହେରା, ସୁରୁ ସିଂ ସୋହେଲା, ଚିତ୍ତରଞ୍ଜନ ସୋହେଲା । ଏମାନଙ୍କର ମୋଟ ୪୭୦ କୁଇଣ୍ଟାଲ ଧାନ ପୋଡିଯାଇଛି । ଖବରପାଇ ଯୁଯୁମୁରା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଶଟ ସର୍କିଟ କିମ୍ବା ମେଶିନ ଗରମ ହୋଇ ନିଆଁ ଲାଗି ଯାଇଥିବା ସନ୍ଦେହ କରାଯାଉଛି । କୟାକୁଦ ସରପଞ୍ଚ ଜେମାମଣି ପ୍ରଧାନ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି । ସମସ୍ତ ସରକାରୀ ସୁବିଧା ଓ କ୍ଷତପୂରଣ ଚାଷୀମାନଙ୍କୁ ଯୋଗାଇ ଦିଆଯାଉ ବୋଲି ସେ ଦାବି କରିଛନ୍ତି । ସେହିପରି କଂଗ୍ରେସ ନେତା ଆସଫ ଅଲ୍ଲୀ ଖାନ ମଧ୍ୟ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ଆଲୋଚନା କରି ସରକାରୀ ସୁବିଧା ଯୋଗାଇ ଦେବାକୁ ସ୍ଥାନୀୟ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି । ଏହାଛଡା ଟାଉନ ଥାନା ମୁଦିପଡା ଛକରେ ଥିବା ଏକ ମେଡିସିନ ଦୋକାନରେ ରବିବାର ପୂର୍ବାହ୍ନ ୧୦ଟାରେ ଅଗ୍ନିକାଣ୍ଡ ଘଟି କ୍ଷୟକ୍ଷତି ଘଟିଛି । ଶଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ସନ୍ଦେହ କରୁଛି । କେତେ ପରିମାଣର କ୍ଷୟକ୍ଷତି ହୋଇଛି ତାହା ଜଣାପଡି ନାହିଁ । ହେଲେ ଦୋକନରେ ଥିବା ସମସ୍ତ ମେଡିସିନ, ଆଲମୀଲା, ଟେବୁଲ ଆଦି ପୋଡିଯାଇଛି ।

**ମେଡିସିନ ଦୋକାନରେ ଅଗ୍ନିକାଣ୍ଡ**

# ହାତୀ ଦଳିଦେବାରୁ ବୃଦ୍ଧଙ୍କ ମୃତ୍ୟୁ

**ଜମନକିରା,୧୧।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବଡରମା ରେଞ୍ଜ ଚେପଟଆମ୍ବ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ହାତୀ ଦଳି ଦେବାରୁ ସେହି ଗାଁର ଶ୍ରୀକର ବାଗ(୭୫)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ବଡରମା ରେଞ୍ଜର ବନ ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି । ହାତୀପଲ ସେହି ଗାଁ ପାଖାପାଖି ଅଞ୍ଚଳରେ ବିଚରଣ କରୁଥିବା ଯୋଗୁ ଲୋକେ ଆତଙ୍କିତ ଅଛନ୍ତି ।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ସାଢ଼େ ୫ଟା ସମୟରେ ଚେପଟଆମ୍ବ ଗାଁ ନିକଟରେ ହାତୀ ପଲ ବୁଲାବୁଲି କରୁଥିଲେ । ପରେ ଗାଁ ଭିତରକୁ ପଶି କେତେଜଣ ବ୍ୟକ୍ତିଙ୍କ ଘର ଭାଙ୍ଗିବା ସହ ପାଖରେ ଥିବା ଅନ୍ୟ ଏକ ବସ୍ତିକୁ ଚାଲି ଯାଇଥିଲେ । ସେଠି ଲୋକଙ୍କ ଘର ଭାଙ୍ଗି ଫେରିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଶ୍ରୀକର ହାତୀଙ୍କ ହାବୁଡରେ ପଡି ଯାଇଥିଲେ । ଗୋଟିଏ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେବା ସହ ମୁଣ୍ଡକୁ ଦଳି ଦେଇଥିଲା । ଫଳରେ ଘଟଣାସ୍ଥଳରେ ଶ୍ରୀକରଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

# ଏସ୍‌ଏଚ୍‌ଜିଙ୍କ ହାଣ୍ଡି ଖତ ପ୍ରସ୍ତୁତି ତାଲିମ



ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ତାଲିମ ଦିଆଯାଉଛି ।

**କୁଚିଣ୍ଡା,୧୧।୧୨(ଡି.ଏନ.ଏ.):** ବାମରା ବ୍ଲକ ଜରାବଗା ପଞ୍ଚାୟତସ୍ଥିତ ସୁକୁଦର ଗ୍ରାମରେ ରବିବାର ଧରିତ୍ରୀ ଓ ବୀଣାପାଣି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ହାଣ୍ଡ ଖତ ପ୍ରସ୍ତୁତି ତାଲିମ ପ୍ରଦାନ କରାଯାଇଛି । ସିଡବ୍ଲୁଏସ ପକ୍ଷରୁ କ୍ଷେତ୍ର ପରିଚାଳକ ଅକ୍ଷୟ ସୁତାର ଯୋଗଦେଇ ହାଣ୍ଡି ଖତ ପ୍ରସ୍ତୁତି ଉପରେ ସଭ୍ୟାମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମବିକେ ଅହଲ୍ୟା ପଟ୍ଟା,ସିଆରପି ପଦ୍ମିନୀ ଭୋଇ, କୃଷିମିତ୍ର ରଜନୀ ବାଘ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମିତାଞ୍ଜଳି କାଲୋ,କମଳା କମାର, ରୂପଶ୍ରୀ କାଲୋ ସହଯୋଗ କରିଥିଲେ । ଶେଷରେ ବିନିତା ଖଡ଼ିଆ ଧନ୍ୟବାଦ ଦେଇଥିଲେ । ରାସାୟନିକ ସାର ବ୍ୟବହାର ବଦଳରେ ବିଶେଷ କରି ପନିପରିବା ଚାଷରେ ହାଣ୍ଡି ଖତ ବ୍ୟବହାର କରିବାକୁ ସଭ୍ୟାମାନେ ଶପଥ ନେଇଥିଲେ ।

# ଏସ୍‌ୟୁ ପକ୍ଷରୁ ମାନବ ଅଧିକାର ଦିବସ ପାଳିତ

**ସମ୍ବଲପୁର,୧୧।୧୨(ବ୍ୟୁରୋ)**

ସମ୍ବଲପୁର ବିଶ୍ୱ ବିଦ୍ୟାଳୟ (ଏସୟୁ) ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ । ଏଥିରେ ଘରୋଇ ହିଂସା, ଆଇନଗତ ଅଧିକାର ଉପରେ ସଚେତନ କରିଥିଲେ । ଘରୋଇ ହିଂସା କିଭଳି ନିରାକରଣ ହୋଇପାରିବ ସେନେଇ ନାଟକ ପରିବେଷଣ କରିଥିଲେ । ଏସୟୁ ଆଇନ ବିଭାଗ ମୁଖ୍ୟ ମୀନକେତନ ସାହୁ, ପ୍ରଫେସର ସୁଧାଂଶୁ ରଞ୍ଜନ ମହାପାତ୍ର, ସହକାରୀ ପ୍ରଫେସର ପ୍ରାୟାସ ଡନସେନା, ଦିପ୍ତିରେଖା ମହପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏସୟୁ ନିକଟସ୍ଥ ଶ୍ରୀରାମ ପଡା ଓ ମିନି ଷ୍ଟାଡିୟମ ନିକଟରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।




ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ।

# ଲିଟିଲ ଷ୍ଟାରକୁ ହରାଇ ମାରୁତି ୧୧ ଚାମ୍ପିୟନ

**ରେଙ୍ଗାଲି,୧୧।୧୨(ଡି.ଏନ.ଏ)**




ସମ୍ବଲପୁର ତଲାବିରା କପ୍‌ରେ ଖେଳାଳି ଓ ଅତିଥିମାନେ ।

**ତଲାବିରା କପ୍ କ୍ରିକେଟ ଟୁର୍ନାମେଣ୍ଟ**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାର ଜଟିଆପିପଲ ଗ୍ରାମ ଖେଳପଡିଆରେ ୧୬ତମ ନିୟୁ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ (ତଲାବିରା କପ) ଅନୁଷ୍ଠିତ ହୋଇଯାଇଛି । ଡିସେମ୍ବର ୭ ତାରିଖ ଠାରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା । ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ରବିବାର ଏହାର ଫାଇନାଲ ମ୍ୟାଚ ଝାରସୁଗୁଡା ଲିଟିଲ ଷ୍ଟାର ଓ ରାଉରକେଲା ମାରୁତି ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମାରୁତି ୧୧ ରାଉରକେଲା ଦଳ ବିଜେତା ହୋଇଥିଲେ । ବିଜୟୀ ଦଳକୁ ୫୦ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ରୋହିତ ପୂଝାରୀ ଯୋଗ ଦେଇଥିଲେ । ସେ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଏଭଳି ପ୍ରତିଯୋଗିତାରେ ଭାଗ ନେଇ ପ୍ରତିଭା ପ୍ରଦର୍ଶନ କରିବାକୁ କହିଥିଲେ । ଏହାଛଡା ବିଭିନ୍ନ କ୍ଲବରେ ସାମିଲ ହୋଇ ରାଜ୍ୟ ତଥା ଜିଲା ବାହାରେ ପ୍ରତିଯୋଗିତାରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ସମ୍ବଲପୁର ଜିଲା ଜିଲା ପରିଷଦ ସଭାପତି କୁମୋଦନୀ ନାଏକ, ପୂର୍ବତନ ବିଧାୟକ ରମେଶ ପଟୁଆ, ରେଙ୍ଗାଲି ବ୍ଲକ ଜୋନ-୧ ର ଜିଲା ପରିଷଦ ସଭ୍ୟା ଚୋଳଶ୍ରୀ ମହାନନ୍ଦ, ରେଙ୍ଗାଲୀ ଜୋନ ୨ର ଜିଲା ପରିଷଦ ସଭ୍ୟ ଦେବ ନାରାୟଣ ତିୱାରୀ, ଜିଲା ବିଜେଡି ଉପ ସଭାପତି କିରଣ ବେହେରା ,ବିଜେଡି ଜିଲା ସମ୍ପାଦକ ଏମବି ସତ୍ୟନ, ବିଜେଡି ରାଜ୍ୟ ସମ୍ପାଦକ ଗାନ୍ଧୀ ବେହେରା , ଜିଲା ଛାତ୍ର ସଭାପତି ଶୁଭ୍ରାଂଶୁ ପାଢୀ ଯୋଗ ଦେଇଥିଲେ । ରେଙ୍ଗାଲି ବ୍ଲକ ବିଜେଡି ଛାତ୍ର ସଭାପତି ବାବୁଲୁ ରାଉତ, ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପଧାନ, ସମିତି ସଭ୍ୟା ଅନିତା ସିଂ, ପୂର୍ବତନ ବ୍ଲକ ସଭାପତି ମୁକୁନ୍ଦ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟା ଅଞ୍ଜଳି ପଧାନ, ତିଳକ ବାଗ, କୃପା ବୁଧିଆ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କ୍ଲବର ସଭାପତି ଜୟନ୍ତ ଭୋଇ, ପାଣ୍ଡବ ସାହୁ, ଯାଦୁ ସାଳିମା, ବିନୟ ସାହୁ, ଦୁର୍ଗା ଭୋଇଙ୍କ ସହ ଅନେକ ସଭ୍ୟ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ ।

**ରିଅଲ୍‌ମି ୧୦ପ୍ରୋ ସିରିଜ୍ ଉନ୍ମୋଚିତ**

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ରିଅଲ୍‌ମି'ର ନୂଆ ସ୍ମାର୍ଟ ଫୋନ ରିଅଲ୍‌ମି ୧୦ପ୍ରୋ ସିରିଜ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି ଉକ୍ତ ଫୋନ୍‌ଗୁଡିକରେ ଅତ୍ୟାଧୁନିକ ସୁବିଧା ଓ ଜ୍ଞାନକୌଶଳର ସମ୍ଭାବର ଉପଲବ୍ଧ ରହିଛି। ଏ ସମ୍ପର୍କରେ ରିଅଲ୍‌ମି ଇଣ୍ଡିଆର ସିଇଓ ମାଧବ ସେଠ୍ କହିଛନ୍ତି, ରିଅଲ୍‌ମି ୧୦ପ୍ରୋ ସିରିଜ୍ ୫ଜି ସହ ଆମର ଲକ୍ଷ୍ୟ ହେଉଛି ନମ୍ବର ସିରିଜ୍‌ରେ ଅଧିକ ବଜାର-ପରିଭାଷିତ ଫିଚର ଆଣିବା ଏବଂ ଏହାକୁ ଉପଭୋକ୍ତାଙ୍କ ପାଇଁ ଫିଚର କ୍ଷେତ୍ରରେ ପ୍ରିମିୟମନେସ୍‌ର ଏକ ନିର୍ଦ୍ଦିଷ୍ଟ ସ୍ତରକୁ ଆଣିବା।

# 'ଛାତ୍ରସମାଜ ବିବେକାନୁମୋଦିତ କାର୍ଯ୍ୟ କରିବା ଆବଶ୍ୟକ'

## ସିୟୁର ୧୦ମ ସମାବର୍ତ୍ତନ ଉତ୍ସବ



ଭୁବନେଶ୍ୱର,୧୧।୧୨

ବର୍ତ୍ତମାନ ସମୟରେ ଶିକ୍ଷାକୁ ଏକ ମାଧ୍ୟମ ନ କରି ଛାତ୍ର ସମାଜ ବିବେକାନୁମୋଦିତ କାର୍ଯ୍ୟ କରିବା ଓ ସତ୍ୟନିଷ୍ଠ ରହିବା ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସେଞ୍ଚୁରିଅନ ୟୁନିଭର୍ସିଟି (ସିୟୁ) ପାରଳାଖେମୁଣ୍ଡି କ୍ୟାମ୍ପସର ୧୦ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କିଛି ମତବ୍ୟକ୍ତ କରିଛନ୍ତି। ସେହିଭଳି ବିଶ୍ୱବିଦ୍ୟାଳୟର କୌଶଳଭିତ୍ତିକ ଶିକ୍ଷାକୁ ଲୋକାଭିମୁଖୀ କରିବାର ପ୍ରୟାସ ତଥା ତା'ର ସାମାଜିକ ଦାୟିତ୍ୱବୋଧକୁ ନିର୍ବାହ କରିବା ନିମିତ୍ତ ଆବଶ୍ୟକ ପଦକ୍ଷେପକୁ ଲାଲ୍ ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ସିୟୁର ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇ ରାଜ୍ୟପାଳ କହିଥିଲେ ଯେ, ଜୀବନରେ ସଫଳତା କିମ୍ବା ବିଫଳତା ଏକ ଅଂଶ ମାତ୍ର ହେଲେ ସବୁଠୁ ବଡ଼ କଥା ହେଲା ନବଯୁବକଙ୍କ ମନ ଭିତରେ ଏକତାର ଭାବନାକୁ ପୁନଃ ଜାଗ୍ରତ କରିବା। ଏପରିକି ଶିକ୍ଷାର୍ଥୀମାନେ ଦେବତା ସଦୃଶ ଏବଂ ଆନନ୍ଦ ବାଣ୍ଟିବାର ମାଧ୍ୟମ ହେବା ଆବଶ୍ୟକ ବୋଲି ରାଜ୍ୟପାଳ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସାଙ୍ଗକୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିବରଣୀ ପ୍ରଦାନ ଅବସରରେ ପ୍ରଫେସର ପଟ୍ଟନାୟକ କହିଥିଲେ, ବିଶ୍ୱବିଦ୍ୟାଳୟ ନୂତନ ଜାତୀୟ ଶିକ୍ଷାନୀତିକୁ ଅନୁସରଣ କରି ତା'ର ଶିକ୍ଷାବ୍ୟବସ୍ଥାକୁ ଅଧିକରୁ ଅଧିକ ଛାତ୍ରାଭିମୁଖୀ କରିବା ଦିଗରେ ଯତ୍ନଶୀଳ ହୋଇଛି। ବିଶେଷ କରି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତରମାନଙ୍କୁ ସେମାନଙ୍କର ଶିକ୍ଷଣ ଏବଂ ଶିଳ୍ପ ଅଭିଜ୍ଞତାକୁ ଚାକିରି ସୃଷ୍ଟିକର୍ତ୍ତା ଉଦ୍ୟୋଗରେ ପ୍ରୟୋଗ କରିବାକୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲିଆ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ପିଟର ୱଫଲି ଓ ଅଷ୍ଟ୍ରେଲିଆର ଡେକିନ୍ ୟୁନିଭରସିଟି କୁଳପତି ପ୍ରଫେସର ଇଆଏନ୍ ମାର୍ଟିନ କୃତୀ ଛାତ୍ରୀଛାତ୍ରଙ୍କ ଆଗାମୀ ଭବିଷ୍ୟତ ଓ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ପରିଶେଷରେ ବିଶ୍ୱବିଦ୍ୟାଳୟରୁ ମୋଟ ୨୨ ଜଣ ଗବେଷକ ବିଦ୍ୟାର୍ଥୀ ଡକ୍ଟରେଟ ଉପାଧି ହାସଲ କରିଥିଲା ବେଳେ ୧୨ ଜଣ ସ୍ନାତକ ଛାତ୍ରୀଛାତ୍ର ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଏପରିକି ୨୦୨୦-୨୩ ବର୍ଷର ମୋଟ ୨୨୯୮ ଛାତ୍ରୀଛାତ୍ର ଡିଗ୍ରୀ ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ପ୍ରଶାନ୍ତ ମହାନ୍ତି ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ କର୍ତ୍ତବ୍ୟନିଷ୍ଠା ଓ ମୂଲ୍ୟବୋଧ ସମ୍ପର୍କିତ ଶପଥପାଠ କରାଇଥିଲେ। ଉକ୍ତ ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଉପସଭାପତି ପ୍ରଫେସର ଡି.ଏନ.ରାଓ, ରେଜିଷ୍ଟ୍ରାର ପ୍ରଫେସର ଅନୀତା ପାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରଗଣ ଯୋଗ ଦେଇଥିଲେ।

# ନୟାଗଡ଼ ସହରରେ 'ଟ୍ରେଣ୍ଡ୍ସ ମ୍ୟାନ୍'




ଭୁବନେଶ୍ୱର,୧୧।୧୨

ରିଲାଏନ୍ସ ରିଟେଲର ପ୍ରମୁଖ ବ୍ରାଣ୍ଡ 'ଟ୍ରେଣ୍ଡସ'ର ପୁରୁଷ ବର୍ଗଙ୍କ ସ୍ୱତନ୍ତ୍ର ଷ୍ଟୋର 'ଟ୍ରେଣ୍ଡ୍ସ ମ୍ୟାନ୍' ପକ୍ଷରୁ ନୟାଗଡ଼ ସହରରେ ପ୍ରଥମ ତଥା ନୂଆ ଟ୍ରେଣ୍ଡସ ମ୍ୟାନ୍ ଷ୍ଟୋର୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ୧୭୪୦ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଏହି ସ୍ୱତନ୍ତ୍ର ମ୍ୟାନ୍ ଷ୍ଟୋର ଗ୍ରାହକଙ୍କୁ ଉଚ୍ଚମାନର ଫ୍ୟାଶନ ଚମତ୍କାର ମୂଲ୍ୟରେ ପ୍ରଦାନ କରିବ ବୋଲି ଜଣାପଡିଛି। ସେହିଭଳି ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ଜରିଆରେ ଗ୍ରାହକଙ୍କୁ କେତେକ ବଛାବଛା ସାମଗ୍ରୀ ୨୯୯୯ ଟଙ୍କାର ସପିଂ କରି ୧୦୦୦ ଟଙ୍କା ମୂଲ୍ୟର ସାମଗ୍ରୀ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଛି। କେବଳ ସେତିକି ନୁହେଁ, ଗ୍ରାହକମାନେ ୨୯୯୯ଟଙ୍କାର କିଣାକିଣି କରି ଗ୍ରାହକମାନେ ୧୫୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିପରି ଟ୍ରେଣ୍ଡ୍ସ ମ୍ୟାନ୍ ପୁରୁଷ ଲୋକଙ୍କ ପ୍ରିୟ ଫ୍ୟାଶନ୍ ସପିଂ ସ୍ଥାନରେ ପରିଣତ ହୋଇଛି। ନୟାଗଡ଼ରେ ଟ୍ରେଣ୍ଡ୍ସ ମ୍ୟାନ ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ସହ ସ୍ଥାନୀୟ ଗ୍ରାହକମାନଙ୍କ ମନଲାଖି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଏହାକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ନୟାଗଡ଼ ସହରର ଗ୍ରାହକମାନେ ଏଠାରୁ ଟ୍ରେଣ୍ଡି ମେନ୍ସ ୱିୟର ଅତି ସ୍ୱତନ୍ତ୍ର ମୂଲ୍ୟରେ କିଣିବା ସହିତ କିଣାକିଣିର ଚମତ୍କାର ଅନୁଭୂତି ମଧ୍ୟ ପାଇପାରିବେ। ଏଠାରେ କେବଳ ପୁରୁଷ ଫ୍ୟାଶନ ସାମଗ୍ରୀ ଉପଲବ୍ଧ।

# ମାଇଁଲାବ୍ ପକ୍ଷରୁ ନୂତନ ଡିଭାଇସ ଉନ୍ମୋଚିତ



ନୂଆଦିଲ୍ଲୀ,୧୧।୧୨

ମାଇଁଲାବ୍ ପକ୍ଷରୁ ନିକଟରେ କେତେକ ନୂତନ ଡିଭାଇସର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି କୋଭିଡ-୧୯ ପାଇଁ ଡାଇଗ୍ନୋସିସ ଉଦ୍ଭାବନକୁ ଟେକ୍ନୋଲୋଜି ଭିତ୍ତିକ କରାଯାଇଛି। ଏପରିକି ଏହାକୁ ଆଗେଇ ନେବା ପରେ ଯକ୍ଷ୍ମା ଚିହ୍ନଟ କରିବା ଲାଗି ପ୍ରଥମ କରି ଭାରତରୁ ଟିବି ନିରୂପଣ କିଟ୍ ସିଡିଏସକୋ ଟିବି ବିଶେଷଜ୍ଞ କମ୍ପାନୀ ଓ ଆଇସିଏମଆର ଅନୁମୋଦନ ଲାଭ କରିଛି, ଉକ୍ତ କିଟ୍‌ର ନାମ ଏମ୍‌ଟିବି ଆରଆଇଏଫ ଓ ଆଇଏନଏଚ୍ ଡ୍ରଗ ରେଜିଷ୍ଟାନ୍ସ କିଟ୍ ଭାବେ ନାମିତ କରାଯାଇଛି। ଉକ୍ତ କିଟ୍ ଆରଟିପିସିଆର ଆଧାରିତ କିଟ୍, ଯେଉଁଥିରେ ମାଇଁଲାବ କମ୍ପାକ୍ଟ ଡିଭାଇସ ସିଷ୍ଟମ ଦ୍ୱାରା ରୋଗ ଠିକ୍ ଚିହ୍ନଟ କରାଯାଇପାରିବ। ମାତ୍ର ୨ ଘଣ୍ଟା ମଧ୍ୟରେ ଅନେକ ପରୀକ୍ଷା ଏକା ସାଙ୍ଗରେ କରିବାର ସୁଯୋଗ ମଧ୍ୟ ମିଳିବ। ଭାରତରୁ ୨୦୨୫ସୁଦ୍ଧା ଟିବି ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଇଛି। ଏ ସମ୍ପର୍କରେ ମାଇଁଲାବର ଏମଡି ହସମୁଖ ରାୱଲ କହିଛନ୍ତି, ଆମେ ଏକାସାଙ୍ଗରେ ଅନେକ ସମସ୍ୟାର ସମାଧାନ କରୁଛୁ। ପ୍ରଥମେ ସ୍ୱୟଂଚାଳିତ ସିଷ୍ଟମ ଦ୍ୱାରା ପରୀକ୍ଷାକୁ ତ୍ୱରାନ୍ୱିତ କରିବାରେ ଏହା ସକ୍ଷମ ହେବ ଓ ଅନେକ ପରୀକ୍ଷାକୁ ଏକାସାଙ୍ଗରେ କରିହେବ। ବିଶେଷ କରି ପାଥୋ ଡିଟେକ୍ଟ କିଟ୍ ମାଇଁଲାବ କମ୍ପାକ୍ଟ ସହ ଟିବି ପରୀକ୍ଷା ପାଇଁ ବେଶ୍ ସହାୟକ ହେବ।




ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ ଟୟୋଟାର ନୂତନ ଯାନ 'ଟୟୋଟା ହିଲିଅକ୍ସ ୪ x ୪' ଜରିଆରେ ଏକ ୨ଦିନିଆ ଗାଡ଼ି ଚାଳନାର କଳାକୌଶଳ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏପରିକି ସ୍ଥାନୀୟ ନଖରା ଓମ୍‌ଫେଡ ପଡ଼ିଆଠାରେ ଆୟୋଜିତ ଉକ୍ତ ପ୍ରଦର୍ଶନୀ ସାଙ୍ଗକୁ ବିଭିନ୍ନ ପରିବେଶ ଓ ପରିସ୍ଥିତିରେ କିଭଳି ସବୁ ବର୍ଗର ରାସ୍ତା ଉପରେ ସୁରକ୍ଷିତ ଗାଡ଼ି ଚାଳନା କରିହେବ ସେ ନେଇ କମ୍ପାନୀର ଦକ୍ଷ ପ୍ରଶିକ୍ଷକମାନେ ଗତ ୨ ଦିନ ହେବ ବିଭିନ୍ନ କଳା ପ୍ରଦର୍ଶନ କରୁଥିଲେ। ଉକ୍ତ ପ୍ରଦର୍ଶନୀରେ ରାଜ୍ୟର ଶହ ଶହ ଗ୍ରାହକ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଟୟୋଟା କିର୍ଲୋସ୍କର ମୋଟରର ଆଞ୍ଚଳିକ ମୁଖ୍ୟ ସୁପ୍ରିୟ କ୍ରିଷ୍ଣାଅର୍ଜୁନ ଓ ଇସ୍ପିଟି ଟୟୋଟାର ଏଭିପି ସେଲ୍ ସତୀର୍ଥ ନାୟକ ଏବଂ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ସମସ୍ତ ଟୟୋଟା ଡିଲର ଉକ୍ତ ପ୍ରଦର୍ଶନୀରେ ସାମିଲ ଥିଲେ।

# କୋଣାର୍କ ଇନ୍‌ଫ୍ରାକୋର୍‌ର ୨ୟ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୧୨

କୋଣାର୍କ ଇନ୍‌ଫ୍ରାକୋରର ୨ୟ ଉତ୍କର୍ଷ କେନ୍ଦ୍ର ସମ୍ବଲପୁରରେ ଉଦଘାଟିତ ହୋଇଯାଇଛି। ଏପରିକି ଭୁବନେଶ୍ୱରର ଦ ଗ୍ରାଣ୍ଡ ଶିବା ହୋଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ୨ୟ 'ଏକ୍ସିଲେନ୍ସ ସେଣ୍ଟର ବା ଉତ୍କର୍ଷ କେନ୍ଦ୍ର'ର ଉଦ୍‌ଘାଟନ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏ ସମ୍ପର୍କରେ କୋଣାର୍କ ଇନ୍‌ଫ୍ରାକୋର୍‌ର ପରିଚାଳନା ନିର୍ଦ୍ଦେଶକ କୌଶିକ ଦାସ କହିଛନ୍ତି, ଏକ ସମ୍ମାନିତ ଡିଲର କମ୍ପାନୀ ଭାବେ କୋଣାର୍କ ଇନ୍‌ଫ୍ରାକୋର ସର୍ବଦା ନିଜ ଗ୍ରାହକଙ୍କୁ ସେମାନଙ୍କ ବ୍ୟବସାୟ ପାଇଁ ସର୍ବୋତ୍ତମ ଉତ୍ପାଦ ଯୋଗାଇବା ଦିଗରେ କାର୍ଯ୍ୟ କରୁଛି। ଏହି ଲକ୍ଷ୍ୟକୁ ଧ୍ୟାନରେ ରଖି ଆମର ଲିୟୁଗୋଙ୍ଗ ଇଣ୍ଡିଆ ଉପକରଣ ସହିତ ଆମେ ଆମର ଗ୍ରାହକଙ୍କୁ ସେବା ଯୋଗାଇବା ସମେତ ସ୍ଥାନୀୟ ଚାହିଦାକୁ ପୂରା କରିବା ଲାଗି ପ୍ରୟାସ ଜାରି ରଖିଛୁ। ବିଶେଷକରି ପଶ୍ଚିମ ଓଡ଼ିଶାର ଖଣି ଶିଳ୍ପ ପାଇଁ ଆମେ ଏହି ମଡେଲ କେନ୍ଦ୍ର ବିକଶିତ କରିଛୁ। ସେହିଭଳି ଲିୟୁଗୋଙ୍ଗ ଇଣ୍ଡିଆର ସେଲ୍‌ସ ଏବଂ ମାର୍କେଟିଙ୍ଗ ବିଭାଗର ଉପାଧ୍ୟକ୍ଷ ନିଶ୍ଚଳ ମେହରୋତ୍ରା କହିଛନ୍ତି,ଏହି ନୂତନ ଉତ୍କର୍ଷ କେନ୍ଦ୍ର ମାଧ୍ୟମରେ ଆମେ ଉକ୍ତ ବିଭାଗର ଉପକରଣ ବଜାରରେ ନିଜ ସ୍ଥିତିକୁ ଆହୁରି ମଜବୁତ କରିବୁ। ଏପରିକି ଆସନ୍ତା ଜାନୁୟାରୀ ୩୧ରେ 'ବୌମା କନ୍ ଏକ୍ସପୋ ଇଣ୍ଡିଆ ୨୦୨୩' ରେ ଇଲେକ୍ଟ୍ରିକ ହୁଇଲ ଲୋଡ଼ରର ଶୁଭାରମ୍ଭ ସହ ଲିୟୁଗୋଙ୍ଗ ଇଣ୍ଡିଆ ପୁଣିଥରେ ଭାରତର ହୁଇଲ ଲୋଡର ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରସ୍ତୁତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ବରଗଡ଼ ଏବଂ ବଲାଙ୍ଗୀର ଜିଲାର ପ୍ରମୁଖ ବ୍ୟାଙ୍କଗୁଡ଼ିକର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ କୋଣାର୍କ ଇନ୍‌ଫ୍ରାକୋରର ବିଦ୍ୟମାନ ଗ୍ରାହକମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଫୁର୍‌ସତ୍

# କମ୍ ବୟସ୍କ ଦିଶୁଛନ୍ତି ଶାହରୁଖ



ମୁମ୍ବାଇ

ହିନ୍ଦୀ ଫିଲ୍ମ ଜଗତର ବାଦ୍‌ଶାହା ଶାହରୁଖ ଖାନ୍‌ଙ୍କୁ ବଡ଼ ପରଦାରେ ଦେଖିବା ପାଇଁ ଫ୍ୟାନ୍ସମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଏ ନେଇ ପ୍ରଶଂସକଙ୍କୁ ଖୁବ୍ ଶୀଘ୍ର ଶାହରୁଖ 'ପଠାନ୍' ଫିଲ୍ମ ଭେଟି ଦେବାକୁ ଯାଉଛନ୍ତି। ଶାହରୁଖ ନିଜ ଜନ୍ମଦିନ ଅବସରରେ ଫିଲ୍ମର ଟ୍ରିଜର ଆଉଟ୍ କରିଥିବାବେଳେ ନିକଟରେ ସେ ଏହି ଫିଲ୍ମର ଗୀତର ଫାଷ୍ଟ ଲୁକ୍ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଫିଲ୍ମର ଗୀତ 'ବେଶରମ ରଙ୍ଗ୍' ସୋମବାର ରିଲିଜ୍ ହେବ। ପଠାନ୍‌ର କୋଆକ୍ଟ୍ରେସ୍ ଦୀପିକା ପାଦୁକୋଣ ଶୁକ୍ରବାର ଏହି ଗୀତର ଫାଷ୍ଟଲୁକ୍ ଶେୟାର କରିଥିଲେ। ପାଖାପାଖି ୩ ବର୍ଷ ପରେ ଶାହରୁଖ ବଡ଼ ପରଦାକୁ କମ୍‌ବ୍ୟାକ୍ କରୁଥିବାବେଳେ ଫିଲ୍ମରେ ତାଙ୍କ ଲୁକ୍ ଅନେକଙ୍କୁ ପସନ୍ଦ ଆସିଛି। ବାଦ୍‌ଶାହା ନିଜ ବୟସଠାରୁ କମ୍ ଲାଗୁଥିବା ବହୁ ୟୁଜର୍ସ ଫଟୋ ଦେଖି କମେଣ୍ଟ କରିଛନ୍ତି। ଜାନୁୟାରୀ ୨୫ରେ ପଠାନ୍ ପ୍ରେକ୍ଷାଳୟକୁ ଓହ୍ଲାଇବ। ଫିଲ୍ମଟି ହିନ୍ଦୀ ସାଙ୍ଗକୁ ତାମିଲ ଓ ତେଲୁଗୁ ଭାଷାରେ ମଧ୍ୟ ରିଲିଜ୍ କରାଯିବ। ଏଥିରେ ଶାହରୁଖ ଓ ଦୀପିକାଙ୍କ ବଣ୍ଡକୁ ଲୋକେ ଖୁବ୍ ପସନ୍ଦ କରିବେ ବୋଲି ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ କହିଛନ୍ତି। ଅନ୍ୟପକ୍ଷେ ପଠାନ୍ ବକ୍ସ ଅଫିସରେ ଭଲ ପରଫର୍ମ କରିବ ବୋଲି ଟିମ୍ ଆଶାବାଦୀ।

# ପ୍ରତିଦିନ ମାରାଥନ୍




## ବିଲୁପ୍ତପ୍ରାୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ଏର୍ଚାନାଙ୍କ ରେକର୍ଡ

**କାନବେରା:** ସମୁଦ୍ରରେ ମାନବିକ ହସ୍ତକ୍ଷେପ, ବିଶ୍ୱ ତାପନ ଓ ଜଙ୍ଗଲ କ୍ଷୟ ଜୀବଜଗତ ପ୍ରତି ବିପଦ ସୃଷ୍ଟି କରିଛି। ନିୟମିତ ବ୍ୟବଧାନରେ କେଉଁଠି ନା କେଉଁଠି ପ୍ରାଣୀମାନଙ୍କୁ ବିଲୁପ୍ତି ପଥରେ ଟାଣି ନେଉଛି। ଅତି ବିପଜ୍ଜନକ ସ୍ଥିତିରେ ବଞ୍ଚିବା ପାଇଁ ସଂଗ୍ରାମ କରୁଥିବା ବିଲୁପ୍ତପ୍ରାୟ ଜୀବଜନ୍ତୁଙ୍କ ସୁରକ୍ଷା ଲାଗି ଏକ ବିରଳ ଅଭିଯାନରେ ଅଷ୍ଟ୍ରେଲିଆର ଏର୍ଚାନା ମୁରାୟ-ବାର୍ଟଲେଟ୍। ଏହି ୩୨ ବର୍ଷୀୟା ଯୁବତୀ ୧୦୭ ଦିନରେ ୧୦୭ ମାରାଥନ୍ ସମ୍ପୂର୍ଣ୍ଣ କରି ଗିନିଜ୍ ୱାର୍ଲ୍ଡ ରେକର୍ଡର ଅଧିକାରିଣୀ ହୋଇଛନ୍ତି। ଏତିକିରେ ସେ ଥକି ପଡ଼ି ନାହାନ୍ତି। ତାଙ୍କ ଟାର୍ଗେଟ ହେଉଛି ୧୫୦ ଦିନରେ ଦେଢ଼ଶହ ମାରାଥନ୍। ଏଥିରୁ ଚାରିଟି ବାବଦକୁ ମିଳୁଥିବା ଅର୍ଥକୁ ପ୍ରାଣୀଙ୍କ ସୁରକ୍ଷା ଏବଂ ସେ ଦିଗରେ ସଚେତନତା ସୃଷ୍ଟି ସକାଶେ ଖର୍ଚ୍ଚ କରାଯିବ। ନ୍ୟୁଟ୍ରିଶନ୍‌ରେ ମାଷ୍ଟର ଡିଗ୍ରୀ କରିଥିବା ଏର୍ଚାନା ଏହି ପାଣ୍ଠି ସଂଗ୍ରହ ଅଭିଯାନର ନାଁ ରଖିଛନ୍ତି 'ଟିପ୍ ଟୁ ଟୋ ୨୦୨୨'। ଗତ ୩ ତାରିଖରେ ସର୍ବାଧିକ ମାରାଥନ୍ ହାସଲକାରୀ ମହିଳା ଭାବେ ସେ ରେକର୍ଡ କରିଛନ୍ତି। ପ୍ରତିକୂଳ ପାଗକୁ ଖାତିର ନ କରି ପ୍ରତିଦିନ ଭ୍ରମଣର ନୂଆ ସୁଯୋଗ ମିଳୁଛି। ନୂଆ ନୂଆ ଲୋକଙ୍କୁ ଭେଟି ଭାବ ବିନିମୟ କରୁଛି। ପାଦରେ ବିଦେଶ ଭ୍ରମଣର ସ୍ୱପ୍ନ ସାକାର କରିଛି। ୧୫୦ ଦିନ ପରେ ସମ୍ପୂର୍ଣ୍ଣ ଲକ୍ଷ୍ୟ ପୂରଣ ହେବ ବୋଲି ଏର୍ଚାନା ଖୁସି ବ୍ୟକ୍ତ କରିଛନ୍ତି। ତାଙ୍କ ମତରେ ଅଷ୍ଟ୍ରେଲିଆରେ ସର୍ବାଧିକ ଜୈବ ବିବିଧତା କ୍ଷୟ ହେଉଛି। ଏବେ ଦେଶର ପ୍ରାୟ ୫୦୦ ପ୍ରଜାତିର ପ୍ରାଣୀ ବିଲୁପ୍ତି ପଥରେ ଛିଡ଼ା ହୋଇଛନ୍ତି। ୨୦୧୬ ତୁଳନାରେ ଏହି ସଂଖ୍ୟା ୮% ବଢ଼ିଛି। ଲୋପ ପାଇଯାଉଥିବା ଜୀବଜନ୍ତୁଙ୍କୁ ବଞ୍ଚାଇବା ପାଇଁ ନୀତି ନିର୍ଦ୍ଧାରକମାନଙ୍କୁ ସଚେତନ କରିବାକୁ ପଡ଼ିବ। ମୁଁ ସେହି ଜନ୍ତୁମାନଙ୍କ ସ୍ୱର ପାଲଟିବାକୁ ଚାହୁଁଛି ବୋଲି କେପ୍‌ୟର୍କରୁ ମେଲବର୍ନ ଯାତ୍ରା ସମ୍ପୂର୍ଣ୍ଣ ହେବା ପରେ ଦୌଡ଼ ରାଣୀ ଏର୍ଚାନା ପ୍ରକାଶ କରିଛନ୍ତି।

# ଡ୍ରାଗନ୍ ଗର୍ଲ ହେବାକୁ ଯାଇ ଅନ୍ଧ



**କାନବେରା:** ବର୍ତ୍ତମାନ ସମୟରେ ଟ୍ରେଣ୍ଡ୍ ପାଲଟିଥିବା ଟାଟୁ ଅନେକଙ୍କ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଛି। କେତେଜଣ ଦେହରେ ଟାଟୁ କରି ଏଲର୍ଜିର ଶିକାର ହୋଇଛନ୍ତି ତ ଆଉ କେତେଜଣଙ୍କୁ ନିଜ ଅଙ୍ଗ ହରାଇବାକୁ ପଡ଼ିଛି। ସମାନ ପ୍ରକାର ଏକ ଘଟଣା ଅଷ୍ଟ୍ରେଲିଆରେ ଦେଖିବାକୁ ମିଳିଛି। ନର୍ଥ ଆଇଲାଣ୍ଡର ବେଲଫାଷ୍ଟର ଅନାୟା ପିଟରସନ୍ ଡ୍ରାଗନ୍ ଗର୍ଲ ହେବାକୁ ଯାଇ ଅନ୍ଧ ହୋଇଯାଇଛନ୍ତି। ଅଷ୍ଟ୍ରେଲୀୟ ମଡେଲ ଅମ୍ବର ଲୁକେ ସ୍ଥାନୀୟ ଅଞ୍ଚଳରେ ଡ୍ରାଗନ୍ ଗର୍ଲ ଭାବେ ବେଶ୍ ପରିଚିତ। ସେ ତାଙ୍କ ଶରୀରରେ ମୋଟ ୬୦୦ ଟାଟୁ କରି କରିଛନ୍ତି। ତାଙ୍କ ଆଖି ଡୋଳାକୁ ମଧ୍ୟ ସେ ଟାଟୁ କରି ରଙ୍ଗୀନ କରିଛନ୍ତି। ତେବେ ଅନାୟା ନିଜକୁ ଡ୍ରାଗନ୍ ଗର୍ଲ ରୂପ ଦେବାକୁ ଯାଇ ନିଜ ଦୃଷ୍ଟିଶକ୍ତି ହରାଇ ବସିଛନ୍ତି। ଆଖି ଡୋଳାକୁ ଟାଟୁ ଜରିଆର ସେ ବାଇଗଣି ଓ ନୀଳ ରଙ୍ଗ କରିଥିଲେ। ଡୋଳାକୁ ରଙ୍ଗିନ କରିବା ପରେ ଧୀରେ ଧୀରେ ତାଙ୍କୁ କମ୍ ଦେଖାଯିବା ଆରମ୍ଭ ହେଲା। ୫ ପିଲାଙ୍କ ମା' ଅନାୟାଙ୍କ ସାନଝିଅ ତାଙ୍କୁ ଏପରି କରିବାକୁ ମନା କରିଥିଲେ ହେଁ ସେ ତାଙ୍କ କଥା ମାନି ନ ଥିବା କହିଛନ୍ତି। ପୁଣି ଥରେ ନିଜ ଦୃଷ୍ଟିଶକ୍ତି ଫେରି ପାଇବା ପାଇଁ ଅନାୟା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ଜଣଙ୍କ ମୃତ୍ୟୁରେ ୫୪ ଅନାଥ

**ଇସଲାମାବାଦ:** ୫୪ ସନ୍ତାନ ଏବଂ ୬ ସ୍ତ୍ରୀ ଥିବା ପାକିସ୍ତାନର ହାଜି ଅବଦୁଲ ମଜିଦ ମଙ୍ଗାଲଙ୍କ ହୃଦଘାତରେ ପରଲୋକ ଘଟିଛି। ଅବଦୁଲଙ୍କୁ ୭୫ ବର୍ଷ। ପେସାରେ ସେ ଜଣେ ଡ୍ରାଇଭର। ଅବଦୁଲ ନୋଶକି ଜିଲାର କାଳୀ ମଙ୍ଗଲ ଗାଁର ବାସିନ୍ଦା। ଏବେ ଅବଦୁଲଙ୍କର ବର୍ତ୍ତମାନ ୪୨ ସନ୍ତାନ ଏବଂ ୪ ସ୍ତ୍ରୀ ଅଛନ୍ତି। ଏଥିସହ ତାଙ୍କର ୧୨ ସନ୍ତାନ ଏବଂ ଦୁଇ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ଅବଦୁଲଙ୍କ ପିଲାମାନଙ୍କ ୨୨ ପୁଅ ଏବଂ ୨୦ ଝିଅ। ତାଙ୍କ ନାତି ନାତୁଣୀଙ୍କୁ ମିଶାଇଲେ ଅବଦୁଲଙ୍କ ଘରେ ୧୫୦ ସଦସ୍ୟ ହେବେ।



# ମହାକାଶରେ ଆକର୍ଷଣୀୟ ତାରକାପୁଞ୍ଜି



ୱାଶିଂଟନ୍

ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା)ର ହବଲ ସ୍ପେସ୍ ଟେଲିସ୍କୋପ ଆକର୍ଷଣୀ ତାରକାପୁଞ୍ଜର ଫଟୋ ଉତ୍ତୋଳନ କରିଛି। ଉକ୍ତ ଫଟୋ ସବୁ ନାସା ପକ୍ଷରୁ ସୋସିଆଲ ମିଡିଆରେ ଜାରି କରାଯାଇଛି। ଶେୟାର ଫଟୋରେ ଗୋଲାକାର ଆକୃତିରେ ତାରା ସବୁ ଏକତ୍ରିତ ହୋଇ ରହିଥିବାର ଦେଖିବାକୁ ମିଳିଛି। ତେବେ ଏହି ତାରକାପୁଞ୍ଜି ପୃଥିବୀଠାରୁ ୧,୬୦,୦୦୦ ଆଲୋକ ବର୍ଷ ଦୂରରେ ଥିବା ଜଣାପଡ଼ିଛି। ଏହି ହାଇଟେକ୍ନୋଲଜି ଯୁକ୍ତ ଦୂରବୀକ୍ଷଣ ଯନ୍ତ୍ର ବିଭିନ୍ନ ଆଙ୍ଗେଲ୍ ଓ ଫିଲ୍ଟର ବ୍ୟବହାର କରି ଏହି ଫଟୋ ଉତ୍ତୋଳନ କରିଛି। ଏଥିରେ ଏକାଧିକ ଉଜ୍ଜ୍ୱଳମାନ ବ୍ଲୁ ଷ୍ଟାର ମଧ୍ୟ ଦେଖିବାକୁ ମିଳିଥିଲା। ରେଡ୍ ଷ୍ଟାର ତୁଳନାରେ ବ୍ଲୁ ଷ୍ଟାର ଅଧିକ ଆଲୋକ ପ୍ରଦାନ କରିବା ସହ କମ୍ ବୟସରେ ସେମାନଙ୍କ ମୃତ୍ୟୁ ଘଟେ ବୋଲି କୁହାଯାଏ।

## ସୁନିଦ୍ରା ପାଇଁ ସନ୍ତୁଳିତ ଖାଦ୍ୟ



ଖାଇବା ଓ ଶୋଇବା ଉଭୟେ ପରସ୍ପର ସହ ଜଡ଼ିତ। କାରଣ ଏଥିରେ ଅନିୟମିତତା ପରିଲକ୍ଷିତ ହେଲେ ତାହା ନିଦ୍ରାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ସବୁବେଳେ ଗରିଷ୍ଠଜାତୀୟ ଖାଦ୍ୟ ଖାଇଲେ ତାହା ପାଚନ କ୍ରିୟାରେ ବ୍ୟାଘାତ ସୃଷ୍ଟି କରିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ଜଣେ ବ୍ୟକ୍ତି ଠିକ୍ ଭାବରେ ଶୋଇ ପାରନ୍ତି ନାହିଁ। ତେଣୁ ସନ୍ତୁଳିତ ଖାଦ୍ୟ ଖାଇବା ଦରକାର। କାରଣ ସୁନିଦ୍ରା ପଛରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଏକ ସଦ୍ୟତମ ସର୍ଭେରୁ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଛନ୍ତି। ନିଦ୍ରାଜନିତ ସମସ୍ୟା ସହ ଜଡିତ କିଛି ବ୍ୟକ୍ତିଙ୍କୁ ଏହି ସର୍ଭେର ପରିସରଭୁକ୍ତ କରାଯାଇଥିଲା। ତା'ସହ ସେମାନଙ୍କୁ ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ। ପରିଶେଷରେ ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତି ଭଲରେ ଶୋଇପାରିଥିଲେ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଷ୍ଟ୍ରୋକ୍ ସମସ୍ୟା ଓ ସୁଗାର ପରିମାଣ



ଷ୍ଟ୍ରୋକ୍ ଏପରି ଏକ ସ୍ୱାସ୍ଥ୍ୟ ସମସ୍ୟା ଯାହା ପରବର୍ତ୍ତୀ ସମୟରେ ଘାତକ ସାବ୍ୟସ୍ତ ହୋଇଥାଏ। ଏପରି କି କେତେକେ ଏଥିଯୋଗୁ ମୃତ୍ୟୁବରଣ କରିବାର ନଜିର ମଧ୍ୟ ରହିଛି। ଯଦି ଜଣେ ବ୍ୟକ୍ତି ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ଯେଉଁ କେତୋଟି ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସେ ସତର୍କ ରହିବା ଦରକାର ତନ୍ମଧ୍ୟରୁ ଷ୍ଟ୍ରୋକ୍ ଅନ୍ୟତମ। କାରଣ ଯଦି ରକ୍ତରେ ସୁଗାର ବା ଶର୍କରା ପରିମାଣ ଅସନ୍ତୁଳିତ ରହିଲା ତେବେ ତାହା ଷ୍ଟ୍ରୋକ୍‌ର ଅନ୍ୟତମ କାରଣ ସାଜିବାର ଆଶଙ୍କା ରହିଛି। ୟୁନିଭର୍ସିଟି ଅଫ ସିଓଲ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଯେଉଁ ଡାଇବେଟିସ୍ ରୋଗୀଙ୍କର ସୁଗାର ଲେବୁଲ ଅସନ୍ତୁଳିତ ରହୁଥିଲା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ ଲକ୍ଷଣ ଦେଖିବାକୁ ମିଳିଥିଲା। ତେଣୁ ସେମାନେ ଏହାକୁ ସବୁବେଳେ ସନ୍ତୁଳିତ ରଖିବା ନିହାତି ଦରକାର।

# ଶୀତଦିନିଆ ସ୍ୱାସ୍ଥ୍ୟ ସମସ୍ୟା



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ସମଗ୍ର ବିଶ୍ୱରେ ରହିଥିବା ଦେଶଗୁଡ଼ିକରେ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ରୋଗର ପ୍ରାଦୁର୍ଭାବ ପ୍ରତୀୟମାନ ହୋଇଥାଏ। ଆମ ଭାରତରେ ମଧ୍ୟ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ।

ଶୀତଦିନେ ସାଧାରଣତଃ, ଛୋଟ ପିଲା, ବୃଦ୍ଧବୃଦ୍ଧାମାନଙ୍କୁ ଥଣ୍ଡାଜନିତ (Virus) ଭାସମାନ ଅବସ୍ଥାରେ ରହିଥାନ୍ତି, ଯାହାକି ଆମର ନିଃଶ୍ୱାସ ପ୍ରଶ୍ୱାସରେ ଶରୀର ଭିତରକୁ ଅବାଧରେ ପ୍ରବେଶ କରିଥାନ୍ତି। ପରବର୍ତ୍ତୀ ଅବସ୍ଥାରେ ଏଥିଯୋଗୁ ଶରୀରରେ ସଂକ୍ରମଣଜନିତ ବିଭିନ୍ନ ରୋଗ ଦେଖା ଦେଇଥାଏ। ଯେ କୌଣସି ଭୂତାଣୁ ଶରୀରରେ ପ୍ରବେଶ କରିବା ପରେ ତା'ର ପ୍ରଭାବ ବିସ୍ତାର କରିବା ଆରମ୍ଭ କରିଥାଏ। ଯେଉଁମାନଙ୍କର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି (immunity power) ସୁଦୃଢ଼ ରହିଥାଏ, ସେମାନଙ୍କ ଶରୀରରେ ବାହ୍ୟ ପଟୁ ପ୍ରବେଶ କରିଥିବା ଭୂତାଣୁର ପ୍ରଭାବ ହ୍ରାସ ପାଏ ଏବଂ କେତେକ ରୋଗର ଲକ୍ଷଣ ପ୍ରକାଶ ପାଇନଥାଏ। ହେଲେ ଯେଉଁ ବ୍ୟକ୍ତିର ଶରୀରରେ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ରହିଥାଏ ସେ ବ୍ୟକ୍ତି ଭୂତାଣୁ ସଂକ୍ରମଣର ଶିକାର ହେବାର ଯଥେଷ୍ଟ ଆଶଙ୍କା ରହିଛି। ନିକଟ ଅତୀତରେ କରୋନା ଭୂତାଣୁ ବା କୋଭିଡ -୧୯ ଭୂତାଣୁ ସଂକ୍ରମଣଜନିତ ରୋଗର ସଂକ୍ରମଣରେ ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ହାନି ଘଟିଛି। ତେଣୁ ଏସବୁ ବିଷୟକୁ ତର୍ଜମା କଲେ ସ୍ପଷ୍ଟ ଅନୁମେୟ ଯେ, ଆମେ ସର୍ବଦା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରି ରଖିବା ଉଚିତ। ଏହାଦ୍ୱାରା ସମସ୍ତ ଭୂତାଣୁଜନିତ ରୋଗକୁ ଆମେ ସହଜରେ ପ୍ରତିରୋଧ କରିପାରିବା ସହ ଦୀର୍ଘାୟୁ ହୋଇ ବଞ୍ଚି ରହି ପାରିବା।





"ଶୀତଋତୁରେ ସାଧାରଣତଃ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇବା ଅତି ସରଳ ଓ ସହଜ ଉପାୟ ରହିଛି। ଶୀତଦିନେ ବନ୍ଧାକୋବି, ଗଣ୍ଠିକୋବି, ଫୁଲକୋବି, ବିଟ୍, ଗାଜର, କଲରା, ଅମୃତଭଣ୍ଡା, କଞ୍ଚାକଦଳୀ, ପାଳଙ୍ଗ ଶାଗ, କୋଶିଳା ଶାଗ ଆଦି ଅତି ଶସ୍ତା ଓ ସୁଲଭ ଦରରେ ମିଳିଥାଏ। ଏସବୁ ପନିପରିବା ଖାଇଲେ ତାହା ଆମ ଶରରୀରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଅନେକାଂଶରେ ସହାୟକ ହୋଇଥାଏ। "

ରୋଗର ପ୍ରକୋପ ଅଧିକ ଥାଏ। ଏହାଫଳରେ ନାକ ଓ ପାଟିରୁ ତରଳ କଫ ନିର୍ଗତ ହେବା ସହ ଛିଙ୍କ, ସାମାନ୍ୟ ଜ୍ୱର, ମୁଣ୍ଡ ବ୍ୟଥା, ଶରୀରର ଖଞ୍ଜାଗୁଡ଼ିକ ସହ ସର୍ବାଙ୍ଗ ଶରୀର ଯନ୍ତ୍ରଣା ସହ ଦୁର୍ବଳ ଅନୁଭବ ହୋଇଥାଏ। ଏହି ଋତୁରେ ଅଧିକାଂଶ ଲୋକଙ୍କ ଶରୀରରେ ଚର୍ମ ରୋଗ, ଓଠ ଓ ଗୋଡ଼ ଫଟା ମଧ୍ୟ ଦେଖାଯାଏ। ଏହା ସାଧାରଣତଃ ପ୍ରକୃତିର ଜଳବାୟୁ ପରିବର୍ତ୍ତନ ହେତୁ ହୋଇଥାଏ। ଏହି ରୋଗଗୁଡ଼ିକୁ ଆମେ ଆୟୁର୍ବେଦ ଶାସ୍ତ୍ରରେ ଉଲ୍ଲେଖଥିବା ଔଷଧକୁ ବ୍ୟବହାର କରି ଉପଚାର କରିପାରିବା।

ଆମ ଚାରିପାଖରେ ଥିବା ଜଳବାୟୁରେ ବିଭିନ୍ନ ପ୍ରକାର ଭୂତାଣୁ

ଶୀତ ଋତୁରେ ସାଧାରଣତଃ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇବା ଅତି ସରଳ ଓ ସହଜ ଉପାୟ ରହିଛି,। ଶୀତଦିନେ ବନ୍ଧା କୋବି, ଗଣ୍ଠି କୋବି, ଫୁଲକୋବି, ବିଟ, ଗାଜର, କ ଲ ର ା , ଅମୃତଭଣ୍ଡା, କଞ୍ଚାକଦଳୀ, ପାଳଙ୍ଗ ଶାଗ, କୋଶିଳା ଶାଗ ଆଦି ଅତି ଶସ୍ତା ଓ ସୁଲଭ ଦରରେ ମିଳିଥାଏ। ଏସବୁ ପନିପରିବା ଖାଇଲେ ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଅନେକାଂଶରେ ସହାୟକ ହୋଇଥାଏ।

**ସତର୍କତା**

-ଶୀତର ପ୍ରକୋପ ସମୟରେ ରୋଗୀ ବ୍ୟକ୍ତି, ଶିଶୁ, ବୃଦ୍ଧ, ବୃଦ୍ଧା, ଉଚ୍ଚ ରକ୍ତ ଚାପ, ମଧୁମେହ ରୋଗୀ ବିଶେଷ ଧ୍ୟାନ ଦେବା ଉଚିତ।

-ବାଇକ କିମ୍ବା ସାଇକେଲରେ ଯାତାୟାତ ବେଳେ ଶୀତ ବସ୍ତ୍ର ସହ ପାଦରେ ମୋଜା ଓ ଜୋତା ପିନ୍ଧିବା ଜରୁରୀ।

-ଶୀତଦିନେ ନିଆଁ ପୁଇଁବା ବେଳେ ଅଧିକ ସତର୍କ ରହିବା ଉଚିତ।

-ଶୀତଦିନେ ଗରମ ଖାଦ୍ୟ, ଉଷୁମ ପାଣି ପିଇବା ଉଚିତ। ଅତ୍ୟଧିକ ଥଣ୍ଡା ପାଣି ପିଇବା ଅନୁଚିତ।

-ଦୀର୍ଘଦିନ ଥଣ୍ଡାଜନିତ ସଂକ୍ରମିତ ବ୍ୟକ୍ତିମାନେ ଅଧିକ ସତର୍କତା ରହିବା ଉଚିତ। ଆଜମା ରୋଗୀ, ଇସୋନୋଫିଲିଆ, ସାଇନୋସାଇଟିସ, ଉଚ୍ଚ ରକ୍ତ ଚାପ, ମଧୁମେହ, ଆଦି ରୋଗରେ ସଂକ୍ରମିତ ବ୍ୟକ୍ତି ଶୀତର ପ୍ରକୋପକୁ ପ୍ରତିହତ ପାଇଁ ନିଜେ ଅଧିକ ସତର୍କତା ଅଲମ୍ବନ ଜରୁରୀ ଅଟେ।

-ଜରୁରୀ କାମ ନଥିଲେ ଥଣ୍ଡା ସମୟରେ ପଦାକୁ ବାହାରନ୍ତୁ ନାହିଁ।

-ଶୀତ ଦିନେ କୌଣସି ଭୂତାଣୁଜନିତ ରୋଗରେ ସଂକ୍ରମିତ ହେଲେ, ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

**ଆୟୁର୍ବେଦୀୟ ଉପଚାର**

ଶୀତଦିନେ ଶରୀରରେ ହେଉଥିବା ରୋଗକୁ ପ୍ରତିରୋଧ ପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଇବା ନିତାନ୍ତ ଜରୁରୀ। ଥଣ୍ଡାଜନିତ ରୋଗରେ ସଂକ୍ରମିତ ହେଲେ, କୃଷ୍ଣ ତୁଳସୀ ପତ୍ର ରସ ଏକ ଚାମଚ, ମହୁ ଏକ ଚାମଚ, ଅଦା ରସ ଏକ ଚାମଚ ମିଶାଇ ଦିନରେ ୩ ଥର ଲେଖାଏଁ ୩ ରୁ ୫ ଦିନ ସେବନ କରନ୍ତୁ। ତା'ସହ ଉଷୁମ ଜଳ ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଥଣ୍ଡାଜନିତ ରୋଗରୁ କେତେକାଂଶରେ ଉପଶମ ମିଳିଥାଏ। ଡାଲଚିନି, ଗୋଲ ମରିଚ, ତେଜପତ୍ର, ଶୁଣ୍ଠିକୁ କିଛି ସମୟ ସିଝାଇ, ଦିନରେ ୨ ରୁ ୩ ଥର,ଲେଖାଏଁ ୩ ଦିନ ଉଷୁମ ଥିବା ବେଳେ ସେବନ କଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ତା' ସହ ସମସ୍ତ ଥଣ୍ଡାଜନିତ ରୋଗ ଉପଶମ ହୋଇଥାଏ। ପିପଳୀକୁ ଅଳ୍ପ ଉଷୁମ କରିବା ପରେ ତାହାକୁ ଗୁଣ୍ଡ କରି ଦିଅନ୍ତୁ। ତାହାକୁ ମହୁ ସହ ମିଶାଇ ଚାଟି କରି ସେବନ କଲେ ଥଣ୍ଡାଜନିତ ପ୍ରକୋପ କମିଥାଏ। ଜଂଘି ହରିଡ଼ାକୁ ଅଳ୍ପ ଭାଜି ଉଷୁମୁ ଥିବା ବେଳେ ଗୁଣ୍ଡ କରି ମହୁ ସହ ମିଶାଇ ଚାଟି କରି ସେବନ କଲେ ଥଣ୍ଡାଜନିତ କାଶ, ଛିଙ୍କରୁ କେତେକାଂଶରେ ଉପଶମ ମିଳିଥାଏ। ଥଣ୍ଡାଜନିତ ରୋଗକୁ ପ୍ରତିରୋଧ କରିବା ସହ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ପାଇଁ, ଚବନପ୍ରାଶ, ଥଣ୍ଡା କାଶରୁ ଉପସମ ପାଇଁ, ହୋନୀଟସ, କଫଲେଟ, କଫୋଲ ଆଦି କଫ ସିରଫ ଓ କଫଲ ଟାବଲେଟ, ବ୍ୟାଘ୍ରୀହରିତକୀ ଲେହ, ଆଦି ଆୟୁର୍ବେଦ ଔଷଧ, ଆୟୁର୍ବେଦ ଡାକ୍ତରଙ୍କ ସହ ପରାମର୍ଶ କରି ସେବନ କରନ୍ତୁ।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭



## ଅଧିକ ଅବସାଦଗ୍ରସ୍ତ ରହିଲେ..

ଅବସାଦ ଏଭଳି ଏକ ସମସ୍ୟା ଯାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ଏହା ଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପ୍ରଭାବିତ ହେବାର ମଧ୍ୟ ଆଶଙ୍କା ରହିଛି। 'ଅଧିକ ଅବସାଦଗ୍ରସ୍ତ ରହିବା ଏବଂ ତାହାର ମସ୍ତିଷ୍କ ଉପରେ ପ୍ରଭାବ' ଶୀର୍ଷକ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଅବସାଦଗ୍ରସ୍ତ କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ତା'ସହ ନିୟମିତ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ମସ୍ତିଷ୍କ କେତେ ପ୍ରଭାବିତ ହେଉଛି ତାହାକୁ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଏଥିଯୋଗୁ ପ୍ରଭାବିତ ହେଉଥିବାର ସେମାନେ ଜାଣିପାରିଥିଲେ। ତେଣୁ ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖିବା ଦରକାର। ଯଦି ଅବସାଦଗ୍ରସ୍ତ ରହୁଛନ୍ତି ତେବେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



## ମୁଣ୍ଡବ୍ୟଥା

ଆଜିକାଲି ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ତେବେ ଏଭଳି କିଛି ଘରୋଇ ଉପଚାର ରହିଛି ଯାହା ଏଥିରୁ ଅନେକାଂଶରେ ଲାଘବ ଦେଇଥାଏ। କେତେକ ବ୍ୟକ୍ତିଙ୍କର ଖାଇବା ସମୟରେ ତାରତମ୍ୟ ନ ଥାଏ। ଫଳରେ ମୁଣ୍ଡ ବିନ୍ଧା ହୋଇଥାଏ। ଅନ୍ୟପକ୍ଷରେ ଆବଶ୍ୟକ ମୁତାବକ ପାଣି ନ ପିଇଲେ ମଧ୍ୟ ଏଭଳି ସମସ୍ୟା ଦେଖାଦିଏ। ତେଣୁ ଠିକ୍ ସମୟରେ ଖାଦ୍ୟ ଖାଇବା ସହ ପାଣି ପିଅନ୍ତୁ। ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମୁଣ୍ଡବ୍ୟଥା କେତେକାଂଶରେ କମିଥାଏ। ପ୍ରତିଦିନ ରାତିରେ ପ୍ରାୟ ୭-୮ ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ ରକ୍ଷା ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କକୁ ଆରାମ ମିଳେ। ପ୍ରତିଦିନ ଯୋଗ, ପ୍ରାଣାୟାମ କରିବା ଦ୍ୱାରା ଏଥିରୁ ଆମକୁ ରକ୍ଷା ମିଳିଥାଏ। ଏଥିପାଇଁ ଘରେ ହର୍‌ବାଲ୍ ଉପଚାର ମଧ୍ୟ କରିପାରନ୍ତି। ମୁଣ୍ଡବ୍ୟଥା ଯୋଗୁ ବେଳେବେଳେ ବାନ୍ତି ଆସିଥାଏ। ଏହି ସମୟରେ ଅଦା ମିଶ୍ରିତ ଚା' ପିଇଲେ ଏଥିରୁ ଉପଶମ ମିଳିଥାଏ। ମୁଣ୍ଡବ୍ୟଥାଠାରୁ ନିଜକୁ ଦୂରେଇ ରଖିବା ଲାଗି ଟେନସନ ଅବସାଦଗ୍ରସ୍ତ ନ ହେବା ଭଲ। ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ। ଯଦି ଆପଣଙ୍କର ମାଇଗ୍ରେନ୍‌ଜନିତ ସମସ୍ୟା ରହିଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ।

## କ୍ୟାନ୍‌ସର ଆଶଙ୍କା କମାଏ ଅଙ୍ଗୁର



ଅଙ୍ଗୁରରେ ଭିଟାମିନ୍ ସି ଓ କେ, କପର, ପଟାସିୟମ୍, ମ୍ୟାଗ୍ନେସିୟମ୍ ପ୍ରଚୁର ପରିମାଣରେ ରହିଛି । ଏହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଅଙ୍ଗୁରରେ ଆଣ୍ଟି ଅକ୍ସିଡ଼ାଣ୍ଟର ମାତ୍ରା ଅଧିକ ରହିଛି। ଏହାର ମଞ୍ଜି ଓ ଚୋପାରେ ଅଧିକ ଭିଟାମିନ୍ସ ରହିଛି। ଏହା ଖାଇବା ଦ୍ୱାରା ଆମଠାରେ ଦେଖାଯାଉଥିବା ବିଭିନ୍ନ ଦୀର୍ଘକାଳୀନ (କ୍ରନିକ) ରୋଗ - ଡାଇବେଟିକ୍ସ, କ୍ୟାନ୍‌ସର, ହାର୍ଟ ଆଟାକ୍ ଆଦି ହେବାର ଆଶଙ୍କା ଅନେକାଂଶରେ କମ୍ ଥାଏ। ଏଥିରେ ରେସ୍‌ଭେରାଟୋଲ୍ ନାମକ ଏକ ଉପାଦାନ ରହିଛି ଯାହା କ୍ୟାନସର ଭୂତାଣୁ ସହ ଲଢ଼ିବାର କ୍ଷମତା ରଖିଛି ବୋଲି ସିଡନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଅଙ୍ଗୁରର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ଶରୀରରେ କୋଲେଷ୍ଟୋରଲ୍‌ର ମାତ୍ରାକୁ ବି କମାଇଦିଏ। ଅଙ୍ଗୁରରେ ଥିବା ଲୁଟେନ୍, ଜିଜାନ୍‌ଥିନ୍ ଉପାଦାନଗୁଡ଼ିକ ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ। ଏହାକୁ ନିୟମିତ ଖାଇଲେ ତାହା ଆମର ସ୍ମରଣ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ।

## ସ୍ୱାସ୍ଥ୍ୟ ସୂଚନା

➤କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟାର ଲକ୍ଷଣ ଜାଣିବାକୁ ପାଇଲେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ଏହା ଗୁରୁତର ଆକାର ଧାରଣ କରିଥାଏ।

➤ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ତେବେ ଡାକ୍ତରଙ୍କ ସହ ନିୟମିତ ସମୟ ଅନ୍ତରାଳରେ ପରାମର୍ଶ କରନ୍ତୁ।

➤ଶୋଇବା ପୂର୍ବରୁ ଟିଭି ଦେଖିବା ଅନେକଙ୍କର ଏକ ଅଭ୍ୟାସ। ହେଲେ ଏହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବାର ଆଶଙ୍କା ରହିଛି।



➤ମଦ୍ୟପାନ ଏବଂ ଧୂମପାନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖନ୍ତୁ।

➤ଯଦି ଆପଣ ରକ୍ତଚାପ ବା ବ୍ଲଡପ୍ରେସର ସମସ୍ୟା ସହ ଜଡିତ ତେବେ ଅଧିକ ଲୁଣଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ତା'ସହ ନିୟମିତ ସମୟ ଅନ୍ତରାଳରେ ବ୍ଲଡପ୍ରେସର କେତେ ରହୁଛି ତାହା ମାପି ନିଅନ୍ତୁ।

➤ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ଆପଣଙ୍କ ପାଇଁ ସେତେ ଭଲ। କାରଣ ଏହା ଶରୀରରେ କୋଲେଷ୍ଟରଲ ପରିମାଣକୁ ବଢ଼ାଇଥାଏ।

➤ନିୟମିତ କ୍ଷୀର ପିଇବା ଦ୍ୱାରା ଏଥିରେ ଥିବା ପୋଟାସିୟମ୍ ରକ୍ତଚାପ କମ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ।

## ଜାଣି ରଖନ୍ତୁ

ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ୍। ଖାଦ୍ୟ ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ୍। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କଲେ ଭଲ। ଭୋଜନ ଗ୍ରହଣ ସମୟରେ କଥାବାର୍ତ୍ତା ନ ହେବା ଏବଂ ଟିଭି ନ ଦେଖିବା ଭଲ। ଖାଇବା ଏକ ଘଣ୍ଟା ପରେ ପାଣି ପିଅନ୍ତୁ। ଖାଇବା ପରେ ଆଇସକ୍ରିମ ଆଦି ଥଣ୍ଡାଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାରେ ବାଧା ସୃଷ୍ଟି କରିଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡା ଆଦି ନିୟମିତ ବା ଅତ୍ୟଧିକ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଅନ୍ନ କୁହାଯାଏ। ଏହା ଦ୍ୱାରା ଖାଦ୍ୟ ପେଟରେ ଷଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ପେଟରେ ଅମ୍ଳ ବା ଏସିଡିଟି ସୃଷ୍ଟି ହୁଏ।



## ଜ୍ୟୋତିର୍ବିଜ୍ଞାନର ଆଦିପର୍ବ

(ଶେଷ ଭାଗ)

ଉଲ୍ଲେଖନୀୟ ଯେ, ଅଧିକାଂଶ ଜ୍ୟୋତିର୍ବିଦ କେପଲରଙ୍କ ସମୟରେ କପରନିକ୍‌ସଙ୍କ ଖଗୋଳୀୟ ତତ୍ତ୍ୱକୁ ଗ୍ରହଣ କରି ସାରିଥିଲେ। କିନ୍ତୁ ସେମାନଙ୍କର ବିଶ୍ୱାସ ଥିଲା ଯେ, ସୂର୍ଯ୍ୟ ଚତୁର୍ଦ୍ଦିଗରେ ଗ୍ରହମାନେ ବୃତ୍ତାକାର କକ୍ଷରେ ଭ୍ରମଣ କରନ୍ତି। ତେବେ କେପଲ୍‌ର ମଙ୍ଗଳ ଗ୍ରହର କକ୍ଷ ବିଷୟରେ ଯେଉଁ ନୂତନ ବାର୍ତ୍ତା ଦେଲେ, ତାହା ଆଲୋଡନ ସୃଷ୍ଟି କଲା। ତାଙ୍କ ନୂତନ ତତ୍ତ୍ୱକୁ ବଳଶାଳୀ କରିବା ପାଇଁ ସେ ବ୍ରାହେ ପୂର୍ବରୁ ଯେଉଁ କଷ୍ଟସାଧ୍ୟ ନିର୍ଭୁଲ ପର୍ଯ୍ୟବେକ୍ଷଣ ଗ୍ରହମାନଙ୍କ ସମ୍ପର୍କରେ ପ୍ରସ୍ତୁତ କରିଥିଲେ, ତାହା ସବୁ ବିନିଯୋଗ କଲେ। ବହୁ ଚେଷ୍ଟା ସତ୍ତ୍ୱେ ସେ ଦେଖିଲେ ଯେ, ମଙ୍ଗଳ କକ୍ଷରେ ସଠିକତାଠାରୁ ଚାପର ଆଠ ମିନିଟ୍ ତଫାତ ରହିଯାଉଛି। କିନ୍ତୁ ଏହି ଚିନ୍ତାଜନକ ବ୍ୟତିକ୍ରମ ପରିଶେଷରେ ତାଙ୍କୁ ଯୁଗାନ୍ତକାରୀ ତିନୋଟି ଗ୍ରହ ସମ୍ପର୍କିତ ନିୟମ ପ୍ରଣୟନ ପାଇଁ ସୁଯୋଗ ଦେଲା। ଦୁର୍ବଳ ଦୃଷ୍ଟିଶକ୍ତି ଓ ବେତଙ୍ଗିଆ ଗାଣିତିକ ହିସାବ ସତ୍ତ୍ୱେ ସେ ଛଅ ବର୍ଷ ପରେ ଉକ୍ତ ନଗଣ୍ୟ ଫରକ୍‌ର ଚମତ୍କାର ସମାଧାନ କଲେ। କେବଳ ମଙ୍ଗଳ ନୁହେଁ, ସୌରମଣ୍ଡଳର ଅନ୍ୟ ଗ୍ରହମାନଙ୍କ ସକାଶେ ତାଙ୍କ ନିୟମ ପ୍ରଯୁଜ୍ୟ ହେଲା। ଏଥିରେ ସୂର୍ଯ୍ୟ ଚାରିପଟେ ଥରେ ଘୂରିବା (ରିଭୋଲ୍ୟୁଶନ) ବା ପରିକ୍ରମଣ ଅବଧି ଓ ସୂର୍ଯ୍ୟଠାରୁ ଗ୍ରହର ଦୂରତା ମଧ୍ୟରେ ଗାଣିତିକ ସମ୍ପର୍କ ରହିଛି। 'କେପଲ୍‌ରସ ନିୟମ ଭାବେ ନାମିତ ଏହି ନିୟମାନୁସାରେ, ସମସ୍ତ ଗ୍ରହଙ୍କର କକ୍ଷ ହେଉଛି ଦୀର୍ଘ ବୃତ୍ତୀୟ (ଏଲିପ୍ଟିକାଲ)। ଏହାର କେନ୍ଦ୍ର (ଫୋକସ)ରେ ସୂର୍ଯ୍ୟ ଅବସ୍ଥିତ। କକ୍ଷ ପଥରେ ଗ୍ରହର ଗତି ଏମିତି ହୋଇଥାଏ ଯେ, ଏହା ସହ ସୂର୍ଯ୍ୟକୁ ଯୋଡୁଥିବା ସରଳ ରେଖାଟି କିଛି ନିର୍ଦ୍ଦିଷ୍ଟ ସମୟରେ ସମାନ ଆୟତନ ଅତିକ୍ରମ କରେ। ଗ୍ରହଟି କକ୍ଷରେ ଯେଉଁଠାରେ ଥିଲେ ମଧ୍ୟ ଏହା ପ୍ରଯୁଜ୍ୟ। ଗ୍ରହର ପରିକ୍ରମଣ-ଅବଧିର ବର୍ଗ ଓ କକ୍ଷର ଅର୍ଦ୍ଧ-ଦୀର୍ଘ-ଅକ୍ଷ (ସେମି-ମେଜର-ଏକ୍ସିସ)ର ଘନଫଳ (କ୍ୟୁବ) ସହ ସମାନୁପାତିକ। ଏହି ତିନୋଟି ନିୟମ ଯଥାକ୍ରମେ 'ଲ ଅଫ୍ ଅର୍ବିଟସ', 'ଲ' ଅଫ୍ ଇକ୍ୱେଲ ଏରିଆସ' ଏବଂ 'ଲ ଅଫ୍ ପିରିଅଡସ' ଭାବରେ ପରିଚିତ। ଏହା ଉପରେ ଅଧିକ ତର୍ଜମା ପରବର୍ତ୍ତୀ କାଳରେ ସାର୍ ଆଇଜାକ୍ ନିଉଟନ୍‌ଙ୍କୁ ମାଧ୍ୟାକର୍ଷଣ ଶକ୍ତିର ନିୟମ ପ୍ରଣୟନ ପାଇଁ ଖୋରାକ୍ ଯୋଗାଇଲା। ପ୍ରକାଶ ଥାଉ କି, ବ୍ରାହେଙ୍କ ସହାୟକ କେପଲ୍‌ର ଓ ଖୋଦ୍ ବ୍ରାହେଙ୍କ ଗ୍ରହ-ମଣ୍ଡଳୀୟ ମଡେଲ ମଧ୍ୟରେ ମୌଳିକ ଭାବେ ପାର୍ଥକ୍ୟ ଥିଲା, ଯଦିଓ କେପଲର ବ୍ରାହେଙ୍କ ପର୍ଯ୍ୟବେକ୍ଷଣ ଡାଟା ବ୍ୟବହାର କରିଥିଲେ। ସମୀକ୍ଷକଙ୍କ ମତରେ କେପଲରଙ୍କୁ 'ଆଧୁନିକ ଜ୍ୟୋତିର୍ବିଜ୍ଞାନର ଜନକ' ଭାବେ ଆଖ୍ୟାୟିତ କରାଯାଇଛି।

-ଡ. ନିଖିଳାନନ୍ଦ ପାଣିଗ୍ରାହୀ
ବଡଖେମୁଣ୍ଡି ବଙ୍ଗଳା,
ଉତ୍କଳ ଆଶ୍ରମ ରୋଡ୍, ବ୍ରହ୍ମପୁର
ମୋ: ୯୦୭୮୭୪୩୮୪୩



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦିତ୍ୟ
ପରିବାରବର୍ଗ


ରାଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୃଷ୍ଟିବାଧିତ ମହିଳା କ୍ରିକେଟ୍: ବାଲେଶ୍ୱର ଚାମ୍ପିୟନ

**ଭୁବନେଶ୍ୱର,୧୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

କେଟି ଗ୍ଲୋବାଲ ସ୍କୁଲ ପଡ଼ିଆ ଠାରେ କାଭି ଓଡ଼ିଶା ଓ କେଟି ଗ୍ଲୋବାଲ ସ୍କୁଲର ମିଳିତ ଆନୁକୂଲ୍ୟରେ ଏବଂ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ଦୁଇଦିନିଆ ରାଜ୍ୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ବାଲେଶ୍ୱର। ବାଲେଶ୍ୱର ଦଳ ପ୍ରଥମ ସେମିଫାଇନାଲରେ ଲୁଇସ୍ ବ୍ରେଲ୍‌କୁ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସେମିଫାଇନାଲରେ ଭଦ୍ରକକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ୧୧ ରନ୍‌ରେ ପରାସ୍ତ କରି ବାଲେଶ୍ୱର ଚାମ୍ପିୟନ୍ ହୋଇଥିଲା। ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ କୌଣସି ଉଇକେଟ ନ ହରାଇ ୭୦ ରନ୍ କରିଥିଲା। ଫୁଲ ସୋରେନ୍ ୪୧ ଏବଂ ପାର୍ବତୀ ମାଡି ୨୩ ରନ୍ କରିଥିଲେ। ଜବାବରେ ରମାଦେବୀ ୧୦ ଓଭରରେ ୨ଟି ଉଇକେଟ ହରାଇ ୫୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ରମାଦେବୀ ପକ୍ଷରୁ ଯମୁନାରାଣୀ ଟୁଡୁ ୨୨, ବାସନ୍ତୀ ହାଁସଦା ୧୭ ରନ୍ କରିଥିଲେ। ବାଲେଶ୍ୱରର ଫୁଲ ସୋରେନ୍ ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବି୧ ବର୍ଗରେ ଯମୁନାରାଣୀ ଟୁଡୁ, ବି୨ ବର୍ଗରେ ବାସନ୍ତି ହାଁସଦା ଏବଂ ବି୩ ବର୍ଗରେ ଫୁଲ ସୋରେନ୍‌ଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କେଟି ଗ୍ଲୋବାଲ ସ୍କୁଲ୍‌ର ଟ୍ରଷ୍ଟି ସୋମଦତ୍ତ ବେହୁରା, ଏମ୍‌ଓଏସ୍‌ଏଫ୍‌ର ସମ୍ପାଦକ ଚିନ୍ମୟ ପ୍ରଧାନ, କେଟି ଗ୍ଲୋବାଲ ସ୍କୁଲ୍‌ର ସମ୍ପାଦକ ପୂର୍ଣ୍ଣାଶିଷ ରଥ, ଆଇଆଇଜି ସ୍ପୋର୍ଟସ୍ ଏକାଡେମୀର ସମ୍ପାଦକ ପ୍ରଶାନ୍ତ ପୁହାଣ, ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜିକା ପୁଷ୍ପମିତ୍ରା ମିଶ୍ର, ଏୱାଇଜେଏନ୍‌ଆଇଏସ୍‌ଏଚ୍‌ଡିର ସାଙ୍କେତିକ ଭାଷା ଅଧ୍ୟାପିକା ବିଶ୍ୱାମିତ୍ର ମିଶ୍ର, ସିଡବ୍ଲ୍ୟୁଡିଏସ୍‌ର ଅଧକ୍ଷା ଡକ୍ଟର ମେଜର କଳ୍ପନା ଦାସ, ଉତ୍କଳ ଦୃଷ୍ଟିହୀନ ସଂଘର ସଭାପତି ସନ୍ନ୍ୟାସୀ କୁମାର ବେହେରା ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ସଭାପତି ତଥା ଆନ୍ତର୍ଜାତିକ କ୍ରିକେଟ୍ ତାରକା ମହମ୍ମଦ ଜାଫର ଇକ୍‌ବାଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ବାଲେଶ୍ୱର ଦଳର ଖେଳାଳିମାନେ।

# ସ୍କୁଲ୍ସ ଓପନ ଚେସ୍: ଶୁକ ମୁର୍ମୁ ଚାମ୍ପିୟନ


କୃତୀ ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୧।୧୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ସମର ବିଜୟ ମହାନ୍ତି ମେମୋରିଆଲ ସ୍କୁଲ୍ସ ଓପନ ଚେସ୍‌ରେ କଟକ ସାଇ ଇଣ୍ଟିଗ୍ରେଟେଡ୍ ପବ୍ଲିକ୍ ସ୍କୁଲ୍‌ର ଶୁକ ମୁର୍ମୁ ଚାମ୍ପିୟନ ହୋଇଛନ୍ତି। ସେ ୬ ରାଉଣ୍ଡବିଶିଷ୍ଟ ଟୁର୍ନାମେଣ୍ଟରେ ପୂରା ୬ ପଏଣ୍ଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରତ୍ୟାଂଶୁ ନାୟକ, ତ୍ରିଦେବ ତୀର୍ଥଙ୍କର, ନମସ୍ୟ ନଳିନୀ, ସାଇ ଅଂଶୁମାନ ସିଂ, ଆୟୁଷ ପରିଡ଼ା, ସଂକଳ୍ପ ଶ୍ରୀକୁମାର ସିଂ, ଅଂଶୁମାନ ପତି, ସାର୍ଥକ ମହାନ୍ତି, ଦୀପ୍ତିରଞ୍ଜନ ସାହୁ ଟପ୍-୧୦ ଫିନିଶ୍ କରିଛନ୍ତି। ଏହାବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ୬ ଖେଳାଳି ସ୍ୱତନ୍ତ୍ର ପୁରସ୍କାର ପାଇଥିଲେ। ଅନନ୍ୟା ମିଶ୍ର (୪ ବର୍ଷ, ୪ ମାସ)ଥିଲେ ଟୁର୍ନାମେଣ୍ଟର ସର୍ବକନିଷ୍ଠ ଖେଳାଳି। ରାଜ୍ୟ ଗୋଇନ୍ଦା ବିଭାଗ ଇନ୍‌ସ୍ପେକ୍ଟର ପ୍ରିୟଦର୍ଶିନୀ ନାୟକ ଏବଂ ସହକାରୀ ଯନ୍ତ୍ରୀ (ରୁରାଲ ୱର୍କ୍ସ) ରୂପାମ୍ବିକା ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର, ଶିକ୍ଷୟିତ୍ରୀ ସୁଚେତା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ରୋନାଲ୍ଡୋଙ୍କ ବିନା ଆଗକୁ ବଢ଼ିବ ପର୍ତ୍ତୁଗାଲ

**ଦୋହା,୧୧।୧୨(ପି.ଟି.):** ଚଳିତ ଫିଫା-୨୦୨୨ର ଅନ୍ୟତମ ଟାଇଟଲ ଦାବିଦାର ରହିଥିବା ପର୍ତ୍ତୁଗାଲ ବିଶ୍ୱକପ୍‌ରୁ ବିଦାୟ ନେଇଛି। ଉତ୍ତର ଆଫ୍ରିକୀୟ ଦଳ ମର୍‌କ୍କୋ ନିକଟରୁ ଅପ୍ରତ୍ୟାଶିତ ଭାବେ ୧-୦ରେ ପରାଜିତ ହୋଇ ଦଳ ବିଦାୟ ନେଇଥିଲା। ଦୀର୍ଘ ଦୁଇ ଦଶନ୍ଧି ଧରି ପର୍ତ୍ତୁଗାଲ ପାଇଁ ଖେଳିବା ପରେ ବର୍ତ୍ତମାନ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଅବସର ଚର୍ଚ୍ଚା ଜୋର୍ ଧରିଛି। ୩୭ ବର୍ଷୀୟ ରୋନାଲ୍ଡୋ ଦଳର କ୍ୱାର୍ଟର ଫାଇନାଲ ପରାଜୟ ପରେ ଅଲ ବାୟଟ ଷ୍ଟାଡିୟମରୁ କାନ୍ଦି କାନ୍ଦି ଫେରିଥିଲେ। ତେବେ ଏହା ରୋନାଲ୍ଡୋଙ୍କ ଏହା ଅନ୍ତିମ ମ୍ୟାଚ୍ କି ନା ତାହା ସ୍ପଷ୍ଟ ହୋଇନାହିଁ। ଯଦି ତାଙ୍କର ଶେଷ ମ୍ୟାଚ୍ ହୁଏ ତେବେ ଏହା ପର୍ତ୍ତୁଗାଲ ଲାଗି ଗୋଟିଏ ଯୁଗର ଅବସାନ କହିଲେ ଅତ୍ୟୁକ୍ତି ହେବନାହିଁ। ପର୍ତ୍ତୁଗାଲ ଦଳର ଅଧିନାୟକ, ରେକର୍ଡ ସ୍କୋରର ଓ କିମ୍ବଦନ୍ତୀ ଖେଳାଳି ରୋନାଲ୍ଡୋଙ୍କ ଅବସର ପରେ ଦଳ ଅବଶ୍ୟ ଏକ ନୂତନ ଚ୍ୟାଲେଞ୍ଜର ସାମ୍ନା କରିବ। ୨୦୨୬ ବିଶ୍ୱକପ୍ ବେଳକୁ ରୋନାଲ୍ଡୋଙ୍କୁ ୪୧ ବର୍ଷ ହୋଇଥିବ। ତେଣୁ ଫୁଟ୍‌ବଲର ଶୀର୍ଷସ୍ତରରେ ସେ ସକ୍ରିୟ ଥିବେ କି ନାହିଁ ତାହାକୁ ନେଇ ଆଶଙ୍କା ଉପୁଜିଛି। ଅନ୍ୟପକ୍ଷରେ ୨୦୨୪ ପୂର୍ବରୁ ଦଳର କୋଚ୍ ମଧ୍ୟ ପରିବର୍ତ୍ତନ ହୋଇ ପାରନ୍ତି। ୨୦୧୪ରୁ ଦଳର କୋଚ୍ ରହିଥିବା ଫର୍ନାଣ୍ଡୋ ସାଣ୍ଟୋସ୍‌ଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ତାଙ୍କ ସ୍ଥାନରେ ନୂତନ କୋଚ୍‌ଙ୍କ ନିଯୁକ୍ତି ହୋଇପାରେ। ୨୦୨୪ ମାର୍ଚ୍ଚ ପରେ ୟୁରୋ ୨୦୨୪ ପୂର୍ବରୁ ଏହି ପରିବର୍ତ୍ତନ ଦେଖିବାକୁ ମିଳିପାରେ। ପର୍ତ୍ତୁଗାଲର କ୍ୱାର୍ଟର ଫାଇନାଲ ପ୍ରବେଶ ଆରମ୍ଭରୁ ହିଁ ନିଶ୍ଚିତ ଥିଲା। ଗ୍ରୁପ୍ ପର୍ଯ୍ୟାୟରେ ପ୍ରଥମ ଦୁଇ ମ୍ୟାଚ୍ ଜିତିବା ସହିତ ଦଳ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲା। ଏହାପରେ ସାଣ୍ଟୋସ୍ ଦଳ ଚୟନକୁ ନେଇ ନିୟମିତ ପରୀକ୍ଷା ନିରୀକ୍ଷା ମଧ୍ୟ ଜାରି ରଖିଥିଲେ। ରାଉଣ୍ଡ ଅଫ୍ ୧୬ରେ ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ରୋନାଲ୍ଡୋଙ୍କୁ ଷ୍ଟାର୍ଟିଂ ଲାଇନ୍ ଅପ୍‌ରେ ସାମିଲ ନ କରି ସମାଲୋଚନାର ଶିକାର ହୋଇଥିଲେ।

# ଅଧୁରା ସ୍ୱପ୍ନ

ଆମ ସ୍ୱପ୍ନ ଅଧୁରା ରହିଗଲା। ୨୦୦୨ ପରଠାରୁ ବିଶ୍ୱକପ୍ ନ ଜିତିବା ଦୁର୍ଭାଗ୍ୟଜନକ। ନକ୍‌ଆଉଟ ପର୍ଯ୍ୟାୟରେ ବ୍ରାଜିଲ କେବେ ଏକ ୟୁରୋପିଆନ ଦଳକୁ ପରାସ୍ତ କରିପାରିନାହିଁ। ସୃଜନଶୀଳତା ଓ ବୈଷୟିକ ସମସ୍ୟା ଏବଂ ବିପକ୍ଷ ଦଳର ଲଢୁଆ ପ୍ରଦର୍ଶନ ଯୋଗୁ ମ୍ୟାଚ୍ ୧୨୦ ମିନିଟ୍‌ରୁ ଅଧିକ ସମୟ ଧରି ଚାଲିଥିଲା। ଟୁର୍ନାମେଣ୍ଟ ଆରମ୍ଭରୁ ଟିଟେଙ୍କ ବ୍ରାଜିଲ ଦଳକୁ ଅନ୍ୟତମ ଫେଭରାଇଟ୍ ଦଳ ଭାବେ ବିବେଚନା କରାଯାଉଥିଲା। ମାତ୍ର ଦଳ କ୍ୱାର୍ଟର ଫାଇନାଲରେ କ୍ରୋଏସିଆ ନିକଟରୁ ୪-୨ରେ ପରାଜିତ ହୋଇ କାତାର ବିଶ୍ୱକପ୍-୨୦୨୨କୁ ଗୁଡ୍‌ବାଏ କରିଛି। ଏହା ଦେଖି ମୋର ୧୯୮୨ ବିଶ୍ୱକପ୍ କଥା ମନେପଡୁଛି। ସେତେବେଳେ ଦଳ କେବଳ ଅନ୍ୟତମ ଫେଭରାଇଟ୍ ନ ଥିଲା, ଦଶନ୍ଧିର ଶ୍ରେଷ୍ଠ ଦଳ ଥାଇ ମଧ୍ୟ ବିଜୟୀ ହୋଇପାରି ନ ଥିଲା। ବିଶ୍ୱକପ୍ ଖେଳିବା ଲାଗି କାତାରରେ ପହଞ୍ଚିବା ବେଳେ ବ୍ରାଜିଲ ନିକଟରେ ଦୃଢ଼ ଆତ୍ମବିଶ୍ୱାସ ଥିବା ପରିଲକ୍ଷିତ ହୋଇଥିଲା। ସେମାନେ ବିଶ୍ୱକପ୍ ଟାଇଟଲ ଫେଭରାଇଟ୍ ଥିଲେ। ଦଳରେ ଥିଲେ ବହୁ ପ୍ରତିଭାସମ୍ପନ୍ନ ଖେଳାଳି। ଶାରୀରିକ ଦୃଷ୍ଟିରୁ ମଧ୍ୟ ସେମାନେ ସୁସ୍ଥ ଓ ସବଳ ଥିଲେ। କେବଳ ଏତିକି ନୁହେଁ, ସେମାନଙ୍କ ନିକଟରେ ମ୍ୟାଚ୍ ଜିତିବାର କ୍ଷୁଧା ମଧ୍ୟ ରହିଥିଲା। ସମସ୍ତେ ସେମାନଙ୍କ କ୍ଲବ ଫୁଟ୍‌ବଲ ଖେଳିବାକୁ ଆସିଥିଲେ। ଆଘାତପ୍ରାପ୍ତ ନେମାରଙ୍କ ଅନୁପସ୍ଥିତିରେ ବ୍ରାଜିଲ ଗ୍ରୁପ୍ ପର୍ଯ୍ୟାୟ ଓ ରାଉଣ୍ଡ ଅଫ୍ ୧୬ ଅତିକ୍ରମ କରିଥିଲା। ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ୍ ଜିତିବା ପରେ କ୍ରୋଏସିଆ ବିପକ୍ଷ ମ୍ୟାଚ୍‌ରେ ଟିଟେଙ୍କ ଦଳ ଫର୍ମ ଜାରି ରଖିପାରି ନ ଥିଲା। ୫ ଥର ବିଶ୍ୱ ଚାମ୍ପିୟନ ଦଳକୁ ମ୍ୟାଚ୍ ସାରା ସଂଘର୍ଷ କରିବାକୁ ପଡ଼ିଥିଲା। ଟୁର୍ନାମେଣ୍ଟରେ ଟିଟେଙ୍କ ରଣନୀତିକୁ କିନ୍ତୁ ପ୍ରଶଂସା କରିବାକୁ ହେବ। କିଛି ଖେଳାଳିଙ୍କୁ ବିଶ୍ରାମ ଦେଇ ରିଜର୍ଭ ଖେଳାଳିଙ୍କୁ ସେ ସୁଯୋଗ ଦେଇଥିଲେ। ଏହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ଉଠିଥିଲା। କିନ୍ତୁ ପରେ ଏହା ଉଚିତ ପଦକ୍ଷେପ ବୋଲି ପ୍ରମାଣିତ ହୋଇଥିଲା। ନକ୍‌ଆଉଟ ଷ୍ଟେଜ୍‌ରେ ବ୍ରାଜିଲର କ୍ରିଏଟିଭ୍ ଖେଳ ଦେଖିବାକୁ ମିଳି ନ ଥିଲା। ମ୍ୟାଚ୍‌ର ପ୍ରଥମ ଭାଗରେ ଗୋଲ ସ୍କୋର କରିବାରେ ଦଳ ବିଫଳ ରହିଥିଲା। ପାକ୍ୱେଟା ପଛପଟୁ ବଲ୍ ପାଉଥିଲେ, ମାତ୍ର ଶେଷରେ ତାଙ୍କ ଖେଳାଳି ଚୟନରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ନେମାର ୩ ଜଣ ସ୍କୋରରଙ୍କ ମଧ୍ୟଭାଗରେ ଖେଳୁଥିଲେ। କିନ୍ତୁ ସେ ତାଙ୍କ ପୋଜିଶନ ବଦଳାଇବାକୁ ଚେଷ୍ଟା କରି ନ ଥିଲେ। ଭିନି ବାମପାର୍ଶ୍ୱରେ ଚେଷ୍ଟା କରୁଥିଲେ ମାତ୍ର ତାଙ୍କୁ ଉପଯୁକ୍ତ ସହାୟତା ମିଳି ନ ଥିଲା। ସମସ୍ତଙ୍କ ନଜର କାସେମିରୋ ଓ ତାଙ୍କ ପୂର୍ବତନ ମାଡ୍ରିଡ୍ ଟିମ୍‌ମେଟ୍ ଲୁକା ମୋଡ୍ରିକ୍‌ଙ୍କ ଉପରେ ରହିଥିଲା। ମାତ୍ର ସେମାନେ କ୍ରୋଏସିଆ ବିପକ୍ଷରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଟୁର୍ନାମେଣ୍ଟରୁ ବିଦାୟ ନେଇସାରିଥିଲେ ମଧ୍ୟ ମୁଁ ପୁଣିଥରେ କହିବି ବ୍ରାଜିଲ ଥିଲା ବିଶ୍ୱକପ୍‌ର ଅନ୍ୟତମ ଟାଇଟଲ ଫେଭରାଇଟ୍। ସେମାନେ ଗ୍ରୁପ୍ ପର୍ଯ୍ୟାୟ ଓ ଏବଂ ରାଉଣ୍ଡ ଅଫ୍ ୧୬ରେ ଭଲ ଖେଳିଥିଲେ। ମାତ୍ର ଗୋଟିଏ ତ୍ରୁଟି ପାଇଁ ଦଳକୁ ଟୁର୍ନାମେଣ୍ଟରୁ ବିଦାୟ ନେବାକୁ ପଡ଼ିଛି। ସେମାନେ ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ରଖିବାରେ ବିଫଳ ହୋଇଥିଲେ। ଗୋଲ୍ ସ୍କୋର ସୁଯୋଗ ହାତଛଡ଼ା କରିଥିଲେ। ଅଗ୍ରଣୀ ବଜାୟ ରଖିପାରି ନ ଥିଲେ। ଶେଷରେ ଏକ ସ୍ପଟ୍ କିକ୍ ମିସ୍ କରିଥିଲେ। ବର୍ତ୍ତମାନ ବ୍ରାଜିଲକୁ ଆହୁରି ୪ ବର୍ଷ ଅପେକ୍ଷା କରିବାକୁ ପଡ଼ିବ।


ଜର୍ଗିନୋ

-(ଟିଓଆଇ ସ୍ପୋର୍ଟ୍ସ)


## CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକ୍କୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ଶ୍ରୀ କୃଷ୍ଣ ଫାଇନାନ୍ସ**
ସବୁ ବ୍ୟାଙ୍କ ଦ୍ୱାରା ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଆଧାର କାର୍ଡ, ଗୃହ ଋଣ, ଇଟା ଭାଟି ଋଣ 36 ଘଣ୍ଟାରେ
2% ସୁଧ, 50% ଛାଡ଼
ସିବିଲ ଖରାପ ଥିଲେ ମଧ୍ୟ ଋଣ ପାଆନ୍ତୁ
7625883378

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8926073614. D-74166

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799. D-2207

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

ପୁରୀ ଶ୍ରୀମନ୍ଦିର ପାଖ ଏବଂ ପୁରୀ ସହରର ପାଖାପାଖିକୁ ଲାଗି ଘରବାରି ଜାଗା ଏବଂ readymade ଘର ମିଳୁଅଛି। 7008067338, 9090746445. D-74163


Healthcare

Panchakarma herbal SPA massages Door-Step Home Service, Bhubaneswar. Kajal-9337672475. D-2218

Full body massage by smart I expert therapist @ 999 only. 9078484455. D-73666

Newly open Spa positively health benefit with expert. Contact: 7749976301. D-74501

Newly open health benefits SPA special offer@999/-, Nayapalli. 7846814019. D-73667

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74608

**Happy Birthday**

(Radha)
Swayanshi
Ramakrishnagar, Lochapada
Many many happy returns of the day. Wish you an auspicious Happy Birthday RADHA.
Love & Best Wishes: Sabat Family,
ଧ-୨୨୧୬

**AFFIDAVIT**
By an affidavit I, Sunil Kumar Agrawalla, S/o- Sajjan Kumar Agrawalla of Kharag Prasad, Dhenkanal do hereby solemnly affirm and declare that my name has been wrongly mentioned as Sunila Kumar Agrawalla instead of Sunil Kumar Agrawalla in my Passport Vide No.- J3043406. That both the names refers to one and same person. D-2217

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

୰ସୁବାସିନୀ ସ୍ୱାଇଁ (ସିଲୁ)
ପୁତ୍ର: ଆଦର୍ଶ ରଞ୍ଜନ ସ୍ୱାଇଁ
Plot No.- N5/287, IRC Village, Nayapalli, Bhubaneswar
ଆବିର୍ଭାବ-ତା୧୧।୧୦।୪।୧୯୭୬
ତିରୋଧାନ- ତା୦୯।୧୨।୨୦୧୭
ମାମା, ଆଜିର ଠିକ୍ ପାଞ୍ଚବର୍ଷ ତଳେ ଏ ପୃଥିବୀରୁ କୁଆଡ଼େ ଚାଲିଗଲୁ ଯେ ଖୋଜିଲେ ବି ପାଉନି। ତୁ ମତେ ଛାଡ଼ିଗଲୁ ମୁଁ ସବୁବେଳେ ତତେ ଖୋଜୁଛି। ଏହାରି ଭିତରେ ଅନେକ ପରିବର୍ତ୍ତନ ଘଟି ସାରିଲାଣି। ଏବେବି ସମସ୍ତେ ତୋତେ ଖୋଜୁଛନ୍ତି। ସମସ୍ତଙ୍କ ମନରେ ଆଜିବି ତୁ ଅଛୁ। ତୋର ଭଲ ପାଇବା କେହି ଭୁଲି ପାରୁନାହାନ୍ତି। ଆଜିବି ଘର ଭିତରେ ପ୍ରତିଧ୍ୱନିତ। ତୁମର ସ୍ନେହକୁ ଆମେ ଝୁରୁଛୁ। ତୁମର ଅବଦାନ ଆମମାନଙ୍କ ପାଇଁ ଅପୂରଣୀୟ।
ଶୋକସନ୍ତପ୍ତ: ପୁଅ, ସ୍ୱାମୀ ଓ ପରିବାରବର୍ଗ।
ଧ-୬୧୯୪୫

**ଏକାଦଶାହ ଉପଲକ୍ଷେ**

୰ବିଜୟ କୁମାର ରଣା
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୩।୦୫।୧୯୫୭
ତିରୋଧାନ: ୦୨।୧୨।୨୦୨୨
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲିଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ: ସୁଷମା, ପୁତ୍ର: ଭବାନୀ, ଝିଅ: ଇତିଶ୍ରୀ, ଜ୍ୱାଇଁ: ପୁନେନ୍ଦୁ, ବୋହୂ: ଗୌତମୀ, ନାତୁଣୀ: ମମୁଲ୍, ପୁତ୍ର: ଆୟୁଷ, ବଗୁଲ୍, ଲିଟୁ, ମାମି, ବାବୁ, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୦୦

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ପାକିସ୍ତାନକୁ ୧୫୭ ରନ ଆବଶ୍ୟକ



ଶତକ ହାସଲ ପରେ ଇଂଲଣ୍ଡର ହ୍ୟାରି ବ୍ରୁକ୍।

**ମୁଲ୍‌ତାନ, ୧୧।୧୨ (ଏପି):** ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟିବାକୁ ଯାଉଛି। ଏଥିରେ ବିଜୟ ପାଇଁ ପାକିସ୍ତାନ ଆହୁରି ୧୫୭ ରନ ଆବଶ୍ୟକ କରଛି। ହେଲେ ରବିବାର ମ୍ୟାଚର ତୃତୀୟ ଦିବସରେ ପାକିସ୍ତାନ ଏହାର ଅର୍ଦ୍ଧଶତକ ହାସଲକାରୀ ଇମାମ୍ ଉଲ୍-ହକ୍‌ଙ୍କ ଉଇକେଟ ହରାଇବା ପରେ ଦ୍ୱିତୀୟ ଟେଷ୍ଟ ଜିତିବା ନେଇ ଇଂଲଣ୍ଡର ଆଶା ସଞ୍ଚାର ହୋଇଛି। ମୁଲ୍‌ତାନ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଏହି ମ୍ୟାଚର ପ୍ରଥମ ଇନିଂସରେ ୭୯ ରନ ଅଗ୍ରଣୀ ଲାଭ କରିଥିବା ଇଂଲଣ୍ଡ ହ୍ୟାରି ବ୍ରୁକ୍ (୧୦୮)ଙ୍କ ଶତକ ସହାୟତାରେ ଦ୍ୱିତୀୟ ଇନିଂସରେ ୨୭୫ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ଘରୋଇ ଦଳ ପାଇଁ ୩୫୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ପାକିସ୍ତାନ ରବିବାର ଖେଳ ସ୍ଥଗିତ ଅପସାରଣ ବେଳକୁ ୪ଉଇକେଟ ବିନିମୟରେ ୧୯୮ ରନ କରିଛି। ସାଉଦ ଶକିଲ ୫୪ ଓ ଫାହିମ ଅଶ୍ରଫ ୩ ରନ କରି ଅପରାଜିତ ଅଛନ୍ତି। ପାକିସ୍ତାନ ଇନିଂସର ଚତୁର୍ଥ ଉଇକେଟରେ ଇମାମ୍ ଉଲ୍ ହକ୍ (୬୦ରନ) ଓ ଶକିଲ୍‌ଙ୍କ ମଧ୍ୟରେ ଶକିଲଙ୍କ ମଧ୍ୟରେ ୧୦୮ରନର ଭାଗୀଦାରି ଉଲ୍ଲେଖନୀୟ ଥିଲା। ପୂର୍ବରୁ ରାୱଲପିଣ୍ଡିର ଫ୍ଲାଟ ଉଇକେଟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଦଳ ୩୪୨ ରନ ସଫଳତାର ସହ ଡିଫେଣ୍ଡ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୮୧। ପାକିସ୍ତାନ ପ୍ରଥମ ଇନିଂସ: ୨୦୨। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭୫ (ହ୍ୟାରି ବ୍ରୁକ୍-୧୦୮, ବେନ୍ ଡକେଟ୍-୭୯ ; ଅବ୍ରାର ଅହମଦ-୪/୧୨୦, ଜାହିଦ ମେହେମୁଦ-୩/୫୨)। ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୯୮/୪ (ଇମାମ ଉଲ୍ ହକ୍-୬୦, ସାଉଦ ଶକିଲ-୫୪*, ଅବ୍‌ଦୁଲ ଶଫିକ୍-୪୫, ଜେମ୍ସ ଆଣ୍ଡରସନ-୧/୮)।

# ତୃତୀୟ ନୁହେଁ ମୁଖ୍ୟ ସାମ୍ମୁଖ୍ୟ ଗଢ଼ାହେବ: ନୀତୀଶ

ପାଟନା,୧୧।୧୨




କର୍ମୀ ସମ୍ମିଳନୀରେ ବିହାର ମୁଖ୍ୟମନ୍ତ୍ରୀ ନୀତାଶ କୁମାର ଓ ଜେଡିୟୁ ସଭାପତି ଲଲନ ସିଂ।

୨୦୨୪ ଲୋକ ସଭା ନିର୍ବାଚନ ଲାଗି ତୃତୀୟ ସାମ୍ମୁଖ୍ୟ ନୁହେଁ, ମୁଖ୍ୟ ସାମ୍ମୁଖ୍ୟ ଗଢ଼ାହେବ ବୋଲି ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର ରବିବାର କହିଛନ୍ତି। ଦଳୀୟ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ନୀତୀଶ କହିଥିଲେ, ଭାଜପାକୁ ବିରୋଧ କରୁଥିବା ଦଳଗୁଡ଼ିକ ପରସ୍ପର ହାତ ମିଳାଇବାକୁ ରାଜି ହେଲେ ଆଗାମୀ ଲୋକ ସଭା ନିର୍ବାଚନରେ ବିପୁଳ ସଂଖ୍ୟାଗରିଷ୍ଠତା ସହ ଜିତିପାରିବେ। ଏହାକୁ ବାସ୍ତବରେ ପରିଣତ କରିବା ପାଇଁ ସେ ଉଦ୍ୟମ ଜାରି ରଖିବେ, ତେବେ ସବୁକିଛି ବିରୋଧୀ ଦଳଗୁଡ଼ିକ ଉପରେ ନିର୍ଭର କରୁଛି ବୋଲି ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି।

ନୀତୀଶ ନିକଟରେ ଅନେକ ବିରୋଧୀ ଦଳ ନେତାଙ୍କୁ ଭେଟିଥିଲେ। ସମଭାବାପନ୍ନ ଦଳଗୁଡ଼ିକୁ ଏକାଠି କରି ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ଚ୍ୟାଲେଞ୍ଜ ଦେବାକୁ ସେ ଉଦ୍ୟମ ଚଳାଇଛନ୍ତି। ସେ ପ୍ରଧାନମନ୍ତ୍ରୀ ହେବା ଲାଗି ଲକ୍ଷ୍ୟ ରଖିଥିବା କେତେକେ କହୁଥିବାବେଳେ ଏହାକୁ ନୀତୀଶ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ୨୦୨୦ ବିଧାନସଭା ନିର୍ବାଚନ ବେଳେ ଭାଜପା ଜେଡିୟୁର ସହଯୋଗୀ ଥାଇ ଏହା ବିରୋଧରେ କାର୍ଯ୍ୟ କରିଥିଲା। ଏହା ପୂର୍ବରୁ ୨୦୦୫, ୨୦୧୦ ନିର୍ବାଚନରେ ଜେଡିୟୁ କେବେ ଏତେ କମ୍ ଆସନ ଜିତି ନ ଥିଲା। ଭାଜପା ଆମ ପ୍ରାର୍ଥୀଙ୍କୁ ହରାଇବା ଲାଗି ଉଦ୍ୟମ କରିଥିଲା ବୋଲି ନୀତୀଶ କହିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସମାଲୋଚନା କରିଛନ୍ତି। ସେମାନଙ୍କୁ କେତେକ ରିପୋର୍ଟ କରିବାକୁ ଅନୁମତି ନ ଥିବାବେଳେ ସେମାନେ ସବୁକିଛି ରେକର୍ଡ କରିନେଉଛନ୍ତି, ଦଳ କ୍ଷମତାରୁ ଯିବା ପରେ ସେମାନେ ତାହାକୁ ପ୍ରକାଶ କରୁଥିବା ନୀତୀଶ ଅଭିଯୋଗ କରିଛନ୍ତି। ସେ ଆଉ ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁ ନ ଥିଲେ ହେଁ ଭାଜପା ପ୍ରରୋଚନାରେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଠାରୁ ବିହାର କିଛି ପାଇ ନ ଥିବା ଜେଡିୟୁ ନେତା କହିଛନ୍ତି।

# ମହିଳା ଶୋଭାଯାତ୍ରାର ନେତୃତ୍ୱ ନେବେ ପ୍ରିୟଙ୍କା

ନୂଆଦିଲ୍ଲୀ,୧୧।୧୨(ଆଇଏଏନ୍ଏସ୍)

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଏବେ ରାଜସ୍ଥାନରେ ପହଞ୍ଚିଛି। ସମସ୍ତ ରାଜ୍ୟ ରାଜଧାନୀରେ ମହିଳା ଶୋଭାଯାତ୍ରା କରିବା ଲାଗି ଦଳ ଯୋଜନା କରିଛି। ଏଥିରେ ମହିଳାଙ୍କ ପାଇଁ ଦଳର ଇସ୍ତାହାର ସମ୍ପର୍କରେ ଘୋଷଣା କରାଯିବ। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହି ଶୋଭାଯାତ୍ରାର ନେତୃତ୍ୱ ନେବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଡିସେମ୍ବର ୧୫ରୁ ରାଜ୍ୟ ସ୍ତରରେ ଦଳ ଏଥିପାଇଁ ପ୍ରସ୍ତୁତି ବୈଠକ କରିବାକୁ ଥିବାବେଳେ ପରେ ଜିଲା ଓ ବ୍ଲକ୍ ସ୍ତରରେ ବୈଠକ ହେବ। ଏହା ବ୍ୟତୀତ ଭାରତ ଯୋଡ଼ୋ ଯାତ୍ରା ମାସେ ପାଇଁ ବୁଥ୍ ସ୍ତରରେ ଆରମ୍ଭ ହେବ। ଏହି ଯାତ୍ରାରେ ଭାଗନେଇଥିବା ଦଳୀୟ ନେତା ଓ କର୍ମୀ ରାହୁଲ ଗାନ୍ଧୀଙ୍କ ଲିଖିତ ପତ୍ର ଏବଂ ଭାଜପା ସରକାରଙ୍କ ବିରୋଧରେ ଅଭିଯୋଗପତ୍ର ଜନସାଧାରଣଙ୍କୁ ବାଣ୍ଟିବେ। ଯାତ୍ରା ଶେଷ ହେବା ପରେ ସବୁ ଜିଲାରେ ବ୍ଲକ୍‌ସ୍ତରୀୟ ସମ୍ମିଳନୀ ହେବ, ଯେଉଁଥିରେ ରାଜ୍ୟ କଂଗ୍ରେସ ସଭାପତି ଏବଂ ରାଜ୍ୟସ୍ତରୀୟ ବରିଷ୍ଠ ନେତା ଯୋଗଦେବେ। ଶେଷରେ ପ୍ରତି



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ରାଜ୍ୟରେ କଂଗ୍ରେସ ଅଧ୍ୟକ୍ଷ ଓ ପୂର୍ବତନ ଅଧ୍ୟକ୍ଷ ରାଲି କରିବା ସହ ରାଜ୍ୟସ୍ତରରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ। ଆସନ୍ତା ବର୍ଷ ଜାନୁୟାରୀ ୨୬ରୁ କଂଗ୍ରେସର 'ହାତ ଯୋଡ଼ୋ' କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଫେବୃୟାରୀରେ ରାୟପୁରଠାରେ ଦଳର ପୂର୍ଣ୍ଣ ଅଧିବେଶନ ଡକାଯାଇଛି। ଦଳର କାର୍ଯ୍ୟକ୍ରମର ସିଧା ପ୍ରସାରଣ ବିଶାଳ ସ୍କ୍ରିନ୍‌ରେ କରାଯିବ ଏବଂ ପ୍ରତି ରାଜ୍ୟର ମୁଖ୍ୟ ସ୍ଥାନଗୁଡ଼ିକରେ ପ୍ରଦର୍ଶିତ ହେବ। ରାୟପୁରରେ କଂଗ୍ରେସର ୩ ଦିନିଆ ପ୍ଲେନାରୀ ସେସନ୍ ପରେ ମେଗା ରାଲି ଆୟୋଜନ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# କଂଗ୍ରେସ-ବିଜେଡି ଭୋଟ ଡିଲ୍ ଅଭିଯୋଗ ସତ: ସୁର

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

- ପ୍ରମାଣ କରିଦେଲେ ରାଜନୀତି ଛାଡିଦେବି: ଶରତ ପଟ୍ଟନାୟକ
- ପୁଣି ପୁରୁଣା କଥା ଦୋହରାଇଲେ ଜୟନାରାୟଣ

ପଦ୍ମପୁର ଉପନିର୍ବାଚନ ପାଇଁ ବିଜେଡି ଓ କଂଗ୍ରେସ ମଧ୍ୟରେ ଡିଲ୍ ହୋଇଥିଲା ବୋଲି ଶନିବାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଥିଲେ। ରବିବାର କଂଗ୍ରେସର ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ମଧ୍ୟ ଏହା ସତ୍ୟ ବୋଲି କହିବା ପରେ ରାଜ୍ୟ ରାଜନୀତିରେ ପୁଣି କାଦୁଅ ଫିଙ୍ଗା ପର୍ବ ଆରମ୍ଭ ହୋଇଯାଇଛି। ତେବେ ବିରୋଧୀ ଭାଜପା ଏବଂ ନିଜ ଦଳର କିଛି ନେତାଙ୍କ ଏଭଳି ମନ୍ତବ୍ୟକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଖଣ୍ଡନ କରିଛନ୍ତି। ଯଦି ଏନେଇ କେହି ପ୍ରମାଣ କରିଦେବେ, ତେବେ ସେ ସବୁଦିନ ପାଇଁ ରାଜନୀତି ଛାଡ଼ି ଦେବେ ବୋଲି କହିଛନ୍ତି। ଅନ୍ୟପଟେ ଜୟନାରାୟଣ ପୁଣି ରବିବାର ସମାନ କଥା ଦୋହରାଇଛନ୍ତି।

ତେବେ ଦିଲ୍ଲୀ ଗସ୍ତରେ ଥିବା ଶରତ କହିଛନ୍ତି, ବିଜେଡି ସହିତ କଂଗ୍ରେସର କୌଣସି ବୁଝାମଣା ହୋଇନାହିଁ। ଯେଉଁ ନେତାମାନେ ଏ କଥା କହୁଛନ୍ତି, ସେମାନେ ଭୁଲ୍ କହୁଛନ୍ତି। ଯଦି କିଛି ପ୍ରମାଣ ଅଛି, ତେବେ ତାଙ୍କୁ ଦେଖାନ୍ତୁ। ଯଦି ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବା ଅନ୍ୟ କୌଣସି ବିଜେଡି ନେତାଙ୍କ ସହିତ କଥା ହୋଇଥାଆନ୍ତି କିମ୍ବା କୌଣସି ପ୍ରକାର ଡିଲ୍ କରିଥିବା ବୋଲି ସେମାନେ ପ୍ରମାଣ ଦିଅନ୍ତି, ତା'ହେଲେ ସେ ସବୁଦିନ ପାଇଁ ରାଜନୀତି ଛାଡ଼ିଦେବେ। ଯଦି ପ୍ରମାଣ ନାହିଁ, ତେବେ ମିଥ୍ୟା କଥା କହି ଲୋକଙ୍କୁ ବିଭ୍ରାନ୍ତ କରନ୍ତୁ ନାହିଁ ବୋଲି ଶରତ କହିଛନ୍ତି। କେବଳ ପଦ୍ମପୁର ନୁହେଁ, କଂଗ୍ରେସ ଏହା ପୂର୍ବରୁ ମଧ୍ୟ ଆଉ ୫/୬ଟି ନିର୍ବାଚନରେ ଏଭଳି ଫଳାଫଳ ଦେଖିଛି। ତେଣୁ ପରବର୍ତ୍ତୀ ସମୟରେ ରଣନୀତି ପରିବର୍ତ୍ତନ କରାଯିବ ବୋଲି ଶରତ କହିଛନ୍ତି। ଅନ୍ୟପଟେ ବିଜେଡି ସହିତ ଡିଲ୍ ନେଇ ଗଣମାଧ୍ୟମ ଆଗରେ କୌଣସି ମନ୍ତବ୍ୟ ନ ଦେବାକୁ ପିସିସି ସଭାପତି ଦଳୀୟ ନେତାଙ୍କୁ ଅନୁରୋଧ କରିଛନ୍ତି। ଏନେଇ ପ୍ରମାଣ ଥିଲେ ତାଙ୍କ ପାଖକୁ ଅବା ହାଇକମାଣ୍ଡଙ୍କ ପାଖକୁ ଯିବାକୁ ସେ ଅନୁରୋଧ କରିଛନ୍ତି। ପଦ୍ମପୁରରେ ଦଳ ପାଇଁ ପ୍ରଚାର କରିଥିବା ସମସ୍ତ ନେତାଙ୍କୁ ଧନ୍ୟବାଦ ଦେବା ସହିତ କଂଗ୍ରେସର ୯ରୁ ୯୦ ଆସନ ସ୍ୱପ୍ନ ନିଶ୍ଚୟ ପୂରା ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତକାଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଥିଲେ, କଂଗ୍ରେସ ଭୋଟ ବିଜେଡିକୁ ଟ୍ରାନ୍ସଫର ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାର ଲାଗି ପଦ୍ମପୁର ଯାଇଥିଲେ। ଭୁବନେଶ୍ୱରରେ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ବିଜେଡି ଏହି ଡିଲ୍ କରିଥିଲା। ତେବେ କଂଗ୍ରେସର ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ରବିବାର କହିଛନ୍ତି, ଏହି ଡିଲ୍ କଥା ସମ୍ପୂର୍ଣ୍ଣ ସତ୍ୟ। ଦଳର ଯେତେ ନେତା ପଦ୍ମପୁର ଯାଇଥିଲେ, ସେମାନେ ଦଳକୁ ହରାଇବାକୁ ସେଠାରେ ପହଞ୍ଚିଥିଲେ। କିନ୍ତୁ ଚକ୍ରାନ୍ତକାରୀଙ୍କ ମଧ୍ୟରେ ପିସିସି ସଭାପତି ଶରତ ପଟ୍ଟନାୟକ ନାହାନ୍ତି ବୋଲି ସେ କହିଛନ୍ତି। ଅପରପକ୍ଷେ ଜୟନାରାୟଣ ମିଶ୍ର ପୁଣି ତାଙ୍କ ପୁରୁଣା କଥାକୁ ଦୋହରାଇ କହିଛନ୍ତି, ଓଡିଶାରେ ନିର୍ବାଚନ ଦୁଇ ଦଳ ମଧ୍ୟରେ ରହିବ ଏଠାରେ କଂଗ୍ରେସର ଆଉ କିଛି ରହିବନି। ନିର୍ବାଚନମଣ୍ଡଳୀୱାରୀ କାର୍ଯ୍ୟକ୍ରମ ଭାଜପା କାମ କରିବା ପରେ କଂଗ୍ରେସ ଆଉ ବିଜେଡି ଯେତେ ଉପରେ ଡିଲ୍ କଲେ କିଛି ହେବନାହିଁ। ସେମାନେ କେନ୍ଦ୍ରକୁ ଧରିବାକୁ ବହୁ ଚେଷ୍ଟା କରୁଛନ୍ତି ହେଲେ କିଛି ଲାଭ ହେବ ନାହିଁ ବୋଲି ଜୟନାରାୟଣ କହିଛନ୍ତି।














































DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଡିସେମ୍ବର ୧୨/୨୦୨୨ Sambalpur, Monday, December 12/ 2022

# ବୃହତ୍ ବିଜୟ ସହ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍



ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ଅଷ୍ଟ୍ରେଲିଆ ଦଳ।

**ଆଡିଲେଡ୍, ୧୧।୧୨(ଏପି)**

ଆଡିଲେଡ୍ ଓଭାଲଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦିବାରାତ୍ର କ୍ରିକେଟ ଟେଷ୍ଟରେ ୪୧୯ ରନ୍‌ରେ ବିଜୟ ସହ ଅଷ୍ଟ୍ରେଲିଆ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜରେ କ୍ଲିନ୍ ସୁଇପ୍ କରିଛି। ୪୯୭ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ ପଛା କରୁଥିବା ବେଳେ ପେସ୍ ବୋଲର ମିଚେଲ ଷ୍ଟାର୍କ, ସ୍କଟ୍ ବୋଲାଣ୍ଡ ଓ ମାଇକେଲ ନେସେର ପ୍ରତ୍ୟେକେ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିବାରୁ ୱେଷ୍ଟଇଣ୍ଡିଜ ମାତ୍ର ୭୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜ ଚତୁର୍ଥ ଦିବସ ଖେଳ ୩୮/୪ରୁ ଆରମ୍ଭ କରିଥିଲା। ସେତେବେଳେ ଡେଭନ ଥୋମାସ ଓ ଜାସନ ହୋଲ୍ଡର ଉଭୟ ୮ ରନ୍ ଲେଖାଏଁ କରି ଖେଳୁଥିଲେ। ଦଳ ସେତେବେଳକୁ ହାତରେ ୬ ଉଇକେଟ ଥାଇ ବିଜୟ ପାଇଁ ଆହୁରି ୪୫୯ ରନ୍ ଆବଶ୍ୟକ କରୁଥିଲା ଏବଂ ଆଉ ୬ ସେସନ ଖେଳ ବାକି ରହିଥିଲା। ମାତ୍ର ଓପ୍‌ନିଂ ସେସନରେ ଖେଳ ଶେଷ ହୋଇଯାଇଥିଲା। ଭ୍ରମଣକାରୀ ଦଳ ଏହାର ଅବଶିଷ୍ଟ ୬ ଉଇକେଟ ମାତ୍ର ୩୯ ରନ୍‌ରେ ହରାଇଥିଲା। ଅଷ୍ଟ୍ରେଲିଆରେ ୱେଷ୍ଟଇଣ୍ଡିଜର ଏହା ଥିଲା ସବୁଠାରୁ ଦୟନୀୟ ପରାଜୟ। ଟ୍ରାଭିସ୍ ହେଡ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ମାର୍ନସ ଲାବୁସେନ୍ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ପର୍ଥରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ୧୬୪ ରନ୍‌ରେ ବିଜୟୀ ହୋଇଥିଲା। ଆଡିଲେଡ୍ ଓଭାଲରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟକୁ କିନ୍ତୁ ଦଳ ଆହୁରି ସହଜରେ ଜିତିନେଇଥିଲା। ରବିବାର ବିଜୟ ପରେ ଆଡିଲେଡ୍ ଓଭାଲରେ ଦଳ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ଦିବାରାତ୍ର ଟେଷ୍ଟରେ ଅପରାଜେୟ ରହିଛି। ଅଷ୍ଟ୍ରେଲିଆ ଏହାପରେ ଶନିବାରଠାରୁ ବ୍ରିସ୍‌ବେନ୍‌ର ଗାବାଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍: ୫୧୧/୭, ଘୋଷଣା। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ : ୨୧୪। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ୍: ୧୯୯/୬, ଘୋଷଣା। ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ୍: ୪୦.୫ ଓଭରରେ ୭୭ (ଟାଗେନାରିନ୍ ଚନ୍ଦରପଲ-୧୭; ସ୍କଟ୍ ବୋଲାଣ୍ଡ-୩/୧୬, ମାଇକେଲ ନାସେର-୩/୨୨, ମିଚେଲ ଷ୍ଟାର୍କ-୩/୨୯)।

# ଭାଲେଣ୍ଟିନା, ମଧୁପ୍ରିୟା ପ୍ରସ୍ତୁତ

**ଏସୀୟ କରାଟେ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୧୧।୧୨ (କ୍ରୀଡ଼ା ପ୍ରତିନିଧି)**

ଉଜ୍‌ବେକିସ୍ତାନର ତାସ୍କେଣ୍ଟଠାରେ ଚଳିତ ମାସ ୧୩ରୁ ୨୦ ପର୍ଯ୍ୟନ୍ତ ଏସୀୟ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଓଡ଼ିଶାରୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କରାଟେକା ଭାଲେନା ଭାଲେଣ୍ଟିନା ଓ ପ୍ରତିଭାସମ୍ପନ୍ନ ମଧୁପ୍ରିୟା ବାଇ ଅଂଶଗ୍ରହଣ କରିବେ। ଗତ ଜୁନ୍‌ରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ଉଭୟ ନିଜ ବ୍ୟକ୍ତିଗତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଏବଂ ଶ୍ରୀଲଙ୍କାର କଲମ୍ବୋରେ ନିକଟରେ ଅନୁଷ୍ଠିତ ଦକ୍ଷିଣ ଏସୀୟ କରାଟେ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବାରୁ ଉଭୟ ଭାଲେଣ୍ଟିନା ଓ ମଧୁପ୍ରିୟା ଏସିଆନ ଚାମ୍ପିୟନଶିପ୍ ଟିକେଟ ପାଇଛନ୍ତି। କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କେଆଇଓ) ପକ୍ଷରୁ ଏହି ଦୁଇ ଓଡ଼ିଆ ପ୍ରତିଯୋଗୀଙ୍କୁ ଭାରତୀୟ ଦଳ ପାଇଁ ମନୋନୟନ କରାଯାଇଛି। ଭାଲେଣ୍ଟିନା ସିନିୟର ମହିଳା ବ୍ୟକ୍ତିଗତ କାଟା ଏବଂ ମଧୁପ୍ରିୟା କ୍ୟାଡେଟ ବ୍ୟକ୍ତିଗତ ମହିଳା କାଟାରେ ଭାରତର ପ୍ରତିନିଧିତ୍ୱ କରିବେ। ଏସିଆନ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯାଉଥିବା ଓଡ଼ିଶାର ଏହି ଦୁଇ ପ୍ରତିଯୋଗୀଙ୍କ ସମସ୍ତ ଖର୍ଚ୍ଚ ଏଥର ରାଜ୍ୟ ସରକାର ବହନ କରୁଛନ୍ତି। ତେଣୁ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ରବିବାର ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ସଂଘ ପକ୍ଷରୁ ଏକ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସଂଘର ସମ୍ପାଦକ ଗୌରୀ ମହାନ୍ତି, କୋଚ୍ ହରିପ୍ରସାଦ ପଟ୍ଟନାୟକ, ଅନ୍ୟ କର୍ମକର୍ତ୍ତା ଏବଂ କରାଟେକାମାନେ ଉପସ୍ଥିତ ଥିଲେ। ଏହି ଅବସରରେ 'ଧରିତ୍ରୀ' ସହ କଥା ହେବାବେଳେ ଉଭୟ ଭାଲେଣ୍ଟିନା ଓ ମଧୁପ୍ରିୟା ଆଗାମୀ ଏସୀୟ ପ୍ରତିଯୋଗିତାର ଗୁରୁତ୍ୱ ଏବଂ ନିଜ ପ୍ରସ୍ତୁତି ସମ୍ପର୍କରେ ପ୍ରକାଶ କରିଛନ୍ତି।

## ୨ଟି ଇଭେଣ୍ଟରେ ଭାଗନେବେ ଭାଲେଣ୍ଟିନା

କୋଭିଡ୍ ପୂର୍ବରୁ ମୋର ଏସିଆନ୍ ର୍‍ୟାଙ୍କିଙ୍ଗ୍ ୬-୭ ଆସୁଥିଲା। ଏଥରର ସିଷ୍ଟମ ଅନୁସାରେ ଆମେ ଯଦି ଏସୀୟ ର୍‍ୟାଙ୍କିଙ୍ଗ୍‌ର ୭-୮ ଭିତରେ ରହିପାରିବୁ ତେବେ ଆମକୁ ଏସିଆନ ଗେମ୍ସର ସୁଯୋଗ ମିଳିବ। ଏଥର ଆମର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବାରୁ ଆମେ ସୁସ୍ଥ ମସ୍ତିଷ୍କରେ ଆଗାମୀ ପ୍ରତିଯୋଗିତା ଖେଳିବାକୁ ଯାଉଛୁ। ସେନ୍‌ସେଇ ହରିପ୍ରସାଦ ପଟ୍ଟନାୟକଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ରାଜ୍ୟ ଆସୋସିଏଶନର ସମର୍ଥନ ମଧ୍ୟ ଖୁବ୍ ଭଲ ଅଛି। ତେଣୁ ଏଥର ଏସିଆନ ଚାମ୍ପିୟନଶିପ୍ ମୋର ଭଲ ଯିବ ବୋଲି ଆଶା ରଖିଛି। ସାଉଥ୍ ଏସିଆନ ଚାମ୍ପିୟନଶିପ୍‌ରେ ଆମେ ମାତ୍ର ୭ଟି ଦେଶ ସହିତ ପ୍ରତିଦ୍ୱନ୍ଦ୍ୱିତା କରିଥାଉ। ଏଥିରୁ ଗୋଟିଏ କିମ୍ବା ୨ଟି ଦେଶ ଭାଗ ନେଇପାରି ନ ଥାନ୍ତି। ମାତ୍ର ଏସୀୟ ପ୍ରତିଯୋଗିତାରେ କଡ଼ା ମୁକାବିଲା ହୋଇଥାଏ। ସେଠାରେ ଚାଇନା, ଜାପାନ, ଚାଇନିଜ୍ ତାଇପେ, ହଂକଂ, ଭିଏତ୍‌ନାମ, ଜୋର୍ଡାନ, ଇରାନ, ମାଲେସିଆ ଆଦି ଦେଶର ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀମାନେ ଥାଆନ୍ତି। ତେଣୁ ମୁକାବିଲା ବହୁ ଉଚ୍ଚସ୍ତରର ହୋଇଥାଏ। ବିଶେଷକରି ଚାଇନିଜ୍ ଏବଂ ମୁସ୍‌ଲିମ୍ ଦେଶଗୁଡ଼ିକର ଖେଳାଳିମାନେ ବହୁ ଉଚ୍ଚମାନର ପ୍ରଦର୍ଶନ କରିଥାନ୍ତି। ଆଗାମୀ ପ୍ରତିଯୋଗିତାରେ ମୁଁ ବ୍ୟକ୍ତିଗତ ମହିଳା କାଟା ଏବଂ ଟିମ୍ କାଟାରେ ଅଂଶଗ୍ରହଣ କରିବି। ୧୮ ତାରିଖରେ ବ୍ୟକ୍ତିଗତ କାଟା ଏବଂ ୧୯ରେ ଟିମ୍ କାଟା ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଭାଲେଣ୍ଟିନା ପ୍ରକାଶ କରିଛନ୍ତି।

## ପ୍ରଥମ ଅଭିଜ୍ଞତା

ମୁଁ ପ୍ରଥମଥର ପାଇଁ ଏସିଆନ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଯାଉଛି। ପୂର୍ବରୁ ମୁଁ ନ୍ୟାଶନାଲ, ସାଉଥ୍ ଏସିଆନ ଏବଂ ରାଜ୍ୟ ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲି। ସାଉଥ୍ ଏସିଆନରେ ମୁଁ ବ୍ରୋଞ୍ଜ ପଦକ ପାଇଥିଲି। ପ୍ରଥମଥର ପାଇଁ ଭାଗନେବାକୁ ଯାଉଥିଲେ ହେଁ ମନରେ ସେମିତି କିଛି ଭୟ ନାହିଁ। ଚେଷ୍ଟା କରିବି ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ। ଏସିଆନ ଚାମ୍ପିୟନଶିପ୍‌କୁ ସମସ୍ତ କରାଟେକା ଭଲଭାବେ ପ୍ରସ୍ତୁତ ହୋଇ ଆସିଥାନ୍ତି। ମୁଁ ମଧ୍ୟ ଉତ୍କଳ କରାଟେ ସ୍କୁଲରେ ନିଜକୁ ଏଥିପାଇଁ ପ୍ରସ୍ତୁତ କରିଛି। କରାଟେ ସ୍କୁଲ୍‌ରେ ମୁଁ ୨୦୧୪ରୁ ଟ୍ରେନିଂ ନେଇଆସୁଛି, ଯେତେବେଳେ ମୋତେ ୭ ବର୍ଷ ହୋଇଥିଲା। କରାଟେରେ ବହୁ ଉପରକୁ ଯିବାକୁ ଲକ୍ଷ୍ୟ ରଖିଛି ବୋଲି ପ୍ରକାଶ କରିଛନ୍ତି ଭୁବନେଶ୍ୱର ବାସିନ୍ଦା ଲକ୍ଷ୍ମୀପ୍ରିୟା ଓ ସୁରେଶ ଚନ୍ଦ୍ର ବାଇଙ୍କ କନ୍ୟା ମଧୁପ୍ରିୟା।


ସମ୍ବର୍ଦ୍ଧିତ ହେବା ଅବସରରେ ରବିବାର କର୍ମକର୍ତ୍ତା ଓ କରାଟେକାଙ୍କ ଗହଣରେ ଭାଲେନା ଭାଲେଣ୍ଟିନା ଓ ମଧୁପ୍ରିୟା ବାଇ।

# ବାରବାଟୀରେ ଭାରତ, ବାଂଲାଦେଶ ମ୍ୟାଚ

**ଦୃଷ୍ଟିବାଧିତ ଟି୨୦ କ୍ରିକେଟ ବିଶ୍ୱକପ୍**

**ଭୁବନେଶ୍ୱର,୧୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଭାରତରେ ଅନୁଷ୍ଠିତ ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦୃଷ୍ଟିବାଧିତ ଦଳ ଏହାର ତୃତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ଐତିହାସିକ ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଡିସେମ୍ବର ୧୩ରେ ଖେଳାଯିବ। ୧୨ ତାରିଖରେ ଉଭୟ ଦଳ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବେ। ଅପରାହ୍ଣ ୧.୫୫ରେ ଭାରତ ଓ ସନ୍ଧ୍ୟା ୬.୧୦ରେ ବାଂଲାଦେଶ ଦଳ ପହଞ୍ଚିବ। ଦୃଷ୍ଟିବାଧିତ କ୍ରିକେଟ ସଂଘ(କାଭି) ଓଡ଼ିଶାକୁ ଏହି ମ୍ୟାଚ୍ ଆୟୋଜନର ଦାୟିତ୍ୱ ମିଳିଥିବା ପ୍ରକାଶ କରିଛନ୍ତି ସଭାପତି ଜାଫର ଇକ୍‌ବାଲ। ବିଶ୍ୱକପ୍‌ର ଏହି ମ୍ୟାଚ୍ ପାଇଁ ଏଣ୍ଟ୍ରି ମାଗଣା ରହିଥିବା ବେଳେ ଅଧିକରୁ ଅଧିକ ଦର୍ଶକ ଯୋଗଦେବା ପାଇଁ ଇକ୍‌ବାଲ ଅନୁରୋଧ କରିଛନ୍ତି।

# ଭାରତୀୟ ମହିଳା ଦଳକୁ ରୌପ୍ୟ

**୧୮ ବର୍ଷରୁ କମ୍ ଏସୀୟ ରଗ୍‌ବୀ ସେଭେନ୍ସ**

**ଭୁବନେଶ୍ୱର, ୧୧।୧୨ (କ୍ରୀଡ଼ା ପ୍ରତିନିଧି)**

ନେପାଳର କାଠମାଣ୍ଡୁଠାରେ ୧୮ ବର୍ଷରୁ କମ୍ ଏସୀୟ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ରବିବାର ଶେଷ ହୋଇଛି। ଏଥିରେ ଓଡ଼ିଶା ମହିଳା ଦଳ ରୌପ୍ୟ ପଦକ ହାସଲ କରିଛି। କିସ୍‌ର ମାମା ନାୟକ ଏହି ପ୍ରତିଯୋଗିତାରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ପୂରା ପ୍ରତିଯୋଗିତାରେ ଭଲ ଖେଳିଥିବା ଭାରତ ଫାଇନାଲରେ ୫-୨୬ ପଏଣ୍ଟରେ ୟୁଏଇ ନିକଟରୁ ହାରିଯାଇଥିଲା। ୧୩ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୫ ଖେଳାଳି ସାମିଲ ଥିଲେ। ସେମାନେ ହେଲେ ମାମା ନାୟକ, ତରୁଲତା ନାୟକ, ନିର୍ମାଲ୍ୟ ରାଉତ (୩ ଜଣ ଯାକ କିସ୍ ଖେଳାଳି), ପାର୍ବତୀ ହାଂସ୍‌ଦା ଓ ଆରତି ମୁର୍ମୁ। ପ୍ରଥମ ମ୍ୟାଚ୍‌ରେ ୫୮-୦ରେ ମାଲେସିଆକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୨୬-୧୨ରେ ପରାସ୍ତ କରିଥିଲା। କିନ୍ତୁ ତୃତୀୟ ମ୍ୟାଚ୍‌ରେ ୟୁଏଇ ନିକଟରୁ ୧୪-୩୧ ପଏଣ୍ଟରେ ହାରିଥିଲେ ହେଁ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ପର୍ଯ୍ୟାୟରେ ଦଳ ନେପାଳକୁ ବୃହତ୍ ବ୍ୟବଧାନ(୪୧-୦)ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ଫାଇନାଲରେ ଦଳ ପୂର୍ବ ପ୍ରଦର୍ଶନ ଦୋହରାଇପାରି ନ ଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ସଭାପତି ରାହୁଲ ବୋଷ୍, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ରୌପ୍ୟ ପଦକ ବିଜୟୀ ଭାରତୀୟ ୧୮ ବର୍ଷରୁ କମ୍ ମହିଳା ରଗ୍‌ବୀ ଦଳ।

# ଭାରତ ଟୁର୍‌ରୁ ବାଦ୍ ପଡ଼ିଲେ ଜୋନାସେନ୍

**ମୁମ୍ବାଇ, ୧୧।୧୨ (ପି.ଟି.):** ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ଯୋଗୁ ଅଷ୍ଟ୍ରେଲିଆ ସ୍ପିନର ଜେସ୍ ଜୋନାସେନ୍ ଭାରତ ମହିଳା କ୍ରିକେଟ ଦଳ ବିପକ୍ଷ ଚଳିତ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଜୋନାସେନ୍‌ଙ୍କ ସ୍ଥାନରେ ଲେଗ୍ ସ୍ପିନର ଆମାଣ୍ଡା-ଜେଡ୍ ୱେଲିଂଟନ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ସେ ମଙ୍ଗଳବାର ସୁଦ୍ଧା ଭାରତରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆ ସିରିଜ୍ ଓପନରକୁ ୯ ଉଇକେଟରେ ଜିତିନେଇଛି। ପ୍ରଥମ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବା ବେଳେ ଜୋନାସେନ ଆଘାତପ୍ରାପ୍ତ ହୋଇଥିଲେ। ପ୍ରକାଶ ଯେ, ବଦଳ ଖେଳାଳି ୱେଲିଂଟନ୍ ୨୦୧୮ରେ ଭାରତ ଟୁର୍‌ରେ ଆସି ଏକ ଟି୨୦ ମ୍ୟାଚ୍ ଖେଳିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ